RNI REGD NO: 42041/83 • www.sakalaepaper.com • /sakalanews • /sakalanews • www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR ♦VOLUME-43 ♦ISSUE-327 ♦TUESDAY ♦26 MAY 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୩୨୭ ♦ମଙ୍ଗଳବାର ♦୨୬ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

**ଭିତର ପୃଷ୍ଠାରେ**

ପୁଣି ମହଙ୍ଗା ହେଲା ପେଟ୍ରୋଲ, ଡିଜେଲ୍ | ନିଟ୍ ପେପର୍ ଲିକ୍ ମାମଲା: ଏନ୍‌ଟିଏକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା | ୨୮ ପରେ ଭୀଷଣ କାଳବୈଶାଖୀ

## ଓଇଆର୍‌ସି ଅଧ୍ୟକ୍ଷ ପଦରୁ ପ୍ରଦୀପ ଜେନାଙ୍କ ଇସ୍ତଫା

■ ଭୁବନେଶ୍ୱର, ୨୫।୫ (ସମିସ): ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ଅଧ୍ୟକ୍ଷ ପଦରୁ ପ୍ରଦୀପ ଜେନା ଇସ୍ତଫା ପ୍ରଦାନ କରିଛନ୍ତି। ଏନେଇ ଶକ୍ତି ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଥିବା ଶ୍ରୀ ଜେନା ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଥିବା ବେଳେ ତାଙ୍କ ଇସ୍ତଫାପତ୍ରକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ ଯେ ୧୯୮୯ ମସିହା ବ୍ୟାଚ୍ ଆଇଏଏସ୍ ଅଫିସର ଶ୍ରୀ ଜେନା ୨୦୨୩ ମସିହା ମାର୍ଚ୍ଚ ମାସରୁ ୨୦୨୪ ମସିହା ଜୁନ ମାସ ଯାଏଁ ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଚାକିରିରୁ ଅବସର ପରେ ରାଜ୍ୟ ବିଜେପି ସରକାର ତାଙ୍କୁ ୨୦୨୫ ମସିହା ମାର୍ଚ୍ଚ ୨୮ ତାରିଖରେ ଓଇଆର୍‌ସିର ଅଧ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ କରିଥିଲେ।

ବାଧାହୀନ ବ୍ୟାଙ୍କିଙ୍ଗ ସେବା ପାଇଁ
**ନିଜର KYC ଅପଡେଟ୍ କରି ରଖନ୍ତୁ**



**ଯଦି ଆପଣଙ୍କର KYC ବିବରଣୀରେ ପରିବର୍ତ୍ତନ ହୋଇନାହିଁ,**
Re-KYC ପାଇଁ ପତ୍ର/ଅନ୍‌ଲାଇନ ବ୍ୟାଙ୍କିଙ୍ଗ/ମୋବାଇଲ ବ୍ୟାଙ୍କିଙ୍ଗ/ଏଟିଏମ/ନିଜର ମୋବାଇଲ ନମ୍ବର ମାଧ୍ୟମରେ/ଆପଣଙ୍କ ବ୍ୟାଙ୍କରେ ପଞ୍ଜୀକୃତ ହୋଇଥିବା ଇ-ମେଲ୍ କିମ୍ବା ବିଜ୍‌ନେସ୍ କରେସ୍‌ପୋଣ୍ଡେଣ୍ଟ (BCs) ମାଧ୍ୟମରେ ଏକ ସ୍ୱ-ଘୋଷଣା ଦାଖଲ କରନ୍ତୁ ।

**ଯଦି ଆପଣଙ୍କର KYC ବିବରଣୀରେ ପରିବର୍ତ୍ତନ ହୋଇଛି,**
ଅପଡେଟ୍ ସୂଚନାଯୁକ୍ତ ଯେକୌଣସି ଏକ ଦସ୍ତାବିଜ ପ୍ରଦାନ କରନ୍ତୁ : ଆଧାର/ମତଦାତା ପରିଚୟ ପତ୍ର/NREGA ଜବ୍ କାର୍ଡ/ଡ୍ରାଇଭିଂ ଲାଇସେନ୍ସ/ପାସପୋର୍ଟ/ନ୍ୟାସନାଲ ପପୁଲେସନ୍ ରେଜିଷ୍ଟାର ଦ୍ୱାରା ଜାରି ପତ୍ର ।

**ନିଜର ବ୍ୟାଙ୍କର ନିକଟତମ ଶାଖା ଯାଇ ମଧ୍ୟ KYC ଅପଡେଟ୍ କରାଇପାରିବେ ।**




ଅଧିକ ସୂଚନା ପାଇଁ,
https://rbikehtahai.rbi.org.in/KYC ଭିଜିଟ୍ କରନ୍ତୁ
ଅଫିସିଆଲ୍ ହ୍ୱାଟ୍ସଆପ୍ ନମ୍ବର
99990 41935 / 99309 91935

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

SIKSHA 'O' ANUSANDHAN

SAAT-2026

Empowering students for a brighter future

COMPUTER APPLICATIONS PROGRAMMES
- Bachelor of Computer Applications (BCA)
- Master of Computer Applications (MCA)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

Laxmi Vikash Group Of Institutions
Bargarh | Bhawanipatna | Jeypore | Kantabanji

VIKASH HIGHER SECONDARY SCHOOL, BHAWANIPATNA

The management, Principals & Staff extend Heartiest Congratulations To the Achievers

A legacy of excellence—where every result sets a new standard.

AHSE RESULTS 2026(+2)







RESULTS ANALYSIS

| | |
|---|---|
| >95% | 4 STUDENTS |
| >90% | 24 STUDENTS |
| >500 MARK | 65 STUDENTS |

60% ABOVE 216 STUDENTS




CHSE +2 AHSE Results 2026
Outstanding Growrh Of Marks over 10th Class

| NAME | 10TH | 12TH | GROWTH |
|---|---|---|---|
| ABHIJIT SARAF | 80% | 98.34% | 18% |
| RAKESH RANJAN BAG | 72% | 90% | 18% |
| MTBS KRISHNA SAHU | 58% | 89.5% | 31.5% |
| CHHANDA SAHU | 77.83% | 93.33% | 15.5% |
| AYANSH AGASTI | 82.83% | 95.33% | 12.5% |
| FIROJ KUMAR SA | 64.5% | 90% | 25.5% |
| POOJARANI NAIK | 80.33% | 93.17% | 12.84% |
| SWETA RANI PANDA | 81% | 94.17% | 13.17% |
| DIBYANSHA MUND | 84.83% | 94.33% | 9.5% |
| SOUMYA SULAGNA PANDA | 84.83% | 93.67% | 8.84% |

ADMISSIONS OPEN 2026-27
CHSE XI (Science)

KEY FEATURES:
- Integrated JEE/NEET/CUET Coaching For XI & XII Science
- Smart Class Rooms
- 24/7 CC TV Surveillance
- Scholarship for meritorious students
- Ample and Green Playground
- Transport facility with GPS System
- A/C & Non A/C Hostel Facility

Vikash Higher Secondary School Bhawanipatna

BHAWANIPATNA CONTACT: 70779 33733, 93486 96536, 9439812131, 8763238303

## ଜେଲ୍ ଫେରନ୍ତାଙ୍କୁ ବିଚ୍ ରାସ୍ତାରେ ହାଣିବା ଘଟଣା

# ମୁଖ୍ୟ ଅଭିଯୁକ୍ତକୁ ଏନକାଉଣ୍ଟର୍



- ଜୁଆଖେଳକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ରହିଥିଲା ଶତ୍ରୁତା
- ହସ୍ପିଟାଲରେ ଆହତ ମଙ୍ଗଳାଙ୍କ ବୟାନ ରେକର୍ଡ
- ବିଭିନ୍ନ ଥାନାଞ୍ଚଳରେ ପୁଲିସର ଫ୍ଲାଗମାର୍ଚ୍ଚ



ବ୍ରହ୍ମପୁର, ୨୫।୫(ସମିସ): ଅମ୍ବିକାନଗର ଛକରେ ଜେଲ୍‌ଫେରନ୍ତା ଦୁର୍ଦ୍ଦାନ୍ତ ମଙ୍ଗଳା ବେହେରାକୁ ରବିବାର ରାତିରେ ବିଚ୍ ରାସ୍ତାରେ କଟୁରିରେ ହାଣିବା ଘଟଣାରେ ଆଜି ପୁଲିସ ମୁଖ୍ୟ ଅଭିଯୁକ୍ତ ଜଗନ୍ନାଥ ସାହୁ ଓରଫ୍ ଜଗାକୁ ଏନ୍‌କାଉଣ୍ଟର୍ କରି ଧରିଛି। ପୁଲିସ ଗୁଳିରେ ଜଗାର ଦୁଇ ଗୋଡ଼ ଜଖମ ହୋଇଛି। ତାକୁ ଚିକିତ୍ସା ଲାଗି ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ଜଗାର ବଡ଼ଭାଇ ବଳିଆ ସାହୁ ଫେରାର୍ ରହିଛି। ତାକୁ ଗିରଫ କରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଥିବା ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ଆହତ ଜଗା ନାମରେ ପୂର୍ବରୁ ୩ଟି ସଙ୍ଗିନ ମାମଲା ରହିଥିବା ବେଳେ ବଳିଆ ନାମରେ ୫ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଜୁଆ ଖେଳକୁ ନେଇ ରହିଥିବା ଗୋଷ୍ଠୀଶତ୍ରୁତାରୁ ଏହି ଆପରାଧିକ ଘଟଣା ଘଟିଥିବା କୁହାଯାଉଛି। ଅପରପକ୍ଷେ, ଏମ୍‌କେସିଜିରେ ଚିକିତ୍ସିତ ମଙ୍ଗଳାର ଆଜି ପୁଲିସ ବୟାନ ରେକର୍ଡ କରିଛି। ସେହିପରି ଅପରାଧୀମାନଙ୍କ ମଧ୍ୟରେ ଭୟ ସଂଚାର କରିବାକୁ ବ୍ରହ୍ମପୁର ପୁଲିସ ଆଜି ବିଭିନ୍ନ ଥାନା ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରିଛି।

ସୂଚନାନୁଯାୟୀ, କିଛି ଦିନ ହେବ, ଗଞ୍ଜାମ ଜିଲ୍ଲା ଅଶାନ୍ତ ହୋଇପଡ଼ିଛି। କଥାକଥାକେ ଅପରାଧୀମାନେ ସର୍ବସାଧାରଣରେ ଖଣ୍ଡା, କାତି, ହକି ଷ୍ଟିକ ଓ ଷ୍ଟିଲ ରଡ୍ ବୁଲାଉଛନ୍ତି। ମାଉଜର୍‌ରୁ ବି ଗୁଳି ବର୍ଷାଉଛନ୍ତି। ଅପରାଧୀଙ୍କୁ ସାବାଡ୍ କରିବାକୁ ପୁଲିସ ଏନକାଉଣ୍ଟର୍ ଭଳି କଠୋର ପଦକ୍ଷେପ ନେଉଛି। ଏହା ସତ୍ତ୍ୱେ ସହରରେ ଅପରାଧିକ କାର୍ଯ୍ୟକଳାପ ଥମୁନାହିଁ। ଗତ କିଛି ମାସର ଘଟଣାକୁ ଦେଖିଲେ, ଅପରାଧୀମାନେ ପୁଲିସକୁ ଖାତିର କରୁନଥିବା ଭଳି ମନେ ହେଉଛି।

ସୂଚନାନୁଯାୟୀ, ରବିବାର ରାତିରେ ମଙ୍ଗଳା ଅମ୍ବିକାନଗର ଦେଇ ଯାଉଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ବଳିଆ ଓ ଜଗା ତାଙ୍କୁ ଏକ ଖଣ୍ଡାରେ ଅତି ନିର୍ମମ ଭାବେ ହାଣିଥିଲେ। ସର୍ବସାଧାରଣରେ ଜନଗହଳିପୂର୍ଣ୍ଣ ସ୍ଥାନରେ ଏହି ଆପରାଧିକ ଘଟଣା ଘଟିଥିଲେ ହେଁ କେହି ପ୍ରତିବାଦ କରିବାକୁ କେହି ସାହସ ଜୁଟାଇ ପାରିନଥିଲେ। ପରେ ଜଗା ଓ ବଳିଆ ଘଟଣାସ୍ଥଳ ଛାଡ଼ି ଚାଲିଯିବା ପରେ ସ୍ଥାନୀୟ ଲୋକେ ମଙ୍ଗଳାକୁ ଗୁରୁତର ଅବସ୍ଥାରେ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରାଇଥିଲେ।

ମଙ୍ଗଳାଙ୍କ ଉପରେ ହୋଇଥିବା ଆକ୍ରମଣର ୪ ଘଣ୍ଟା ମଧ୍ୟରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଜଗନ୍ନାଥ ସାହୁ ଓରଫ୍ ଜଗାକୁ ଏନକାଉଣ୍ଟର୍ କରିଥିଲା। ଜଗନ୍ନାଥ ବ୍ରହ୍ମପୁର ଉପକଣ୍ଠ ବାଉରୀ ସୁକୁଣ୍ଡାଠାରେ ଥିବା ସୂଚନା ପାଇ ତାକୁ ଧରିବାକୁ ଯାଇଥିବା ବେଳେ ଜଗା ପୁଲିସ ଉପରକୁ ବୋମାମାଡ଼ କରି ଖସି ପଳାଇବାକୁ ଉଦ୍ୟମ କରିଥିଲା। ଏହି ସମୟରେ ଆତ୍ମରକ୍ଷା କରିବାକୁ ଯାଇ ପୁଲିସର ପାଲଟା ଗୁଳି ଚଳାଇଥିଲା। ଏଥିରେ ଜଗାର ଦୁଇଗୋଡ଼ରେ ଗୁଳି ବାଜିଥିଲା। ବର୍ତ୍ତମାନ ବଳିଆ ଫେରାର୍ ଥିବା ବେଳେ ତାକୁ ମଧ୍ୟ ଖୁବଶୀଘ୍ର ଗିରଫ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଏସପି।

ଏସପିଙ୍କ ସୂଚନାନୁଯାୟୀ, ଜୁଆ ଖେଳକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ଶତ୍ରୁତା ଦିନକୁ ଦିନ ଉଗ୍ରରୂପ ନେଇଥିଲା। ପ୍ରତିଶୋଧ ପରାୟଣ ହୋଇ ଜଗା ଓ ବଳିଆ ରବିବାର ମଙ୍ଗଳା ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ।

ସେପଟେ ଅପରାଧୀମାନଙ୍କ ମଧ୍ୟରେ ଭୟ ସଂଚାର କରିବା ପାଇଁ ପୁଲିସ ପକ୍ଷରୁ ସହରର ବିଭିନ୍ନ ଅଞ୍ଚଳରେ ବିଶେଷକରି ଟାଉନ ଓ ବଡବଜାର ଅଞ୍ଚଳରେ ଆଇଜି ନିତିଶେଖର ଏବଂ ଏସପି ଡାକ୍ତର ସର୍ବଣା ବିବେକ ଏମଙ୍କ ନେତୃତ୍ୱରେ ବହୁ ବରିଷ୍ଠ ପୁଲିସ ଅଧିକାରୀ ଓ ପ୍ରାୟ ୪ ପ୍ଲାଟୁନ ଫୋର୍ସ ଫ୍ଲାଗମାର୍ଚ୍ଚ କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ମୁଖ୍ୟମନ୍ତ୍ରୀ

### ଦ୍ୱିତୀୟବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ କଲେ



ଭୁବନେଶ୍ୱର, ୨୫।୫(ସମିସ): ସୋମବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ଭିତ୍ତିଭୂମିର ବିକାଶ, ପୁଞ୍ଜିନିବେଶ ସୁଯୋଗର ସମ୍ପ୍ରସାରଣ ଏବଂ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଆଗକୁ ନେବା ସମ୍ପର୍କରେ ଆମ ମଧ୍ୟରେ ସକାରାତ୍ମକ ଆଲୋଚନା ହୋଇଛି। ଏହାସହ ଓଡ଼ିଶାବାସୀଙ୍କ ସେବାରେ ଆମ ସରକାରଙ୍କ ଦ୍ୱିତୀୟବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ସାଦର ଆମନ୍ତ୍ରଣ ଜଣାଇଲି। ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀଙ୍କ ନିରନ୍ତର ମାର୍ଗଦର୍ଶନ ଓ ସହଯୋଗ ନିମନ୍ତେ ଆନ୍ତରିକ ଧନ୍ୟବାଦ ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଶିକ୍ଷାବିତ୍ ଡ. ମହେନ୍ଦ୍ର ମିଶ୍ରଙ୍କୁ ପଦ୍ମଶ୍ରୀ ସମ୍ମାନ



ନୂଆପଡ଼ା,୨୫।୫(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍‌ର ଶିକ୍ଷାବିତ ଡ. ମହେନ୍ଦ୍ର ମିଶ୍ର ଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦିମୁର୍ମୁଙ୍କ ଦ୍ୱାରା ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଡ. ମିଶ୍ର ୪ ଦଶନ୍ଧିରୁ ଅଧିକ ସମୟ ଧରି ବିଲୁପ୍ତ ପ୍ରାୟ ଆଦିବାସୀ ସ୍ୱରକୁ ଆଧୁନିକ ଶିକ୍ଷା ପ୍ରଣାଳୀରେ ସାମିଲ ତଥା ସଂରକ୍ଷଣ କରିବା ପାଇଁ ସମର୍ପିତ ହୋଇ କାମ କରିଛନ୍ତି। ସେ ଭାରତର ଆଦିବାସୀ ଓ ଗ୍ରାମୀଣ ଜନସମାଜରେ ସନ୍ନିହିତ ଭାରତୀୟ ଜ୍ଞାନ ପ୍ରଣାଳୀକୁ ସ୍ୱର ଦେବା ପାଇଁ ବିଶ୍ୱବ୍ୟାପୀ ପ୍ରଶଂସା ହାସଲ କରିଛନ୍ତି। ୧୯୫୨ ଏପ୍ରିଲ ୧ ତାରିଖରେ ତତ୍କାଳୀନ କଳାହାଣ୍ଡି ତଥା ଏବର ନୂଆପଡା ଜିଲ୍ଲାରେ ଜନ୍ମିତ ଡ. ମିଶ୍ର ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ପାଠପଢ଼ିଥିଲେ ଏବଂ ୧୯୮୭ରେ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ସେ ଓଡ଼ିଶା ସରକାରଙ୍କ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟରେ ସହକାରୀ ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ସେ ଜନଜାତି ବହୁ ଭାଷୀ ଶିକ୍ଷା ଉପରେ ଧ୍ୟାନ ଦେଇ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଶିକ୍ଷା ପାଇଁ ରାଜ୍ୟ ସଂଯୋଜକ ଭାବେ କାର୍ଯ୍ୟ କରିଥିଲେ।

## ସିଟି ନାମଲେଖା ପାଇଁ ୨୭ରୁ ଆବେଦନ

ଭୁବନେଶ୍ୱର, ୨୫।୫ (ସମିସ): ସିଟି ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୨୭ ତାରିଖଠାରୁ ଆବେଦନ ଆରମ୍ଭ ହେବ। ଆଶାୟୀ ଛାତ୍ରଛାତ୍ରୀ ଜୁନ୍ ୧୮ ତାରିଖ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଆବେଦନ କରିପାରିବେ। ସାମସ୍ ୱେବସାଇଟ୍ ସହ ଏସ୍‌ସିଇଆରଟି ୱେବସାଇଟ୍‌ରେ ଆବେଦନ ହେବ। ଆବେଦନ ସମୟରେ କୌଣସି ତ୍ରୁଟି ଥିଲେ ୧୯ ଓ ୨୦ ତାରିଖରେ ସଂଶୋଧନ କରିପାରିବେ। ଆବେଦନ ସମୟରେ କୌଣସି ବୈଷୟିକ ସହାୟତା ପାଇଁ ୧୮୦୦୩୪୫୬୭୭୦ ଟୋଲ-ଫ୍ରି' ନମ୍ବରରେ ଯୋଗଯୋଗ କରିପାରିବେ। ସକାଳ ୬ଟାରୁ ରାତି ୧୦ଟା ମଧ୍ୟରେ ସହାୟତା ଯୋଗାଇ ଦିଆଯିବ। ଏନେଇ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

- ବେଞ୍ଚମାର୍କ ମୂଲ୍ୟ ବୃଦ୍ଧି ପ୍ରସଙ୍ଗ

## ପୁରୁଣା ମୂଲ୍ୟ ଉପରେ ୧୦ ପ୍ରତିଶତ ବୃଦ୍ଧି ପାଇଁ ଜିଲ୍ଲାପାଳଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୨୫।୫(ସମିସ): ଜମିର ବେଞ୍ଚମାର୍କ ମୂଲ୍ୟାୟନ ବୃଦ୍ଧି ପ୍ରକ୍ରିୟାରେ ସରକାରୀ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକଳାପକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ବରୁ କୋର୍ଟଙ୍କ ଦ୍ୱାରା ରଦ୍ଦ ହୋଇସାରିଥିବା ଏକ ବେଆଇନ ବେଞ୍ଚମାର୍କ ମୂଲ୍ୟବୃଦ୍ଧିକୁ ଆଧାର କରି ଗଞ୍ଜାମ ଜିଲ୍ଲା ପ୍ରଶାସନ ପୁନର୍ବାର ଜମିର ବେଞ୍ଚମାର୍କ ମୂଲ୍ୟ ୧୦ ପ୍ରତିଶତ ବଢ଼ାଇବା ନିଷ୍ପତ୍ତିକୁ ହାଇକୋର୍ଟ ସମ୍ପୂର୍ଣ୍ଣ ଅବୈଧ ଘୋଷଣା କରିଛନ୍ତି। ବିନୋଦ ଚନ୍ଦ୍ର ପାଢ଼ୀଙ୍କ ତରଫରୁ ଦାୟର ଏକ ମାମଲାର ଶୁଣାଣି କରି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ବେଆଇନ ବେଞ୍ଚମାର୍କ ମୂଲ୍ୟ ନିର୍ଦ୍ଧାରଣ ଆଦେଶକୁ ହାଇକୋର୍ଟ ସଂପୂର୍ଣ୍ଣ ରଦ୍ଦ କରିଦେଇଛନ୍ତି। ଏହାସହ ପୂର୍ବରୁ ସ୍ଥିର ଥିବା ଏକର ପ୍ରତି ୭୨,୬୦,୦୦୦ ଟଙ୍କାର ମୂଲ୍ୟ ଉପରେ ଓଡ଼ିଶା ଷ୍ଟାମ୍ପ୍ ରୁଲ୍ସର ନିୟମ ୪୦(୨) ଅନୁଯାୟୀ କେବଳ ୧୦% ବୃଦ୍ଧି କରି ଦୁଇ ସପ୍ତାହ ମଧ୍ୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଗଞ୍ଜାମ ଜିଲ୍ଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

- ଜମିବାଡି ବିବାଦର କରୁଣ ପରିଣତି

## ଦାଦାଙ୍କୁ ପଥରରେ ଛେଚି ହତ୍ୟା



କେନ୍ଦ୍ରାପଡ଼ା, ୨୫।୫ (ସମିସ): କେନ୍ଦ୍ରାପଡ଼ା ଟାଉନ୍ ଥାନା ଅନ୍ତର୍ଗତ ସାନ୍ତସାହି ଅଞ୍ଚଳରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଦାଦାକୁ ପଥରରେ ଛେଚି ହତ୍ୟା। ମୃତକ ହେଲେ, ବାବୁଲା ବାରିକ। ତାଙ୍କୁ ତାଙ୍କ ପୁତୁରାମାନେ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ସୋମବାର ପୁଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ ସନ୍ଦେହରେ ଦୁଇଜଣଙ୍କୁ ଅଟକ ରଖିଛି।

ପୁଲିସ ସୂଚନା ମୁତାବକ, ବାବୁଲା ବାରିକ ଓ ତାଙ୍କ ବଡ଼ଭାଇ ସ୍ୱର୍ଗତ ବାବୁ ବାରିକଙ୍କ ପରିବାର ମଧ୍ୟରେ ଦୀର୍ଘ ଦିନ ଧରି ଜମିବାଡିକୁ ନେଇ ବିବାଦ ଲାଗି ରହିଥିଲା। ଦୁଇ ମାସ ପୂର୍ବରୁ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟଣା ଥାନାକୁ ଯାଇଥିଲେ ମଧ୍ୟ ଏହା ଉପରେ ପୁଲିସ ପକ୍ଷରୁ ସେପରି କୌଣସି ପଦକ୍ଷେପ ନ ନିଆଯାଇଥିବା ଅଭିଯୋଗ ହୋଇଛି। ରବିବାର ରାତିରେ ବାବୁଲା ଘରକୁ ଫେରିବା ପରେ ପୁଣିଥରେ ଜମିବାଡିକୁ କେନ୍ଦ୍ର କରି ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ପୁତୁରା ହିମାଂଶୁ ବାବୁଲାଙ୍କୁ ଆକ୍ରମଣ କରିଥିଲେ। ସେ ତଳେ ପଡ଼ିଯିବା ପରେ ପଥରରେ ଛେଚି ଦେଇଥିବା କୁହାଯାଉଛି। ଏହି ଘଟଣାରେ ତାଙ୍କର ଅନ୍ୟ ଦୁଇଭାଇ ପୂର୍ଣ୍ଣ ଓ ରବି ସହଯୋଗ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ବାବୁଲାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ସାନ୍ତସାହି ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବା ବେଳେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଛନ୍ତି। ଏସପିଙ୍କ ସହ କେନ୍ଦ୍ରାପଡ଼ା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ଼ ଓ ଟାଉନ୍ ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ମଧ୍ୟ ଉପସ୍ଥିତ ଥିଲେ। ସାଇଣ୍ଟିଫିକ ଟିମ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରିଥିବା ବେଳେ ହତ୍ୟାରେ ବ୍ୟବହୃତ ହୋଇଥିବା ପଥରକୁ ଜବତ କରାଯାଇଛି। ଖୁବଶୀଘ୍ର ହତ୍ୟାକାରୀ ଓ ସହଯୋଗୀଙ୍କୁ ଗିରଫ କରାଯିବ ବୋଲି ଟାଉନ୍ ଥାନା ଅଧିକାରୀ ଶ୍ରୀ ସାହୁ କହିଛନ୍ତି।

## ଆମ ବସ୍ ଡ୍ରାଇଭରର ଜଘନ୍ୟ କାଣ୍ଡ

# କଲେଜ ଛାତ୍ରୀଙ୍କୁ ହୋଟେଲରେ ଦୁଷ୍କର୍ମ

ଭୁବନେଶ୍ୱର୨୫।୫ (ସମିସ): ରାଜଧାନୀରେ ପୁଣି ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। 'ଆମ ବସ୍'ରେ ଯାଉଥିବା କଲେଜ ଛାତ୍ରୀଙ୍କୁ ହୋଟେଲକୁ ଡାକି ଦୁଷ୍କର୍ମ କରିଛି ଡ୍ରାଇଭର। ନନ୍ଦନବିହାର ଅଞ୍ଚଳରେ ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି। ଏହି କାଣ୍ଡ ଭିଆଇଥିବା ଅଭିଯୁକ୍ତ ଆମ ବସ୍ ଡ୍ରାଇଭରକୁ ଇନ୍‌ଫୋସିଟି ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି, ଯାଜପୁର ଜିଲ୍ଲା କାଳିଆପାଣି ଥାନା ଖୁଣ୍ଟପୋଷି ଗାଁର ସିଙ୍ଗରାଇ ସୋରେନ୍ ଓରଫ୍ ବାପି (୩୫)। ଏଭଳି ଘଟଣା ପରେ ଆମ ବସ୍‌ରେ ଯାଉଥିବା ଛାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି।

ପୁଲିସ ସୂଚନାନୁସାରେ, ଡୁମୁଡୁମା ଅଞ୍ଚଳର ଜଣେ ଛାତ୍ରୀ ରାଜଧାନୀର ଏକ ସରକାରୀ କଲେଜରେ ଯୁକ୍ତ ୩ ଦ୍ୱିତୀୟ ବର୍ଷରେ ପଢୁଛନ୍ତି। ଗତ ମାସରେ ଛାତ୍ରୀଜଣଙ୍କ ଆମ ବସ୍‌ରେ ଯାଉଥିବା ବେଳେ ତାଙ୍କର ଜଣେ ସାଙ୍ଗ ଭିଡିଓ କଲ୍ କରିଥିଲା। କେତେ ନଂ ରୁଟ୍ ବସରେ ଯାଉଛୁ ବୋଲି ପଚାରିବା ସହ ସଂପୃକ୍ତ ଗାଡ଼ି ଡ୍ରାଇଭରକୁ ଦେଖାଇବା ପାଇଁ କହିଥିଲେ। ଛାତ୍ରୀଙ୍କ ସାଙ୍ଗ ଭିଡିଓ କଲରେ ଡ୍ରାଇଭରକୁ ଦେଖାଇବାକୁ କହିବା ପରେ ସଂପୃକ୍ତ ଡ୍ରାଇଭର (ବାପି)କୁ ନିଜର ଭାଇ ବୋଲି ପରିଚୟ ଦେଇଥିଲେ। ସାଙ୍ଗଜଣଙ୍କ ଏମିତିକି ଛାତ୍ରୀଙ୍କ ଫୋନରୁ ବାପି ସହ କଥାବାର୍ତ୍ତା ହୋଇଥିଲେ। ପରଦିନ ଛାତ୍ରୀଜଣକ ସେହି ବସରେ ଯାତ୍ରା କରୁଥିବା ବେଳେ ବାପି ତାଙ୍କୁ ମୋବାଇଲ ନମ୍ବର ମାଗିଥିଲା। ଆରମ୍ଭରୁ ଛାତ୍ରୀ ମନା କରିଥିଲେ ମଧ୍ୟ ବାରମ୍ବାର ମାଗିବାରୁ ଫୋନ୍ ନମ୍ବର ଦେଇଥିଲେ। ନମ୍ବର ପାଇବା ପରେ ବାପି ବାରମ୍ବାର ଫୋନ୍ କରିଥିଲା, ହେଲେ ଛାତ୍ରୀ ଉଠାଇନଥିଲେ। ସେପଟେ ଛାତ୍ରୀଙ୍କ ସାଙ୍ଗ ବାପିକୁ କନ୍ଫରେନ୍ସ କଲରେ ରଖି ଛାତ୍ରୀଙ୍କ ସହ କଥାବାର୍ତ୍ତା ହୋଇଥିଲା। ପରବର୍ତ୍ତୀ ସମୟରେ ବାପି ହ୍ୱାଟସ୍-ଆପ୍‌ରେ ମେସେଜ୍ କରିବାରୁ ଛାତ୍ରୀଜଣଙ୍କ ରିପ୍ଲାଇ ଦେବା ସହ କଥାବାର୍ତ୍ତା ହୋଇଥିଲେ।

- ସାମାଜିକ ଗଣମାଧ୍ୟମରେ ଫଟୋ ଭାଇରାଲ
- ଅଭିଯୁକ୍ତକୁ ପିଟି ପୁଲିସରେ ଦେଲେ ପୀଡ଼ିତାଙ୍କ ଭାଇ

ଗତ ୧୮ ତାରିଖ ଦିନ ବାପି ଫୋନ୍ କରି ଛାତ୍ରୀଙ୍କୁ ହୋଟେଲକୁ ଡାକିଥିଲା। ନ ଆସିଲେ ହ୍ୱାଟ୍ସଆପ୍ ଚାଟ୍ ଓ ଭିଡିଓ କଲର ସ୍କ୍ରିନସଟ୍ ଭାଇରାଲ କରିଦେବ ବୋଲି ଧମକ ଦେଇଥିଲା। ଏହାର ପରଦିନ ଅର୍ଥାତ୍ ୧୯ ତାରିଖରେ ବାପି କହିବା ମୁତାବକ ଛାତ୍ରୀଜଣକ ନୀଳାଦ୍ରିବିହାର ବସ୍‌ଷ୍ଟାଣ୍ଡ ନିକଟକୁ ଯାଇଥିଲେ। ସେଠାରୁ ବାପି ତାଙ୍କୁ ବାଇକ୍ ଯୋଗେ ପଟିଆ ଅଞ୍ଚଳକୁ ନେଇ ଯାଇଥିଲା। ଯିବା ସମୟରେ ଛାତ୍ରୀ ଜଣକ ବାପିର ମୋବାଇଲ ମାଗିଆଣି ଫଟୋ ଓ ଚାଟ୍ ଗୁଡ଼ିକ ଡିଲିଟ କରି ଦେଇଥିଲେ। ପଟିଆ ଅଞ୍ଚଳରେ ଥିବା ବୈଷ୍ଣବୀ ହୋଟେଲକୁ ନେଇଯାଇଥିଲା। ସେଠାରେ ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିଲା। ଘଟଣା ବିଷୟରେ ଜଣାଇଲେ ଫଟୋ ଭାଇରାଲ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ପରେ ବାପି ବିବାହିତ ଓ ତାର ଝିଅ ଅଛି ବୋଲି ଛାତ୍ରୀଜଣକ ଜାଣିବା ପରେ ଯୋଗାଯୋଗ ବିଚ୍ଛିନ୍ନ କରି ଦେଇଥିଲେ। ୨୩ ତାରିଖ ଦିନ ବାପି ପୁଣିଥରେ ଫୋନ୍ କରି ହୋଟେଲକୁ ଡାକିବାରୁ ପୀଡ଼ିତା ଫୋନ୍ ବନ୍ଦ କରି ଦେଇଥିଲେ। ଏହାପରେ ବାପି ତାଙ୍କ ଫଟୋଗୁଡ଼ିକ ଇନଷ୍ଟାଗ୍ରାମରେ ଭାଇରାଲ କରିଦେଇଥିଲା। ଏହାପରେ ପୀଡ଼ିତା ଓ ତାଙ୍କ ଭାଇ ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ ନିକଟକୁ ଯାଇଥିଲେ। ସେଠାରେ ପୀଡ଼ିତାଙ୍କ ଭାଇ ବାପିକୁ ମାଡ଼ ମାରିଥିଲେ। ପୀଡ଼ିତା ଏନେଇ ଖଣ୍ଡଗିରି ଥାନାରେ ଏତଲା ଦେବାପରେ ପୁଲିସ ଜିରୋ ଏଫ୍‌ଆଇଆର୍ ରୁଜୁ କରିଥିଲା। ଦୁଷ୍କର୍ମ ଘଟଣାଟି ପଟିଆରେ ହୋଇଥିବାରୁ ଇନଫୋସିଟି ଥାନାକୁ ପଠାଇଦେଇଥିଲା। ଇନ୍‌ଫୋସିଟି ଥାନା ପୁଲିସ ଏକ ଦୁଷ୍କର୍ମ ମାମଲା ରୁଜୁ କରିବା ପରେ ବାପିକୁ ଗିରଫ କରିବା ସହ ମୋବାଇଲ୍ ଫୋନ୍ ଜବତ କରିଛି।

## ପୁରୀରେ ହେବ ବ୍ରିକ୍ସ ରାଷ୍ଟ୍ରସମୂହର ଦ୍ୱିତୀୟ ବୈଷୟିକ ସମ୍ମିଳନୀ

ଭୁବନେଶ୍ୱର, ୨୫।୫(ସମିସ): ଭାରତର 'ବ୍ରିକ୍ସ' ଅଧ୍ୟକ୍ଷତା ଅଧୀନରେ ଆୟୋଜିତ ହେବାକୁ ଥିବା 'ଡିଜାଷ୍ଟର୍ ରିସ୍କ ରିଡକ୍ସନ୍ ୱାର୍କିଂ ଗ୍ରୁପ୍'ର ବୈଷୟିକ ସମ୍ମିଳନୀ ଆସନ୍ତା ଜୁନ୍ ୩ରୁ ୫ ତାରିଖ ପର୍ଯ୍ୟନ୍ତ ପୁରୀରେ ଅନୁଷ୍ଠିତ ହେବ। ତାଜ୍ ପୁରୀ ରିସୋର୍ଟଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ 'ବ୍ରିକ୍ସ' ଦେଶଗୁଡ଼ିକର ପ୍ରତିନିଧି ଓ ବିଶେଷଜ୍ଞମାନେ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧ କ୍ଷମତା ବୃଦ୍ଧି ଏବଂ ଅନ୍ତର୍ଜାତୀୟ ସହଯୋଗ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ଉଲ୍ଲେଖଯୋଗ୍ୟ, ବ୍ରାଜିଲ୍, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ଋଷିଆ, ସାଉଦି ଆରବ, ଦକ୍ଷିଣ-ଆଫ୍ରିକା, ୟୁଏଇ ଏବଂ ଚାଇନା ଆଦି ଦେଶର ପ୍ରତିନିଧିମାନେ ଏହି ସମ୍ମିଳନୀରେ ଯୋଗଦେବେ। ଓଡ଼ିଶାକୁ ଏହି ଗୁରୁତ୍ୱପୂର୍ଣ୍ଣ ବୈଷୟିକ ବୈଠକର ଆୟୋଜକ ଭାବେ ଚୟନ କରାଯାଇଥିବା ପ୍ରଚ୍ଛଦରେ ରହିଛି ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନା କ୍ଷେତ୍ରରେ ରାଜ୍ୟର ସକ୍ରିୟ, ସଫଳ ଏବଂ ସୁଦୃଢ଼ ପଦକ୍ଷେପ। ବିଶେଷକରି ବାତ୍ୟା ପରିଚାଳନା, ଗୋଷ୍ଠୀଭିତ୍ତିକ ପୂର୍ବ ସଚେତନତା ବ୍ୟବସ୍ଥା ଏବଂ ସଫଳ ଉଦ୍ଧାର ଓ ସ୍ଥାନାନ୍ତରଣ କୌଶଳ ନିମନ୍ତେ ଓଡ଼ିଶା ଅନ୍ତର୍ଜାତୀୟସ୍ତରରେ ପ୍ରଶଂସିତ ହୋଇଆସିଛି। ଏହି ସମ୍ମିଳନୀ ମାଧ୍ୟମରେ 'ବ୍ରିକ୍ସ' ଦେଶମାନଙ୍କ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ଜ୍ଞାନ-ବିନିମୟ, ନୂତନ ପ୍ରଯୁକ୍ତି ଓ ସମନ୍ୱିତ କାର୍ଯ୍ୟପଦ୍ଧତି ଉପରେ ଆଲୋଚନା ହେବା ସହିତ ପାରସ୍ପରିକ ସହଯୋଗ ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

## ଆମ୍ବୁଲାନ୍ସ ଚାଳକଙ୍କ କାନ୍ଧରୁ କଟିଗଲା ହାତ

ଜଗତସିଂହପୁର, ୨୫।୫ (ସମିସ): ଜଗତସିଂହପୁର-କଟକ ରାସ୍ତାର ତରିକୁନ୍ଦ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ଆମ୍ବୁଲାନ୍ସ ଦୁର୍ଘଟଣାର ଶିକାର ହୋଇଥିବା ବେଳେ ଏଥିରେ ଡ୍ରାଇଭରଙ୍କ ବାମ ହାତ ସମ୍ପୂର୍ଣ୍ଣ କଟିଯାଇଛି। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ କଟକ ବଡ଼ ମେଡ଼ିକାଲ ନିଆଯାଇଥିଲା। ପରେ ଭୁବନେଶ୍ୱରସ୍ଥିତ ଅନ୍ୟ ଦୁଇଟି ଘରୋଇ ଚିକିତ୍ସାଳୟ ନିଆଯାଇଥିଲେ ମଧ୍ୟ ସେମାନେ ଫେରାଇ ଦେଇଥିଲେ। ଶେଷରେ ଭୁବନେଶ୍ୱରର ଆଉ ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ଚିକିତ୍ସା କରାଯାଉଥିବା ଜଣେ ଆମ୍ବୁଲାନ୍ସ କର୍ମଚାରୀ ସୂଚନା ଦେଇଛନ୍ତି। ରବିବାର ରାତି ପ୍ରାୟ ୧୨ଟାରୁ ୧ଟା ମଧ୍ୟରେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରହୁଥିବା ଉକ୍ତ ଆମ୍ବୁଲାନ୍ସ କଟକରେ ରୋଗୀକୁ ଛାଡ଼ି ଫେରୁଥିବା ବେଳେ ତରିକୁନ୍ଦ ନିକଟରେ ଅନ୍ୟ ଗାଡ଼ି ସହ ଧକ୍କା ହୋଇଥିଲା। ଏଥିରେ ଆମ୍ବୁଲାନ୍ସ ଡ୍ରାଇଭର ମାନସ ସାହୁଙ୍କ ହାତ କଟି ଯାଇଥିଲା।

## ସ୍ୱର୍ଗଦ୍ୱାରରେ ଶୋଷଣ

# ଝୁଣା ନାଁରେ ବିକୁଛନ୍ତି କାଠଗୁଣ୍ଡ!

ପୁରୀ,୨୫।୫(ସମିସ): ସ୍ୱର୍ଗଦ୍ୱାର ପ୍ରତିଟି ହିନ୍ଦୁଙ୍କ ଭାବାବେଗ ସହ ଜଡ଼ିତ। ବିଶ୍ୱାସ ରହିଛି, ଏଠାରେ ମୃତଦେହ ଦାହ କଲେ ଆତ୍ମା ମୋକ୍ଷପ୍ରାପ୍ତି ହୁଏ। ଏହି ବିଶ୍ୱାସ ଓ ଭକ୍ତି ନେଇ ରାଜ୍ୟ ଏବଂ ରାଜ୍ୟ ବାହାରୁ ଲୋକେ ନିଜ ପ୍ରିୟଜନଙ୍କ ମୃତଦେହ ଧରି ଏଠାକୁ ଧାଇଁ ଆସନ୍ତି। କିନ୍ତୁ ଶୋକରେ ଭାଙ୍ଗିପଡ଼ିଥିବା ପରିବାର ଏଠାରେ ମଧ୍ୟ ଶୋଷଣର ଶିକାର ହେଉଥିବା ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି।

ଅଭିଯୋଗ ଅନୁଯାୟୀ, ଶେଷକୃତ୍ୟ ପାଇଁ ଆବଶ୍ୟକ ଝୁଣା ନାଁରେ କାଠଗୁଣ୍ଡ ବିକ୍ରି କରାଯାଉଛି। ସ୍ୱର୍ଗଦ୍ୱାରକୁ ଆସୁଥିବା ମୃତଦେହ ମଧ୍ୟରୁ ଅନେକ ସମୟରେ କେତେକ ମରଶରୀର ଠିକ୍ ଭାବେ ଜଳି ନ ଥାଏ। ଡାକ୍ତରଖାନାରେ ଚିକିତ୍ସାଧୀନ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ପରେ ଯଦି ତାଙ୍କୁ ଅଣାଯାଇଥାଏ ତାଙ୍କ ଶରୀରରୁ ଅଧିକ ପାଣି ବାହାରେ। ସାଲାଇନ୍ ଲାଗିଥିଲେ ପାଣି ବାହାରିଥାଏ। ଏମିତି ବି କେତେଜଣଙ୍କ ଶରୀରରୁ ଅଧିକ ପାଣି ବାହାରେ, ଯେଉଁଥିପାଇଁ କାଠ ଜଳି ନ ଥାଏ। ତେଣୁ ସଂସ୍କାର ସେବକ ତାଙ୍କ ସମ୍ପର୍କୀୟଙ୍କୁ ଝୁଣା ଆଣିବା ପାଇଁ କହିଥା'ନ୍ତି। ଯେହେତୁ ସ୍ୱର୍ଗଦ୍ୱାର ପରିସରରେ ଓର୍‌ମାସ ପକ୍ଷରୁ ବିଭିନ୍ନ ପ୍ରକାର ପଥଶ୍ରାଦ୍ଧ ସାମଗ୍ରୀ ଉପଲବ୍ଧ, ତେଣୁ ସମସ୍ତେ ପ୍ରଥମେ ପରିସରରୁ ହିଁ କିଣିଥା'ନ୍ତି। ଝୁଣା ମାଗିବା ପରେ ସେମାନଙ୍କ ହାତକୁ ଏକ ପ୍ୟାକେଟ୍ ବଢ଼ାଇ ଦିଆଯାଉଛି, ଯେଉଁଥିରେ ସ୍ୱର୍ଗଧାମ ଅନ୍ତିମ ସଂସ୍କାର ସାମଗ୍ରୀ ଲେଖାଯାଇଛି। ଏହାକୁ କିଏ ତିଆରି କରିଛି, କେଉଁ କେଉଁ ସାମଗ୍ରୀ ମିଶି ଏହା ପ୍ରସ୍ତୁତ କରାଯାଇଛି ଏଭଳି ନାଁ, ଠିକଣା କିଛି ନାହିଁ। ୩୫୦ ଗ୍ରାମ୍‌ର ଦାମ୍ ରହିଛି ୧୫୦ ଟଙ୍କା। ସମ୍ପର୍କୀୟଙ୍କୁ ହରାଇ ଦୁଃଖରେ ଥିବା କୌଣସି ଲୋକେ ମୂଳଚାଲ କିମ୍ବା ପ୍ୟାକେଟ୍‌ରେ କ'ଣ ଲେଖାଯାଇଛି, କିଛି ପଢ଼ନ୍ତି ନାହିଁ। ସେମାନେ ମୂଲ୍ୟ ଦେଇ ପ୍ୟାକେଟ୍ କିଣି ସଂସ୍କାର ସେବକଙ୍କ ହାତକୁ ବଢ଼ାଇ ଦିଅନ୍ତି। ତେବେ ଜଣେ ବ୍ୟକ୍ତି ସେହି ପ୍ୟାକେଟ୍‌କୁ ଖୋଲିବା ପରେ ଧୋକ୍କା ଖାଇଥିଲେ। ଝୁଣା ବଦଳରେ କାଠର ଗୁଣ୍ଡ ଓ କିଛି ଶୁଖିଲା ପତ୍ର ମିଶା ସାମଗ୍ରୀ ତା' ଭିତରେ ଥିବା ଦେଖିବାକୁ ପାଇଥିଲେ। ସ୍ୱର୍ଗଦ୍ୱାର ଭଳି ସ୍ଥାନରେ ପଇସା ପାଇଁ ଲୋକେ ଏତେ ତଳକୁ ଖସିଗଲେଣି ବୋଲି ସେ ପ୍ରଶ୍ନ କରିଛନ୍ତି?

- ଶୋକାକୁଳ ପରିବାରଙ୍କ ବିଶ୍ୱାସ ସହ ପ୍ରତାରଣା
- ପ୍ୟାକେଟ୍‌ରେ ନାହିଁ ପ୍ରସ୍ତୁତକାରୀଙ୍କ ଠିକଣା କି ଉପାଦାନର ନାଁ




କେବଳ ସମ୍ପୃକ୍ତ ବ୍ୟକ୍ତି ନୁହନ୍ତି, ଅନ୍ୟମାନେ ବି ଅଭିଯୋଗ ରଖିଛନ୍ତି। ସମ୍ପର୍କୀୟଙ୍କୁ ହରାଇବା ଦୁଃଖ ଗୋଟେ ପଟେ, ଆଉ ଗୋଟେ ପଟେ ଅଧିକ ଦାମ୍ ଦେଇ ନକଲି ସାମଗ୍ରୀକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଝୁଣା ପୋଡ଼ିଲେ ସୁଗନ୍ଧ ବାହାରେ, କିନ୍ତୁ ଏହା ପୋଡ଼ିଲା ବେଳେ କେବଳ ଧୂଆଁ ବାହାରିଲା। ଆମ ଭାବାବେଗ ସହ ଖେଳାଯାଉଛି ବୋଲି ସେ କହିଛନ୍ତି। ଏହି ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ସ୍ୱର୍ଗଦ୍ୱାର କେବଳ ଏକ ଶ୍ମଶାନ ନୁହେଁ, ଏହା କୋଟି କୋଟି ହିନ୍ଦୁଙ୍କ ବିଶ୍ୱାସର କେନ୍ଦ୍ର। ଏଠାରେ ଶୋଷଣ ଅର୍ଥ ହେଉଛି ସେହି ବିଶ୍ୱାସର ମୂଳରେ କୁଠାରାଘାତ।

ତେବେ ଏହି ଅଭିଯୋଗକୁ ସ୍ୱର୍ଗଦ୍ୱାର ପରିସରରେ ସାମଗ୍ରୀ ବିକ୍ରି କରୁଥିବା ଓର୍‌ମାସ ଅଧିକାରୀ ଅସ୍ୱୀକାର କରିଛନ୍ତି। ଓର୍‌ମାସର ଡେପୁଟି ସିଇଓ ନିଗମ ଦାସ କହିଛନ୍ତି, ଆମେ ଝୁଣା ବିକ୍ରି କରୁନାହୁଁ। ଆମେ ଯାହା ବିକୁଛୁ ତାହା ଏକ ସୁଗନ୍ଧିତ ଦ୍ରବ୍ୟ। ଏଥିରେ ଘିଅ, ଗୁଗୁଳ ଆଦି ଦ୍ରବ୍ୟ ମିଶାଯାଉଛି। ଏହା ପାରମ୍ପରିକ ଝୁଣା ନୁହେଁ। ଏହାର ବାସ୍ନା ବହୁତ ଭଲ। ଶେଷକୃତ୍ୟରେ ବ୍ୟବହାର ପାଇଁ ପ୍ରସ୍ତୁତ ଏକ ସାମଗ୍ରୀ। ଗଞ୍ଜାମର ଏକ ଏସ୍‌ଏଚ୍‌ଜି ଏହାକୁ ପ୍ରସ୍ତୁତ କରୁଛନ୍ତି। ଏଥିରେ ଉପାଦାନର ନାମ ଏବଂ ପ୍ରସ୍ତୁତ କରୁଥିବା ଏସ୍‌ଏଚ୍‌ଜିଙ୍କ ଠିକଣା ତାହା ଆଗାମୀ ଦିନରେ ପ୍ୟାକେଟ୍‌ରେ ରହିବ।



ବିପର୍ଯ୍ୟୟ ଘଟାଇଲେ ବାସବରେଡ୍ଡୀ
▶ପୃଷ୍ଠା-୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-327 ◆TUESDAY ◆26 MAY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୨୭ ◆ମଙ୍ଗଳବାର ◆୨୬ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ପୁଣି ମହଙ୍ଗା ହେଲା ତେଲ

## ଲିଟର ପିଛା ପେଟ୍ରୋଲ ୨.୬୧, ଡିଜେଲ ୨.୭୧ ଟଙ୍କା ବଢ଼ିଲା

**୧୦ ଦିନରେ ୮ ଟଙ୍କା ବୃଦ୍ଧି**

**ରାଜଧାନୀରେ ଡିଜେଲ ୧୦୦ ପାର୍**

**୧୩୦ ଟଙ୍କା ଛୁଇଁବ ପେଟ୍ରୋଲ୍ !**

**ଚୁପ୍‌ଚାପ୍ ଲୋକଙ୍କ ପକେଟ୍ କାଟୁଛନ୍ତି ସରକାର: ରାହୁଲ**



■ ନୂଆଦିଲ୍ଲୀ, ୨୫।୫ (ଏଜେନ୍ସି): ପଶ୍ଚିମବଙ୍ଗ ନିର୍ବାଚନ ପରେ ଖାଉଟିଙ୍କୁ ଲାଗିଚାଲିଛି ଝଟ୍‌କା ପରେ ଝଟ୍‌କା। ଗତ ୧୦ ଦିନରେ କ୍ରମାଗତ ଆଜି ୪ର୍ଥ ଥର ପାଇଁ ବଢ଼ିଛି ତେଲ ଦର। ବଜାରରେ ପେଟ୍ରୋଲ ଲିଟର ପିଛା ୨ ଟଙ୍କା ୬୧ ପଇସା ଏବଂ ଡିଜେଲ ୨ ଟଙ୍କା ୭୧ ପଇସା ବୃଦ୍ଧି ଘଟିଛି। ମାତ୍ର ୧୦ ଦିନ ମଧ୍ୟରେ ତେଲ ଦର ପାଖାପାଖି ୮ ଟଙ୍କା ବଢ଼ିଲାଣି। ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ଦର ଲିଟର ପିଛା ୧୦୨.୧୨ ଟଙ୍କା ଏବଂ ଡିଜେଲ ୯୫.୨୦ ଟଙ୍କାରେ ପହଞ୍ଚିଛି। ସେହିପରି ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୯.୧୫ ଟଙ୍କା ଏବଂ ଡିଜେଲ ୧୦୦.୮୦ ଟଙ୍କା ହୋଇଛି। ଏହାସହିତ ରାଜଧାନୀରେ ଡିଜେଲ ମୂଲ୍ୟ ଲିଟର ପିଛା ୧୦୦ ଟଙ୍କା ଅତିକ୍ରମ କରିଯାଇଛି। ଆଗକୁ ମଧ୍ୟ ତେଲ ଦର ଆହୁରି ବୃଦ୍ଧି ପାଇବ ଏବଂ ପଟ୍ରୋଲ ଦାମ ୧୩୦ ଟଙ୍କା ଛୁଇଁବ ବୋଲି ବିଶେଷଜ୍ଞମାନେ ଆକଳନ କରୁଛନ୍ତି।

ହେଲେ ସବୁଠାରୁ କୌତୂହଳର ବିଷୟ ହେଉଛି, ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ଏପରି ସମୟରେ ବୃଦ୍ଧି ପାଉଛି, ଯେତେବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପାଖାପାଖି ୯୧ ଡଲାରକୁ ଖସିଆସିଛି। ଚଳିତମାସ ୧୫ରେ ପ୍ରଥମ ଥର ପାଇଁ କମ୍ପାନୀଗୁଡିକ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି କରିଥିଲେ। ଆମେରିକା-ଇରାନ୍ ଶାନ୍ତି ଚୁକ୍ତି ଆଶାରେ ବିଶ୍ୱ ବଜାରରେ ସମ୍ପ୍ରତି ଅଶୋଧିତ ତେଲ ଦରରେ ହ୍ରାସ ଘଟୁଥିବା ବେଳେ ତୈଳ କମ୍ପାନୀର ଅଧିକାରୀମାନେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଆକାଶଛୁଆଁ ମୂଲ୍ୟ ଏବଂ ଟଙ୍କାର ଅବମୂଲ୍ୟାୟନ ଯୋଗୁଁ ଆମଦାନୀ ଖର୍ଚ୍ଚ ବୃଦ୍ଧିକୁ ମୁଖ୍ୟ କାରଣ ବୋଲି କହିଛନ୍ତି। ଆଗକୁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଆହୁରି ବୃଦ୍ଧି ଘଟିବ ବୋଲି ନିକଟରେ ବିପିସିଏଲ୍‌ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଥିଲେ। ଅପରପକ୍ଷେ ବଜାର ବିଶେଷଜ୍ଞମାନେ ଆଗାମୀ ▶ପୃଷ୍ଠା-୭

# ଆଇପିଏସ୍ ଦୟାଲ ଗଙ୍ଗୱାରଙ୍କ ଅଡୁଆ ବଢ଼ିଲା

**ଏଡିଜି (କମ୍ୟୁନିକେସନ) ରୁ ବିଦା; ଗୃହ ବିଭାଗରେ ଓଏସ୍‌ଡି ନିଯୁକ୍ତ**

**ବାଲିଅନ୍ତା ଭିଡ଼ ହତ୍ୟା ଘଟଣା ପରେ ବିବାଦୀୟ ହୋଇଥିଲେ**

■ ଭୁବନେଶ୍ୱର,୨୫।୫(ସମିସ): ବାଲିଅନ୍ତା ସୌମ୍ୟରଞ୍ଜନ ସ୍ୱାଇଁ ଭିଡ଼ହତ୍ୟା ଘଟଣାରେ ବିବାଦ ଘେରକୁ ଆସିଥିବା ବରିଷ୍ଠ ଆଇପିଏସ୍ ଅଧିକାରୀ ଦୟାଲ ଗଙ୍ଗୱାରଙ୍କ ପାଇଁ ଅଡୁଆ ବଢ଼ିଛି। ରାଜ୍ୟ ପୁଲିସର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅତିରିକ୍ତ ପୁଲିସ ଡିଜି (କମ୍ୟୁନିକେସନ) ପଦରୁ ତାଙ୍କୁ ହଟାଇ ଦିଆଯାଇଛି। ତାଙ୍କୁ ଗୃହ ବିଭାଗ ଓଏସ୍‌ଡି ଦାୟିତ୍ୱ ଦିଆଯାଇଛି। ଏନେଇ ସୋମବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୌମ୍ୟ ହତ୍ୟାକାଣ୍ଡ ପରେ ଗଙ୍ଗୱାର ବିବାଦରେ ଛନ୍ଦି ହୋଇଥିବାରୁ ତାଙ୍କର ବଦଳି କରାଯାଇଛି ବୋଲି ଚର୍ଚ୍ଚା ଜୋର ଧରିଛି। କ୍ରାଇମବ୍ରାଞ୍ଚ ଏହି ଘଟଣାରେ ତଦନ୍ତ କରୁଥିବା ବେଳେ ଏଥିରେ ବାଧା ନ ଉପୁଜିବା ପାଇଁ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଉଛି।

ଗଙ୍ଗୱାରଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ ସୌମ୍ୟଙ୍କ ମା' କବିତା। ଜିଆର୍‌ପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ହତ୍ୟା ପରେ ହଠାତ୍ ଗଙ୍ଗୱାରଙ୍କ ନାଁ ଚର୍ଚ୍ଚାକୁ ଆସିଥିଲା। ଗଙ୍ଗୱାରଙ୍କ ପାଇଁ ତାଙ୍କ ପୁଅ ମାନସିକ ଚାପରେ ଥିଲେ ବୋଲି ସେ ଅଭିଯୋଗ କରିଥିଲେ। ଏପରିକି ଗଙ୍ଗୱାର ତାଙ୍କ ପୁଅକୁ ବ୍ୟକ୍ତିଗତ କାମରେ ଲଗାଇବା ସହ ପରେ ଦରମା ବନ୍ଦ କରିଥିବା ▶ପୃଷ୍ଠା-୭

### ବ୍ରହ୍ମପୁର ଯୁବକଙ୍କୁ କଟୁରୀରେ ନିର୍ମମ ଆକ୍ରମଣ ଘଟଣାରେ କ୍ଷୋଭ ପ୍ରକାଶ କଲେ ନବୀନ

# ସାରା ଓଡ଼ିଶାରେ ଗୁଣ୍ଡାରାଜ୍, ଭୟର ବାତାବରଣ

**ଅପରାଧୀ ଭୟଶୂନ୍ୟ ହୋଇ ରାଜରାସ୍ତାରେ ଅପରାଧ ଘଟାଇବା ଶାସନ ବ୍ୟବସ୍ଥାର ଅପାରଗତାକୁ ଦର୍ଶାଉଛି**



**ବଡ଼ ବଡ଼ ଭାଷଣ ନ ଦେଇ ରାଜ୍ୟ ସରକାର ସଜାଗ ହୁଅନ୍ତୁ**

■ ଭୁବନେଶ୍ୱର, ୨୫।୫ (ସମିସ): ରବିବାର ବ୍ରହ୍ମପୁରରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ପୁଲିସଏନକାଉଣ୍ଟରର ଧମକ ଦେବା ପରେ ବି ଅପରାଧୀ ଭୟଶୂନ୍ୟ ହୋଇ ରାଜରାସ୍ତାରେ ଅପରାଧ ଘଟାଇବା ଶାସନ ବ୍ୟବସ୍ଥାର ଅପାରଗତାକୁ ଦର୍ଶାଉଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ବ୍ରହ୍ମପୁର ବଡ଼ବଜାର ସ୍ଥିତ ଅମ୍ବିକା ନଗରରେ ରାସ୍ତା ଉପରେ ସର୍ବସମ୍ମୁଖରେ ଜଣେ ଯୁବକଙ୍କୁ କଟୁରୀରେ ନିର୍ମମ ଭାବେ ଆକ୍ରମଣର ଦୃଶ୍ୟ ଅତ୍ୟନ୍ତ ବିଚଳିତ କରିବା ପରି। ଏଇ କିଛି ଦିନ ତଳେ ବ୍ରହ୍ମପୁରରେ ଜଣେ ଯୁବକ ଓ ଯୁବତୀଙ୍କ ଉପରେ ହୋଇଥିବା ଅମାନୁଷିକ ଆକ୍ରମଣ ମନରୁ ନ ଲିଭୁଣୁ ପୁଣି ଏପରି ନାରକୀୟ କାଣ୍ଡ ▶ପୃଷ୍ଠା-୭

**ଅସମ୍ଭାଳ କରୁଛି ତାତି**

# ୨୮ ପରେ ଭୀଷଣ କାଳବୈଶାଖୀ

**ଅଥୟ କରିବ ବଜ୍ରପାତ**

■ ଭୁବନେଶ୍ୱର, ୨୫।୫ (ସମିସ): ରାଜ୍ୟରେ ଲାଗି ରହିଥିବା ପ୍ରବଳ ତାତି ଓ ଗୁଳୁଗୁଳିରୁ ମୁକ୍ତି ମିଳିବ। ଆସନ୍ତା ୨୮ ପରେ ରାଜ୍ୟରେ ଭୀଷଣ କାଳବୈଶାଖୀ ଯୋଗୁଁ ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ପ୍ରବଳ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ। ଏହାଦ୍ୱାରା ରାଜ୍ୟରେ ତାପମାତ୍ରା ପ୍ରାୟ ୫ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ।।ହେବା ଗୁଳୁଗୁଳି ସ୍ଥିତିରୁ ମୁକ୍ତି ମିଳିବ। ଆଗକୁ ଗୋଟିଏ ପଶ୍ଚିମା ଝଡ଼ ସକ୍ରିୟ ହେବାକୁ ଯାଉଛି। ସାଧାରଣତଃ ପଶ୍ଚିମା ଝଡ଼ ଆସିବା ପୂର୍ବରୁ ତାତି ଓ ଗୁଳୁଗୁଳି ପିକ୍‌ରେ ପହଞ୍ଚିଥାଏ। ଏହି କ୍ରମରେ ରାଜ୍ୟରେ ଆସନ୍ତା ୨ ଦିନ ତାତି ଓ ଗୁଳୁଗୁଳି ଯଥେଷ୍ଟ ଅଧିକ ▶ପୃଷ୍ଠା-୭

## ଭୁଶୁଡ଼ିଲା ଧନୁଯାତ୍ରା ସ୍ମାରକୀ ଗେଟ୍




■ ବରଗଡ଼, ୨୫।୫ (ସମିସ): ବରଗଡ଼ ସହରରେ ସୋମବାର ଅପରାହ୍ନରେ ହୋଇଥିବା ଭୟଙ୍କର କାଳବୈଶାଖୀ ଝଡ଼ ତୋଫାନରେ ଧନୁଯାତ୍ରା ସ୍ମାରକୀ ଗେଟ୍ ଭାଙ୍ଗି ଯାଇଛି। ଏହାଫଳରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣା ପରେ ସମଗ୍ର ସହରରେ ଚର୍ଚ୍ଚାର ବିଷୟ ସୃଷ୍ଟି ହୋଇଛି। ଗେଟ୍ ନିର୍ମାଣରେ ନିମ୍ନମାନର କାମ ହୋଇଥିବା ଅଭିଯୋଗ ▶ପୃଷ୍ଠା-୭




■ ରାତି ଅଧରେ ଗର୍ଜିଲା ପୁଲିସ ବନ୍ଧୁକ

# ଏନକାଉଣ୍ଟର୍‌ରେ ରଞ୍ଜନ, ଭିକି ଘାଇଲା

ବ୍ରହ୍ମପୁର,୨୫।୫(ସମିସ): ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ମାମଲାରେ ଫେରାର୍ ଦୁଇ ଅଭିଯୁକ୍ତଙ୍କୁ ପୁଲିସ୍ ଏନକାଉଣ୍ଟର୍ କରି ଧରିଛି। ସେମାନେ ହେଲେ, ବରଗଡ଼ ଥାନା ଅଧୀନ ନୂଆଗାଁର ରଞ୍ଜନ ମଲ୍ଲିକ ଓ ସିକିରିପାଡ଼ୀ ସାହିର ଭିକି ପଣ୍ଡା ଓରଫ ସରୋଜ।

## ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ମାମଲା

ସେମାନଙ୍କୁ ଚିକିତ୍ସା ଲାଗି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସଦର ଥାନା ଅନ୍ତର୍ଗତ ଆଙ୍କଶପୁରସ୍ଥିତ ରତ୍ନପୁର ନିକଟରେ ପୁଲିସ ସେମାନଙ୍କୁ ଆଜି ବିଳମ୍ବିତ ରାତିରେ ଏନ୍‌କାଉଣ୍ଟର୍ କରିଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ଗତ ଏପ୍ରିଲ ୧୫ତାରିଖ ସଂଧ୍ୟା ପ୍ରାୟ ୭ଟାରେ ଗୋପାଳପୁରର ପ୍ଲଟ୍ ବ୍ୟବସାୟୀ ସୁଧୀର କୁମାର ପାତ୍ରଙ୍କୁ କିଛି ଦୁର୍ବୃତ୍ତ ଅପହରଣ କରି ଅତି ଅମାନୁଷିକ ଭାବେ ହତ୍ୟା କରିଥିଲେ। ମାମଲାର ତଦନ୍ତ କରି ପୁଲିସ ସୁଧୀରଙ୍କ ଝିଅାରୀ ନିବେଦିତା ପାତ୍ର ଓ ତାଙ୍କ ପ୍ରେମିକ କାଲୁ ସମେତ



କିଛି ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ରଞ୍ଜନ ଓ ଭିକି ଫେରାର୍ ଥିଲେ। ସୁଧୀରଙ୍କୁ ହତ୍ୟା କରିବା ପାଇଁ ଦୁହେଁ ସୁପାରି ନେଇଥିଲେ। ପୂର୍ବରୁ ମୁକେଶ ସାହୁ, ଦୀପୁନା ନାୟକ ଓ ଜଗନ୍ନାଥ ସାହୁ ଆଦି ୩ ଅପରାଧୀଙ୍କୁ ପୁଲିସ ଏନକାଉଣ୍ଟର୍ କରିଥିବା ବେଳେ ଆଜି ଆଉ ଦୁଇ ଅଭିଯୁକ୍ତ ତଥା ସୁପାରି କିଲର୍‌ଙ୍କୁ ପୁଲିସ୍ ଏନ୍‌କାଉଣ୍ଟର୍ କରିଛି।

# 'ଉତ୍କଳ'ର ଷଷ୍ଠ ସେମିଷ୍ଟାର୍ ପରୀକ୍ଷା ଫଳ ପ୍ରକାଶିତ

ଭୁବନେଶ୍ୱର, ୨୫।୫(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟର ଷଷ୍ଠ ସେମିଷ୍ଟାର୍ ଅର୍ଥାତ୍ ଚୂଡ଼ାନ୍ତ ପରୀକ୍ଷାଫଳ ପ୍ରକାଶ ପାଇଛି। କଳା, ବିଜ୍ଞାନ ଓ ବାଣିଜ୍ୟର ରେଜଲ୍ଟ ଏକାବେଳେ ପ୍ରକାଶ ପାଇଥିବା ବେଳେ

## ମୋଟ୍ ପାସ୍ ହାର ୯୬.୩୭%

ମୋଟ୍ ପାସ୍‌ହାର ୯୬.୩୭% ରହିଛି। ଚଳିତବର୍ଷ ସମୁଦାୟ ୪୧,୦୬୮ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୩୯,୫୮୦ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ପରୀକ୍ଷାରେ କପି କରି ମୋଟ୍ ୮ ଜଣ ଧରା ପଡ଼ିଥିବା ବେଳେ ଆଉ ୧୪୮୦ଜଣ ପିଲା ପରୀକ୍ଷାରେ ଫେଲ୍ ହୋଇଛନ୍ତି।

ଚଳିତବର୍ଷ କଳାରେ ପାସ୍ ହାର ସର୍ବାଧିକ ୯୬.୮୮% ରହିଛି। ମୋଟ୍ ୨୬୫୫୧ଜଣ ପରୀକ୍ଷା ଦେଇଥିବା ବେଳେ ୨୫୭୨୭ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏହି ବର୍ଗରେ ସର୍ବାଧିକ ୮୨୧ଜଣ ପିଲା ମଧ୍ୟ ଫେଲ୍ ହୋଇଛନ୍ତି। ସେହିପରି ବିଜ୍ଞାନରେ ପାସ୍ ହାର ୯୫.୫୪% ରହିଛି। ସମୁଦାୟ ୧୦୯୪୦ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୦୪୫୨ ଜଣ ପାସ୍ କରିଛନ୍ତି। ଅନୁରୂପ ଭାବେ ବାଣିଜ୍ୟରେ ପାସ୍ ହାର ୯୫.୧୯% ରହିଛି। ସମୁଦାୟ ୩୫୭୭ପିଲାଙ୍କ ମଧ୍ୟରୁ ୩୪୦୫ଜଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରୀକ୍ଷାଫଳ ସମ୍ପୂର୍ଣ୍ଣ ଭାବେ ପ୍ରୋଭିଜିନାଲ୍, କୌଣସି ତ୍ରୁଟି ଥିଲେ ପରବର୍ତ୍ତୀ ସମୟରେ ସଂଶୋଧନ କରାଯାଇ ପାରିବ ବୋଲି ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି।

**ସୀମା ଟପିଲା ପୁଲିସର ବର୍ବରତା**

# ବାରଙ୍ଗ ଥାନାରେ ଯୁବକଙ୍କୁ 'ଥାର୍ଡ ଡିଗ୍ରୀ'

ବାରଙ୍ଗ, ୨୫।୫ (ସମିସ): କଟକ କମିଶନରେଟ୍ ପୁଲିସ ଅନ୍ତର୍ଗତ ବାରଙ୍ଗ ଥାନା ହାଜତ ଭିତରେ ଜଣେ ଅଟକ ଯୁବକଙ୍କୁ ପୁଲିସ୍ ପକ୍ଷରୁ ଦିଆଯାଇଥିବା ଅମାନୁଷିକ ନିର୍ଯାତନା ଏବଂ ତାଙ୍କର ସଂକଟାପନ୍ନ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ବାରଙ୍ଗ ଅଞ୍ଚଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଜଣେ ମହିଳାଙ୍କ ହତ୍ୟା ମାମଲାରେ ସନ୍ଦେହ ଆଧାରରେ ଥାନାରେ ଅଟକ ଥିବା ସମ୍ପୃକ୍ତ ଯୁବକଙ୍କୁ ପୁଲିସ କର୍ମଚାରୀମାନେ ନିର୍ଦ୍ଦୟ ଭାବେ ପ୍ରବଳ ମାଡ଼ ମାରିବା ସହ ଶାରୀରିକ ନିର୍ଯାତନା ଦେଇଥିବା ସଙ୍ଗୀନ ଅଭିଯୋଗ ଉଠିଛି। ପୁଲିସର ଏହି ଅତ୍ୟାଚାର ଯୋଗୁଁ ଯୁବକଜଣଙ୍କ ହାଜତ ଭିତରେ ହିଁ ସଂଜ୍ଞାହୀନ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ଯୁବକଜଣଙ୍କୁ ପୁଲିସ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିବା ବେଳେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ରହିଛି। ଏହି ଖବର ପ୍ରଚାରିତ ହେବା ମାତ୍ରେ ସ୍ଥାନୀୟ ଚଣ୍ଡିପ୍ରସାଦ ଓ ଆଖପାଖ ଗ୍ରାମର ବହୁ ଉତ୍ତ୍ୟକ୍ତ ଲୋକ ବାରଙ୍ଗ ଥାନାକୁ ଘେରଉ କରିବା ସହ ମୁଖ୍ୟ ରାସ୍ତା ଅବରୋଧ କରି ବସି ରହିଛନ୍ତି। ଦୋଷୀ ପୁଲିସ ଅଧିକାରୀଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ସେମାନଙ୍କୁ ଗିରଫ କରିବା ଏବଂ ଥାନା ଅଧିକାରୀଙ୍କୁ ତୁରନ୍ତ ଗିରଫ ଓ




ଚାକିରିରୁ ବହିଷ୍କାର କରିବା ନେଇ ଗ୍ରାମବାସୀ ଦାବି ଉଠାଇବାରୁ ପରିସ୍ଥିତି ସମ୍ପୂର୍ଣ୍ଣ ଅଣାୟତ୍ତ ହୋଇପଡ଼ିଛି।

ସୂଚନାନୁଯାୟୀ, ୪ଦିନ ତଳେ ବ୍ରାହ୍ମଣୀ ଗାଁ ନିକଟସ୍ଥ କାଠଯୋଡ଼ି ନଦୀପଠାରୁ ଏକ ଅଧାପୋଡ଼ା ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ବାରଙ୍ଗ ଅଞ୍ଚଳରୁ ଜଣେ ମହିଳା ନିଖୋଜ ଥିବା ସୂଚନା ପାଇଥିଲା। ସେହି ନିଖୋଜ ମହିଳାଙ୍କ ପରିବାର ସଦସ୍ୟ ତଥା ତାଙ୍କ ଶାଶୂ, ଶ୍ୱଶୁର ଏବଂ ସ୍ୱାମୀ ରାକେଶ ବେହେରାଙ୍କୁ ପୁଲିସ ସନ୍ଦେହରେ ଥାନାକୁ ଆଣି ଅଟକ ରଖିଥିଲା। ଅଟକ ପରିବାରଲୋକେ ଉଦ୍ଧାର ମୃତଦେହ ସେମାନଙ୍କ ବୋହୂର ନୁହେଁ ବୋଲି ବାରମ୍ବାର କହିଥିଲେ ମଧ୍ୟ ପୁଲିସ କୌଣସି କଥା ଶୁଣିନଥିଲା। ଜବରଦସ୍ତି ସ୍ୱୀକାରୋକ୍ତି ଆଦାୟ କରିବା ପାଇଁ ପୁଲିସ ବାବୁମାନେ ସବୁ ସୀମା ପାର୍ କରି ରାକେଶଙ୍କ ଉପରେ ଅମାନୁଷିକ ଅତ୍ୟାଚାର କରିଥିଲେ। ପୁଲିସର ପାଶବିକ ନିର୍ଯାତନା ସହି ନପାରି ରାକେଶଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ପରେ ପୁଲିସ ଘଟଣାକୁ ଚାପିଦେବା ପାଇଁ ତରବରିଆ ଭାବେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ତେବେ ରାକେଶଙ୍କୁ ପୁଲିସ୍ ପିଟିପିଟି ହାଜତରେ ମାରିଦେଇଛି ବୋଲି ସ୍ଥାନୀୟ ଗ୍ରାମବାସୀ ବାରଙ୍ଗ ଥାନାରେ ହୋ-ହାଲ୍ଲା

- ■ ପୁଲିସ ମାଡ଼ରେ ଯୁବକଙ୍କ ଅବସ୍ଥା ସଂକଟାପନ୍ନ
- ■ ଆଇଆଇସିଙ୍କ ଗିରଫଦାରୀ ଦାବିରେ ରାସ୍ତାରୋକ, ଥାନା ଘେରଉ

କରିଥିଲେ। ହେଲେ ପୁଲିସ ରାକେଶଙ୍କ ଅବସ୍ଥା ଗୁରୁତର ଥିବା ନେଇ ସୂଚନା ଦେଇଛି। ଉତ୍ତେଜନା ବୃଦ୍ଧି ପାଇବା ପରେ କମିଶନରେଟ୍ ପୁଲିସର ଏସିପି ଅମିତାଭ ମହାପାତ୍ର ଏବଂ ପୂର୍ବତନ ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ ବ୍ୟାପକ ପୁଲିସ୍ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ। ମାତ୍ର ରିପୋର୍ଟ ଲେଖା ହେବା ବେଳକୁ ଆନ୍ଦୋଳନକାରୀମାନେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଦୋଷୀ ପୁଲିସ୍ ଅଫିସର୍‌ଙ୍କ ନିଲମ୍ବନ ଓ ଗିରଫଦାରୀ ଦାବିରେ ଥାନା ଆଗରେ ଗ୍ରାମବାସୀଙ୍କ ଗଣଧାରଣା ଏବଂ ରାସ୍ତାରୋକ ଜାରି ରହିଥିବା ବେଳେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି।

**ପେଟ୍ରୋଲ ଓ ଡିଜେଲର ଅସ୍ୱାଭାବିକ ଦରବୃଦ୍ଧି**

# ମାଷ୍ଟର କ୍ୟାଣ୍ଟିନ ଛକରେ ବିଜେଡିର ଜୋରଦାର ବିକ୍ଷୋଭ

ଭୁବନେଶ୍ୱର,୨୫।୫(ସମିସ): ଦେଶରେ ପେଟ୍ରୋଲ ଓ ଡିଜେଲର ଅସ୍ୱାଭାବିକ ଦରବୃଦ୍ଧି ଯୋଗୁଁ ସାଧାରଣ ଜନତାଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଥିବା ବେଳେ ଏହାକୁ ନେଇ ବିଜୁ ଜନତା ଦଳ ପକ୍ଷରୁ ସୋମବାର ତୀବ୍ର ପ୍ରତିବାଦ କରାଯାଇଛି । ବିଜୁ ଯୁବ ଜନତା ଦଳ, ବିଜୁ ଛାତ୍ର ଜନତା ଦଳ ଓ ବିଜୁ ମହିଳା ଜନତା ଦଳର ମିଳିତ ଆହ୍ୱାନରେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କୁଶପୁତ୍ତଳିକା ଦାହ କରାଯାଇଥିଲା । ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ସଞ୍ଜୟକୁମାର ଦାସବର୍ମା, ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ସୁଶାନ୍ତ କୁମାର ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିର କଟୁ ସମାଲୋଚନା କରିଥିଲେ। ନେତୃବୃନ୍ଦ କହିଥିଲେ ଯେ ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧିର ସିଧାସଳଖ ପ୍ରଭାବ

## କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିର କଟୁ ସମାଲୋଚନା

ନିତ୍ୟାବଶ୍ୟକ ସାମଗ୍ରୀର ଦର ଉପରେ ପଡୁଛି। ଫଳରେ ସାଧାରଣ ଲୋକ, ମଧ୍ୟବିତ୍ତ ପରିବାର, ଚାଷୀ, ଶ୍ରମିକ, ଛୋଟ ବ୍ୟବସାୟୀ ଓ ପରିବହନ କ୍ଷେତ୍ର ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ଦରଦାମ ବୃଦ୍ଧି ରୋକିବାରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ଜନସାଧାରଣଙ୍କ ଦୁଃଖ କଷ୍ଟ ପ୍ରତି ସରକାରଙ୍କର କୌଣସି ସମ୍ବେଦନଶୀଳତା ନାହିଁ ବୋଲି ନେତୃବୃନ୍ଦ କ୍ଷୋଭ ପ୍ରକାଶ କରିଥିଲେ।



# ନବବିବାହିତାଙ୍କୁ ହତ୍ୟା କରି ଟାଙ୍ଗିଦେଲା ସ୍ୱାମୀ

ଭୁବନେଶ୍ୱର,୨୫।୫(ସମିସ): ରାଜଧାନୀରେ ଏକ ଅଭାବନୀୟ ଘଟଣା ଘଟିଛି। ପତ୍ନୀଙ୍କୁ ହତ୍ୟା କରିବା ପରେ ଫ୍ୟାନରେ ଟାଙ୍ଗି ଦେଇଛି ସ୍ୱାମୀ। ଚନ୍ଦ୍ରଶେଖରପୁର ଥାନା ଅଧୀନ ହରେକୃଷ୍ଣ ବସ୍ତି ଅଞ୍ଚଳରେ ଏଭଳି ଘଟଣା ଘଟିଛି। ମୃତା ମହିଳା ହେଉଛନ୍ତି, ଲତିକା କବି (୨୨)।

ଅଭିଯୋଗ ଅନୁଯାୟୀ, ଭଦ୍ରକ ଜିଲ୍ଲା ଧୁଷୁରୀ ଥାନା ଅଞ୍ଚଳର ଲତିକା ଓ କେନ୍ଦ୍ରାପଡ଼ା ଆଳି ଥାନା ମହରାପୁରର ସ୍ମୃତି ରଞ୍ଜନ ପଣ୍ଡା ଗୋଟିଏ ଶ୍ରେଣୀରେ ପଢୁଥିଲେ। ସାଙ୍ଗସାଥୀରୁ ଆରମ୍ଭ ହୋଇଥିବା ସମ୍ପର୍କ ପରେ ପ୍ରେମର ରୂପ ନେଇଥିଲା। ବର୍ଷବର୍ଷ ଧରି ପ୍ରେମ ସମ୍ପର୍କରେ ରହିବା ପରେ ଦୁଇ ମାସ ତଳେ ଉଭୟ ବିବାହ କରିଥିଲେ। ବିବାହ ପରେ ପରିବାରଲୋକଙ୍କ ସହ ଯୋଗାଯୋଗରେ ରହିବାକୁ ସ୍ମୃତି ବାରଣ କରୁଥିଲେ। ଫଳରେ ଲତିକା ମଧ୍ୟ ବାପଘର ଲୋକଙ୍କ ସହ କଥାବାର୍ତ୍ତା ହେଉନଥିଲେ। ହେଲେ ବିବାହ ପରେ ସ୍ମୃତି ଓ ତାଙ୍କ ପରିବାର ଲୋକେ ଲଳିତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ।

ସାନିଟାରୀ ଦୋକାନରେ ଚାକିରି କରିଥିବା ସ୍ମୃତି ଓ ତାଙ୍କ ପତ୍ନୀ ଲଳିତା ହରେକୃଷ୍ଣ ବସ୍ତିରେ ଭଡ଼ାରେ ରହୁଥିବା ବେଳେ ତାଙ୍କ ଘରଠାରୁ ଅଳ୍ପ ଦୂରରେ

- ■ ଗୋଟିଏ ଶ୍ରେଣୀରେ ପଢୁଥିଲେ
- ■ ଦୁଇ ମାସ ତଳେ ହୋଇଥିଲା ବିବାହ
- ■ ହତ୍ୟା ମାମଲା ରୁଜୁ; ସ୍ୱାମୀ ଅଟକ

ସ୍ମୃତିଙ୍କ ଭଉଣୀ ଓ ଭିଣୋଇ ମଧ୍ୟ ଭଡ଼ା ସୂତ୍ରରେ ରହୁଥିଲେ। ଗରମ, ଗୁଳୁଗୁଳି ପାଇଁ ଲତିକା ଓ ତାଙ୍କ ସ୍ୱାମୀ ସ୍ମୃତି ନିଜ ଘର ବଦଳରେ ନଣନ୍ଦଙ୍କ ଘରେ ଶୋଉଥିଲେ। ରବିବାର ରାତିରେ ସମସ୍ତେ ଖାଇପିଇ ଶୋଇବାକୁ ଯିବା ବେଳେ ଲତିକା ସ୍ୱାମୀ ନେଇଥିବା ଭଡ଼ା ଘରକୁ ପଳାଇଥିଲେ। ସ୍ୱାମୀ ସ୍ମୃତି, ନଣନ୍ଦ ଓ ତାଙ୍କ ସ୍ୱାମୀ ଶୋଇ ପଡ଼ିଥିଲେ। ସକାଳୁ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଲତିକା ନ ଫେରିବାରୁ ସ୍ମୃତି ନିଜ ଭଡ଼ାଘରକୁ ଯାଇଥିଲେ। ସେଠାରେ ଲତିକା ବେକରେ ଶାଢ଼ି ଲଗାଇ ଫ୍ୟାନରେ ଝୁଲି ପଡ଼ିଥିବା ଦେଖିବାକୁ ପାଇଥିଲେ। ଲତିକାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ ହେଁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ଝିଅର ସ୍ୱାମୀ ସ୍ମୃତି, ନଣନ୍ଦ ଓ ତାଙ୍କ ସ୍ୱାମୀ ମିଳିମିଶି ଲତିକାଙ୍କୁ ହତ୍ୟା କରି ଟାଙ୍ଗି ଦେଇଥିବା ନେଇ ଲତିକାଙ୍କ ବାପା ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ସ୍ମୃତିକୁ ଥାନାକୁ ଉଠାଇ ଆଣିଛି। ସ୍ମୃତିକୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଥିବା ବେଳେ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।

# ନନ୍ଦନକାନନରେ ଜଳହସ୍ତୀର ମୃତ୍ୟୁ

ବାରଙ୍ଗ, ୨୫।୫ (ସମିସ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଏକ ଅଣ୍ଡିରା ଜଳହସ୍ତୀର ମୃତ୍ୟୁ ଘଟିଛି। ସୋମବାର ସକାଳେ ଏନ୍‌କ୍ଲୋଜର ମଧ୍ୟରେ ଜଳହସ୍ତୀଟି ନିଷ୍କ୍ରିୟ ଅବସ୍ଥାରେ ପଡ଼ିଥିବା ଦେଖି କର୍ମଚାରୀମାନେ ପ୍ରାଣୀ ଚିକିତ୍ସକଙ୍କୁ ସୂଚନା ଦେଇଥିଲେ। ଚିକିତ୍ସକ ଟିମ୍ ପହଞ୍ଚି ପରୀକ୍ଷା କରିବା ପରେ ତାକୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ମୃତ ଜଳହସ୍ତୀର ବୟସ ପ୍ରାୟ ୩୧ବର୍ଷ ହୋଇଥିବା ବେଳେ ସେ କିଛି ଦିନ ହେବ ଠିକ୍ ଭାବେ ଖାଦ୍ୟ ଖାଉ ନଥିଲା। ପ୍ରାଥମିକ ଅନୁମାନ ଅନୁଯାୟୀ, ଅନ୍ତଃନଳୀରେ ସଂକ୍ରମଣ ଯୋଗୁଁ ତାର ମୃତ୍ୟୁ ହୋଇଥାଇପାରେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ଅଭାବନୀୟ ଘଟଣା ପରେ ନନ୍ଦନକାନନରେ ଜଳହସ୍ତୀଙ୍କ ସଂଖ୍ୟା ୧୦କୁ ହ୍ରାସ ପାଇଛି। ଏବେ ଉଦ୍ୟାନରେ ୭ଟି ମାଇ ଓ ୩ଟି ଅଣ୍ଡିରା ଜଳହସ୍ତୀ ଅଛନ୍ତି। ସୁରକ୍ଷା ଦୃଷ୍ଟିରୁ କର୍ତ୍ତୃପକ୍ଷ ଅନ୍ୟ ଜଳହସ୍ତୀମାନଙ୍କ ସ୍ୱାସ୍ଥ୍ୟ ଉପରେ ବିଶେଷ ନଜର ରଖିବା ସହ ଏନ୍‌କ୍ଲୋଜରର ସଫାସୁତୁରା, ଖାଦ୍ୟ ଏବଂ ପାଣିର ଗୁଣବତ୍ତା ଯାଞ୍ଚ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ନିୟୋଜିତ କରିଛନ୍ତି।

**ବିଦ୍ୟୁତ ଉପଭୋକ୍ତା ମହାସଂଘ ବୈଠକରେ ନିଷ୍ପତ୍ତି**

# ବିଦ୍ୟୁତ୍ କାଟ ବିରୋଧରେ ହେବ ବଡ଼ ଆନ୍ଦୋଳନ

ଭୁବନେଶ୍ୱର, ୨୫।୫ (ସମିସ): ଘନଘନ ବିଦ୍ୟୁତ୍ କାଟ ଏବଂ ୩୦୦ୟୁନିଟ୍ ମାଗଣା ବିଜୁଳି ଦାବିରେ ଆନ୍ଦୋଳନ କରିବ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ। ଭୁବନେଶ୍ୱର ୟୁନିଟ୍-୬ସ୍ଥିତ ନେତାଜୀ ଭବନରେ ମହାସଂଘର ସଭାପତି ତଥା ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଜି ଏପରି ନିଷ୍ପତ୍ତି ନିଆଯାଇଛି।

ମହାସଂଘ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ଖରାଦିନେ ବିଦ୍ୟୁତ୍ କାଟ ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଓ ଶକ୍ତିମନ୍ତ୍ରୀ ଘୋଷଣା କରିଥିଲେ। କିନ୍ତୁ ତାହା ପାଣିର ଗାର ଭଳି ହୋଇଛି। ଭିତ୍ତିଭୂମି ସଜାଡ଼ିବା ଉପରେ ଧ୍ୟାନ ଦେବା ବଦଳରେ ଉପଭୋକ୍ତାମାନଙ୍କ ଦ୍ୱାରା ଏସି ବ୍ୟବହାର ଫଳରେ ଓଭରଲୋଡ୍ ସମସ୍ୟା ସୃଷ୍ଟି ହେବା ଯୋଗୁଁ ବିଦ୍ୟୁତ୍ କାଟ ହେଉଛି ବୋଲି ଶକ୍ତି ମନ୍ତ୍ରୀ କହିବା ଅତ୍ୟନ୍ତ ହାସ୍ୟାସ୍ପଦ। ଅନ୍ୟପଟରେ ଟିପିସିଓଡିଏଲ୍ ଅଧୀନରେ କାର୍ଯ୍ୟ କରୁଥିବା ଠିକା କର୍ମଚାରୀ ଓ ଶ୍ରମିକମାନଙ୍କୁ ଯେଉଁଭଳି ଭାବେ ଛଟେଇ କରାଯାଉଛି, ତାହାକୁ ମହାସଂଘ ତୀବ୍ର ନିନ୍ଦା କରିବା ସହ

## ୩୦୦ ୟୁନିଟ୍ ମାଗଣା ବିଜୁଳି ଦାବି ବି କରାଯିବ

ଆନ୍ଦୋଳନରତ କର୍ମଚାରୀମାନଙ୍କୁ ନିଃସର୍ତ୍ତ ସମର୍ଥନ ଘୋଷଣା କରିଛି। ରାଜ୍ୟରେ ବିଦ୍ୟୁତ୍ ସଂସ୍କାର ନିମନ୍ତେ ଓଇଆର୍‌ସି ଦେଇଥିବା ସମସ୍ତ ପ୍ରସ୍ତାବକୁ ସରକାର ତୁରନ୍ତ ଗ୍ରହଣ କରିବା ସହ ଅବିଳମ୍ବେ ସେଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ମହାସଂଘ ଦାବି କରିଛି। ନିର୍ବାଚନୀ ପ୍ରତିଶ୍ରୁତି ମୁତାବକ ରାଜ୍ୟ ସରକାର ସମସ୍ତ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ମାଗଣା ବିଜୁଳି, ପ୍ରତ୍ୟେକ ଘରେ ସୋଲାର୍ ୟୁନିଟ୍ ସଂଯୋଗ ପ୍ରକ୍ରିୟାକୁ ରାଜ୍ୟରେ ସରଳୀକରଣ କରିବା ପାଇଁ ଉପଭୋକ୍ତା ମହାସଂଘ ଦାବି କରିଛି।

ଏହି ବୈଠକରେ ବିଜୁ ଜନତା ଦଳ ପକ୍ଷରୁ ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ମୁଖପାତ୍ର ଲେଲିନ ମହାନ୍ତି, ରାଜ୍ୟ ନେତା ରବି ସାମଲ, କଂଗ୍ରେସ ନେତା କିଶୋର ଜେନା, ସି.ପି. ଆଇ ନେତା ତଥା ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ, ସିପିଆଇଏମ୍‌ର ନେତା ବଦ୍ରିନାରାୟଣ ଦାସ, ଫରୱାର୍ଡ ବ୍ଲକ ନେତା ଜ୍ୟୋତିରଞ୍ଜନ ମହାପାତ୍ର, ସନ୍ତୋଷ କୁମାର ଯତି, ରିଙ୍କି ସାହୁ, ସି.ପି.ଆଇ (ଏମ.ଏଲ) ରେଡ୍‌ଷ୍ଟାରର ନେତ୍ରୀ କମ୍ରେଡ ପ୍ରମିଳା, କବିତା ଜେନା, ଆରଜେଡି ନେତା ହେମନ୍ତ କୁମାର, ସମତା କ୍ରାନ୍ତି ଦଳର ପ୍ରଭାସ ସାମନ୍ତରାୟ, ଜନତା କଂଗ୍ରେସର ମନୋଜ ଜେନା ପ୍ରମୁଖ ସାମିଲ ଥିଲେ।

**ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ବିଜେଡିର ସ୍ମାରକପତ୍ର**

# ସ୍ୱଚ୍ଛ, ତ୍ରୁଟିଶୂନ୍ୟ ହେଉ ଏସ୍‌ଆଇଆର୍ ପ୍ରକ୍ରିୟା

ଭୁବନେଶ୍ୱର,୨୫।୫(ସମିସ): ରାଜ୍ୟରେ ଚାଲିଥିବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସଆଇଆର) ବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସହଜ ଏବଂ ତ୍ରୁଟିଶୂନ୍ୟ କରିବା ପାଇଁ ବିଜେଡି ପକ୍ଷରୁ ସୋମବାର ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ (ସିଇଓ) ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏସଆଇଆର ପ୍ରକ୍ରିୟା ସମୟରେ ସ୍ୱଚ୍ଛତା, ସ୍ୱେଚ୍ଛାସେବୀ ସମ୍ପୃକ୍ତି ଏବଂ ସୁବିଧା ବ୍ୟବସ୍ଥା, ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ) ମାନଙ୍କର ଉପସ୍ଥିତି ଏବଂ ପ୍ରବାସୀ ଶ୍ରମିକଙ୍କ ଅଧିକାର ସୁରକ୍ଷା ନେଇ ଦଳ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପ୍ରଦାନ ସହ ଏନେଇ କେତେକ ଚିନ୍ତା ମଧ୍ୟ ପ୍ରକଟ କରାଯାଇଛି।

ଦାବିପତ୍ରରେ ବିଜେଡି ପକ୍ଷରୁ କୁହାଯାଇଛି ଯେ ଯେହେତୁ ପୂର୍ବବର୍ଷଗୁଡ଼ିକର ଭୋଟର୍ ତାଲିକା ବିଶେଷକରି ୨୦୦୨ ଏବଂ ୨୦୨୫ ଭୋଟର୍ ତାଲିକା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଫିସିଆଲ୍ ୱେବସାଇଟ୍‌ରେ ଉପଲବ୍ଧ ରହିଛି, ତେଣୁ ଏସଆଇଆର ବିଜ୍ଞପ୍ତି ପୂର୍ବରୁ ପ୍ରସ୍ତୁତ ମ୍ୟାପିଂ ଡାଟାକୁ ମଧ୍ୟ ଜିଲ୍ଲା ନିର୍ବାଚନ ଅଧିକାରୀ ଓ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟ ବ୍ୟତୀତ ଅଫିସିଆଲ୍ ୱେବସାଇଟ୍‌ରେ ସାର୍ବଜନୀନ ଭାବେ ଉପଲବ୍ଧ କରାଯାଉ। ଏହା ସ୍ୱଚ୍ଛତା ଏବଂ ଏସଆଇଆର ପ୍ରକ୍ରିୟାର ସୁଗମ ପରିଚାଳନା ପାଇଁ ଉପଯୋଗୀ ହେବ। ପ୍ରାକ୍-ଏସଆଇଆର ମ୍ୟାପିଂ ସମୟରେ ପ୍ରାୟ ୯.୮୦ଲକ୍ଷ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ତଥ୍ୟ ସାର୍ବଜନୀନ ହେଲେ ଭୋଟର, ରାଜନୈତିକ ଦଳ ଏବଂ ବୁଥ୍ ସ୍ତରୀୟ ଏଜେଣ୍ଟମାନେ ତ୍ରୁଟି ସଂଶୋଧନ କରିପାରିବେ ଏବଂ କୌଣସି ଯୋଗ୍ୟ ଭୋଟର ବାଦ୍ ପଡ଼ିବେ ନାହିଁ। ନୂତନ ଭାବେ ସୃଷ୍ଟି ହୋଇଥିବା ବୁଥଗୁଡ଼ିକରେ ତୁରନ୍ତ ସ୍ଥାୟୀ ବିଏଲ୍‌ଓ ନିଯୁକ୍ତି ଦେବା ସହ ସେମାନଙ୍କୁ ସଠିକ୍ ତାଲିମ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ଜନସାଧାରଣଙ୍କ ସୁବିଧା ପାଇଁ ପ୍ରତ୍ୟେକ ବୁଥରେ ଦୈନିକ ଅନ୍ତତଃପକ୍ଷେ ଦୁଇଘଣ୍ଟା (ଅପରାହ୍ନ ୩ଟାରୁ ୫ଟା) ବିଏଲ୍‌ଓମାନେ ଉପସ୍ଥିତ ରହିବା ଜରୁରୀ। ଏହାସହ ସ୍ୱଚ୍ଛତା ରକ୍ଷା ପାଇଁ ବିଏଲ୍‌ଓ ଏବଂ ବିଏଲ୍‌ଏମାନଙ୍କର ନାମ ଓ ମୋବାଇଲ୍ ନମ୍ବର ବୁଥର ନୋଟିସ୍ ବୋର୍ଡରେ ମାରିବାକୁ ବିଜେଡି ଦାବି କରିଛି। ସେହିପରି ବୁଥ୍ ସ୍ତରରେ ନିୟୋଜିତ ହେଉଥିବା ସ୍ୱେଚ୍ଛାସେବୀମାନଙ୍କ ଉତ୍ସ, ଅଧିକାର ଏବଂ ସେମାନଙ୍କ ଉପରେ କାହାର ନିୟନ୍ତ୍ରଣ ରହିଛି, ସେନେଇ ସ୍ପଷ୍ଟୀକରଣ ମଗାଯାଇଛି। ଏହି ସ୍ୱେଚ୍ଛାସେବୀମାନେ ଯେପରି କୌଣସି ରାଜନୈତିକ ଦଳ ସହ ଜଡ଼ିତ ନଥାଇ କେବଳ ସରକାରୀ କର୍ମଚାରୀଙ୍କ ମଧ୍ୟରୁ ଚୟନ ହୁଅନ୍ତି, ତାହା ନିଶ୍ଚିତ କରିବାକୁ ଦଳ କହିଛି। ଏହାବ୍ୟତୀତ, ରାଜନୈତିକ ଦଳଗୁଡ଼ିକ ସହ ହେଉଥିବା ସମୀକ୍ଷା ବୈଠକ ଜିଲ୍ଲା ମୁଖ୍ୟାଳୟ ବଦଳରେ ସମ୍ପୃକ୍ତ ନିର୍ବାଚନମଣ୍ଡଳୀ ମୁଖ୍ୟାଳୟରେ କରିବାକୁ ପ୍ରସ୍ତାବ ଦିଆଯାଇଛି।

ଅପରପକ୍ଷେ, ରୋଜଗାର ପାଇଁ ବାହାରେ ରହୁଥିବା ପ୍ରବାସୀ ଶ୍ରମିକମାନେ ଯେପରି ଭୋଟ୍ ଅଧିକାରରୁ ବଞ୍ଚିତ ନହେବେ, ସେଥିପାଇଁ ଶ୍ରମ ବିଭାଗ ଓ ସ୍ଥାନୀୟ ପ୍ରଶାସନ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଉ। ଡିଜିଟାଲ୍ ବ୍ୟବସ୍ଥା ଜାଣି ନଥିବା ଲୋକଙ୍କ ପାଇଁ ଅଫଲାଇନ୍ ସହାୟତା ଶିବିର ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ବିଜେଡି ସିଇଓଙ୍କୁ ଅନୁରୋଧ କରିଛି। ଏକ ଗଣତାନ୍ତ୍ରିକ ପ୍ରକ୍ରିୟାରେ ପ୍ରତ୍ୟେକ ନାଗରିକଙ୍କ ଅଂଶଗ୍ରହଣ ଏବଂ ନିର୍ବାଚନ କମିଶନଙ୍କ ଉପରେ



- ■ ମ୍ୟାପିଂ ଡାଟାକୁ କରାଯାଉ ସାର୍ବଜନୀନ,
- ■ ଜନସାଧାରଣଙ୍କ ସୁବିଧା ପାଇଁ ବୁଥରେ ୨ ଘଣ୍ଟା ରୁହନ୍ତୁ ବିଏଲ୍‌ଓ
- ■ ପ୍ରବାସୀ ଶ୍ରମିକଙ୍କ ପାଇଁ ହେଉ ସ୍ୱତନ୍ତ୍ର ବ୍ୟବସ୍ଥା

ଜନସାଧାରଣଙ୍କ ଆସ୍ଥା ବଜାୟ ରଖିବା ପାଇଁ ଏହି ସବୁ ପଦକ୍ଷେପ ନେବା ଅତ୍ୟନ୍ତ ଆବଶ୍ୟକ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

ଏହି ପ୍ରତିନିଧି ଦଳରେ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରମିଳା ମଲ୍ଲିକ, ପ୍ରତାପ ଜେନା, ନିରଞ୍ଜନ ପୂଜାରୀ, ସଞ୍ଜୟ କୁମାର ଦାସବର୍ମା, ଅଶୋକ ଚନ୍ଦ୍ର ପଣ୍ଡା, ଭୃଗୁ ବକ୍ସିପାତ୍ର, ମନ୍ମଥ ରାଉତରାୟ, ଡ. ପ୍ରିୟବ୍ରତ ମାଝୀ, ଡ. ଲେନିନ୍ ମହାନ୍ତି, ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଦାୟିତ୍ୱ ଗ୍ରହଣ ପୂର୍ବରୁ ପୁଣି ବଦଳିଲେ ଏସ୍‌ପି

**ଶୁଭେନ୍ଦୁଙ୍କୁ ନୟାଗଡ଼, ପରମାରସ୍ମିତଙ୍କୁ ଖୋର୍ଦ୍ଧା ବଦଳି**

ଭୁବନେଶ୍ୱର, ୨୫।୫(ସମିସ): ଦୁଇଦିନ ତଳେ ଆଇପିଏସ୍ ସ୍ତରରେ ହୋଇଥିବା ବଡ଼ ଅଦଳବଦଳରେ ଛୋଟ ପରିବର୍ତ୍ତନ କରିଛନ୍ତି ରାଜ୍ୟ ସରକାର। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କୁ ଖୋର୍ଦ୍ଧା ବଦଳରେ ନୟାଗଡ଼ ଜିଲ୍ଲାକୁ ବଦଳି କରାଯାଇଛି। ଶୁଭେନ୍ଦୁଙ୍କ ଘର ଖୋର୍ଦ୍ଧା ଜିଲ୍ଲାରେ ହୋଇଥିବାରୁ ଏହି ପରିବର୍ତ୍ତନ କରାଯାଇଥିବା କୁହାଯାଉଛି। ସେହିପରି ନୟାଗଡ଼କୁ ବଦଳି ହୋଇଥିବା ସିଆଇଡି, ସିବି ଏସ୍‌ପି ପରମାର ସ୍ମିତ ପରଷୋତ୍ତମଦାସଙ୍କୁ ଖୋର୍ଦ୍ଧା ଏସ୍‌ପି ଭାବେ ବଦଳି କରାଯାଇଛି।

# ନିଜକୁ ସୁରକ୍ଷା ଦେଇପାରୁନି ପୁଲିସ: କଂଗ୍ରେସ

ଭୁବନେଶ୍ୱର,୨୫।୫(ସମିସ): ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ହତ୍ୟା, ଅପହରଣ, ଗଣଦୁଷ୍କର୍ମ, ଭିଡ଼ହିଂସା ବଢ଼ି ଚାଲିଛି। ସରକାର ଏହାକୁ ରୋକିବାରେ ଅକ୍ଷମ ହୋଇଛନ୍ତି। ସାଧାରଣଜନତାଙ୍କୁ ସୁଶାସନ ଦେବୁ କହି ବିଜେପି ସରକାର ବର୍ତ୍ତମାନ ସାରା ଓଡ଼ିଶାରେ ଏକ ଭୟର ବାତାବରଣ ସୃଷ୍ଟି କରିଛି ବୋଲି କଂଗ୍ରେସ କହିଛି। ସୋମବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ କହିଛନ୍ତି, ଅପରାଧୀ ଏବେ ଆଇନ କାନୁନକୁ ଭୟ କରୁନାହାନ୍ତି। ଏପରିକି ଜନଗହଳି ପୂର୍ଣ୍ଣ ସ୍ଥାନରେ ହତ୍ୟା କରିବାକୁ ମଧ୍ୟ ପଛାଉ ନାହାନ୍ତି। କଣାସ, ବାଲିଅନ୍ତା ପରେ ବ୍ରହ୍ମପୁରରେ ଦୁଇ ଦୁଇ ଥର ଭିଡ ହିଂସା ଓ ହତ୍ୟା ଉଦ୍ୟମ ସାଧାରଣ ଲୋକଙ୍କ ସାମନାରେ ଅପରାଧ ଘଟାଇଛନ୍ତି; କିନ୍ତୁ ପୁଲିସ ହାତରେ ହାତ ବାନ୍ଧି ବସିଛି। ବ୍ରହ୍ମପୁରର ଜନଗହଳିପୂର୍ଣ୍ଣ ବଡ଼ ବଜାର ପୁଲିସ ଷ୍ଟେସନ ପାଖରେ ମଙ୍ଗଳା ବେହେରା ନାମକ ଏକ ଯୁବକକୁ ଦୁଇଜଣ ଯୁବକ ଜଗା ସାହୁ ଓ ଅନ୍ୟ ଜଣେ ଖଣ୍ଡା ଦ୍ୱାରା ସର୍ବସମ୍ମୁଖରେ ହାଣିବାର ଦୃଶ୍ୟ ସାରା ଓଡ଼ିଶାବାସୀଙ୍କ ଛାତି ଥରାଇ ଦେଇଛି। ପୁଲିସର ବେପରୁଆ ମନୋଭାବ ଅପରାଧୀଙ୍କୁ ପ୍ରଶ୍ରୟ ଯୋଗାଉଛି। ଭୁବନେଶ୍ୱରରେ ଜଣେ ମହିଳା ଟ୍ରାଫିକ କନେଷ୍ଟବଳଙ୍କୁ ଅନ୍ୟଜଣେ ପୁଲିସ କର୍ମଚାରୀଙ୍କ ଦ୍ୱାରା ହତ୍ୟା, ବାଲିଅନ୍ତାରେ ଜଣେ ପୁଲିସ କର୍ମଚାରୀଙ୍କ ଭିଡ଼ ହିଂସା ଦ୍ୱାରା ହତ୍ୟା ଏବଂ ଅନୁଗୁଳରେ ଜଣେ ମହିଳା ପୁଲିସ ଅଫିସର ଉପରିସ୍ଥ ଅଫିସରଙ୍କ ଦ୍ୱାରା ନିର୍ଯାତିତ ଘଟଣା ପୁଲିସ ନିଜକୁ ସୁରକ୍ଷା ଦେବାକୁ ଅକ୍ଷମ ବୋଲି ପ୍ରମାଣିତ କରିଛି। ସେହିପରି ରାଜ୍ୟରେ ଗଣଦୁଷ୍କର୍ମ ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି। ସରକାରଙ୍କ ବିରୋଧରେ ଲୋକଙ୍କ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅପରାଧ ହିଂସା ଓ ଅପାରଗତାରେ ଓଡ଼ିଶା ଏକ ନମ୍ବର ସ୍ଥାନ ଅଧିକାର କରିବ ବୋଲି ଡଃ ପଟ୍ଟନାୟକ କହିଛନ୍ତି।

# କଟକ ସିଟି





## ୨୪ବର୍ଷ ପରେ ଚୋର ଗିରଫ

**କଟକ,୨୫।୫(ସମିସ):** ଚୋରି ଘଟଣାରେ ଜଡିତ ରହି ଦୀର୍ଘ ୨୪ବର୍ଷ ହେବ ଫେରାର ଥିବା ଜଣେ ଚୋରକୁ ବିଡ଼ାନାସୀ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତଜଣକ ହେଲା ଇଦ୍‌ଗା କଲୋନୀର ସେକ ଜାକିର ଓରଫ ଛୋଟୁ।

ପୁଲିସ ସୂଚନା ଅନୁସାରେ, ୨୦୦୨ରେ ବିଡ଼ାନାସୀ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରକୁ ଏକ ବଡଧରଣ ଚୋରି ହୋଇଥିଲା। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ଛୋଟୁ ଓ ତା'ର ସହଯୋଗୀ ସଂପୃକ୍ତ ଥିବା ନେଇ ଜଣାପଡିଥିଲା। ଛୋଟକୁ ତାର ସହଯୋଗୀ ସହିତ ପୁଲିସ ଗିରଫ କରିଥିଲା। କିଛିମାସ ଜେଲ ରହିବା ପରେ କୋର୍ଟ ଛୋଟୁକୁ ସର୍ତ୍ତମୂଳକ ଜାମିନ୍ ପ୍ରଦାନ କରିଥିଲେ। ପରବର୍ତ୍ତିର୍ ସମୟରେ ପୁଲିସ ପକ୍ଷରୁ ଘଟଣାର ତଦନ୍ତ ଶେଷ କରାଯାଇ କୋର୍ଟରେ ସଂପୂର୍ଣ୍ଣ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ତଦ୍‌ନୁଯାୟୀ କୋର୍ଟରେ ମାମଲାର ବିଚାର ଜାରି ରହିଥିଲା। ଫଳରେ ଗୋଟିଏ ପରେ ଗୋଟିଏ ତାରିଖ ପଡୁଥିଲେ ହେଁ ଛୋଟୁ ହାଜର ହେବା ପରିବର୍ତ୍ତେ କେଉଁଆଡେ ଫେରାର ହୋଇଯାଇଥିଲା। ତେବେ ବାରମ୍ବାର ନୋଟିସ ଦିଆଯିବା ସତ୍ତ୍ୱେ ଛୋଟୁ ହାଜର ହେଉ ନ ଥିବାରୁ ଏ ନେଇ କୋର୍ଟ ବିରକ୍ତି ପ୍ରକାଶ କରିଥିଲେ। ତା'ବିରୋଧରେ ଜାମିନବିହୀନ ଗିରଫ ଫରୱାନ ଜାରି କରିଥିଲେ। ଏହାକୁ ଭିତ୍ତିକରି ବିଭିନ୍ନ ସୂତ୍ରରୁ ସନ୍ଧାନ ନିଆଯିବା ପରେ ଆଜି ତାକୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଅସିତ୍ ବଳବନ୍ତରାୟ ସୂଚନା ଦେଇଛନ୍ତି।

## ନଦୀରେ ବୁଡ଼ି ମଇଁଷି ପାଳକଙ୍କ ମୃତ୍ୟୁ

**କଟକ,୨୫।୫(ସମିସ):** ଜଣେ ମଇଁଷି ପାଳକ କାଠଯୋଡି ନଦୀରେ ବୁଡି ପ୍ରାଣ ହରାଇଛନ୍ତି। ମୃତକ ଜଣକ ହେଲେ ୪୨ମୌଜା ଥାନା ଅନ୍ତର୍ଗତ ଅଇନି ଗ୍ରାମର ସନ୍ତୋଷ କୁମାର ବେହେରା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ପଠାଇଛି। ପୁଲିସ ସୂଚନା ଅନୁସାରେ, ସନ୍ତୋଷ ସଂଖ୍ୟାଧିକ ମଇଁଷି ପାଳନ କରିଛନ୍ତି। ପ୍ରତିଦିନ ତାଙ୍କ ବାପା ମହାଦେବ ଓ ସନ୍ତୋଷ ନିକଟସ୍ଥ ତହଲିପଡା ଘାଟ ଦେଇ କାଠଯୋଡି ନଦୀପଠାକୁ ମଇଁଷି ଚରାଇବା ପାଇଁ ଯାଇଥାନ୍ତି। ସୋମବାର ମହାଦେବ ମଇଁଷି ନେଇ ପଠାକୁ ଯାଇଥିଲେ। ଅପରାହ୍ନ ସାଢେ ୨ଟାରେ ସନ୍ତୋଷ ବାପାଙ୍କୁ ଖାଇବା ଦେବା ପାଇଁ ପଠାକୁ ଯାଇଥିଲେ। ଏହାପରେ ସେ ଏକ ମଇଁଷିର ଲାଙ୍ଗୁଡ ଧରି ନଦୀରେ ଭାସି କୂଳକୁ ଆସୁଥିଲେ। ଏତିକିବେଳେ ସନ୍ତୋଷ ଭୁଲରେ ଗଭୀର ପାଣି ଭିତରକୁ ପଶିଯାଇ ବୁଡିଯାଇଥିଲେ। ତାଙ୍କ ପାଟିଶୁଣି କୂଳରେ ଥିବା କିଛି ଲୋକ ନଦୀରେ ପହଁରି ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କୁ ସଂଗେ ସଂଗେ ଆମ୍ବୁଲାନ୍ସରେ ମେଡିକାଲ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଅସହ୍ୟ ହେଉଛି ବିଜୁଳି କାଟ୍ ଓ ଲୋ-ଭୋଲଟେଜଜନିତ ସ୍ଥିତି

**କଟକ,୨୫।୫(ସମିସ):** ଗତ କିଛି ଦିନ ଧରି ମାରାତ୍ମକ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ସମଗ୍ର ଦେଶରେ କେନ୍ଦ୍ର ଓ ରାଜ୍ୟ ସରକାର ମାନଙ୍କ ପ୍ରୋତ୍ସାହନରେ ବ୍ୟାପକ ଜଙ୍ଗଲ କ୍ଷୟ ଓ ପରିବେଶର ସନ୍ତୁଳନ ବିଗିଡିବା ଫଳରେ ଉତ୍ତାପ କ୍ରମାଗତ ବୃଦ୍ଧି ପାଇବା ଯୋଗୁ ପରିସ୍ଥିତି ଦିନକୁ ଦିନ ଭୟାବହ ହେଉଛି। ଏହା ସହିତ ସମଗ୍ର ରାଜ୍ୟରେ ବ୍ୟାପକ ବିଜୁଳିକାଟ୍ ଓ ଲୋ ଭୋଲଟେଜ ଫଳରେ ରାଜ୍ୟର ସାଧାରଣ ଲୋକ ବିଶେଷ କରି ଆର୍ଥିକ ଓ ସାମାଜିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ବୋଲି ଆଜି ଯୋବ୍ରାସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଆହୂତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଓଡିଶା ଏକ ବଳକା ବିଜୁଳି ଉତ୍ପାଦନକାରୀ ରାଜ୍ୟ ହୋଇଥିବାରୁ ଚଳିତ ବର୍ଷ ଗ୍ରୀଷ୍ମ କାଳରେ ଆଦୌ ବିଜୁଳିକାଟ୍ ହେବନାହିଁ ବୋଲି ରାଜ୍ୟ ବିଜେପି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ବିଜୁଳିକାଟ୍ ହେଲେ ଏଥିପାଇଁ ଦାୟୀ ଅଧିକାରୀ ମାନଙ୍କୁ ଜେଲ୍ ପଠାଇ ଦିଆଯିବ ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ଏବଂ ଉପ ମୁଖ୍ୟମନ୍ତ୍ରୀ ତଥା ବିଦ୍ୟୁତ୍ ବିଭାଗର ମନ୍ତ୍ରୀ ଘୋଷଣା କରିଥିଲେ। ମାତ୍ର ବର୍ତ୍ତମାନ ପ୍ରବଳ ଗରମ ଓ ଅସହ୍ୟ ଗୁଳୁଗୁଳି ଲାଗିରହିଥିବା ବେଳେ ଗ୍ରାମାଞ୍ଚଳରେ ଲଗାତର ୧୦ ଘଣ୍ଟା, ୧୨ ଘଣ୍ଟା ଧରି ବିଜୁଳି କାଟ ହେଉଛି। ସହରାଞ୍ଚଳରେ ମଧ୍ୟ ଘଣ୍ଟା ଘଣ୍ଟା ଧରି ଲୋ ଭୋଲ୍ଟେଜ ଓ ବିଜୁଳି କାଟ ଲାଗିରହିଛି। ଆଦୌ ବିଜୁଳି କାଟ ହେବନାହିଁ ବୋଲି ପୂର୍ବରୁ ଘୋଷଣା କରିଥିବା ରାଜ୍ୟ ଶକ୍ତିମନ୍ତ୍ରୀ ବର୍ତ୍ତମାନର ବିଜୁଳି କାଟ ଓ ଲୋ ଭୋଲ୍ଟେଜ ପାଇଁ ଶୀତତାପ ନିୟନ୍ତ୍ରଣ ଯନ୍ତ୍ରର (ଏସି) ଅଧିକ ବ୍ୟବହାର ଉପରେ , ଅର୍ଥାତ ଲୋକଙ୍କ ଉପରେ ଦୋଷ ଲଦି ଦେଇଛନ୍ତି। ଏଣୁ ରାଜ୍ୟ ବାହାରେ ବିଦ୍ୟୁତ୍ ବିକ୍ରି ବନ୍ଦ କରି ତୁରନ୍ତ ସମଗ୍ର ରାଜ୍ୟରେ ଉପଭୋକ୍ତା ମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣର ବ୍ୟବସ୍ଥା କରିବା, ତୁରନ୍ତ ଏସମା ପ୍ରତ୍ୟାହାର କରିବା , ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରି ୩୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ଦେୟମୁକ୍ତ କରିବା ପାଇଁ ପାର୍ଟି ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଆଜିର ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ରବି ବଳବନ୍ତରାୟ, ମାଳବିକା ସାମଲ, ବସନ୍ତ ନାୟକ, ଭାଗ୍ୟରବି ଦାସ, ସୌଭାଗ୍ୟ ସାମଲ, ଦୀପକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ରାଜ୍ୟ ସରକାରଙ୍କୁ ଦାୟୀ କଲା ଏସୟୁସିଆଇ**

### ମାଟିରେ ମିଶିଲାଣି ତାଳଦଣ୍ଡା କେନାଲ ପାର୍ଶ୍ୱ ସ୍ମାର୍ଟ ଫୁଟପାଥ

## ଅଧାପନ୍ତରିଆ କାମ ତଥାପି ଶେଷ ହୋଇପାରିଲାନି

**କଟକ,୨୫।୫(ସମିସ):**

କୋଟି କୋଟି ଟଙ୍କା ବ୍ୟୟରେ ତାଳଦଣ୍ଡା କେନାଲ ପାଶ୍ୱର୍ରେ ପାଦଚଲା ରାସ୍ତା ବା ସ୍ମାର୍ଟ ଫୁଟପାଥ ତିଆରି ହୋଇଥିଲା। ତେବେ ଯୋବ୍ରା ଠାରୁ ବିରିବାଟୀ ପର୍ଯ୍ୟନ୍ତ ୧୧କିଲୋମିଟର ଦୀର୍ଘ ରାସ୍ତାରେ ଏହି ସ୍ମାର୍ଟ ଫୁଟପାଥ କାମ ଶେଷ ହୋଇପାରିନଥିବା ବେଳେ ଯେଉଁଠି ସରିଥିଲା ସେଠାରେ ଫୁଟପାଥ ମାଟିରେ ମିଶିଗଲାଣି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ଏପର୍ଯ୍ୟନ୍ତ ଏହି ରାସ୍ତାରେ ବାକି ରହିଯାଇଥିବା ଫୁଟପାଥ କାମ ଏପର୍ଯ୍ୟନ୍ତ ସରିପାରିନାହିଁ। ଦୁଇ ବର୍ଷ ସୌନ୍ଦର୍ଯ୍ୟକରଣ କାମ ଅଦ୍ୟାବଧି ଶେଷ ହୋଇପାରିନାହିଁ। ଏହାକୁ ୨୦୨୫ ମେ ୩୧ତାରିଖ ସୁଦ୍ଧା ଶେଷ କରିବା ପାଇଁ ପ୍ରଥମେ ଲକ୍ଷ୍ୟ ରଖାଯାଇଥିଲା। ଦୀର୍ଘ ଏକ ବର୍ଷ ଧରି କାମ ଚାଲୁଥିଲେ ମଧ ମନ୍ଥର ଗତି ପାଇଁ ସ୍ମାର୍ଟ ଫୁଟପାଥ ନିର୍ମାଣ ଶେଷ ହୋଇନାହିଁ। ଯେଉଁ ସ୍ଥାନରେ ଏହା ହୋଇଥିଲା ତାହା ଭାଙ୍ଗି ରୁଜି ଯାଇଥିବା ଦେଖିବାକୁ ମିଳିଲାଣି। ଯୋବ୍ରା ଠାରୁ ନୂଆବଜାର ପର୍ଯ୍ୟନ୍ତ ତାଳଦଣ୍ଡା କେନାଲର ବାମ ପାଶ୍ୱର୍ ବନ୍ଧ ରାସ୍ତା ସମ୍ପ୍ରସାରଣ ହୋଇ ଲୋକଙ୍କ ବ୍ୟବହାରରେ ଲାଗିପାରିଥିଲେ ସୁଦ୍ଧା ସବୁ ଜାଗାରେ ପେଭର ବ୍ଲକରେ ଫୁଟପାଥ ନିର୍ମାଣ ନ ହୋଇ ଅଧାପନ୍ତରିଆ ପଡିଛି। ନିର୍ମାଣ ଦାୟିତ୍ୱ ନେଇଥିବା ଇଞ୍ଜିନିୟରିଂ ପ୍ରୋଜେକ୍ଟ ଇଣ୍ଡିଆ ପ୍ରାଇଭେଟ ଲିମିଟେଡକୁ ମହାନଗର ନିଗମ ପକ୍ଷରୁ ବହୁବାର ତାଗିଦ ମଧ କରାଗଲାଣି। ଫୁଟପାଥ ଗୁଡିକରେ ପେଭରବ୍ଲକ ପକାଯାଇଥିବା ବେଳେ ଅନେକ ସ୍ଥାନରେ ଏଗୁଡିକରୁ ପେଭର ବ୍ଲକ ଖସିଯାଇଥିବା ଦେଖିବାକୁ ମିଳିଛି। ସେହିଭଳି ଫୁଟପାଥ ଉପରକୁ ମାଟି ବାଲି ଚଢିବା ସହିତ ଅନାବନା ବୁଦାଳିଆ ଘାସରେ ପରିପୂର୍ଣ୍ଣ ହୋଇଗଲାଣି।

ପ୍ରଥମ ପର୍ଯ୍ୟାୟରେ ଯୋବ୍ରା ଠାରୁ ରାଣୀହାଟ ଯାଏ ତାଳଦଣ୍ଡାର କେନାଲର ଉଭୟ ପାଶ୍ୱର୍ରେ ପ୍ରାୟ ୧.୫୫ କିମି ରାସ୍ତାର ସମ୍ପ୍ରସାରଣ କରାଯିବା ସହ ଆଲୋକ ବ୍ୟବସ୍ଥା ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରାଯାଇଥିଲା। ପରବର୍ତ୍ତୀସମୟରେରାଣୀହାଟରୁମାତୃଭବନ ପର୍ଯ୍ୟନ୍ତ ଓ ତୃତୀୟ ପର୍ଯ୍ୟାୟରେ ମାତୃଭବନ ଠାରୁ ବିରିବାଟୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତୃଭବନ -ରେଲପଥ ରାସ୍ତା କାମ ଇତିମଧ୍ୟରେ ଶେଷ ହୋଇଛି। ତୃତୀୟ ପର୍ଯ୍ୟାୟରେ ନୂଆବଜାରୁ ଠାରୁ ବିରିବାଟୀ ପର୍ଯ୍ୟନ୍ତ ହେଉଥିବା ଦକ୍ଷିଣ ପାଶ୍ୱର୍ କେନାଲ ବନ୍ଧ ସମ୍ପ୍ରସାରଣ କାମ ସରିଥିଲେ ମଧ୍ୟ ଫୁଟପାଥ ନିର୍ମାଣ କରାଯାଇପାରିନାହିଁ। ଏ ସବୁ ଭିତରେ ଫୁଟପାଥ କାମ ଧାର୍ଯ୍ୟ ସମୟରେ ସରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ସ୍ମାର୍ଟ ଫୁଟପାଥ ନିର୍ମାଣ ,କେନାଲ ସେତୁର ଫେନସିଂ,ରାସ୍ତା ଆଲୋକୀକରଣ ଆଦି କାମ ଆସନ୍ତା ଜୁନ ୩୦ସୁଦ୍ଧା ସରିବ ବୋଲି ହାଇକୋର୍ଟଙ୍କୁ ପୂର୍ବରୁ ସିଏମସି ଅବଗତ କରିଥିଲା। ଇତିମଧ୍ୟରେ ୬ମାସ ଅତିକ୍ରାନ୍ତ କରିଗଲାଣି କିନ୍ତୁ କାମ ସରିନି। କେବଳ କେନାଲ ଉପରେ ନିର୍ମିତ ମୋଟ୮ଗୋଟି ସେତୁର ଫେନସିଂ କାମ ଶେଷ ହୋଇଥିବା ବେଳେ ଆଲୋକିକରଣ କାର୍ଯ୍ୟ କେବଳ ମତ୍ତଗଜପୁର ପର୍ଯ୍ୟନ୍ତ କରାଯାଇଛି।




## ଆଶ୍ରମରେ ବୃଦ୍ଧଙ୍କ ମୃତ୍ୟୁ

**କଟକ,୨୫।୫(ସମିସ):** ବାଦାମବାଡିର ଏକ ବୃଦ୍ଧାଶ୍ରମରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ବୟସ ୬୫ରୁ ଅଧିକ ହେବ। ମୃତଦେହକୁ ବାଦାମବାଡି ଥାନା ପୁଲିସ ଜବତ କରି ବ୍ୟବଚ୍ଛେଦ ପରେ ଶବଗୃହରେ ରଖିଛି। ବ୍ୟକ୍ତି ଜଣକ କିଛି ମାସ ହେବ ସହରରେ ଅସହାୟ ଭାବେ ବୁଲାବୁଲି କରୁଥିଲେ। ତାଙ୍କୁ ଖାନନଗର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ଏକ ବୃଦ୍ଧାଶ୍ରମର କର୍ମକର୍ତ୍ତା ନେଇ ଆଶ୍ରୟ ଦେଇଥିଲେ। ସେଠାରେସେ କିଛି ମାସ ହେବ ରହୁଥିଲେ। ହଠାତ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଅବନ୍ନତି ଘଟିଥିଲା। ତାଙ୍କୁ ଡାକ୍ତରଖାନା ନିଆଯାଇ ଚିକିତ୍ସା କରାଯାଇଥିଲା। ଏହାପରେ ସେ ସୁସ୍ଥ ହୋଇ ବୃଦ୍ଧାଶ୍ରମ ଆସିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଆଜି ବାଦାମବାଡି ଥାନା ପୁଲିସ ମୃତଦେହକୁ ନେଇ ବ୍ୟବଚ୍ଛେଦ କରି ଶବଗୃହରେ ରଖିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ ବ୍ୟକ୍ତିଙ୍କ ପରିଚୟ ଜାଣିବା ପାଇଁ ଏକାଧିକ ଥାନାକୁ ଫଟୋ ପଠାଯାଇଛି। କେହି ପରିଚିତ ଲୋକ ନଆସିଲେ ୯୬ ଘଣ୍ଟା ପରେ ମୃତଦେହର ସତ୍କାର ପୁଲିସ କରିବ ବୋଲି ଥାନା ଅଧିକାରୀ ଅଜୟ ରାଉଳ ସୂଚନା ଦେଇଛନ୍ତି।

## ଡ୍ରିମ୍‌ସରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**କଟକ,୨୫।୫(ସମିସ):** ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ +୨ ବିଜ୍ଞାନ ଫଳାଫଳରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଡ୍ରିମ୍‌ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସୋମବାର ମୁଖ୍ୟ ପ୍ରଶାସନିକ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଓ ନିର୍ଦ୍ଦେଶିକା ଚିନ୍ମୟୀ ରଥ ଆଭାସୀ ମାଧ୍ୟମରେ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ସହ ମିଷ୍ଟାନ୍ନ ଖୁଆଇ ସମ୍ବର୍ଦ୍ଧିତ କରିବା ଅବସରରେ ସେମାନଙ୍କ ପାଇଁ ଡ୍ରିମ୍‌ସ ଆଜି ଗର୍ବିତ ବୋଲି କହିଥିଲେ। ଶିକ୍ଷାନୁଷ୍ଠାନର ଅଧକ୍ଷ ଦିଲ୍ଲୀପ କୁମାର ମଲ୍ଲିକଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ (ଛାତ୍ର କଲ୍ୟାଣ) ଲୋକନାଥ ବେହେରା, ଉପାଧକ୍ଷ ଡ. ଅଜିତ ମହାପାତ୍ର, ସଚିବ ସୁଧାଂଶୁ ଭୂଷଣ କର, ଅଧ୍ୟାପକ ଭବାନୀ ପ୍ରସାଦ ତ୍ରିପାଠୀ, ଅଧ୍ୟାପକ ଗୁରୁ ପ୍ରସାଦ ମୁଖାର୍ଜୀ, ଆଶିଷ ରାୟ, ଗୋପୀନାଥ ପାଲ, ଜୟକୃଷ୍ଣ କର, ପ୍ରିୟତମା ରାଉତ, ଆଲୋକ ଜ୍ୟୋତି ରଥ, ଦିବ୍ୟଜ୍ୟୋତି ଲେଙ୍କା, ସୌରଭ ମହାପାତ୍ର, ବିଜୟଲକ୍ଷ୍ମୀ ଶତପଥି, ସୁଚିତ୍ରା କର, ଅଧ୍ୟାପିକା ସାଗରିକା ନାୟକ, ଜୁଲିଏଟ୍ ମହାନ୍ତି, ଅକ୍ଷୟ ଜେନା, ଅଜିତ୍ ଗନ୍ତାୟତ, ଲିପ୍‌ସା ମହାପାତ୍ର, କ୍ୟୁରେସା ଖାତୁନ୍, ରଶ୍ମୀ ରଞ୍ଜନ ସାହୁ ଏବଂ ଲୋକ ସଂପର୍କ ଅଧିକାରୀ ନିରାକାର ସାହୁଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



## ଶ୍ରୀଦୁର୍ଗା ସାହିତ୍ୟ ସଂସଦ ପକ୍ଷରୁ କବିତା ଆସର

**କଟକ,୨୫।୫(ସମିସ):** ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସ୍ୱତନ୍ତ୍ର ଗ୍ରୀଷ୍ମ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଖପୁରିଆସ୍ଥିତ ସିଦ୍ଧିଦୁର୍ଗା ମଣ୍ଡପ ପରିସରରେ ସଂସଦର ସ୍ଥାୟୀ ସଭାପତି ପଣ୍ଡିତ ଚୈତନ୍ୟ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଆସରକୁ ଉଦ୍‌ଘାଟକ ଭାବେ ବଶିଷ୍ଟ ଚିତ୍ରଶିଳ୍ପୀ ମହେନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ପଲ୍ଲୀପ୍ରଭା ସାହିତ୍ୟ ସଂସଦର ସଭାପତି ଚୈତନ୍ୟ ରାଉତ, ବିଶିଷ୍ଟ ଅତିଥି ଭାବରେ କବି କ୍ଷୀରୋଦ ଜେନା ଓ ସମ୍ମାନିତ ଅତିଥି ଭାବେ କବି ରଘୁନାଥ ତ୍ରିପାଠୀ ଯୋଗଦେଇଥିଲେ। ଏହି ଅବସରରେ ଗୀତାଞ୍ଜଳି ପୃଷ୍ଟି ଓ କବୟିତ୍ରୀ ଡ. ବସନ୍ତ କୁମାରୀ ନନ୍ଦଙ୍କ ସଂଯୋଜନାରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହଯୋଗୀ ସମ୍ପାଦକ କବି ଅଶ୍ୱିନୀ ସେଠୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସଂଗଠନ ସମ୍ପାଦକ ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।



## ସ୍ୱର୍ଗତ ବୀରେନ ମିତ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ

**କଟକ,୨୫।୫(ସମିସ):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବୀରେନ ମିତ୍ରଙ୍କ ୪୮ ତମ ଶ୍ରାଦ୍ଧ ବାର୍ଷିକୀ ବିରେନ ମିତ୍ର ଫାଉଣ୍ଡେସନ ଆନୁକୂଲ୍ୟରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ସକାଳେ କଟକ ଗଡ଼ଗଡ଼ିଆ ଘାଟରେ ତିଳ ତର୍ପଣ କରାଯିବା ସହ ମିଶନ ରୋଡ୍ ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେସନର ସଭାପତି ପ୍ରଫୁଲ୍ଲ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର ବିକାଶ ଓ ସ୍ୱାଧୀନତା ସଂଗ୍ରାମରେ ବୀରେନ ମିତ୍ରଙ୍କ ଅତୁଳନୀୟ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଏହାସହ କଟକ ସିଟି ହସ୍ପିଟାଲକୁ ବୀରେନ ମିତ୍ରଙ୍କ ନାମରେ ନାମିତ କରିବାକୁ ସେ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଶଶି ଭୂଷଣ ବେହେରା, କଟକ ମେୟର ସୁବାଷ ସିଂହ, ବିଜେପି ନେତା ଓମ୍ ପ୍ରକାଶ ରାୟ, କଂଗ୍ରେସ ମିଡିଆ ସେଲ୍ ଅଧକ୍ଷ ବିଶ୍ୱଜିତ୍ ମହାନ୍ତି, ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ ଏବଂ ପୂର୍ବତନ ମେୟର ଅନିତା ବେହେରାଙ୍କ ସମେତ ବିଭିନ୍ନ ଦଳର ପ୍ରମୁଖ ନେତା ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସଭା ଶେଷରେ ବିଜେପି ନେତା ଲଲାଟେନ୍ଦୁ ବଡୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



## ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ବଢୁଛି ଦଳୀୟ ଗୁଣ୍ଡାରାଜ

**କଟକ,୨୫।୫(ସମିସ):**

ଓଡ଼ିଶାରେ ଆଇନଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଓ ଲଗାମବିହୀନ ହୋଇପଡ଼ିଥିବା ଏବଂ ଶାସକ ବିଜେପି ନେତା ଓ କର୍ମୀଙ୍କ ଦ୍ୱାରା ଖୋଲାଖୋଲି ଗୁଣ୍ଡାରାଜ ଚାଲିଥିବା ଅଭିଯୋଗ କରି ବିଜୁ ଜନତା ଦଳ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ନିକଟରେ କଟକ ଜିଲ୍ଲାର ତିଗିରିଆ ଏବଂ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଘଟିଥିବା ଦୁଇଟି ସଙ୍ଗୀନ ଘଟଣାକୁ ନେଇ କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସରକାରୀ ଦଳର ଛତ୍ରଛାୟାରେ ଅପରାଧୀମାନେ ବେଆଇନ କାର୍ଯ୍ୟକଳାପ ଚଳାଇବା ସହ ସରକାରୀ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କରିବା ଓ ସାମ୍ବିଧାନିକ ପ୍ରତିନିଧିଙ୍କୁ ଆକ୍ରମଣ କରିବା ନିତିଦିନିଆ ଘଟଣା ହେଲାଣି ବୋଲି ବିଜେଡି ଅଭିଯୋଗ କରିଛି। ଏହି ସମ୍ବେଦନଶୀଳ ମାମଲାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଦଳ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆଇନ ଅମାନ୍ୟ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ସ୍ମାରକପତ୍ରରେ ଦର୍ଶାଯାଇଥିବା ପ୍ରଥମ ଘଟଣା ଅନୁଯାୟୀ, ଗତ ମେ ୨୨ ତାରିଖ ଶୁକ୍ରବାର ଦିନ ଆଠଗଡ଼ର ବରିଷ୍ଠ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ରାଜା ସ୍ୱାଇଁ) ତିଗିରିଆ ପଞ୍ଚାୟତ ସମିତି ବୈଠକରେ ଯୋଗଦେବାକୁ ଯାଉଥିବା ବେଳେ ବିଜେପିର ପରାଜିତ ବିଧାୟକ ପ୍ରାର୍ଥୀଙ୍କ ପ୍ରରୋଚନାରେ ତାଙ୍କ ଉପରେ ଏକ ସଂଘବଦ୍ଧ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏଭଳି ଅବହେଳାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ସେହିପରି ଦ୍ୱିତୀୟ ଘଟଣାରେ, ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ଭିତରେ ପଞ୍ଚାୟତ ସମିତି ବୈଠକ ଚାଲିଥିବା ବେଳେ ସାଲେପୁରର ପରାଜିତ ବିଜେପି ପ୍ରାର୍ଥୀ ତଥା ଅଭିନେତା ଅରିନ୍ଦମ ରାୟ ଏବଂ ଆଠଗଡ଼ର ପରାଜିତ ବିଜେପି ପ୍ରାର୍ଥୀ ଅଭୟ ବାରିକ କିଛି ସମର୍ଥକଙ୍କ ସହ ଅଫିସ ଭିତରେ ପଶି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଏବିଡିଓ) ଶାଶ୍ୱତ ଜେନାଙ୍କୁ ଗାଳିଗୁଲଜ କରିବା ସହ ଧମକ ଚମକ ଦେଇଥିବା ଅଭିଯୋଗ ହୋଇଛି। ବ୍ଲକ ଅଧକ୍ଷା ମୀନାକ୍ଷୀ ଦାସ ଓ ବିଡ଼ିଓଙ୍କ ଅଭିଯୋଗ କ୍ରମେ ଟାଙ୍ଗୀ ଥାନାରେ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ଭଳି ସଙ୍ଗୀନ ଦଫାରେ ଏଫ୍‌ଆଇଆର୍ ରୁଜୁ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କାହାରିକୁ ଗିରଫ କରାନଯିବା ପ୍ରଶାସନର ଦୁର୍ବଳତାକୁ ପ୍ରମାଣିତ କରୁଛି। ଏହା ସହିତ ଅରିନ୍ଦମ ରାୟ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ କରିଥିବା ନିମ୍ନସ୍ତରର ଟିପ୍ପଣୀକୁ ଚତୁର୍ଥ ସ୍ତମ୍ଭର କଣ୍ଠରୋଧ ପ୍ରୟାସ ବୋଲି ଦର୍ଶାଇ ଜିଲ୍ଲା ବିଜେଡି ଏହାକୁ କଠୋର ନିନ୍ଦା କରିଛି। ଡିଜିପିଙ୍କୁ ଦାବିପତ୍ର ପ୍ରଦାନ ବେଳେ କଟକ ମେୟର ସୁବାଷ ଚନ୍ଦ୍ର ସିଂହ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ ବିଧାୟକ ଡ. ପ୍ରମୋଦ ମଲ୍ଲିକ, ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ସକିଲ, ଶିଶିର ପରିଜା, ସମ୍ପାଦକ ପ୍ରଦୀପ୍ତ ଖୁଣ୍ଟିଆ, ଚିରଞ୍ଜୟ ସାହୁ, ସୌମିତ ମିତ୍ର, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ଅନୀତା ବେହେରା, ଜିଲ୍ଲା ଯୁବ ବିଜେଡି ସଭାପତି ସ୍ମୃତି ନାୟକ, ତିଗିରିଆ ବ୍ଲକ ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକଙ୍କ ସମେତ ତାପସ ମହାନ୍ତି, ଚନ୍ଦନ ଜେନା, ସ୍ୱଦେଶ ଦାସ, ନନ୍ଦଲାଲ ସିଂହ, ଜୟଦେବ ଜେନା, ଜିଲ୍ଲା ଛାତ୍ର ବିଜେଡି ସଭାପତି ସୁମନ ବେହେରା, ବିଷ୍ଣୁ ସାହୁ ଏବଂ ଅନ୍ୟାନ୍ୟ ପ୍ରମୁଖ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ତିଗିରିଆ ଓ ଟାଙ୍ଗୀ ଘଟଣାକୁ ନେଇ ଡିଜିପିଙ୍କୁ ଭେଟିଲା ବିଜେଡି ପ୍ରତିନିଧି ଦଳ**

**ଆନ୍ଦୋଳନ ଚେତାବନୀ**



## 'ଦୁଃଖର ସାଥୀ ପରିବାର'ର ଷଷ୍ଠ ବାର୍ଷିକ ଉତ୍ସବ




**କଟକ, ୨୫।୫ (ସମିସ):** ସାମାଜିକ ସଂଗଠନ 'ଦୁଃଖର ସାଥୀ ପରିବାର' ପକ୍ଷରୁ ଅନୁଷ୍ଠାନର ଷଷ୍ଠ ତମ ବାର୍ଷିକ ଉତ୍ସବ ବିଦ୍ୟାଧରପୁର ସ୍ଥିତ ଦ୍ୱାରକାମଇ ସାଇ ମନ୍ଦିର ପରିସରରେ ବେଶ୍ ଧୂମଧାମରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟନ କିଶୋର ମହାନ୍ତି ଯୋଗଦେଇଥିବା ବେଳେ ଝିଲିକ ଭଟ୍ଟାଚାର୍ଯ୍ୟ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସିଆରଆରଆଇ ଥାନା ଅଧିକାରୀ ଗଣେଶ ସାହୁ, ପ୍ରଦୀପ ବେହେରା, ଅଭିମନ୍ୟୁ ଦାସ ଏବଂ ଶୁଭ୍ରାଂଶୁ ନାରାୟଣ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜସେବାରେ "ଦୁଃଖର ସାଥି ପରିବାର' ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ମତ ଦେବା ସହ ଆଗକୁ ସମାଜକଲ୍ୟାଣ ଦିଗରେ ଅଧିକ ବ୍ରତି ହେବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ସଂଗଠନର ସଭାପତି ରାଜେନ୍ଦ୍ର ରଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଅତିଥି ଓ ଉପସ୍ଥିତ ସଭ୍ୟମାନଙ୍କୁ ସ୍ୱାଗତ କରିଥିଲେ। ଉତ୍ସବରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଅନ୍ୟାନ୍ୟ ସାମାଜିକ ସଂଗଠନର ପ୍ରତିନିଧିଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ସ୍ମାରକୀ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପରେ ସଂଗଠନର ସମ୍ପାଦକ ରଞ୍ଜିତ ପ୍ରଧାନ ପରିବାରର ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଓ ଭବିଷ୍ୟତ ଯୋଜନା ବିଷୟରେ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସଂଗଠନର ପ୍ରତିଷ୍ଠାତା ସନ୍ତୋଷ ମହାରଣା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ସମ୍ପାଦକୀୟ



'ଅ' ଠାରୁ 'କ୍ଷ' ଅକ୍ଷର ମାଆ ମୁହଁ ପରି ଦିଶେ,
ମାତୃଭାଷାର ପ୍ରତିଟି ଶବ୍ଦ ସ୍ୱର୍ଗରୁ ଭାସି ଆସେ।
-ରାମକୃଷ୍ଣ ନନ୍ଦ

ସକାଳ THE SAKALA

## ଓଡ଼ିଶାରେ କେବେ?

ଦେଶର ପ୍ରଥମ ରାଜ୍ୟ ଭାବେ କେରଳ ସରକାର ବୟସ୍କ ବା ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱତନ୍ତ୍ର ବିଭାଗ ଖୋଲିଛନ୍ତି। ଏହି ବିଭାଗ ବୟସ୍କଙ୍କ ସାମୂହିକ ସମସ୍ୟା ସମାଧାନ ପ୍ରତି ଦୃଷ୍ଟି ଦେବ। ଭାରତରେ ବୟସ୍କଙ୍କ ସମ୍ପର୍କରେ ୨୦୨୧ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ କେରଳରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କ ସଂଖ୍ୟା ରାଜ୍ୟର ମୋଟ ଜନସଂଖ୍ୟାର ୧୬.୫% ଥିବା ବେଳେ ୨୦୩୧ ସୁଦ୍ଧା ୨୦.୯%ରେ ପହଞ୍ଚିବ ବୋଲି ଆକଳନ କରାଯାଇଥିଲା। ଜାତୀୟସ୍ତରରେ ଏହି ହାର ହେଉଛି ୧୩.୧%। ଅନ୍ୟ ରାଜ୍ୟମାନଙ୍କ ତୁଳନାରେ କେରଳରେ ବୟସ୍କଙ୍କ ହାର ଦ୍ରୁତଗତିରେ ବୃଦ୍ଧି ପାଇ 'ବୟସ୍କଙ୍କ ରାଜ୍ୟ' ଭାବେ ଏକ ଅଲୋଡ଼ା ପରିଚୟ ସୃଷ୍ଟି କରବା ସହିତ ଗୁରୁତର ସାମାଜିକ-ଆର୍ଥିକ ସମସ୍ୟା ସୃଷ୍ଟି କରିଛି। ପ୍ରତି ୧୦୦ କର୍ମଠ ଯୁବଶକ୍ତି ଉପରେ ନିର୍ଭରଶୀଳ ବୟସ୍କଙ୍କ ସଂଖ୍ୟା ସେହି ରାଜ୍ୟରେ ୨୦୧୧ରେ ୨୯.୬ ଥିବା ବେଳେ ୨୦୨୧ ବେଳକୁ ୨୬.୧%ରେ ଏବଂ ୨୦୩୧ ସୁଦ୍ଧା ୩୪.୩%ରେ ପହଞ୍ଚିବାର ଅନୁମାନ କରାଯାଇଛି। ଅପରପକ୍ଷରେ ଦେଶାନ୍ତର ପ୍ରବାସୀ କେରଳୀଙ୍କ ସଂଖ୍ୟା ବଢୁଥିବାରୁ ପରିବାରରେ ବୟସ୍କମାନଙ୍କ ଦେଖାଶୁଣା କରିବା ପାଇଁ ମାନବ ସମ୍ବଳ ସଙ୍କଟ ଦେଖାଦେଇଛି। ଏହି ଦୃଷ୍ଟିକୋଣରୁ କେରଳ ସରକାରଙ୍କ ପଦକ୍ଷେପ ସମୟୋପଯୋଗୀ ଓ ସ୍ୱାଗତଯୋଗ୍ୟ।

ଏହି ପରିପ୍ରେକ୍ଷୀରେ ଓଡ଼ିଶାର କଥା ଦେଖାଯାଉ। ନିକଟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଓଡ଼ିଶା ମଧ୍ୟ 'ବୟସ୍କଙ୍କ ସମାଜ'(ଏଜିଙ୍ଗ ସୋସାଇଟି)ର ପରିଚୟପଥରେ ଦ୍ରୁତ ଗତିଶୀଳ ବୋଲି ଉଲ୍ଲେଖ ରହିଛି। ରାଜ୍ୟରେ ଯୁବଶକ୍ତିଙ୍କ ସଂଖ୍ୟା ହ୍ରାସ ପାଉଥିବା ବେଳେ ନିର୍ଭରଶୀଳ ବୟସ୍କଙ୍କ ହାର ବଢ଼ିବାରେ ଲାଗିଛି। ରାଜ୍ୟରେ ବୟସ୍କଙ୍କ ହାର ଏବେ ମୋଟ ଜନସଂଖ୍ୟାର ୧୩% ରହିଛି, ଯାହା ୨୦୩୧ ସୁଦ୍ଧା ୧୫% ଏବଂ ୨୦୩୬ ସୁଦ୍ଧା ୧୭%ରେ ପହଞ୍ଚିବାକୁ ଯାଉଛି। ଏ ଦୌଡ଼ରେ କେରଳ ତୁଳନାରେ ଓଡ଼ିଶା ମାତ୍ର ଦୁଇପାଦ ପଛରେ ରହିଛି। ଆହୁରି ଚିନ୍ତାଜନକ ହେଲା ଓଡ଼ିଶାରେ ବୟସ୍କ ପୁରୁଷଙ୍କ ତୁଳନାରେ ବୟସ୍କ ମହିଳାଙ୍କ ସଂଖ୍ୟା ଅଧିକ। ତେଣୁ ସାମାଜିକ ଓ ପାରିବାରିକ ନିର୍ଭରଶୀଳତାର ଚିତ୍ର ମଧ୍ୟ ଉଦ୍‌ବେଗଜନକ। ଯୁବଶକ୍ତି ଉପରେ କେବଳ ପରିବାର ନୁହେଁ, ଅର୍ଥନୀତି ମଧ୍ୟ ଅନେକ ମାତ୍ରାରେ ନିର୍ଭରଶୀଳ। ସମ୍ପ୍ରତି ଓଡ଼ିଶାର କର୍ମଶୀଳ ଲୋକଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୬୫% ରହିଥିବାରୁ ଆଉ ମାତ୍ର କିଛିବର୍ଷ ପରେ ସେମାନେ ବାର୍ଦ୍ଧକ୍ୟର ପ୍ରଥମ ସୋପାନରେ ଉପନୀତ ହେବେ। ଅର୍ଥାତ୍ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଶହେବର୍ଷ ପୂର୍ତ୍ତି ପାଳନ ବେଳକୁ ଓଡ଼ିଶା ବିଶ୍ୱବ୍ୟାଙ୍କର ବାର୍ଦ୍ଧକ୍ୟ ରାଜ୍ୟ ତାଲିକାରେ ସାମିଲ୍ ହୋଇସାରିଥିବ।

ଏହି ପୃଷ୍ଠଭୂମିରେ ଓଡ଼ିଶା ସରକାରଙ୍କ ଦୂରଦୃଷ୍ଟି କ'ଣ ରହିଛି ସେ ପ୍ରଶ୍ନ ଅନେକ ମହତ୍ତ୍ୱ ରଖେ। ପୂର୍ବ ସରକାର ଅମଳରେ ବରିଷ୍ଠ ନାଗରିକଙ୍କ ସାମାଜିକ ସୁରକ୍ଷା ଓ ନିରାପତ୍ତା ପାଇଁ ପ୍ରତି ଥାନାରେ ବରିଷ୍ଠ ନାଗରିକ ପ୍ରକୋଷ୍ଠ ଖୋଲାଯାଇଥିଲା। କିନ୍ତୁ ଆଜିର ଦିନରେ ସେଗୁଡ଼ିକ କେତେ କାର୍ଯ୍ୟକ୍ଷମ ରହିଛି ଏବଂ ସେଠାରେ ବରିଷ୍ଠ ନାଗରିକଙ୍କୁ କି ପ୍ରକାର ସୁବିଧା ଓ ସହାୟତା ମିଳୁଛି ତାହା ଭୁକ୍ତଭୋଗୀ ହିଁ କହିପାରିବେ। ଅନେକ ବରିଷ୍ଠ ନାଗରିକଙ୍କ ଅଭିଯୋଗ ଅନୁଯାୟୀ ନାମକୁ ମାତ୍ର ବରିଷ୍ଠ ନାଗରିକ ପ୍ରକୋଷ୍ଠ ପ୍ରତିଷ୍ଠା ହୋଇଛି ଏବଂ ସେଗୁଡ଼ିକର ବାସ୍ତବତା କେବଳ ପ୍ରଚାର ପ୍ରସାରରେ ସୀମିତ ରହିଛି। ଯେଉଁଠି ବରିଷ୍ଠ ନାଗରିକ ସେବାର ଉପସ୍ଥିତି ସହରବାସୀ ଏପରିକି ଦ୍ୱୈତନଗର ବାସୀ ଉପଲବ୍ଧ କରିପାରୁନାହାନ୍ତି; ଗାଁ ଓ ଦୁର୍ଗମ ଅଞ୍ଚଳ କଥା ନ କହିବା ଭଲ। ଏଥିପାଇଁ କେବଳ ପୁଲିସ୍‌କୁ ଦାୟୀ କଲେ ହେବ ନାହିଁ। ଭିଆଇପି/ଭିଭିଆଇପିଙ୍କ ସେବା ଓ ସୁରକ୍ଷାରେ ସୀମିତ ମାନବ ସମ୍ବଳ ବିଶିଷ୍ଟ ପୁଲିସ୍ ପ୍ରଶାସନକୁ ସମର୍ପିତ ରହିବାକୁ ବିବଶ କରୁଥିବାରୁ ବରିଷ୍ଠ ନାଗରିକଙ୍କ କଥା ବୁଝିବ ବା କିଏ? ଆହୁରି କେତେକ ବରିଷ୍ଠ ପୁଲିସ ପଦାଧିକାରୀଙ୍କ ସୂଚନା ଅନୁଯାୟୀ କେତେକ ଅଞ୍ଚଳରେ ବରିଷ୍ଠ ନାଗରିକମାନେ ଅତି ମାମୁଲି କଥାରେ ପୁଲିସ୍ ଠାରୁ ଅଧିକ ସେବା ଆଶା କରିବସୁଛନ୍ତି, ଯାହା ସବୁବେଳେ ପୂରଣ କରିବା ସମ୍ଭବ ହେଉନାହିଁ।

ତେବେ କେରଳ ସରକାରଙ୍କ ପଦାଙ୍କ ଅନୁସରଣ କରି ଓଡ଼ିଶା ମଧ୍ୟ ଏଥିପାଇଁ ଏକ ସ୍ୱତନ୍ତ୍ର ବିଭାଗ ଖୋଲିଲେ ଭୁଲ୍ ହେବ ନାହିଁ। ଏହାଦ୍ୱାରା ପୁଲିସ୍ ଉପରେ ରହୁଥିବା ଚାପ ଓ ଦାୟିତ୍ୱ ବିଭିନ୍ନ କ୍ଷେତ୍ରକୁ ହସ୍ତାନ୍ତର ହୋଇପାରିବ। ସ୍ୱାସ୍ଥ୍ୟ, ଆଇନ, ଆର୍ଥିକ ଓ ଅର୍ଦ୍ଧନ୍ୟାୟିକ ସେବା ଆଦି କ୍ଷେତ୍ରରେ ଏହି ବିଭାଗ ନିଃସହାୟ ବରିଷ୍ଠ ଓ ବୟସ୍କ ନାଗରିକଙ୍କ ପାଇଁ ନିଶ୍ଚୟ ବରଦାନ ସାବ୍ୟସ୍ତ ହେବ। ୨୦୨୫ରେ କେରଳ ସରକାର 'ରାଜ୍ୟ ବୟସ୍କ ଆୟୋଗ' ଗଠନ କରିଥିଲେ, ଯାହା ଦ୍ୱାରା ଏକୁଟିଆ ରହୁଥିବା ବରିଷ୍ଠ ନାଗରିକଙ୍କ ମଧ୍ୟରୁ ୭୫% ଅର୍ଦ୍ଧନ୍ୟାୟିକ ଓ ସାମାଜିକ ସେବା କ୍ଷେତ୍ରରେ ଉପକୃତ ହୋଇଥିଲେ। ଏହାଛଡ଼ା ସେଠାରେ 'ବୟୋମିତ୍ରମ୍' ନାମରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ସୁବିଧା ଏବଂ 'ସମୟପ୍ରଭା' ନାମରେ ଡେ କେୟାର(ସ୍ୱାସ୍ଥ୍ୟ ଯତ୍ନସେବା) ସୁବିଧା ପ୍ରଚଳିତ ଅଛି। 'ଡିଜିଟାଲ୍ ୟୁନିଭର୍ସିଟି ଅଫ୍ କେରଳ'ର ସହଯୋଗିତାରେ 'କେରଳ କେୟାର ପାଲିଆଟିଭ୍ ଗ୍ରୀଡ୍(ଯନ୍ତ୍ରଣା ଉପଶମକାରୀ ସେବା ସଂସ୍ଥା) ଗଠନ ହୋଇଛି, ଯାହା ଅଧୀନରେ ୧, ୩୮୭ ସରକାରୀ ଓ ୧୨୨୭ ଏନ୍‌ଜିଓ କାର୍ଯ୍ୟରତ। ଏହି ସଂସ୍ଥା ଦ୍ୱାରା ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଶଯ୍ୟାଶାୟୀ ଏବଂ ୪ ଲକ୍ଷରୁ ଊର୍ଦ୍ଧ୍ୱ ରୋଗାକ୍ରାନ୍ତ ବୟସ୍କ ଚିକିତ୍ସିତ ହେଉଛନ୍ତି। ଏଥିସହିତ ସେଠାରେ ସମର୍ପିତ ୧୨୦ ଜଣ ଜେରିଆଟ୍ରିସିଆନ୍ (ବାର୍ଦ୍ଧକ୍ୟରୋଗ ବିଶେଷଜ୍ଞ), ୬୦୦ ନର୍ସ, ୪୦୦ ଫିଜିଓଥେରାପିଷ୍ଟ, ୫୦ ଜଣ ଅକ୍ୟୁପେସନାଲ୍ ଥେରାପିଷ୍ଟ ନିଯୁକ୍ତ ଅଛନ୍ତି। ଏହି ପରିସଂଖ୍ୟାନ ସହିତ ଓଡ଼ିଶାକୁ ତୁଳନା କଲେ ସ୍ଥିତି କେତେ ନୈରାଶ୍ୟଜନକ ତାହା ଅନୁମେୟ।

ତେଣୁ ବେଳ ହୁଁ ଏ ଦିଗରେ ଓଡ଼ିଶା ସରକାର ଦୃଷ୍ଟି ଦେବା ବିଧେୟ। ଯେଉଁ ବୁଢ଼ାବୁଢ଼ୀମାନେ ଏକୁଟିଆ ରହୁଥିବେ ସେମାନଙ୍କ ପାଖରେ କିପରି ସ୍ୱାସ୍ଥ୍ୟ ସେବା ସୁବିଧାରେ ଓ କମ୍ ସମୟ ମଧ୍ୟରେ ପହଞ୍ଚାଇ ଦିଆଯାଇପାରିବ ଏବଂ ଜରୁରିକାଳୀନ ଚିକିତ୍ସାସେବାରୁ ଆରମ୍ଭ କରି ଦୀର୍ଘକାଳୀନ ଓ ଦୁରାରୋଗ ବ୍ୟାଧିର ଚିକିତ୍ସା ସୁନିଶ୍ଚିତ କରାଯାଇପାରିବ ସେ ଦିଗରେ ସରକାର ଗୁରୁତ୍ୱର ସହିତ ଚିନ୍ତା କରିବା ଆବଶ୍ୟକ ବୋଲି ନିତି ଆୟୋଗ ପରାମର୍ଶ ଦେଇଛନ୍ତି। ଏ ଦୃଷ୍ଟିରୁ ନବଗଠିତ କେରଳ ସରକାରଙ୍କ ଉଦ୍‌ଯୋଗ ଧନ୍ୟବାଦାର୍ହ।

## ଖର୍ଚ୍ଚକାଟ ପରାମର୍ଶ ଅନ୍ତରାଳେ

କିଶୋର ଜେନା

ଯେତେବେଳେ କୌଣସି ଦେଶର ସରକାର ନାଗରିକମାନଙ୍କ ଉଦ୍ଦେଶ୍ୟରେ କୁହନ୍ତି 'ତେଲ କମ୍ ବ୍ୟବହାର କରନ୍ତୁ', 'ଅନାବଶ୍ୟକ ବିଦେଶ ଭ୍ରମଣ ଏଡ଼ାଇ ଯାଆନ୍ତୁ', 'ବର୍ଷକ ପାଇଁ ସୁନା କିଣନ୍ତୁ ନାହିଁ', 'ସାରର ବ୍ୟବହାର ଅର୍ଦ୍ଧେକ କରନ୍ତୁ', 'ଘରୁ କାମ କରନ୍ତୁ'- ସେତେବେଳେ ତାହା କେବଳ ନିଛକ ଉପଦେଶ ନୁହେଁ। ଏହା ଅସଲରେ ଦେଶର ଅର୍ଥନୈତିକ ଅବସ୍ଥାର ଗଭୀର ସଙ୍କଟକୁ ପ୍ରକାଶ କରେ। 'ସ୍ୱେଚ୍ଛାରେ କୃଚ୍ଛ୍ର ସାଧନା'ର ଆହ୍ୱାନକୁ କେବଳ ମାତ୍ର ଦେଶପ୍ରେମର ଆବେଦନ ରୂପେ ଦେଖିଲେ ଭୁଲ୍ ହେବ। ଏହା ଭିତରେ ଲୁକ୍କାୟିତ ରହିଛି ଭାରତର ବୈଦେଶିକ ମୁଦ୍ରାର ଚାପ, ଇନ୍ଧନର ଆମଦାନୀ ନିର୍ଭରଶୀଳତା, ଉଚ୍ଚ ମୁଦ୍ରାସ୍ଫୀତି, ଦୁର୍ବଳ କର୍ମସଂସ୍ଥାନ, ବ୍ୟର୍ଥତା ଜନିତ ସଙ୍କଟ ଇତ୍ୟାଦି। ଏହାର ଦାୟ ସାଧାରଣ ଜନତାଙ୍କ ଉପରେ ଚାପି ଦେଇ କର୍ପୋରେଟ୍ ମୁନାଫା, ଅନାବଶ୍ୟକ ସରକାରୀ ବ୍ୟୟ ବା ନୀତିଗତ ଭୁଲ୍ ନେଇ ସରକାର ନିରବ।

ଭାରତ ପୃଥିବୀର ତୃତୀୟ ବୃହତ୍ତମ ତୈଳ ଆମଦାନୀକାରୀ ଦେଶ। ଅଣପରିଶୋଧିତ ତୈଳର ପ୍ରାୟ ୮୮-୯୦ ପ୍ରତିଶତ ବିଦେଶରୁ ଆମଦାନୀ ହୁଏ। ୨୦୨୪-୨୫ ଆର୍ଥିକବର୍ଷରେ ଭାରତର ଦୈନିକ ତୈଳ ଚାହିଦା ଥିଲା ୫୫ଲକ୍ଷ ବ୍ୟାରେଲ। ଯଦି ୧ ବ୍ୟାରେଲ ୭୦ ଡଲାରରୁ ୧୦୫-୧୧୦ ଆମେରିକା ଡଲାରରେ ପହଞ୍ଚିଯାଏ, ତେବେ ଭାରତର ଆମଦାନୀ ବାବଦ ଖର୍ଚ୍ଚ କେଇ ହଜାର କୋଟି ଡଲାର ବଢ଼ିଯିବ। ମୂଳ ସମସ୍ୟା ହେଲା ତେଲ ଡଲାରରେ କିଣାଯାଏ। ଫଳରେ ତେଲର ମୂଲ୍ୟ ବଢ଼ିବା ଅର୍ଥ ବିଶାଳ ଆମଦାନୀ ବ୍ୟୟ, ଟଙ୍କାର ବ୍ୟାପକ ଅବମୂଲ୍ୟାୟନ, ବୈଦେଶିକ ଋଣର ଚାପ, ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ମଧ୍ୟ ସିଧାସଳଖ ଚାପ। ଅଥଚ ରୁଷିଆରୁ ଭାରତ ତେଲର ମୂଲ୍ୟ ମେଣ୍ଟାଇବା ପାଇଁ ସଂଯୁକ୍ତ ଆରବ ଏମିରେଟ୍‌ର ଦିରହାମ୍, ଚାଇନା-ୟୁୟାନ ଏବଂ କ୍ଷେତ୍ର ବିଶେଷରେ ଭାରତୀୟ ଟଙ୍କା ମଧ୍ୟ ବ୍ୟବହାର କରିଆସିଛି। ୨୦୧୨ରୁ ଭାରତ ଓ ଇରାନ ଏକ ବ୍ୟବସ୍ଥା ପ୍ରଚଳନ କରି ଯେଉଁଠି ତେଲ ମୂଲ୍ୟର ପ୍ରାୟ ୪୫ ପ୍ରତିଶତ ଭାରତୀୟ ମୁଦ୍ରାରେ ଆମଦାନୀ କରାଯାଉଥିଲା। କିନ୍ତୁ ଡୋନାଲ୍ଡ ଟ୍ରମ୍ପଙ୍କୁ ସନ୍ତୁଷ୍ଟ କରିବା ପାଇଁ ଭାରତ ସରକାର 'ସ୍ୱତନ୍ତ୍ର ଚୁକ୍ତି' କରି ସେହିସବୁ ସୁବିଧା ସୁଯୋଗର ବଳି ଦେଇଛନ୍ତି। ଭାରତର ପରିବହନର ମେରୁଦଣ୍ଡ ହେଲା ଡିଜେଲ। ଡିଜେଲ ମୂଲ୍ୟ ବଢ଼ିଲେ କୃଷିରେ ସେଚ ଖର୍ଚ୍ଚ ବଢ଼େ, ଟ୍ରକ ଭଡ଼ା ବଢ଼େ, ଖାଦ୍ୟଦ୍ରବ୍ୟର ମୂଲ୍ୟ ବଢ଼େ, ବସ୍‌ଭଡ଼ା ବଢ଼େ, ନିର୍ମାଣ ଖର୍ଚ୍ଚ ବଢ଼େ। ଅର୍ଥାତ୍ ଇନ୍ଧନର ମୂଲ୍ୟ ବୃଦ୍ଧି ଶେଷ ପର୍ଯ୍ୟନ୍ତ ଗରିବ ଓ ମଧ୍ୟବିତ୍ତ ଲୋକଙ୍କ ଜୀବନଯାତ୍ରାର ମାନ କମାଇଦିଏ।

ଜଣେ ମଧ୍ୟବିତ୍ତ ହୁଏତ ନିଜର ମୋଟର ଗାଡ଼ି ବ୍ୟବହାର କମ୍ କରିପାରେ। କିନ୍ତୁ ସେ ବଜାରରୁ କମ୍ ମୂଲ୍ୟରେ ଖାଦ୍ୟଦ୍ରବ୍ୟ କିଣିପରିବ ନାହିଁ। କାରଣ ଦରବୃଦ୍ଧି ତା'ର ନିୟନ୍ତ୍ରଣରେ ନାହିଁ। ଏଠାରେ ସବୁଠାରୁ ବଡ଼ ବୈପରୀତ୍ୟ ହେଉଛି- ଆନ୍ତର୍ଜାତିକ ବଜାରରେ ତେଲର ମୂଲ୍ୟ କମିଲେ ମଧ୍ୟ ଭାରତ ସରକାର ଶୁଳ୍କ ବଢ଼ାଇ ତେଲର ମୂଲ୍ୟ କମିବାକୁ ଦେଇନାହାନ୍ତି। ୨୦୧୪ ପରଠାରୁ ସାରା ବିଶ୍ୱ ବଜାରରେ ତେଲର ମୂଲ୍ୟ ଐତିହାସିକ ପତନ ଘଟି ବ୍ୟାରେଲ ପିଛା ୨୦-୪୦ ଡଲାର ହୋଇଥିଲା। କିନ୍ତୁ ସେତେବେଳେ ପେଟ୍ରୋଲ, ଡିଜେଲ ଦାମ ଭାରତରେ କମି ନ ଥିଲା। କାରଣ କେନ୍ଦ୍ର ସରକାର ବାରମ୍ବାର ଶୁଳ୍କ ବଢ଼ାଇ ନିଜର ଭଣ୍ଡାର ଭର୍ତ୍ତି କରିବାକୁ ଅଗ୍ରାଧିକାର ଦେଇଥିଲେ। ସରକାର ଇନ୍ଧନରୁ କର ବାବଦକୁ ୩୦ଲକ୍ଷ କୋଟି ଟଙ୍କାରୁ ବେଶି ରାଜସ୍ୱ ସଂଗ୍ରହ କରୁଛନ୍ତି। ଏହି ପରିସ୍ଥିତିରେ ଜନଗଣଙ୍କୁ ସ୍ୱେଚ୍ଛାରେ 'କୃଚ୍ଛ୍ର ସାଧନ' ଶିଖାଇବା ପ୍ରକୃତରେ ଅର୍ଥନୈତିକ ପ୍ରୟୋଜନ ନୁହେଁ, ସରକାରଙ୍କ ଦାୟ ଏଡ଼ାଇବାର ପ୍ରଚେଷ୍ଟା ମାତ୍ର।

ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ସ୍ୱର୍ଣ୍ଣ ଆମଦାନୀକାରୀ ଦେଶ। ପ୍ରତିବର୍ଷ ୭୦୦ରୁ ୮୦୦ ଟନ ପର୍ଯ୍ୟନ୍ତ ସୁନା ଆମଦାନୀ କରେ। ଫଳରେ ବିପୁଳ ପରିମାଣର ବୈଦେଶିକ ମୁଦ୍ରା ବ୍ୟୟ ହୁଏ। କିନ୍ତୁ ଭାରତରେ ସୁନା କ୍ରୟର ବାସ୍ତବତା କେବଳମାତ୍ର ବିଳାସ ନୁହେଁ। ଏହା ବହୁ ପରିବାରର ଶେଷ ସମ୍ବଳ। ଭାରତର ଗ୍ରାମୀଣ ଏବଂ ନିମ୍ନ-ମଧ୍ୟବିତ୍ତ ପରିବାରରେ ସୁନା ହେଉଛି ଅଣ ଆନୁଷ୍ଠାନିକ ଆର୍ଥିକ ସୁରକ୍ଷା। ବ୍ୟାଙ୍କରେ ଟଙ୍କା ରଖିଲେ ସୁଧର ହାର କମ୍। କିନ୍ତୁ ସୁନାର ମୂଲ୍ୟ ସାଧାରଣତଃ ଦୀର୍ଘମିଆଦରେ ବଢ଼ିଥାଏ। 'ବିଶ୍ୱ ସ୍ୱର୍ଣ୍ଣ ପରିଷଦ'ର ତଥ୍ୟ ଅନୁସାରେ ଭାରତରେ ପ୍ରାୟ ୨୫ ହଜାର ଟନ୍‌ରୁ ବେଶି ସୁନା ବ୍ୟକ୍ତିଗତଙ୍କ ହାତରେ ରହିଛି। ଏହି ସୁନା ବହୁ ପରିବାରକୁ ଚିକିତ୍ସା, ବିବାହ, ଫସଲ ନଷ୍ଟ ହେଲେ ଋଣ ପରିଶୋଧରେ ବା କର୍ମଚ୍ୟୁତ ହେବା ସମୟରେ ବଞ୍ଚାଇଥାଏ। ପ୍ରଶ୍ନ ହେଉଛି ଯଦି ସୁନା କିଣା ନ ଯାଏ, ତା'ହେଲେ ବିକଳ୍ପ ନିରାପତ୍ତା କ'ଣ? ବ୍ୟାଙ୍କ ଜମାରେ ସୁଧର ହାର କ୍ରମାଗତ କମିବାରେ ଲାଗିଛି। ସେୟାର ବଜାର ଅସ୍ଥିର। କର୍ମସଂସ୍ଥାନ ଅନିଶ୍ଚିତ। ତା'ହେଲେ ସାଧାରଣ ଜନତା କ'ଣ କରିବେ? ସୁନା ନ କିଣିବା ପାଇଁ କହିବା ଅର୍ଥ କେବଳ ଆମଦାନୀ କମାଇବାର ଆହ୍ୱାନ ନୁହେଁ। ଏହା ଲୋକଙ୍କର ଆର୍ଥିକ ଆତ୍ମରକ୍ଷାର ଏକ ଦୀର୍ଘ ଲାଳିତପଦ୍ଧତିକୁ ଦୁର୍ବଳ କରିବାର ପ୍ରଚେଷ୍ଟା।

ଏବେ କୃଷି ବିଷୟକୁ ବିଚାରକୁ ନେବା। ଭାରତରେ ପ୍ରତିବର୍ଷ ପ୍ରାୟ ୧.୫ ଲକ୍ଷରୁ ୨ଲକ୍ଷ କୋଟି ଟଙ୍କାର ରିହାତି ସାର ବାବଦରେ ଦିଆଯାଏ। ରାସାୟନିକ ସାରର କଞ୍ଚାମାଲର ଏକ ବଡ଼ ଅଂଶ ବିଦେଶରୁ ଆମଦାନୀ ହୁଏ। ଏହାର ବଡ଼ କାରଣ ବିଗତ ତିନି ଦଶନ୍ଧି ଧରି ଦେଶର ସାର କାରଖାନାଗୁଡ଼ିକୁ ବନ୍ଦ କରି ଆମଦାନୀ ନିର୍ଭର ଅର୍ଥନୀତି ଗଢ଼ାଯାଇଛି। ଫଳରେ ସରକାର ଚାହାନ୍ତି 'ସାର ବ୍ୟବହାର କମୁ'। କିନ୍ତୁ ୫୦ ପ୍ରତିଶତ ସାର କମାଇ ପ୍ରାକୃତିକ ଚାଷକୁ ଫେରିଯିବା କ'ଣ ବାସ୍ତବ ସମ୍ମତ? ଏଠାରେ ଶ୍ରୀଲଙ୍କାର ଉଦାହରଣ ପ୍ରାସଙ୍ଗିକ। ୨୦୨୧ରେ ଶ୍ରୀଲଙ୍କା ହଠାତ୍ ରାସାୟନିକ ସାର ନିଷିଦ୍ଧ କରି ସମ୍ପୂର୍ଣ୍ଣ ଜୈବଚାଷକୁ ଯିବାକୁ ଚେଷ୍ଟା କରିଥିଲା। ଫଳ ଭୟଙ୍କର ହେଲା। ଧାନ ଉତ୍ପାଦନ କମିଗଲା, ଖାଦ୍ୟ ଆମଦାନୀ ବଢ଼ିଗଲା। ଦରଦାମ୍ ବୃଦ୍ଧି ପାଇଲା ଏବଂ ଶେଷ ପର୍ଯ୍ୟନ୍ତ ଅର୍ଥନୈତିକ ଓ ରାଜନୈତିକ ସଙ୍କଟ ତୀବ୍ର ହୋଇଉଠିଲା। ଭାରତ ପରି ଦେଶରେ ଯଦି ଖାଦ୍ୟ ଉତ୍ପାଦନ କମିଯାଏ, ତା'ହେଲେ ଚାଉଳ, ଗହମ, ଡାଲି, ପନିପରିବା ପ୍ରଭୃତି ଖାଦ୍ୟଦ୍ରବ୍ୟର ମୂଲ୍ୟ ବଢ଼ିଯିବ। ଯଦିଓ ସ୍ୱାସ୍ଥ୍ୟ ଓ ପରିବେଶ ଦୃଷ୍ଟିରୁ ଦୀର୍ଘ ମିଆଦରେ କୃଷିରେ ଜୈବ ସାରର ବ୍ୟବହାର ଆବଶ୍ୟକ; କିନ୍ତୁ ବୈଜ୍ଞାନିକ ପରିକଳ୍ପନା ବିନା ପ୍ରାକୃତିକ ଜୈବ ଚାଷକୁ ଲଦିଦେବା ବିପଜ୍ଜନକ।

ଅର୍ଥନୀତିର ଏକ ମୌଳିକ ସତ୍ୟ ହେଲା- 'ଜଣଙ୍କର ବ୍ୟୟ ଆଉ ଜଣଙ୍କର ଆୟ'। ସମସ୍ତେ ଯଦି ଏକା ସାଙ୍ଗରେ ସଞ୍ଚୟ ବଢ଼ାଇବେ ଓ ଖର୍ଚ୍ଚ କମାଇବେ, ତା'ହେଲେ ବଜାରରେ ଚାହିଦା କମିଯିବ। ଚାହିଦା କମିଲେ ଉତ୍ପାଦନ କମିବ। ଉତ୍ପାଦନ କମିଲେ କର୍ମସଂସ୍ଥାନ କମିବ, ଆଉ କର୍ମସଂସ୍ଥାନ କମିଲେ ଅର୍ଥନୀତି ଆହୁରି ଦୁର୍ବଳ ହୋଇଯିବ। ଭାରତରେ ବେକାରୀ ଏକ ବଡ଼ ସମସ୍ୟା। ସିଏମ୍‌ଆଇଇର ତଥ୍ୟ ଅନୁସାରେ ବେକାରତ୍ୱ ୨୦ ପ୍ରତିଶତ ଉପରେ। ସହରରେ ମଧ୍ୟବିତ୍ତଙ୍କର ପ୍ରକୃତ ଆୟ ବଢୁ ନାହିଁ। ଏହି ପରିସ୍ଥିତିରେ ସରକାର ନିଜେ ଯେତେବେଳେ ଜନଗଣଙ୍କୁ ଖର୍ଚ୍ଚ କମାଇବାକୁ କୁହନ୍ତି, ଫଳ ହେବ ବଜାରରେ ଚାହିଦା ଆହୁରି ସଙ୍କୁଚିତ ହେବ। ଚାହିଦା କମିଲେ ସର୍ବପ୍ରଥମେ କ୍ଷତିଗ୍ରସ୍ତ ହେବେ ବ୍ୟବସାୟୀ, କ୍ଷୁଦ୍ର କାରଖାନା, ସ୍ଥାନୀୟ ବ୍ୟବସାୟୀ ଓ ଅସ୍ଥାୟୀ ଶ୍ରମିକମାନେ।

ଗୋଟିଏ ଶବ୍ଦବନ୍ଧ ଏବେ ଖୁବ୍ ଶୁଣାଯାଏ, 'ଭୋକାଲ ଫର୍ ଲୋକାଲ'। କଥାଟି ଶୁଣିବାକୁ ବେଶ୍ ଭଲ। କିନ୍ତୁ ଆଜିକାର ଅର୍ଥନୀତି ଓ ବ୍ୟବସାୟ ବାଣିଜ୍ୟ ବିଶ୍ୱବ୍ୟାପୀ ସରବରାହ ଶୃଙ୍ଖଳ ଉପରେ ଛିଡ଼ା ହୋଇଛି। ଆମ ଦେଶରେ ବ୍ୟବହୃତ 'ମେଡ ଇନ୍ ଇଣ୍ଡିଆ' ସ୍ମାର୍ଟଫୋନର ଚିପ୍ ତାଇୱାନରୁ ଆସେ, ଡିସ୍‌ପ୍ଲେ ଦକ୍ଷିଣକୋରିଆରୁ ଆସେ, ଅଧିକାଂଶ ଯନ୍ତ୍ରାଂଶ ଚାଇନାରୁ ଆସେ। ବ୍ୟାଟେରିର କଞ୍ଚାମାଲ ଆଫ୍ରିକା ବା ଦକ୍ଷିଣଆମେରିକାରୁ ଆସେ। ଶେଷକଥା ହେଉଛି ଦାୟଭାର କେବଳ ଜନସାଧାରଣଙ୍କର ହେବ କାହିଁକି? ଗତ ଦଶକରେ ବିକଳ୍ପ ଇନ୍ଧନ, ଗଣପରିବହନ, ଶକ୍ତି ଦକ୍ଷତା ଏବଂ ସ୍ଥାନୀୟ ଉତ୍ପାଦନ ବୃଦ୍ଧିର ଦୀର୍ଘମିଆଦୀ ପରିକଳ୍ପନା କାହିଁକି ନିଆଯାଇ ନାହିଁ? ଇଥାନଲର ବ୍ୟବହାର, ସୌରଶକ୍ତି ଓ ଗ୍ରୀନ୍ ହାଇଡ୍ରୋଜେନ ସମ୍ପର୍କରେ ଏବେ ଭାରତରେ ଭାରି ଜୋରରେ କୁହାଯାଉଛି। ଠିକ୍ କଥା। କିନ୍ତୁ ବାସ୍ତବରେ ଅଗ୍ରଗତି ଏବେ ମଧ୍ୟ ସୀମିତ। ଡଲାର ବଞ୍ଚାଇବା ପାଇଁ ଜନଗଣଙ୍କୁ ଖର୍ଚ୍ଚ କମାଇବା ଲାଗି କହିବା ହୁଏତ ପ୍ରଶାସନିକ ଭାବେ ସହଜ। କିନ୍ତୁ ଏହା କୌଣସି ଅର୍ଥନୈତିକ ସମାଧାନ ନୁହେଁ। ଏକ ଶକ୍ତିଶାଳୀ ଅର୍ଥନୀତି ଗଢ଼ିଉଠିବ ଆତ୍ମନିର୍ଭର, ନିର୍ଭରଯୋଗ୍ୟ ଗଣପରିବହନ, ଶକ୍ତି କ୍ଷେତ୍ରର ବୃଦ୍ଧି, କର୍ମସଂସ୍ଥାନ ବୃଦ୍ଧି, ନୀତିଗତ ସ୍ୱଚ୍ଛତା ଇତ୍ୟାଦି ମାଧ୍ୟମରେ। ସର୍ବଶେଷରେ ପ୍ରଶ୍ନଟି ଅର୍ଥନୈତିକ ଯେତେ ରାଜନୈତିକ ସେତେ। ସରକାରଙ୍କର କାର୍ଯ୍ୟ କ'ଣ? ଜୀବନଯାତ୍ରାର ମାନ ଉନ୍ନତ କରିବା ନା ଜୀବନଯାତ୍ରାର ମାନକୁ ନିମ୍ନକୁ ନେଇଯିବା?

କଟକ, ମୋ: ୯୪୩୭୩୮୪୮୬୭

## ଛୋଟ ଦୁନିଆର ଉଚ୍ଚାଭିଳାଷ

ଜେହେରା ଜବୀନ୍

ଛୋଟପିଲା ଯେତେବେଳେ କଥା କହି ଶିଖେ, ତା' ଭିତରେ ଅଙ୍କୁରିତ ହୁଏ ଭାଷା ଓ ଅନୁଭୂତିକୁ ବର୍ଣ୍ଣନା କରିବାର କ୍ଷମତା। ଭାଷା ଦ୍ୱାରା ହିଁ ଶିକ୍ଷା ଓ ସାହିତ୍ୟର ଜନ୍ମ। ଶିକ୍ଷା ଆଉ ସାହିତ୍ୟକୁ ଯୋଡ଼େ ଶିଶୁସାହିତ୍ୟ। ସେଥିରେ ଲୁଚିଥାଏ ଜୀବନର ପ୍ରଥମ ଅଙ୍କୁରିତ ଚେତନା ଓ ନୈତିକତାବୋଧ। ଶିଶୁମନର ଜିଜ୍ଞାସା ପରିଚୟ ଖୋଜିଲା ବେଳେ ତା'ର ଭେଟ ହୁଏ ନୀତି ଓ ସଙ୍ଗୀତ ସାଙ୍ଗରେ। ଏହି ମିଳନକୁ 'ଶିଶୁସାହିତ୍ୟ' ଆଖ୍ୟା ଦିଆଯାଇପାରେ। ଏଠି ପୂରା ସମ୍ପ୍ରଦାୟର ସଂସ୍କାର, ମୂଲ୍ୟବୋଧ ଓ କଳ୍ପନାଶକ୍ତିର ଆଭାସ ମିଳେ।

ଓଡ଼ିଆ ଶିଶୁସାହିତ୍ୟରେ ପ୍ରଥମ ହସ୍ତକ୍ଷେପ ଗଳ୍ପର ନୁହେଁ କି ଗୀତର ନୁହେଁ। ଏହା ଥିଲା ୧୮୯୫ରେ ଭକ୍ତକବି ମଧୁସୂଦନ ରାଓଙ୍କ ଚିରପରିଚିତ 'ବର୍ଣ୍ଣବୋଧ'ର ନୀତିଶିକ୍ଷା। 'ବର୍ଣ୍ଣବୋଧ' ନଥିଲା କେବଳ ଅକ୍ଷର ଶିଖିବା ପାଇଁ ପୁସ୍ତକଟିଏ। ଏହା ଥିଲା ଓଡ଼ିଶାରେ ଶିଶୁସାହିତ୍ୟର ପ୍ରଥମ ପାଦ। ଦେଇଥିଲା ବହୁମାତ୍ରାରେ ଆଚରଣ ଓ ନୀତିଜ୍ଞାନ। ସେଥିରେ ଥିଲା ଛୋଟ ଛୋଟ ପଦ, ଯାହାର ଥିଲା ମହାନ୍ ଅର୍ଥ। କିଏ ଭୁଲିପାରେ - **'ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନ କର ଆଉ।'** 'ବର୍ଣ୍ଣବୋଧ'ର ସକାଳ ଓ ସନ୍ଧ୍ୟା ବର୍ଣ୍ଣନାକୁ କିଏ ମୁକାବିଲା କରିପାରେ! ସରଳ ଶବ୍ଦରେ ଦିଏ ସେ ଗଭୀରଶିକ୍ଷା। ମଧୁସୂଦନ ରାଓଙ୍କ ଉଦ୍ଦେଶ୍ୟ ନଥିଲା ଶିକ୍ଷା ପ୍ରଚାର। ସେ ଚାହିଁଥିଲେ ମଣିଷର ମନୁଷ୍ୟତା ଗଢ଼ିବାକୁ।

ସମୟ ସହିତ ତାଳ ମିଶାଇ ଶିଶୁସାହିତ୍ୟ ଉଡ଼ିଚାଲିଲା ସ୍ୱପ୍ନ ଓ ଭାବନାର ଜଗତକୁ। ଲୋକକଥା, ଗୀତ, ପଶୁପକ୍ଷୀ, ଫୁଲପତ୍ର ସବୁ ଲେଖନୀ ଦ୍ୱାରା ଶିଶୁ ମନରେ ପ୍ରବେଶ କଲେ। ଶିଶୁମନ ଅଗଣା ପାଲଟିଲା। ଅନେକ ଲେଖକ ବୁଝିଲେ ଶିଶୁ ମନ ଏବଂ ଆଣିଲେ ଅନୁଭବ ଓ ଆଶ୍ଚର୍ଯ୍ୟର ଅଭିବ୍ୟକ୍ତି। ଏହି ମୂଳଶାନ୍ତ ବିପ୍ଳବ ମଧ୍ୟରେ ଜନ୍ମନେଲେ ବୀରକିଶୋର ପାଢ଼ୀ - ଜଣେ ଶିକ୍ଷକ, କବି ଓ ସାହିତ୍ୟ ଏକାଡେମୀ ସମ୍ମାନିତ ଲେଖକ। ତାଙ୍କ ଲେଖା, କବିତା ଓ ନାଟକ ଗାଁ ଲୋକ ଓ ଶିଶୁମାନଙ୍କ ଜୀବନକୁ ଆଲୋକିତ କରିଥିଲା। ସେ ଗଢ଼ିଥିଲେ ସହିଷ୍ଣୁତା, ମାନବିକତା, ଏକତାର ପ୍ରଗତିପଥର ଏକ ନୂଆ ସଂସାର। ତାଙ୍କ କଠୋର ଶୃଙ୍ଖଳାରେ ଲୁଚି ରହିଥିଲା ଅମାପ ପ୍ରେମ। ଗାଁ ଲୋକ ଏବେ ମଧ୍ୟ ଖୋଜନ୍ତି ତାଙ୍କ ସରଳତା ଓ ସହଜତା। ତାଙ୍କ ରଚନାରେ ପ୍ରକୃତି ଓ ମନୁଷ୍ୟ ନିଜ ବାର୍ତ୍ତା ନିଜେ ଦେଲା ବେଳେ ହୁଏ ସାଧାରଣ ଓ ମହାନତାର ଜୀବନ୍ତଗୀତ। ତାଙ୍କ 'କୁନୁମୁନି' କବିତା ବହିରେ ଛପିଥିବା କବିତା 'ଭାଇ ଭଉଣୀ' ରେ ଗୋଲାପ ଓ ତା'ର ଭାଇ ଖଜୁରୀ ଗଛ ମଧ୍ୟରେ ଚିଠିଲେଖି କଥା କହୁଛନ୍ତି। ଗୋଲାପ ଆଡ଼ମ୍ବରରେ ପରିପୂର୍ଣ୍ଣ। ଖଜୁରୀ ମରୁଭୂମି ମାଟିରେ ପ୍ରତିଷ୍ଠିତ। ଖଜୁରୀ କହୁଛି - **'ଖରାରେ ଖଇଫୁଟା ବାଲିକୁ ଡେଇଁ, ବାଟୋଇ ଯେତେବେଳେ ଆସଇ ଧାଇଁ / ଏଇ ମୋ ଗଛତଳେ ଆରାମ ନିଏ, ପତର ହଲାଇ ମୁଁ ପବନ ଦିଏ/ ଏପରି ବଡ଼ ସୁଖ ସେଠାରେ କାହିଁ?'** ନମ୍ରତା ଓ ସେବାଭାବର ଅଦୃଶ୍ୟ ଗୌରବ ଲୁଚି ରହିଛି ଏଇ ଧାଡ଼ିମାନଙ୍କରେ। ସେହିପରି 'ଧାନ ଓ ଦୁବ' କବିତାରେ ଧାନ ଗର୍ବରେ ମଣ୍ଡିତ। ହସୁଛି ହିଡ଼ରେ ଶୋଇରହିଥିବା କୁନି କୁନି ଦୁବକୁ ଦେଖି। ଦୁବ କହୁଛି - **'ଏଇ ମୋର ଛୋଟ କଅଁଳ କଥାଟି ନିତି, ସହୁଥାଏ କେତେ ମଣିଷ ପାଦର ଗତି / ଦୁବ ତ ନଥିଲେ ପୂଜା ପାଏ ନାହିଁ ଧନ, ସେଇ ମୋର ସୁଖ ସେବା ପୂଜା ସନମାନ।'** ନମ୍ରତା ଦେବତ୍ୱର ରୂପ ନେଇ ପିଲାଙ୍କୁ ଦେଇଛି ମହତ ଜ୍ଞାନ। 'କରିବା ନାହିଁ ଡେରି' କବିତାରେ ସମୟ ଓ ପ୍ରକୃତିର ଗାଥା ଶୁଭେ - **'ଆସିଲେ ଶୀତ ଧାନ କିଆରି ହଳଦୀ ବୋଲି ହୁଏ, କାକର ପାଣି କେଉଁଠୁ ଆସି ଆମରି ଗୋଡ଼ ଧୁଏ / ଫଗୁଣ ମାସେ ପେଣ୍ଠାକୁ ପେଣ୍ଠା ବଉଳ ଧରି କଷି, ଗରମ ଦିନେ ଆମରି ପାଇଁ ଗଛରୁ ପଡ଼େ ଖସି।'** ସୂର୍ଯ୍ୟ, ଋତୁ, ଗଛ, ଫୁଲ ସମସ୍ତଙ୍କର ଗୋଟିଏ ବାର୍ତ୍ତା, ଗୋଟିଏ ନୀତି - ଉଠ କାମ କର, ଜୀବନ ସୁନ୍ଦର, ଜୀବନର ଗତିକୁ ଚିହ୍ନି ତା' ସାଙ୍ଗରେ ଅଗ୍ରସର ହୁଅ।

ଦେଖାଯାଏ ଯେ ଶିଶୁ ସାହିତ୍ୟ ମନ ଓ ମନୋଭାବ ଦୁହିଁଙ୍କୁ ଗଢ଼ିବାରେ ଭୂମିକା ରଖେ। ଗୀତ, ପଦ୍ୟ ଓ କାହାଣୀ ମାଧ୍ୟମରେ ଶିଖାଏ ଅନେକ ବାର୍ତ୍ତା। ସହାନୁଭୂତି, ପ୍ରକୃତିପ୍ରେମ, ସାମୂହିକ ଜୀବନ, ନୀତି ଓ ନୈତିକତା ଶିଖାଇଦିଏ। ଭାଷା ପାଲଟିଯାଏ ଜୀବନ ଶିକ୍ଷା ଏବଂ ବାନ୍ଧିଦିଏ ଏକ ସେତୁ ଉନ୍ନତ ସାହିତ୍ୟ ଆଡ଼କୁ। ଆଜି ଅନେକଘରେ ଶିଶୁ ସାହିତ୍ୟ ରହିଛି ନୀରବ। ମୋବାଇଲର ପରଦା ଆଲୋକିତ, ପୁସ୍ତକ ରହିଛି ବନ୍ଦ। ଫୋନ୍ ଚାଲିଛି ଘଣ୍ଟା ଘଣ୍ଟା; କିନ୍ତୁ ବହି ରହିଛି ଅନ୍ଧାର। ଗାଁ ଗଣ୍ଡାର ସୁଲଭ ଗୀତ ପାସୋରି ହୋଇଛି। ଯେଉଁ ଗୀତ କରୁଥିଲା ଗାଁର ସ୍ୱର ଓ ମଧୁର ଆନନ୍ଦର ଉତ୍ତରଣ, ଏବେ ସେସବୁ ହଜିଯାଇଛି ଅତୀତର ଗୌରବ ମଧ୍ୟରେ। କ'ଣ ଶିଶୁସାହିତ୍ୟର ପୁନରୁଦ୍ଧାର ହୋଇପାରିବ? ପୁନରୁଦ୍ଧାର ମାନେ ନୁହେଁ ଯେ ଆମେ ଆଉ ଥରେ ପୁରୁଣାଗୀତ ଓ କାହାଣୀକୁ ମୁଦ୍ରଣ କରିବୁ। ଏହା ହେଉଛି ନୂତନ ରୂପ ବିଶ୍ୱାସ କରିବା ଯେ ଶିଶୁମନର ଅମୂଲ୍ୟ ଚିନ୍ତା, ଚେତନା ଓ କଳ୍ପନାର ବିକାଶ ହୋଇପାରେ। ଆମ ଲେଖକଙ୍କୁ ଆଉ ଥରେ ନିବେଶ କରିବାକୁ ହେବ ଫୁଲ, ପକ୍ଷୀ, ମେଘ, ମଣିଷ ଖୁସିରେ ବାସ କରୁଥିବା ଦୁନିଆରେ, ଯେଉଁଠି ଦୟା ଓ ପ୍ରେମ ବ୍ୟାପି ରହିଥିବ ଏବଂ ସମସ୍ତଙ୍କ ମଙ୍ଗଳପ୍ରାପ୍ତି ହୋଇଥିବ। ଛୋଟ ଶିଶୁଙ୍କୁ ସାହିତ୍ୟଦିଏ ମହାନ୍ ଜ୍ଞାନ। ଶାନ୍ତସ୍ୱରରେ ଛାପିଦିଏ ଏକ ବାର୍ତ୍ତା। ବିଶ୍ୱସୁନ୍ଦର, ସତ୍ୟର ଜୟ ହୁଏ, ପ୍ରେମ ଦୁର୍ଲ୍ଲଭ ଓ ବିଶ୍ୱାସ ମୂଲ୍ୟବାନ। ଏ ସବୁ ଶିକ୍ଷା ଅନ୍ତରରେ ରହିଥାଏ ଶେଷଜୀବନ ପର୍ଯ୍ୟନ୍ତ। ସେଥିପାଇଁ ଓଡ଼ିଆ ଶିଶୁସାହିତ୍ୟକୁ ପୁନର୍ଜୀବନ ଦେବା ହେଉଛି ଏକ ମୂଲ୍ୟବୋଧର ପୁନଃପ୍ରତିଷ୍ଠା, ଯେଉଁଠି ଛୋଟ ଛୋଟ କଥାରେ ଥାଏ ଉଚ୍ଚ ଅଭିଳାଷ ଏବଂ ସେହି ଅଭିଳାଷକୁ ପୂରା କରିବାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

(ଅଧ୍ୟାପିକା, ଖ୍ରୀଷ୍ଟ ମହାବିଦ୍ୟାଳୟ)
କଟକ, ମୋ: ୯୩୩୮୮୧୨୧୨୭

## ପୁନଶ୍ଚ ଗ୍ରହ ହେବ କି ପ୍ଲୁଟୋ

ଶ୍ରୀନନ

**ବିଜ୍ଞାନ ବାର୍ତ୍ତା**

ପ୍ରାୟ ଦୁଇଦଶକ ପୂର୍ବେ ସୌରମଣ୍ଡଳରେ ୯ଟି ଗ୍ରହ ଥିବାର ମନେ କରାଯାଉଥିଲା। ସେଗୁଡ଼ିକ ହେଲେ ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି, ୟୁରାନସ, ନେପ୍‌ଚୁନ୍ ଓ ପ୍ଲୁଟୋ। ତେବେ ୨୦୦୬ ମସିହାରେ 'ଆର୍ନ୍ତଜାତିକ ଜ୍ୟୋର୍ତିବିଜ୍ଞାନୀ ସଂଘ' ପ୍ଲୁଟୋକୁ ସେ ତାଲିକାରୁ ବାଦ ଦେଇ ତାହାକୁ ଏକ 'ବାମନ ଗ୍ରହ' ରୂପେ ଗଣନା କଲା। କାରଣ କୁଇପର୍ ପଟ୍ଟିରେ ଥିବା ଅନେକ ବରଫାବୃତ୍ତ ପିଣ୍ଡ ତୁଳନାରେ ଏହାର ଆକାର ଥିଲା କ୍ଷୁଦ୍ରତର (ବ୍ୟାସ ପ୍ରାୟ ୧୪୦୦ ମାଇଲ)। ପୁନଶ୍ଚ ଏହି ସଂଘ କୌଣସି ଏକ ମହାକାଶ ପିଣ୍ଡକୁ ଗ୍ରହର ମାନ୍ୟତା ଦେବା ପାଇଁ ତିନୋଟି ସର୍ତ୍ତ ପ୍ରଣୟନ କଲା। ସେଗୁଡ଼ିକ ହେଲା ଯେ ତାହା ସୂର୍ଯ୍ୟକୁ ପରିକ୍ରମା କରୁଥିବ, ତାହାର ବସ୍ତୁତ୍ୱ ଯଥେଷ୍ଟ ହୋଇଥିବ, ଯେପରିକି ତହିଁରୁ ଉତ୍ପନ୍ନ ମହାକର୍ଷଣ ବଳ ତା'କୁ ପ୍ରାୟତଃ ବର୍ତ୍ତୁଳାକାର ରୂପ ଦେଇ ପାରୁଥିବ ଏବଂ ତା'ର ଏକ ପରିଷ୍କାର କକ୍ଷପଥ ଥିବ। ପ୍ଲୁଟୋ ପ୍ରଥମ ଦୁଇଟି ସର୍ତ୍ତ ପୂରଣ କଲା ବେଳେ ତୃତୀୟଟି କରି ପାରୁନଥିଲା। କାରଣ ଏହାର କକ୍ଷକୁ ସ୍ପର୍ଶ କରୁଥିଲେ କୁଇପର ପଟ୍ଟିରେ ଥିବା ଅନେକ ବରଫାଚ୍ଛନ୍ନ ପିଣ୍ଡ।

ପ୍ଲୁଟୋ ୧୮, ଫେବୃୟାରୀ ୧୯୩୦ ମସିହାରେ ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ କ୍ଲାଇଡ୍ ଟମ୍ବାଉଙ୍କ ଦ୍ୱାରା ଆମେରିକାର ଆରାଜୋନାଠାରେ ଥିବା ଲୋୱେଲ୍ ପର୍ଯ୍ୟବେକ୍ଷଣ କେନ୍ଦ୍ରର ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଆବିଷ୍କୃତ ହୋଇଥିଲା। ତପ୍ପରେ ଏହାକୁ ସୌରଜଗତର ୯ ମ ଗ୍ରହ ରୂପେ ସ୍ୱୀକାର କରାଗଲା। ପ୍ରାୟ ୭ ଦଶକ ପରେ ଆର୍ନ୍ତଜାତିକ ଜ୍ୟୋତିର୍ବିଜ୍ଞାନୀ ସଂଘ ଏହାକୁ 'ବାମନ ଗ୍ରହ' ଶ୍ରେଣୀଭୁକ୍ତ କଲା। ତେବେ ନିକଟରେ ଆମେରିକାର ମହାକାଶ ଗବେଷଣା ପ୍ରଶାସନ 'ନାସା'ର ମୁଖ୍ୟ ଜାରେଡ୍ ଆଇଜାକ୍ ମ୍ୟାନ୍ ୨୮, ଅପ୍ରେଲ, ୨୦୨୬ ଦିନ ସିନେଟ୍ କମିଟି ଆଗରେ ପ୍ରସ୍ତାବ ରଖିଛନ୍ତି ଆମେରିକାର ମହାକାଶ ବିଭାଗ ପ୍ଲୁଟୋକୁ ଗ୍ରହ ରୂପେ ପୁନଃ ସ୍ୱୀକୃତି ପ୍ରଦାନ ବିଚାର କରିବାକୁ। ତାଙ୍କ ବ୍ୟତୀତ ସେଠାରେ ଅନ୍ୟ କେତେକ ବୈଜ୍ଞାନିକ 'ପ୍ଲୁଟୋକୁ ପୁନର୍ବାର ଗ୍ରହ କରଯାଉ' ବୋଲି ଦଳଟିଏ ଗଢ଼ି ଦାବି କରି ଆସୁଛନ୍ତି।

'ନାସା' ର ମୁଖ୍ୟ ଓ ଅନ୍ୟମାନେ ବର୍ତ୍ତମାନ ଯାଏଁ ଏଥିପାଇଁ ନିମ୍ନୋକ୍ତ ଯୁକ୍ତି ମାନ ଉପସ୍ଥାପିତ କରୁଛନ୍ତି। (୧) ପ୍ଲୁଟୋ ଏକ ଜଟିଳ ଓ ବିସ୍ମୟକର ଦୁନିଆ, ଯହିଁରେ ଅନ୍ୟାନ୍ୟ ଗ୍ରହ ଭଳି ରହିଛି ବହୁ ପାହାଡ଼ ପର୍ବତ, ଉପତ୍ୟକା, ସମତଳ ଭୂମି ଓ ହିମବାହ। (୨) ଏହାର ୫ଟି ଜଣାଶୁଣା ଚନ୍ଦ୍ର ବା ଉପଗ୍ରହ ଅଛି। (୩) ଏହାକୁ ୨୦୦୬ ମସିହାରେ କରାଯାଇଥିବା ବର୍ଗୀକରଣ ବେଶ୍ ପୁରୁଣା ମତବାଦ ଉପରେ ପର୍ଯ୍ୟବସିତ ଏବଂ ସେଥିରେ ପରିବର୍ତ୍ତନ ଅଣାଯିବା ଦରକାର। (୪) ବାମନ ଗ୍ରହ ରୂପେ ଘୋଷଣା କରାଯିବା ପରଠାରୁ ପ୍ଲୁଟୋ ସଂପର୍କରେ ଅନେକ ନୂତନ ତଥ୍ୟ ଆବିଷ୍କାର ହୋଇସାରିଛି, ଯାହାକି ଗ୍ରହମାନଙ୍କ ପାଇଁ ପ୍ରଯୁଜ୍ୟ।

ବର୍ତ୍ତମାନ ସୁଦ୍ଧା ପ୍ଲୁଟୋ ଏବଂ ଏହାର ଚନ୍ଦ୍ରଗୁଡ଼ିକୁ ଖୁବ୍ ନିକଟରୁ ପର୍ଯ୍ୟବେକ୍ଷଣ କରିଥିବା ଏକ ମାତ୍ର ମହାକାଶ ଯାନ ହେଲା 'ନାସା' ଦ୍ୱାରା ପ୍ରେରିତ 'ନିଉ ହୋରାଇଜୋନ୍'। ଏହା ୨୦୧୫ ମସିହାରେ 'ବାମନ ଗ୍ରହ'ଟିର କରିଥିବା ଅଧ୍ୟୟନ ତା'ସଂପର୍କରେ ରହିଆସିଥିବା ଅନେକଗୁଡ଼ିଏ ଧାରଣାକୁ ବଦଳାଇ ଦେଇପାରିଛି। ତ' ଦ୍ୱାରା ପ୍ରେରିତ ବହୁ ନୂତନ ଚିତ୍ର ପ୍ଲୁଟୋକୁ ପୁଙ୍ଖାନୁପୁଙ୍ଖ ଭାବେ ପ୍ରଦର୍ଶନ କରିପାରିଛି। ତାହା ଅନେକ ବୈଜ୍ଞାନିକ ତଥ୍ୟ ଉନ୍ମୋଚନ କରିଛି, ଯାହାକୁ ନେଇ ଡକ୍ଟର ଆଇଜ୍ୟାକ ମ୍ୟାନ୍ ସମେତ 'ନାସା'ର ଅନେକ ବୈଜ୍ଞାନିକ ଏହାକୁ ପୁନର୍ବାର ଗ୍ରହ ରୂପେ ଗ୍ରହଣ କରିବା ସପକ୍ଷରେ ମତ ଦେଇଛନ୍ତି।

ତଥାପି କେତେକ ଜ୍ୟୋତିର୍ବିଜ୍ଞାନୀ ଏହାର ବିରୋଧ କରୁଛନ୍ତି। ସେମାନଙ୍କର ଯୁକ୍ତି ହେଲା ଯେ ଯଦି ପ୍ଲୁଟୋକୁ ଗ୍ରହ ରୂପେ ଗ୍ରହଣ କରିବାକୁ ସଂଜ୍ଞାମାନଙ୍କରେ ପରିବର୍ତ୍ତନ ଅଣାଯାଏ, ତେବେ ତାହା କୁଇପର ପଟ୍ଟିରେ ଥିବା ଆହୁରି ପ୍ରାୟ ୨୦୦ ପିଣ୍ଡମାନଙ୍କ ପ୍ରତି ପ୍ରଯୁଜ୍ୟ ହେବ। ଏଗୁଡ଼ିକ ମଧ୍ୟରେ ରହିବ ଇରିସ୍, ଟ୍ରାଇଟନ୍, ମେକ୍‌ମେକ୍, କୁଆଓର୍, ରବସ୍ ଓ ଏଭଳି ଆହୁରି ଅନେକ। ସେଗୁଡ଼ିକର ଆକାର ଓ ସଂରଚନା ଅନେକ ମାତ୍ରାରେ ପ୍ଲୁଟୋ ଭଳି। ଏଣୁ ଏହା କରାଗଲେ ଗ୍ରହମଣ୍ଡଳ ଏକ ଅତି ବିଶାଳ ରୂପ ନେବ। ଏପରିସ୍ଥଳେ, ପ୍ଲୁଟୋକୁ ପୁନର୍ବାର ଗ୍ରହ ଆଖ୍ୟା ଦେବାର ପ୍ରସ୍ତାବ ଏବେ କେବଳ ତର୍କବିକତର୍କ ମଧ୍ୟରେ ହିଁ ସୀମିତ ରହିଛି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆଇପିଏଲ୍ ବେଟିଂ ରାକେଟ୍‌ର ପର୍ଦ୍ଦାଫାସ୍; ୮ ଗିରଫ

ଝାରସୁଗୁଡ଼ା, ୨୫।୫ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୁଲିସ ଆଜି ଏକ ଆଇପିଏଲ୍ ବେଟିଂ ରାକେଟ୍‌ର ପର୍ଦ୍ଦାଫାସ୍ କରିଛି। ଏକ ଭଡ଼ାଘରେ ବେଟିଂ ଚାଲିଥିବାବେଳେ ପୁଲିସ ସେଠାରେ ଚଢ଼ଉ କରି ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୫ ଲକ୍ଷ ୯ ହଜାର ୧୦୦ ନଗଦ ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରର ରାହୁଲ

### ୫ ଲକ୍ଷ ୯ ହଜାର ୧୦୦ ନଗଦ ଟଙ୍କା ଜବତ

ସାହୁ ଓ ସ୍ଥାନୀୟ ଅଞ୍ଚଳର ଗୋବିନ୍ଦ ଦାସ ମହନ୍ତ, ଆକାଶ ଶ୍ରୀବାସ୍ତବ, ବିଶାଲ କୁମାର ରବି, ଭୀମ କୁମାର ରାମ, ମନୁ ସିଂ, ଶଙ୍କର ପ୍ରସାଦ, ରାଜୀବ କୁମାର। ଏନେଇ ବ୍ରଜରାଜନଗର ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ବିସ୍ତୃତ ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ମାଷ୍ଟରମାଇଣ୍ଡଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି।

ବ୍ରଜରାଜନଗର ଗାନ୍ଧୀଛକ ଏବଂ ରାମପୁର ଅଞ୍ଚଳର ଭଡ଼ା ଘରେ ଅନଲାଇନ ମାଧ୍ୟମରେ ଆଇପିଏଲ୍ ବେଟିଂ କାରବାର ଚାଲିଥିବା ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ବ୍ରଜରାଜନଗର ପୁଲିସ ଦୁଇଟି ଟିମ୍ ଗଠନ କରି ସେଠାରେ ଅତର୍କିତ ଚଢ଼ଉ କରିଥିଲା। ଚଢ଼ଉ ବେଳେ ପୁଲିସ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ମୋଟ ୫ ଲକ୍ଷ ୯ ହଜାର ୧୦୦ ଟଙ୍କା ନଗଦ ଜବତ




କରିଥିଲା। ଏହାସହ ଅନଲାଇନ ମାଧ୍ୟମରେ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଥିବା ୩ ଲକ୍ଷ ୭୦ ହଜାର ଟଙ୍କାକୁ ପୁଲିସ ତରଫରୁ ଫ୍ରିଜ୍ କରାଯାଇଛି। ବ୍ୟବହୃତ ୨ଟି ଲାପଟପ, ୪୧ଟି ମୋବାଇଲ, ଗୋଟିଏ ଇନୋଭା କ୍ରିଷ୍ଟା, ଗୋଟିଏ କାର୍‌କୁ ପୁଲିସ ଜବତ କରିଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ ଜାଲ୍ ଓଟିଇଟି ପ୍ରମାଣପତ୍ର ପାଇଁ ବହିଷ୍କାର ପ୍ରସଙ୍ଗ

## ଦୁଇ ଗଣଶିକ୍ଷକଙ୍କୁ ପୁନଃନିଯୁକ୍ତି ପ୍ରଦାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୫।୫(ସମିସ): ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଜାଲ୍ ପ୍ରମାଣପତ୍ର ଦାଖଲ ଅଭିଯୋଗରେ ସୁନ୍ଦରଗଡ଼ ଜିଲ୍ଲାର ଦୁଇଜଣ ମହିଳା ଗଣଶିକ୍ଷକ ପ୍ରଜ୍ଞା ପାରମିତା ସ୍ୱାଇଁ ଏବଂ ସନ୍ଧ୍ୟାରାଣୀ ପଲ୍ଲାରୀଙ୍କୁ ଚାକିରିରୁ ବହିଷ୍କାର ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଏହାସହ ସେମାନଙ୍କୁ ତୁରନ୍ତ ଚାକିରିରେ ପୁନଃ ନିଯୁକ୍ତି ଦେବା ସହ ସମସ୍ତ ପିଛିଲା ଆର୍ଥିକ ଓ ସେବା ସମ୍ବନ୍ଧୀୟ ସୁବିଧା ଯୋଗାଇ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏହି ସମସ୍ତ ପ୍ରକ୍ରିୟା ୬ ସପ୍ତାହ ମଧ୍ୟରେ ଶେଷ କରିବାକୁ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ।

ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ପ୍ରଜ୍ଞା ପାରମିତା ଏବଂ ସନ୍ଧ୍ୟାରାଣୀ ଗତ ୨୦୦୮ ମସିହା ଅଗଷ୍ଟରେ ସୁନ୍ଦରଗଡ଼ ଜିଲ୍ଲାରେ ଗଣଶିକ୍ଷକ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ସରକାରଙ୍କ ୨୦୧୬ର ଏକ ବିଜ୍ଞପ୍ତି ଅନୁଯାୟୀ, ବାର୍ଷିକ ଦରମା ବୃଦ୍ଧି ପାଇଁ ଗଣଶିକ୍ଷକମାନଙ୍କୁ ୨୦୧୯ ମାର୍ଚ୍ଚ ୩୧ସୁଦ୍ଧା ଓଟିଇଟି ପାସ୍ କରିବା ବାଧ୍ୟତାମୂଳକ ଥିଲା। ଉଭୟ ଶିକ୍ଷୟିତ୍ରୀ ପରୀକ୍ଷା ଦେଇଥିଲେ ଏବଂ ସ୍ପିଡ୍ ପୋଷ୍ଟ ଯୋଗେ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସେମାନଙ୍କ ପାସ୍ ସାର୍ଟିଫିକେଟ୍ ପାଇଥିଲେ। କିନ୍ତୁ ୨୦୨୧ ମସିହାରେ ସେମାନଙ୍କ ସାର୍ଟିଫିକେଟ୍ ଜାଲ୍ ବୋଲି ଦର୍ଶାଇ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ସେପ୍ଟେମ୍ବର ୨୦୨୧ରେ ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ଏହା ସହ ବୀରମିତ୍ରପୁର ଥାନାରେ ଏକ ଅପରାଧିକ ମାମଲା ମଧ୍ୟ ରୁଜୁ କରାଯାଇଥିଲା। ତେବେ, ୨୦୨୪ ଏପ୍ରିଲ ୨୯ରେ ସୁନ୍ଦରଗଡ଼ର ଜେଏମଏଫ୍‌ସି କୋର୍ଟ ଉଭୟଙ୍କୁ ଏହି ଆପରାଧିକ ମାମଲାରୁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷରେ ଖଲାସ କରିଥିଲେ। ଅଦାଲତରୁ ନିର୍ଦ୍ଦୋଷ ପ୍ରମାଣିତ ହେବା ପରେ ମଧ୍ୟ କୁଆଁରମୁଣ୍ଡା ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ସୁନ୍ଦରଗଡ଼ ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ-ତଥା-ଜିଲ୍ଲାପାଳ ସେମାନଙ୍କୁ ଚାକିରିକୁ ଫେରାଇବା ପରିବର୍ତ୍ତେ ବାରମ୍ବାର ସେମାନଙ୍କ ଆବେଦନକୁ ସେହି ଜାଲ୍ ସାର୍ଟିଫିକେଟ୍ ଆଧାରରେ ଖାରଜ କରି ଚାଲିଥିଲେ। ଏହାପରେ ଉଭୟ ବହିଷ୍କୃତ ଶିକ୍ଷୟିତ୍ରୀ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଅଦାଲତ ଦର୍ଶାଇଛନ୍ତି ଯେ ଶିକ୍ଷୟିତ୍ରୀମାନେ ଏହି ଓଟିଇଟି ସାର୍ଟିଫିକେଟ୍ ବଳରେ କୌଣସି ପ୍ରକାରର ଅନୁଚିତ ସେବା କିମ୍ବା ଆର୍ଥିକ ଲାଭ ଉଠାଇ ନାହାନ୍ତି। କାରଣ ସେମାନଙ୍କର ପ୍ରାଥମିକ ନିଯୁକ୍ତି ୨୦୦୮ ମସିହାରେ ହୋଇଥିଲା ବେଳେ ଓଟିଇଟି ପାସ୍ କରିବା ନିୟମ ନ ଥିଲା। ସେମାନେ କେବଳ ବାର୍ଷିକ ଇନକ୍ରିମେଣ୍ଟ ପାଇଁ ଏହି ପରୀକ୍ଷା ଦେଇଥିଲେ। ଯେତେବେଳେ ଫୌଜଦାରୀ ଅଦାଲତ ସେମାନଙ୍କ ଉପରେ ଲାଗିଥିବା ଜାଲିଆତିର ସମସ୍ତ ମୂଳ ଭିତ୍ତିକୁ ଖାରଜ କରିଦେଇଛନ୍ତି, ସେତେବେଳେ ବିଭାଗୀୟ ଅଧିକାରୀମାନେ ସେହି ସମାନ ଅଭିଯୋଗ ଆଣି ସେମାନଙ୍କୁ ଚାକିରିରୁ ବଞ୍ଚିତ ରଖିବା ସମ୍ପୂର୍ଣ୍ଣ ବେଆଇନ ବୋଲି କହିବା ସହ ବହିଷ୍କାର ଆଦେଶ ଏବଂ ଦାବି ପ୍ରତ୍ୟାଖ୍ୟାନ ଆଦେଶକୁ ରଦ୍ଦ କରିଛନ୍ତି।


ବ୍ୟାଙ୍କ ଅଫ୍ ବରୋଦା Bank of Baroda

ବଡବଜାର ଶାଖା ଭେଙ୍କଟେଶ୍ୱର ଟେମ୍ପଲ ରୋଡ୍, ବ୍ରହ୍ମପୁର, ଜିଲ୍ଲା:ଗଞ୍ଜାମ

**ସଂଶୋଧନ ପତ୍ର**

ଦୈନିକ ଖବରକାଗଜ "ସକାଳ"ରେ ତା.୨୨.୦୫.୨୦୨୬ରିଖରେ ପ୍ରକାଶିତ ଆମର ଲକର ନୋଟିସ୍‌ରେ ଲକର ଭଙ୍ଗା ତାରିଖକୁ ତା.୨୨.୦୮.୨୦୨୬ରିଖ ପରିବର୍ତ୍ତେ **ତା.୨୪.୦୮.୨୦୨୬ରିଖ** ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟାବଳୀ ଅପରିବର୍ତ୍ତିତ।

ସ୍ଥାନ: ବ୍ରହ୍ମପୁର — କ୍ଷମତାପ୍ରାପ୍ତ ଅଧିକାରୀ

ତାରିଖ: ୨୫.୦୫.୨୦୨୬ — ବ୍ୟାଙ୍କ ଅଫ୍ ବରୋଦା

**LOST**

I, **Rabindra Meher,** aged about 43 years, S/o-Jalandhar Meher, resident of Vill/PO-Belpara, PS: Belpara, Dist: Balangir, Odisha, do hereby declare that the Original Sale Deed No-1325 of 2016 document pertaining to Khata No. 476/1936 of Mouza: Belpara, PS: Belpara, was lost / misplaced during my transit from my residence to the Tahasil Office, Belpara. If found, please return it to the above address and contact Mr. Bikash Pradhan, Mobile: 9437362343.

**LOST**

I, **Thakur Kanda,** S/o Malakham Kanda, resident of Village-Barla, P.O.-Ghunesh, P.S.-Turekela, Dist.-Balangir, Odisha, hereby inform that Original Sale Deed No. 10342300146 relating to ROR No. 137/281 and Original ROR No. 137/212 along with Sale Deed No. 10341700306 standing in the name of Ganesh Ram Suna have been lost / misplaced during my journey to Tahasil Office. Despite thorough search, the documents could not be traced. If found, kindly return to the above address or contact Mr.Bikash Pradhan on Mob: 9437362343.


## ଫ୍ଲାଏ-ଆସ୍ ଡମ୍ପିଙ୍ଗ୍

## ଓପିଜିସିକୁ କାରଣଦର୍ଶାଅ ନୋଟିସ୍

ସମ୍ବଲପୁର,୨୫।୫(ସମିସ): ସମ୍ବଲପୁର ଜିଲ୍ଲାର ରାସ୍ତାଘାଟ, ଜମି, ଖାଲ ଜାଗା, ନାଳ ଆଦି ସବୁଆଡ଼େ ବିଭିନ୍ନ କମ୍ପାନୀରୁ ବାହାରୁଥିବା ପାଉଁଶ (ଫ୍ଲାଏ ଆସ୍)କୁ ବେଆଇନ ଭାବେ ପକାଇ ଦିଆଯାଉଛି। ଫ୍ଲାଏ ଆସ୍ ଡମ୍ପିଂକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଏନେଇ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସମ୍ବଲପୁର ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍ (ଓପିଜିସି)କୁ କାରଣଦର୍ଶାଅ ନୋଟିସ୍ ଜାରି କରିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁର ପତ୍ର ସଂଖ୍ୟା ୩୦୧୬ ତା. ୨୨-୫-୨୦୨୬ ଅନୁଯାୟୀ ୭ ଦିନ ମଧ୍ୟରେ ସଂଶୋଧିତ ପ୍ରସ୍ତାବ ଓ ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ନେଇ ଜବାବ ଦେବାକୁ ଉଲ୍ଲେଖ ରହିଛି।

ଇବ୍‌ଥର୍ମାଲ ପାୱାର ଷ୍ଟେସନ, ଓପିଜିସି ବନହରପାଲି ନିର୍ଦ୍ଦେଶକଙ୍କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡ. ସତ୍ୟ ନାରାୟଣ ନନ୍ଦଙ୍କ ପତ୍ର ଅନୁଯାୟୀ, ଓପିଜିସି କମ୍ପାନୀ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଶେଷକରି ରେଙ୍ଗାଲି ଅଞ୍ଚଳରେ ଫ୍ଲାଏ ଆସ୍ ଅନଧିକୃତ ପରିବହନ ଏବଂ ବେଆଇନ ଡମ୍ପିଂ କରୁଥିବା ବହୁବାର ଅଭିଯୋଗ ହେବା ସହ କ୍ଷେତ୍ର ପରିଦର୍ଶନ ରିପୋର୍ଟରୁ ପ୍ରାପ୍ତ ହୋଇଛି। ଏହି ପାଉଁଶ ରାସ୍ତା-ଭର୍ତ୍ତି କରିବା ଏବଂ ଦୂରରେ ଥିବା ଫ୍ଲାଏଆସ୍ ଇଟା ନିର୍ମାଣ ୟୁନିଟ୍‌ଗୁଡ଼ିକୁ ଯୋଗାଣ ପାଇଁ ଉଦ୍ଦିଷ୍ଟ। ଏହି ଯୋଜନାରେ ଗାଡ଼ିଗୁଡ଼ିକ ଫ୍ଲାଏ-ଆସ୍ ନେଇ କମ୍ପାନୀରୁ ବାହାରୁଛି। କିନ୍ତୁ ପରିବହନ ଖର୍ଚ୍ଚ ହ୍ରାସ କରିବା ପାଇଁ ଉକ୍ତ ଫ୍ଲାଏ ଆସ୍‌କୁ ନିକଟବର୍ତ୍ତୀ ସ୍ଥାନରେ ବେଆଇନ ଭାବେ ଡମ୍ପିଂ କରାଯାଉଛି। ଏହାବ୍ୟତୀତ ଅଧିକୃତ ଉପଭୋକ୍ତାଙ୍କ ପାଖରେ ଯୋଗାଣ କରିବାକୁ ବାହାରି ଫ୍ଲାଏ ଆଶ୍‌କୁ ଅନଧିକୃତ ସ୍ଥାନରେ ଡମ୍ପିଂ କରାଯାଉଛି, ଯାହା ପରିବେଶ ପ୍ରଦୂଷଣ ସହ ଅଞ୍ଚଳବାସୀଙ୍କ ସକାଶେ ସ୍ୱାସ୍ଥ୍ୟଗତ ବିପଦ ସୃଷ୍ଟି କରୁଛି। ଫ୍ଲାଏ ଆସ୍ ପରିବହନରେ ନିୟୋଜିତ ଗାଡ଼ିଗୁଡ଼ିକରେ ଜିପିଏସ୍ ଟ୍ରାକିଂ ସିଷ୍ଟମ ନାହିଁ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ସହିତ ମଧ୍ୟ ରିଏଲ୍-ଟାଇମ୍ ଟ୍ରାକିଂ ଡାଟା ସେୟାର କରାଯାଉନାହିଁ। ବେଆଇନ ପାଉଁଶ ଡମ୍ପିଂ ରୋକିବା ପାଇଁ ଫ୍ଲାଏ ଆସ୍ ମନିଟରିଂ ମୋବାଇଲ୍ ଆପ୍ଲିକେସନ୍ ଅଧୀନରେ ପଞ୍ଜୀକରଣ ବାଧ୍ୟତାମୂଳକ ବୋଲି ଏସ୍‌ପିସିବି ସଭ୍ୟ ସଚିବ ପତ୍ର ସଂଖ୍ୟା ୬୨୭୫ ତା ୨୩-୪-୨୦୨୬ରେ ଅବଗତ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପତ୍ର ପାଇବାର ୭ଦିନ ମଧ୍ୟରେ ଓପିଜିସିକୁ ଉତ୍ତର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଉତ୍ତରରେ ଗତ ତିନି ମାସ ମଧ୍ୟରେ ଉତ୍ପାଦିତ ଏବଂ ପଠାଯାଇଥିବା ଫ୍ଲାଏ ଆସ୍‌ର ପରିମାଣ, ସ୍ଥାନ ଏବଂ ଯୋଗାଯୋଗ ସୂଚନା ସହ ଅଧିକୃତ ଉପଭୋକ୍ତାମାନଙ୍କ ବିବରଣୀ, ଫ୍ଲାଏ ଆସ୍ ପରିବହନରେ ନିୟୋଜିତ ଯାନବାହନଗୁଡ଼ିକର ବିବରଣୀ, ଫ୍ଲାଏଆସ୍ ପରିବହନ କରୁଥିବା ସମସ୍ତ ଯାନରେ ଟ୍ରାକିଂ ସିଷ୍ଟମ୍ ଇନ୍‌ଷ୍ଟଲେସନ୍ ନିଶ୍ଚିତ କରିବା, ପ୍ରକୃତ ସମୟ ଟ୍ରାକିଂ ଡାଟା ଉପଲବ୍ଧତା ପ୍ରଦାନ, ଫ୍ଲାଏ ପାଉଁଶର ସମସ୍ତ ବେଆଇନ ଡମ୍ପିଂକୁ ତୁରନ୍ତ ବନ୍ଦ କରିବା, ଫ୍ଲାଏ ଆଶ୍ ପରିବହନ ଓ ଶେଷମୁଣ୍ଡରେ ବ୍ୟବହାରକୁ ନେଇ ପ୍ରମାଣପତ୍ର ଓ ଯାଞ୍ଚ ବ୍ୟବସ୍ଥା ସହ ଏକ ମନିଟରିଂ ମେକାନିଜମ୍ ପ୍ରସ୍ତୁତ କରିବା ଏବଂ ଏକ ଅନ୍ତରୀଣ ତଦନ୍ତ କରି ନିୟମ ଉଲ୍ଲଂଘନକୁ ନେଇ ଉଲ୍ଲଂଘନକାରୀକୁ ଚିହ୍ନଟ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ଏହାସହ ସମ୍ବଲପୁର ଜିଲ୍ଲା ମଧ୍ୟ ଦେଇ ଯାଇଥିବା ରାସ୍ତାଗୁଡ଼ିକୁ ଏଡ଼ାଇ ଅନ୍ୟ ରାସ୍ତା ଦେଇ ଗନ୍ତବ୍ୟସ୍ଥଳକୁ ଫ୍ଲାଏଆସ୍ ପରିବହନ କରିବାକୁ ତାଗିଦ୍ କରାଯାଇଛି। ନିର୍ଦ୍ଦେଶାବଳୀ ପାଳନ କରିବାରେ ବିଫଳ ହେଲେ, ଜଳ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ଆଇନ, ୧୯୭୪ ଏବଂ ବାୟୁ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ଆଇନ, ୧୯୮୧ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଚିଠିରେ ଓଡିଜିସିକୁ ଚେତାବନୀ ଦିଆଯାଇଛି।


**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 839, dated 21-05-2026, I, GOBARDHAN SOURA, S/o - Maheswar Soura, permanent resident of Village - Bankasargi, PO - Pandikote, PS - Papadahandi, Dist- Nabarangpur, Odisha, Pin - 764071, declare that I have changed the name of my Son from SHyamo soura to SHYAMAGHANA SOURA. Henceforth, he shall be known as **SHYAMAGHANA SOURA** for all purposes.

**Sd/- Gobardhan Soura**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 830, dated 18.05.2026, I, MADHUSUDAN JANI, Son of - Baidu Jani, Resident of Village - Buchiaguda, PO - Patri, PS - Dabugam, Dist - Nabarangpur, Odisha, Pin - 764071, declare that I have changed my name from NANDU JANI to MADHUSUDAN JANI. Henceforth, I shall be known as **MADHUSUDAN JANI** for all purposes.

**Sd/- Madhusudan Jani**

**AFFIDAVIT**

I B.Sukanya Pattnayak, D/o- Late B Balaji Pattnayak, Resident of Purunagada, Po- P.R Peta PS.- Jeypore Town, Dist.- Koraput, Pin- 764001, Odisha declare by this affidevit No.2133 Dated 20.05.2026, that now onwards I shall be known as **Sukanya Ghadei** for all future purpose.


## ଅବଶିଷ୍ଟାଂଶ...

### ପୁଣି ମହଙ୍ଗା...

ଦିନରେ ଇନ୍ଧନ ମୂଲ୍ୟରେ ଆହୁରି ବୃଦ୍ଧି ଘଟିବା ନେଇ ପୂର୍ବାନୁମାନ କରିଛନ୍ତି। କାରଣ ତେଲ କମ୍ପାନୀଗୁଡ଼ିକ ସେମାନଙ୍କର କ୍ଷତି କମାଇବାକୁ ଚେଷ୍ଟା କରୁଛନ୍ତି। ଗତମାସ ଶେଷ ପର୍ଯ୍ୟନ୍ତ ତେଲ କଂପାନୀ ୧ ଲକ୍ଷ ୨୦ ହଜାର କୋଟି ଟଙ୍କାର କ୍ଷତି ସହିଥିଲେ। ଲିଟର ପିଛା ୧୮ରୁ ୩୩ ଟଙ୍କା ପର୍ଯ୍ୟନ୍ତ କ୍ଷତି ହେଉଥିଲା। ଏହାକୁ ଭରଣ କରିବାକୁ ହେଲେ ପେଟ୍ରୋଲ ଦର ଲିଟର ପିଛା ୧୩୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ପଡ଼ିବ ବୋଲି ସେମାନେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୮ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଥିବା ବେଳେ ଲିଟର ପିଛା ଆହୁରି ୨୦ ଟଙ୍କା ବଢ଼ିବ ବୋଲି ସେମାନେ ଆକଳନ କରିଛନ୍ତି।

ପେଟ୍ରୋଲ ଏବଂ ଡିଜେଲ୍ ଦରରେ ହୋଇଥିବା ବୃଦ୍ଧି ଦେଶରେ ମୁଦ୍ରାସ୍ଫୀତିକୁ ଦ୍ରୁତ ଗତିରେ ବୃଦ୍ଧି କରିବ। ଏହାର ପ୍ରଭାବ ଖୁବ୍ ଖାଉଟି ବଜାର ଉପରେ ଅନୁଭୂତ ହେବ ବୋଲି ଏବେଠାରୁ ଆକଳନ କଲେଣି। ଯାହାର ଫଳ ସ୍ୱରୂପ ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ଆକାଶଛୁଆଁ ହେବ। ଅନ୍ୟପକ୍ଷ।।ରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ରାଜନୀତି ଜୋର ଧରିଛି। କଂଗ୍ରେସ ସାଂସଦ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ 'ମୁଦ୍ରାସ୍ଫୀତି ମାନବ ମୋଦି' ବୋଲି କହିଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ନିର୍ବାଚନ ସମୟରେ ଗୋଟିଏ ପ୍ରତିଶ୍ରୁତି ଦିଅନ୍ତି ଏବଂ ନିର୍ବାଚନ ଶେଷ ହେବା ମାତ୍ରେ ଜନତାଙ୍କ ପକେଟ ଲୁଟିବା ଆରମ୍ଭ କରନ୍ତି। ରାହୁଲ ଗାନ୍ଧୀ କହିଛନ୍ତି ଯେ ସେ ଏହି ଆର୍ଥିକ ଝଡ଼ ବିଷୟରେ କିଛି ମାସ ପୂର୍ବରୁ ଚେତାବନୀ ଦେଇଥିଲେ, କିନ୍ତୁ ମୋଦୀ ନିର୍ବାଚନ ପାଇଁ ବ୍ୟସ୍ତ ଥିଲେ।

### ସାରା ଓଡ଼ିଶାରେ...

ଓଡ଼ିଶାବାସୀଙ୍କୁ ଆତଙ୍କିତ କରିଛି। ସାରା ଓଡ଼ିଶାରେ ଗୁଣ୍ଡାରାଜ୍, ଚାରିଆଡ଼େ ଭୟର ବାତାବରଣ ଦେଖାଦେଇଛି। ସ୍ଥିତି ହାତରୁ ଖସିଯିବା ଆଗରୁ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ତଥା ଆଇନର ଶାସନ ବଜାୟ ରଖିବା ପାଇଁ ବଡ଼ ବଡ଼ ଭାଷଣ ଛାଡ଼ି ସରକାର ସଜାଗ ହୁଅନ୍ତୁ ବୋଲି ନବୀନ ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି।

### ଆଇପିଏସ୍ ଦୟାଲ...

ମଧ୍ୟ ସେ କହିଥିଲେ। କବିତା ଆହୁରି ମଧ୍ୟ ଅଭିଯୋଗ କରିଥିଲେ ଯେ, ସୌମ୍ୟ ଭୁବନେଶ୍ୱରରେ ଥିବା ଗଙ୍ଗୱାରଙ୍କ ଜିମ୍ ସେଣ୍ଟର ବୁଝାବୁଝି କରୁଥିଲେ। ଗଙ୍ଗୱାର ତାଙ୍କ ପୁଅକୁ ନିୟମିତ ମୋଡ଼ାଘସା କରାଯାଇବାକୁ ଡାକୁଥିଲେ। ସେ କିଛିମାସ ତଳେ ଅସହମତି ପ୍ରକାଶ କରିବାରୁ ଏଡିଜିଙ୍କ ସହ ସୌମ୍ୟଙ୍କ ବିବାଦ ହୋଇଥିଲା। ଏହାପରେ ଗଙ୍ଗୱାରଙ୍କ ଇଙ୍ଗିତରେ କଟକ ଜିଆର୍‌ପି ଏସପି ଅଫିସ ପକ୍ଷରୁ ସୌମ୍ୟଙ୍କ ଦରମା ବନ୍ଦ କରାଯାଇଥିଲା ବୋଲି ଅଭିଯୋଗ କରିଥିଲେ। ତେବେ ଆଜି ପର୍ଯ୍ୟନ୍ତ ଏସମ୍ପର୍କରେ ଗଙ୍ଗୱାର କୌଣସି ପ୍ରତିକ୍ରିୟା ରଖିନାହାନ୍ତି।

ସୌମ୍ୟଙ୍କ ମା'ଙ୍କ ଅଭିଯୋଗ ପରେ ମାମଲା ଜାତୀୟ ମାନବାଧିକାର କମିସନଙ୍କ ନିକଟରେ ପହଁଞ୍ଚିଥିଲା। କମିସନ୍ ଅଭିଯୋଗକୁ ଭିତ୍ତି କରି ପ୍ରଥମ ଶୁଣାଣି କରି ସାରିଛନ୍ତି। ଆଗକୁ ଏହାର ତଦନ୍ତ ହେବାର ବାକି ଅଛି। ଖୁବ୍‌ଶୀଘ୍ର ଜାତୀୟ ମାନବାଧିକାର କମିସନଙ୍କ ଏକ ଟିମ୍ ଓଡ଼ିଶା ଆସି ଏହାର ତଦନ୍ତ କରିବେ ବୋଲି ସମ୍ଭାବନା ପ୍ରକାଶ ପାଇଛି। ଯାହା ଗଙ୍ଗୱାରଙ୍କ ପାଇଁ ଅଡୁଆ ବଢାଇପାରେ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହୋଉଛି। କମିସନଙ୍କ ନଜରରେ ପୁଲିସରେ କାର୍ଯ୍ୟରତ ଜଣେ କନ୍‌ଷ୍ଟେବଲ୍‌ଙ୍କୁ ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ନିଜସ୍ୱ କାମରେ ନିୟୋଜିତ କରିବା ଏକପ୍ରକାର ମାନବାଧିକାର ଉଲଘଂନ ଅଟେ। କମିସନଙ୍କ ତଦନ୍ତ ପରେ ଏହି ଅଭିଯୋଗର ସତତ୍ୟା ସମ୍ପର୍କରେ ସ୍ପଷ୍ଟ ହେବ।

ସେହିପରି ଜଣେ ସରକାରୀ ଅଧିକାରୀ ନିଜ ଚାକିରୀ କାଳ ମଧ୍ୟରେ ବ୍ୟବସାୟ କରିବା ନିୟମ ବହିର୍ଭୂତ ଅଟେ। ସେ ପ୍ରତ୍ୟକ୍ଷ ହେଉ କିମ୍ବା ପରୋକ୍ଷ ଭାବେ ସବୁକିଛି ବେନିୟମ। ସୌମ୍ୟ ମା'ଙ୍କ ଅଭିଯୋଗ ଅନୁଯାୟୀ ଯଦି ଦୟାଲ ଗଙ୍ଗୱାର ସତରେ ଓଡ଼ିଶାରେ ନିଜସ୍ୱ ଜିମ୍ ଚଳାଉଥିବେ, ତେବେ ତାଙ୍କ ପାଇଁ ଅଡୁଆ ସୃଷ୍ଟି ହୋଇପାରେ। ତେଣୁ ଅଡୁଆ ସୃଷ୍ଟି ହେବା ପୂର୍ବରୁ ରାଜ୍ୟ ସରକାର ଏଭଳି ପଦକ୍ଷେପ ଗ୍ରହଣ କଲେ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହୋଇଛି।

### ନିଆଳି ବିଧାୟକଙ୍କୁ ଭେଟିଲେ ବାପା-ମା' ଓ ମାମୁ

ଅନ୍ୟପକ୍ଷରେ ସୋମବାର ନିଆଳି ବିଧାୟକ ଛବି ମଲ୍ଲିକଙ୍କ କ୍ୱାର୍ଟର୍ସକୁ ସୌମ୍ୟଙ୍କ ପରିବାର ଲୋକ ଆସିଥିଲେ। ବିଧାୟକ ଛବିଙ୍କୁ ଭେଟି ସେମାନେ ନ୍ୟାୟ ପାଇଁ ଦାବି କରିଛନ୍ତି। ଏପରିକି ସିବିଆଇ ତଦନ୍ତ ପାଇଁ ପୁଣି ଦାବି କରିଥିଲେ। ସୌମ୍ୟଙ୍କ ପରିବାର ଲୋକଙ୍କୁ ଆଶ୍ୱାସନା ସହ ପ୍ରତିଶ୍ରୁତି ଦିଆଯାଇଛି। ଏହି ଘଟଣାରେ ଗଙ୍ଗୱାରଙ୍କ ବିରୋଧରେ ଗଣମାଧ୍ୟମ ସାମ୍ନାରେ ସେମାନେ ଗୁରୁତର ଅଭିଯୋଗ ଆଣିଛନ୍ତି। ଘଟଣାରେ ଦୟାଲଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦାବି କରିଛନ୍ତି। କେବଳ ବଦଳି ଦଣ୍ଡ ନୁହେଁ, କଠୋର ଦଣ୍ଡବିଧାନ ଦରକାର ବୋଲି ସୌମ୍ୟଙ୍କ ମା କବିତା କହିଛନ୍ତି। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ନ୍ୟାୟ ମିଳିନାହିଁ। ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ ଅସନ୍ତୋଷ ଥିବା କବିତା କହିଛନ୍ତି।

### ୨୮ ପରେ ଭୀଷଣ...

ରହିବା ସହ ୨୮ ସନ୍ଧ୍ୟା କିମ୍ବା ୨୯ ବେଳକୁ କାଳବୈଶାଖୀ ଜନିତ ସ୍ଥିତି ସୃଷ୍ଟି ହେବ। ଅନ୍ୟପଟେ ଗତ କିଛି ଦିନ ହେବ ବର୍ଷା ହୋଇ ନ ଥିବା ଯୋଗୁଁ ବର୍ତ୍ତମାନ ଅଧିକାଂଶ ସ୍ଥାନରେ ଭୂପୃଷ୍ଠ ଅତି ଉତ୍ତପ୍ତ ରହିଛି। ହେଲେ ପଶ୍ଚିମାଝଡ଼ ଯୋଗୁଁ ରାଜ୍ୟକୁ ବଙ୍ଗୋପସାଗରୀୟ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହ ହେବା ଦ୍ୱାରା ଭୀଷଣ ବିଜୁଳି ଘଡ଼ଘଡ଼ି ହେବ। ୨୮-୨୯ରେ ଏହାର ସର୍ବାଧିକ ପ୍ରଭାବ ରହିବା ସହ ପବନର ପ୍ରକୋପ ମଧ୍ୟ ୬୦-୭୦ କିମି ପର୍ଯ୍ୟନ୍ତ ପହଞ୍ଚିବ।

ଅନ୍ୟପଟେ ପୂର୍ବବତ ସୋମବାର ପଶ୍ଚିମ ଓଡ଼ିଶାରେ ଭୀଷଣ ତାତି ଜାରି ରହିଛି। ବୌଦ୍ଧରେ ସର୍ବାଧିକ ତାପମାତ୍ରା ୪୫.୯ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଟିଟିଲାଗଡ଼ରେ ତାପମାତ୍ରା ୪୫.୫ ଡିଗ୍ରୀ ରେକର୍ଡ ହୋଇଛି। ଏହାକୁ ମିଶାଇ ସୋମବାର ମୋଟ୍ ୨୦ ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଛି। ମଙ୍ଗଳବାର ରାଜ୍ୟର ଅନେକ ସ୍ଥାନରେ ଦିନରେ ଭୀଷଣ ତାତି ଓ ଗୁଳୁଗୁଳି ସହ ରାତିରେ ମଧ୍ୟ ସ୍ୱାଭାବିକ ତୁଳନାରେ ତାତି ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ଏହାକୁ ଦୃଷ୍ଟିରେ ରଖି କିଛି ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ସମ୍ବଲପୁର ଓ ବଲାଙ୍ଗିରରେ ଉଭୟ ଦିନ ଓ ରାତିର ତାପମାତ୍ରା ସ୍ୱାଭାବିକ ତୁଳନାରେ ଅପେକ୍ଷାକୃତ ଯଥେଷ୍ଟ ଅଧିକ ରହିବା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକୁ ରେଡ୍ ଆଲର୍ଟ ଜାରି କରିଛି। ସେହିପରି ବୌଦ୍ଧରେ ମଧ୍ୟ ପ୍ରବଳ ତାତି ନେଇ ପାଣିପାଗ କେନ୍ଦ୍ର କହିଛି। ଏହା ବ୍ୟତୀତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଅନୁଗୁଳ, ଢେଙ୍କାନାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଆସନ୍ତା ୨୮ ତାରିଖ ମଧ୍ୟରେ କିଛି କିଛି ସ୍ଥାନରେ କାଳବୈଶାଖୀ ବର୍ଷା ହୋଇପାରେ। ମାତ୍ର ୨୮ ପରେ ଏହାର ପ୍ରଭାବ ଯଥେଷ୍ଟ ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

### ଭୁଶୁଡ଼ିଲା ଧନୁଯାତ୍ରା...

ଉଠିଛି। ଘଟଣାର ଭିଜିଲାନ୍ସ ଓ ନ୍ୟାୟିକ ତଦନ୍ତ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

ଗତ କିଛି ଦିନ ଧରି ବରଗଡ଼ ଜିଲ୍ଲାରେ ତାପମାତ୍ରା ୪୦ ଡ଼ିଗ୍ରୀ ଉପରେ ରହୁଥିବା ବେଳେ ସୋମବାର ଅପରାହ୍ନରେ ହଠାତ୍ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଥିଲା। ପ୍ରବଳ ପବନ, ଘଡ଼ଘଡ଼ି ଓ ବର୍ଷା ସହ ଝଡ଼ ତୋଫାନ ହୋଇଥିବାରୁ ଲୋକମାନେ ଆତଙ୍କିତ ହୋଇପଡ଼ିଥିଲେ। ଏହି ସମୟରେ ବରଗଡ଼ ଥାନା ଛକରେ ଗତ ଧନୁଯାତ୍ରା ମହୋତ୍ସବ ଅବସରରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଧନୁଯାତ୍ରା ସ୍ମାରକୀ ଗେଟ୍ ହଠାତ୍ ଭାଙ୍ଗି ତଳକୁ ଖସିପଡ଼ିଥିଲା। ଗେଟ୍ ତଳେ ଚାପି ହୋଇ ଖେଦାପାଲି ଗ୍ରାମର ସଞ୍ଜୟ ବାଗ ଓ ଅଜୟ ବାଗ ଗୁରୁତର ଆହତ ହୋଇଥିଲେ। ଟାଉନ ଥାନା ଅଧିକାରୀଙ୍କ ସମେତ କିଛି ସ୍ଥାନୀୟ ଲୋକ ତୁରନ୍ତ ଆହତଙ୍କୁ ଉଦ୍ଧାର କରି ବରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅନ୍ୟପଟେ ହଳଦିପାଳି ଅଞ୍ଚଳରେ ନିର୍ମିତ ଅନ୍ୟ ଏକ ସ୍ମାରକୀ ଗେଟ୍ ମଧ୍ୟ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ଝଡ଼ ପ୍ରଭାବରେ ସହରର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଥିବାରୁ ଯାତାୟାତ ବ୍ୟବସ୍ଥା ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ତେବେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଗେଟ୍ ସାମାନ୍ୟ ଝଡ଼ରେ ଭାଙ୍ଗି ପଡ଼ିବା ପରେ ନିର୍ମାଣ କାମର ଗୁଣବତ୍ତା ଉପରେ ପ୍ରଶ୍ନ ଉଠିଛି। ସାଧାରଣ ଲୋକେ ନିମ୍ନମାନର କାମ ଓ ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି। ଘଟଣା ପରେ ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଯୁବ ନେତା ସମ୍ବିଦ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସାଧୁ ନେପାକ, ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ବରିଷ୍ଠ ଆଇନଜୀବୀ ଲିପ୍‌ସିତ ମିଶ୍ର, ଆମ୍ ଆଦମୀ ପାର୍ଟି ରାଜ୍ୟ ସମ୍ପାଦକ ଭବାନୀ ପ୍ରସାଦ ସାହୁ, ପୌରାଧ୍ୟକ୍ଷା କଳ୍ପନା ମାଝୀ ଓ ସମାଜସେବୀ ଶିବାନନ୍ଦ ମଟାରୀ ପ୍ରମୁଖ ଆହତଙ୍କୁ ଭେଟି ସମବେଦନା ଜଣାଇଥିଲେ। ସେମାନେ ଏହି ଘଟଣାର ଭିଜିଲାନ୍ସ ଏବଂ ନ୍ୟାୟିକ ତଦନ୍ତ କରାଯିବାକୁ ଦାବି କରିଥିବା ବେଳେ ଗେଟ୍ ନିର୍ମାଣରେ ସଂପୃକ୍ତ ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀ ଅରୁଣ ପାଣ୍ଡେଙ୍କ ବିରୋଧରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଘଟଣାର ବିଧିବଦ୍ଧ ତଦନ୍ତ ପାଇଁ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଚିଠି ଲେଖି ଜଣାଇଥିବା ସୂଚନା ମିଳିଛି।


**Office of the Superintending Engineer**
**Earth Dam Division**
**At/Po: Chitrakonda, Dist. Malkangiri**

32001/284/2627

E-mail-executiveengineereddckd@gmail.com

**QUOTATION CALL NOTICE NO: 02/2026-27 (Vehicle)**

Sealed quotations are invited from interested reputed service provider for providing 01 (One) no. of (1) AC EV/Diesel/Petrol driven vehicle (Scorpio/Creta/Mahindra Marazzo) for Chief Construction Engineer, Potteru Irrigation Project, Balimela for the year 2026-27 (Period from 01.06.2026 to 31.03.2027) for official use having seating capacity not more than ten including driver, which shall confirm to the Terms and conditions (Annexure-II) on monthly rent basis.

1. The application form of quotation containing General Bid Information & Terms and conditions for hiring of vehicles etc. will be available with the cashier of this office and can be obtained from 25.05.2026 from 9.00 A.M. to 29.05.2026 up to 1.00 P.M. on the working days during working hour on payment of Rs.100/-(one hundred) only per set.
2. The completed quotation in all respect should reach the undersigned on or before 30.05.2026 by 11.00 A.M. and shall be opened on same day at 12.30 P.M.
3. The authority reserves the rights to reject any or all quotations without assigning any reason thereof.
4. Further details can be seen in the website Govt. of Odisha www.tendersodisha.gov.in

Superintending Engineer
Earth Dam Division, Chitrakonda

OIPR-32001/32019/1/26-27/0004

**OFFICE OF THE SUPERINTENDING ENGINEER**
**BALASORE (ROADS & BUILDINGS) DIVISION-II**
**AT/PO- BHASKARGANJ, BALASORE**

34001/254/2627

CONTACT NO :- 06782-263149
E Mail ID :- eepwdbls2@gmail.com

**SHORT TENDER CALL NOTICE**

**BID INVITATION NO. SE (R and B) BLS-II- 03/ 2026-27**

No. 4300 dt. 25.5.26

| | | |
|---|---|---|
| 1 | The Superintending Engineer, Balasore (R & B) Division-II, Balasore on behalf of the Governor of Odisha invites Percentage rate bids to be received in ONLINE MODE only for Roads & Buildings works. | |
| 2 | No. of Work | 1 No |
| 3 | Nature of work | Electrical Shifting |
| 4 | Class of Contractor | "HT" Class Contractor |
| 5 | Approx. value of work | Rs. 16.77 Lakhs |
| 6 | Tender Cost | Rs. 6000.00 |
| 7 | Availability of Bid Documents in the website | From 10.00 Hours of 29.05.2026 to 4.00 Hours of 08.06.2026 |
| 8 | Date of Opening of Bid | Dt. 08.06.2026 at 4.30 Hours |
| 9 | Other details can be seen in the Bidding documents from the website | https://tendersorissa.gov.in |

Superintending Engineer,
Balasore (R&B) Division-II

OIPR-34001/34155/1/26-27/0001

**ODISHA HYDRO POWER CORPORATION LIMITED** — 4001/110/2627

OHPC

OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, POST BALIMELA, DIST MALKANGIRI (ODISHA), PIN 764051
Phones: 06861-291058(O) / 06861-291048(R)
E-mail- bhep.balimela@gmail.com, unit.head_balimela@yahoo.com

**TENDER CALL NOTICE NO: BHEP/07/2026-27, DATED. ..05.2026**

Sealed Tenders are invited in single part bid basis from Vehicle Owners/ Travel Agencies/ individuals fulfilling the eligibility criteria as per the tender specification for the work as mentioned below.

| SL NO | Description of Services | Cost of tender paper (Non-refundable) in Rs. | EMD in shape of DD/BC (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of opening of bid |
|---|---|---|---|---|---|---|
| 01 | HIRING OF 01 (ONE) NUMBER OF CLOSED LIGHT VEHICLE (TUV 300/ BOLERO / SUMO GOLD / ERTIGA) WITH SINGLE DRIVER PROVISION FOR 03 (THREE) YEARS UNDER BHEP, BALIMELA. | Rs. 7080/- (Rupees Seven Thousand Eighty only) | Rs 17,500/- | From 25.05.2026 to up to 11.30 hrs on 08.06.2026 | 11:30 Hrs of 08.06.2026 | 12:00 Hrs of 08.06.2026 |

For details of the tender documents, terms & conditions please visit our website www.ohpcltd.com.

C&P Head
BHEP, Balimela

OIPR-4001/4019/1/26-27/0007

**"e" Procurement Notice for Tender Works** — 19001/80/2627

| Sl No | Name of the Work | Estimated Cost in lakh | Class of Contractor | Bid identification No | Period for Completion |
|---|---|---|---|---|---|
| 1 | CONSTRUCTION OF ADDL. CLASSROOM AT GOVT. UPS MUKUNDASPUR | 1398123/- | D & Above | 01 / BPS /2026-27 | 6 months |

1. Availability of Tender Online for Bidding : Dt. 25.05.2026 from 11.00 AM to dt. 11.06.2026 at 05.00 PM
2. Last date & time of seeking Tender Clarification : Dt.08.06.2026 at 5.00 PM
3. Date & time of opening of Tender : Dt.18.06.2026 at 11.00 AM

Further details can be seen from the website www.tenderodisha.gov.in

Block Development Officer
Balipatna

OIPR-19001/19303/1/26-27/0001

**AFFIDAVIT**

By virtue of an affidavit sworn before Executive Magistrate / Notary Public) baripada, Mayurbhanj , Odisha sl no:458, dated 25.05.2026, I Apruva Mohanta, AT: kadalibadia, po: samakhunta, ps: baripada sadar, dist - Mayurbhanj , PIN - 757049 declare that I have changed my name from ritu mohanta to apruva mohanta. Henceforth, I shall be known as **Apruva Mohanta** for all purposes.

**AFFIDAVIT**

By virtue of an Affidavit resident before Notary Public, Malkangiri, I Besu Khil, aged about 80 Years, S/o.: Sarathi Khil, of village: Butiguda, PO.: Biralaxmanpur, P.S./Dist.: Malkangiri, Odisha declare by this Affidavit No.: 388/26, Dated: 22/05/2026 that I have changed my name from Benu Khil to Besu Khil. Henceforth I shall be known as **Besu Khil** for all future purposes.

**AFFIDAVIT**

By virtue of an affidavit (No. 3046, dtd- 22.04.2026) sworn before The Executive Magistrate, Bhadrak. I, **Bidyasagar Parida** (new name), S/o Late Nabakrishore Parida, resident of Vill/PO: Khadimahara, PS: Dhusuri, Dist: Bhadrak, State: Odisha, PIN: 756119, declare that I have changed my name from **Bimbadhar Parida to Bidyasagar Parida.** Henceforth, I shall be known as **Bidyasagar Parida** (new name) for all purposes.

**(Bidyasagar Parida)**

**AFFIDAVIT**

By virtue of an affidavit No-1272, sworn before The Executive Magistrate Jajpur on dtd- 27/01/2026. I, **Hemanta Malik,** S/o- Biswanath Malik, permanent resident of At-Falapur, Po- Haladidiha, Ps-Alakunda, Dist-Jajpur, Odisha Pin-755016, declare that my minor daughter's name change from **Priyashree Malik** (old name) to Priyashee Malik (new name). Henceforth, she shall be known as **Priyashee Malik** (new name) for all future purposes.

**Sd/- Hemanta Malik**

## ଜାତିଆଣ ଆକ୍ଷେପ ଅଭିଯୋଗ; ୨ ଗିରଫ

ସାଲେପୁର,୨୫।୫(ସମିସ): ଜାତିଆଣ ଆକ୍ଷେପ କରିବା ଏବଂ ଅସଦାଚରଣ କରିବା ଅଭିଯୋଗରେ ସାଲେପୁର ଥାନା ପୁଲିସ ଦୁଇଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ସ୍ଥାନୀୟ ଦେଉଳି ଗ୍ରାମର ସେକ୍ ପିରୁ ଏବଂ ସେକ୍ ମୁସ୍ତାକିମ୍ ବୋଲି ଜଣାପଡ଼ିଛି। ପୁଲିସ ସୂଚନା ଅନୁଯାୟୀ, ଦେଉଳି ଗ୍ରାମର ନରେନ୍ଦ୍ର ବେହେରା ନିଜ ଘର ସମ୍ମୁଖରେ ଛିଡ଼ା ହୋଇଥିବା ସମୟରେ ଉକ୍ତ ଦୁଇ ଅଭିଯୁକ୍ତ ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ତାଙ୍କ ଉପରକୁ ଛେପ ପକାଇ ଅସମ୍ମାନ କରିଥିଲେ। ଏ ନେଇ ନରେନ୍ଦ୍ର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ଏହି ଅଭିଯୋଗ ଆଧାରରେ କେସ୍ ନଂ-୨୧୫/୨୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସାଲେପୁର ଆଇଆଇସି ମହେଶ୍ୱର ବେହେରା ସୂଚନା ଦେଇଛନ୍ତି।

## ଗୋରୁ ଗାଡ଼ି ଅଟକାଇ ଡ୍ରାଇଭରକୁ ମାଡ଼; ୨ ଗିରଫ

ସାଲେପୁର,୨୫।୫(ସମିସ): ଗୋରୁ ବୋଝେଇ ଗାଡ଼ିକୁ ଅଟକାଇ ଚାଳକଙ୍କୁ ମାରପିଟ୍ କରିବା ଅଭିଯୋଗରେ ସାଲେପୁର ଥାନା ପୁଲିସ ଦୁଇଜଣ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସ୍ଥାନୀୟ ଅଞ୍ଚଳର ନରେନ୍ଦ୍ର ବେହେରା ଏବଂ ଉଦୟ ବେହେରା। ପୁଲିସ ସୂଚନା ମୁତାବକ, ସାଲେପୁର ଥାନା ଅନ୍ତର୍ଗତ ଦେଉଳି ଗ୍ରାମ ନିକଟରେ ଏକ ଟାଟା ଏସି ଗାଡ଼ିରେ ୪ରୁ ଊର୍ଦ୍ଧ୍ୱ ଗୋରୁଗାଈ ଭର୍ତ୍ତି କରାଯାଇ ନିଆଯାଉଥିଲା। ଏହି ସମୟରେ ଅଭିଯୁକ୍ତମାନେ ଗାଡ଼ିଟିକୁ ଅଟକାଇବା ସହ ଚାଳକ ତଥା ମାହାଙ୍ଗା ଅଞ୍ଚଳର ସନ୍ତୋଷ କୁମାର ସାହୁଙ୍କୁ ବେଧଡ଼କ ମାରଧର କରିଥିଲେ। ଏ ନେଇ ଥାନାରେ ଏକ ଲିଖିତ ଅଭିଯୋଗ ହେବା ପରେ, ସାଲେପୁର ପୁଲିସ କେସ୍ ନଂ-୩୧୬/୨୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ସହ ଉକ୍ତ ଦୁଇଜଣଙ୍କୁ ଗିରଫ କରିଛି।

- ଆଉଟସୋର୍ସିଂ କର୍ମଚାରୀଙ୍କୁ ଛଟେଇ କରୁଛି ଟାଟା ପାୱାର

## ଆନ୍ଦୋଳନରେ ଚୌଦ୍ୱାରର ସମସ୍ତ ଠିକା କର୍ମଚାରୀ

ଚୌଦ୍ୱାର,୨୫।୫(ସମିସ): ବିଦ୍ୟୁତ୍ ବିତରଣ କମ୍ପାନୀ "ଟିପିସିଓଡିଏଲ' ଏବେ ବିନା କାରଣରେ କାର୍ଯ୍ୟରତ କଣ୍ଟ୍ରାକ୍ଟ ଓ ଆଉଟସୋର୍ସିଂ କର୍ମଚାରୀମାନଙ୍କୁ ଛଟେଇ କରୁଥିବା ଅଭିଯୋଗ ହୋଇଛି। କମ୍ପାନୀର ଚୌଦ୍ୱାର ସବ୍‌ଡିଭିଜନ ଅନ୍ତର୍ଗତ ୩ଟି ସେକ୍ସନରୁ ମୋଟ ୧୬ ଜଣ ପୁରୁଣା କର୍ମଚାରୀଙ୍କୁ ବାହାର କରିଦିଆଯାଇଛି। ସୂଚନା ଅନୁଯାୟୀ, ଚୌଦ୍ୱାର ସେକ୍ସନରୁ ୭ ଜଣ, ଟାଙ୍ଗୀରୁ ୫ ଜଣ ଏବଂ ଚାରବାଟିଆ ସେକ୍ସନରୁ ୪ ଜଣ କର୍ମଚାରୀଙ୍କୁ ବିଦା କରାଯାଇଛି, ଯେଉଁମାନଙ୍କ ମଧ୍ୟରୁ ଅନେକ ଦୀର୍ଘ ୧୦ରୁ ୧୫ ବର୍ଷ ହେବ ନିଷ୍ଠାର ସହ କାର୍ଯ୍ୟ କରିଆସୁଥିଲେ। ଏହି ହଠାତ୍ ଛଟେଇ ଯୋଗୁଁ ସମ୍ପୃକ୍ତ କର୍ମଚାରୀ ଓ ସେମାନଙ୍କ ପରିବାର ଉତ୍କଟ ଆର୍ଥିକ ସଙ୍କଟ ମଧ୍ୟକୁ ଠେଲି ହୋଇଯାଇଛନ୍ତି। ଏହାର ପ୍ରତିବାଦରେ ଏବଂ ସାରା ଓଡ଼ିଶା ଠିକା କର୍ମଚାରୀ ସଂଘର ଆହ୍ୱାନ କ୍ରମେ, ଚୌଦ୍ୱାର ଅଞ୍ଚଳର ସମସ୍ତ ଠିକା କର୍ମଚାରୀ ଏବେ ଭୁବନେଶ୍ୱରଠାରେ ଚାଲିଥିବା ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷରେ, ଚଳିତ ପ୍ରଖର ଗ୍ରୀଷ୍ମ ପ୍ରବାହ ସମୟରେ ବହୁ ସଂଖ୍ୟକ ବିଦ୍ୟୁତ କର୍ମଚାରୀ ଏକାଠି ଆନ୍ଦୋଳନକୁ ଓହ୍ଲାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ସେବା ବ୍ୟାହତ ହେବାର ଆଶଙ୍କା ଦେଖାଦେଇଛି। ଟାଟା ପାୱାର କର୍ତ୍ତୃପକ୍ଷ ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ତିଗିରିଆର ବିଭିନ୍ନ ସ୍ଥାନରେ ଜଳଛତ୍ର



ତିଗିରିଆ,୨୫।୫(ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ତିଗିରିଆ ବ୍ଲକର ଭିନ୍ନ ଭିନ୍ନ ସ୍ଥାନରେ ଯାତ୍ରୀ ଓ ପଥଚାରୀମାନଙ୍କୁ ପାନୀୟ ଜଳ ଏବଂ ସରବତ ବଣ୍ଟନ କରାଯାଇଛି। ବ୍ଲକର ନିଜିଗଡ଼ ପଞ୍ଚାୟତ ଅନ୍ତର୍ଗତ କରଡାପଲ୍ଲୀ ଗ୍ରାମର ଅହମଦିୟା ଯୁବ ସଂଗଠନ ପକ୍ଷରୁ ସୋମବାର ଖୁଣ୍ଟୁଣୀ-ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥର ଗୋପିନାଥପୁର ଛକ ନିକଟରେ ଏକ ଜଳଛତ୍ର ଖୋଲାଯାଇଥିଲା। ଗ୍ରାମର ମସଜିଦ୍‌ଠାରେ ସାମୂହିକ ନମାଜ ପାଠ ପରେ, ମୌଲବୀ ନାସିର ଅହମ୍ମଦ ଖାଁଙ୍କ ନେତୃତ୍ୱରେ ଯୁବ ସଂଗଠନର କର୍ମକର୍ତ୍ତାମାନେ ଏହି ରାସ୍ତା ଦେଇ ଯାତାୟତ କରୁଥିବା ଯାନବାହନର ଚାଳକ, ବସ୍ ଯାତ୍ରୀ ଓ ପଥଚାରୀମାନଙ୍କୁ ଦହି ସରବତ ଏବଂ ପାନୀୟ ଜଳ ବଣ୍ଟନ କରିଥିଲେ। ସେହିପରି ବିନ୍ଧାଣିମା ଅଞ୍ଚଳର କିଛି ସାମାଜିକ କର୍ମୀଙ୍କ ଦ୍ୱାରା ଗଠିତ "ଜୟ ଶ୍ରୀ ଜଗନ୍ନାଥ ସେବା ସଂସ୍ଥା' ପକ୍ଷରୁ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଦହିପାଣି ଓ ଲେମ୍ବୁପାଣି ବଣ୍ଟନ କରାଯାଇଛି। ସଂସ୍ଥାର ମୁଖ୍ୟ ପରିଚାଳକ ସମାଜସେବୀ ଦାସ ଭାଗିରଥି ସାହୁ ଏବଂ ସହ-ପରିଚାଳକ ଦାସ ମାୟାଧର ପ୍ରଧାନଙ୍କ ସମେତ ସହଯୋଗୀ ମନୋଜ କୁମାର ସାହୁ, ପ୍ରତିଜ୍ଞା ରାଉତ, ମିଟୁ ବାରିକ ଓ ଦୀପକ ବାରିକଙ୍କ ଉପସ୍ଥିତିରେ ଡାକ୍ତରଖାନାକୁ ଆସିଥିବା ସମସ୍ତ ରୋଗୀ, ସେମାନଙ୍କ ସମ୍ପର୍କୀୟ, ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଏବଂ କର୍ମଚାରୀମାନଙ୍କୁ ସରବତ ପ୍ରଦାନ କରାଯାଇଥିଲା। ଏହାସହ ଲୋକମାନଙ୍କୁ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସଚେତନ ମଧ୍ୟ କରାଯାଇଥିଲା।

## ବ୍ୟବସାୟୀଙ୍କ ପରଲୋକ



ସାଲେପୁର,୨୫।୫(ସମିସ): ବାରିଗୋଳ ପଞ୍ଚାୟତ ବେତେଇ ଗ୍ରାମର ବିଶିଷ୍ଟ ଯୁବ ସମାଜସେବୀ ତଥା ସାଲେପୁରର ଜଣାଶୁଣା "ଶୁଭମ୍ ପ୍ଲାଜା' ହୋଟେଲର ମାଲିକ ମନୋଜ ଦାସ (୫୩)ଙ୍କର ହଠାତ୍ ହୃଦ୍‌ଘାତ ଯୋଗୁଁ ପରଲୋକ ଘଟିଛି। ସେ ସାଲେପୁର-କଳାଗ୍ନୀ ରୋଡ୍ ପାର୍ଶ୍ୱରେ ଦୀର୍ଘ ବର୍ଷ ଧରି ହୋଟେଲ ବ୍ୟବସାୟ ସଫଳତାର ସହ ପରିଚାଳନା କରିବା ସହିତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଜଡ଼ିତ ଥିଲେ। ଜଣେ ନିରହଂକାରୀ, ପରୋପକାରୀ ଓ ମେଳାପୀ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ତାଙ୍କର ବେଶ୍ ସୁନାମ ରହିଥିଲା। ତାଙ୍କର ଏହି ଆକସ୍ମିକ ବିୟୋଗ ଖବର ପ୍ରଚାରିତ ହେବା ପରେ ସାଲେପୁର ବ୍ୟବସାୟୀ ମହଲ ଏବଂ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି।

### ଜନଅଭିଯୋଗ ଶୁଣାଣିରେ ଜନଅସନ୍ତୋଷ ତୀବ୍ରତର

# ପାଣିଠାରୁ ଜମି ପର୍ଯ୍ୟନ୍ତ ସବୁଠି ସମସ୍ୟା

- ଶୁଣୁଛି ପ୍ରଶାସନ, ସମାଧାନ କେଉଁଠି? ପ୍ରଶ୍ନ କଲେ ଲୋକେ
- ବାରଙ୍ଗରେ ଜିଲ୍ଲାପାଳଙ୍କ ଶିବିରରେ ୧୦୪ ଅଭିଯୋଗ
- ବୋତଲରେ ଗୋଳିଆ ପାଣି ଧରି ପ୍ରତିବାଦ କଲେ ମହିଳା

ତ୍ରିଶୂଳିଆ,୨୫।୫(ସମିସ):



କଟକ ଜିଲ୍ଲା ବାରଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଏଥର ସାଧାରଣ ଲୋକଙ୍କ ତୀବ୍ର ଅସନ୍ତୋଷ, କ୍ଷୋଭ ଓ ବ୍ୟାପକ ପ୍ରଶାସନିକ ବିଫଳତାର ସ୍ପଷ୍ଟ ଚିତ୍ର ପଦାରେ ପକାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ସମୁଦାୟ ୧୦୪ଟି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହସ୍ତଗତ ହୋଇଛି। ମାତ୍ର ଅଧିକାଂଶ ଆବେଦନରେ ପ୍ରଶାସନର ଚରମ ଅବହେଳା, ସ୍ଥାନୀୟ ଅଧିକାରୀଙ୍କ ନିଷ୍କ୍ରିୟତା ଏବଂ ସରକାରୀସ୍ତରରେ ଚାଲିଥିବା ଦୁର୍ନୀତି ନେଇ ସଙ୍ଗୀନ ଅଭିଯୋଗ ସବୁ ଉଠିଛି। ଶୁଣାଣି ସମୟରେ ଲୋକମାନଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିବା ବେଳେ ବ୍ୟବସ୍ଥା ବିରୋଧରେ ଜନଆକ୍ରୋଶ ସ୍ପଷ୍ଟ ଭାବେ ବାରି ହୋଇପଡୁଥିଲା। ଏପରିକି ବର୍ଷ ବର୍ଷ ଧରି ବାରମ୍ବାର ଅଭିଯୋଗ କଲେ ମଧ୍ୟ ସ୍ଥାନୀୟ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଏବଂ ଏହି ଅଭିଯୋଗ ଶିବିର କେବଳ ସରକାରୀ ଫଟୋ ଉଠାଇବା ଓ କାଗଜପତ୍ରର ସୀମିତ ପରିଧି ମଧ୍ୟରେ ବାନ୍ଧି ହୋଇ ରହିଯାଉଥିବା ନେଇ ଗ୍ରାମବାସୀମାନେ ସିଧାସଳଖ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ଏହି ଶିବିରରେ ମଧୁପୁର ପଞ୍ଚାୟତର ମଧୁବନ ଗ୍ରାମରୁ ଆସିଥିବା ଶତାଧିକ ମହିଳା ଦୂଷିତ, ଅସ୍ୱାସ୍ଥ୍ୟକର ଓ ଗୋଳିଆ ପାଣିକୁ ପ୍ଲାଷ୍ଟିକ୍ ବୋତଲରେ ଭରି ଜିଲ୍ଲାପାଳଙ୍କ ସମ୍ମୁଖରେ ରଖି ତୀବ୍ର ପ୍ରତିବାଦ କରିଥିଲେ। ସେମାନେ ଜିଲ୍ଲାପାଳଙ୍କୁ ସିଧାସଳଖ ପ୍ରଶ୍ନ କରିଥିଲେ ଯେ, ସରକାର ଯୋଗାଉଥିବା ଏହି ପାଣି କଣ ମଣିଷ ପିଇବା ଯୋଗ୍ୟ? ପାଣିର ଗୁଣବତ୍ତା ଆଦୌ ଯାଞ୍ଚ କରାଯାଉ ନ ଥିବାରୁ ସମଗ୍ର ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ଏବେ ଗମ୍ଭୀର ବିପଦରେ ପଡ଼ିଥିବା ସେମାନେ ଅଭିଯୋଗ କରିଛନ୍ତି। ସେହିପରି ଶ୍ରୀବନ୍ତପୁର ପଞ୍ଚାୟତର ବଛିପୁର ଗ୍ରାମର ମହିଳାମାନେ ବିଶୁଦ୍ଧ ପାନୀୟ ଜଳ ପାଇଁ ଦୂରଦୂରାନ୍ତରୁ ପାଣି ବୋହି ଆଣୁଥିବା ବେଳେ ସ୍ଥାନୀୟ ସରପଞ୍ଚ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ସମ୍ପୂର୍ଣ୍ଣ ନିରବ ରହିଥିବା ନେଇ କ୍ଷୋଭ ପ୍ରକାଶ ପାଇଛି। କେବଳ ନିର୍ବାଚନ ବେଳେ ଭୋଟ୍ ପାଇଁ ପ୍ରତିଶ୍ରୁତିର ବନ୍ୟା ଛୁଟେ, କିନ୍ତୁ ପରେ ଜନ ପ୍ରତିନିଧି କିମ୍ବା ପ୍ରଶାସନ କେହି ଦେଖା ଦିଅନ୍ତି ନାହିଁ ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି। ପାଣି ସମସ୍ୟା ଭଳି କୁହ୍ନେଇଁପଡା ପଞ୍ଚାୟତର ଫକୀରପଡା ଅଞ୍ଚଳରେ ଚାଲିଥିବା ବ୍ୟାପକ ସରକାରୀ ଜମି ଜବରଦଖଲ ଘଟଣା ମଧ୍ୟ ଶିବିରରେ ବେଶ୍ ଆଲୋଚିତ ହୋଇଛି। ପ୍ରଭାବଶାଳୀ ଜମି ମାଫିଆମାନେ ସରକାରୀ ଗୋଚର ଜମି ସହ ବିଦ୍ୟାଳୟ ପାଇଁ ଉଦ୍ଦିଷ୍ଟ ଜମିକୁ ମଧ୍ୟ ବେଆଇନ ଭାବେ ମାଡ଼ି ବସୁଛନ୍ତି, ଯାହା ଉପରେ ତହସିଲ ପ୍ରଶାସନ କୌଣସି କଠୋର ପଦକ୍ଷେପ ନେଉନାହିଁ। ଜମି ଜବରଦଖଲ ବ୍ୟତୀତ ବ୍ଲକର ବିଭିନ୍ନ ପଞ୍ଚାୟତରେ ବେଆଇନ ଇଟାଭାଟିଗୁଡ଼ିକ ପୁଣିଥରେ ସକ୍ରିୟ ହୋଇଉଠିବା ନେଇ ଉପସ୍ଥିତ ଜନସାଧାରଣ ପ୍ରଶାସନର ଭୂମିକା ଉପରେ ସନ୍ଦେହ ପ୍ରକାଶ କରିଥିଲେ। ପୂର୍ବରୁ ଚଢ଼ଉ କରାଯିବା ସତ୍ତ୍ୱେ କେଉଁ ଆଧାରରେ ଓ କାହା ଛତ୍ରଛାୟାରେ ଏହି ମାଫିଆମାନେ ପୁଣି ଇଟାଭାଟି ଚଳାଉଛନ୍ତି, ତାହାକୁ ନେଇ ପ୍ରଶ୍ନ ଉଠିଛି। ପ୍ରଶାସନ କେବଳ ଲୋକ ଦେଖାଣିଆ ଭାବେ ଛୋଟ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରୁଥିବା ବେଳେ ପ୍ରକୃତ ଦୋଷୀମାନେ ରାଜନୈତିକ ସୁରକ୍ଷା ବଳୟରେ ଖସି ଯାଉଥିବା ଲୋକେ କହିଛନ୍ତି। ସେହିପରି ଓମଫେଡ୍ ପ୍ଲାଣ୍ଟରୁ ବାହାରୁଥିବା ଦୂଷିତ ବର୍ଜ୍ୟପାଣି ସ୍ଥାନୀୟ ଚାଷଜମି ଓ ଲୋକଙ୍କ ଘରୋଇ ଜମି ଉପରକୁ ମାଡ଼ି ଆସୁଥିବାରୁ ଏକର ଏକର ଚାଷଜମି ନଷ୍ଟ ହେବା ସହ ପ୍ରବଳ ଦୁର୍ଗନ୍ଧ ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅନ୍ୟପକ୍ଷରେ, ବେଣ୍ଟୁଆ ଗ୍ରାମର ବହୁ ଗରିବ ଆଦିବାସୀ ପରିବାର ଦୀର୍ଘ ବର୍ଷ ଧରି ସେଠାରେ ବସବାସ କରୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଜମି ପଟ୍ଟା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ଏସବୁ ସମସ୍ୟା ବ୍ୟତୀତ ବାରଙ୍ଗ ବ୍ଲକର ବିଭିନ୍ନ ଅଞ୍ଚଳରେ ଲଗାତାର ଅଘୋଷିତ ବିଦ୍ୟୁତ କାଟ, ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନରେ ବ୍ୟାପକ ଅନିୟମିତତା, କୃଷି ସହାୟତା ପ୍ରଦାନରେ ଚାଷୀଙ୍କୁ ଅବହେଳା ଏବଂ ଶିକ୍ଷା ବିଭାଗର ଭୁଶୁଡ଼ି ପଡ଼ିଥିବା ଅବ୍ୟବସ୍ଥାକୁ ନେଇ ମଧ୍ୟ ଲୋକମାନେ ସମସ୍ୟା ଜଣାଇଥିଲେ। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ସମୟରେ କମିଶନରେଟ୍ ପୁଲିସ ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ସିଡିଓ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଏବଂ ବାରଙ୍ଗ ତହସିଲଦାର ଡ. ତୁଷାର ଜ୍ୟୋତି ରଞ୍ଜନଙ୍କ ସମେତ ବିଭିନ୍ନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲାପାଳ ଶ୍ରୀ ଶିନ୍ଦେ କେତେକ ଗୁରୁତର ସମସ୍ୟାର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିବା ବେଳେ ଉତ୍ତ୍ୟକ୍ତ ଲୋକମାନେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ସେମାନେ ଆଉ କେବଳ କାଗଜପତ୍ରର ପ୍ରତିଶ୍ରୁତି ଚାହାନ୍ତି ନାହିଁ, ବରଂ ଗ୍ରାଉଣ୍ଡ ଜିରୋରେ ବାସ୍ତବ କାମ ଦେଖିବାକୁ ଚାହୁଁଛନ୍ତି।

## ଟାଙ୍ଗୀ ବ୍ଲକ ସମ୍ମୁଖରେ ସିପିଆଇଏମ୍‌ର ବିକ୍ଷୋଭ




ଟାଙ୍ଗୀ,୨୫।୫(ସମିସ): ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ, ୩୦୦ ୟୁନିଟ୍ ମାଗଣା ବିଜୁଳି ଏବଂ ୩୦୦୦ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ଭଳି ବିଭିନ୍ନ ଦାବି ନେଇ ସିପିଆଇ(ଏମ୍) ଟାଙ୍ଗୀ-ଚୌଦ୍ୱାର ଆଞ୍ଚଳିକ କମିଟି ପକ୍ଷରୁ ସୋମବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ କମିଟି ସମ୍ପାଦକ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ଜିଲ୍ଲା ସମ୍ପାଦକ ବଦ୍ରିନାରାୟଣ ଦାଶ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟା ପୁଷ୍ପା ଦାଶ ଓ କୃଷକ ସଭା ଜିଲ୍ଲା ସମ୍ପାଦକ ଡମ୍ବରୁଧର ସାହୁ ପ୍ରମୁଖ ଯୋଗଦେଇଥିଲେ। ନେତୃବୃନ୍ଦ ଅଭିଯୋଗ କରିଛନ୍ତି ଯେ ସ୍ମାର୍ଟ ମିଟର ଲଗାଇବା ନାମରେ ରାଜକୋଷରୁ ଅଯଥା ୭୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏହା ସହ ବ୍ଲକ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟକଳାପ ଏବଂ ଦୁଇ ବର୍ଷ ଭିତରେ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ନ କରିବା ବିଷୟ ନେଇ ସେମାନେ "ଡବଲ ଇଞ୍ଜିନ' ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଆନ୍ଦୋଳନ ଶେଷରେ ଦଳର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଟାଙ୍ଗୀ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସୁରେନ୍ଦ୍ର ସାହୁ, ଜୟନ୍ତୀ ଗାଗାରାଇ ଓ ଗଗନ ବିହାରୀ ସାହୁଙ୍କ ସମେତ ବହୁ ଦଳୀୟ କର୍ମୀ ନେତୃତ୍ୱ ନେଇଥିଲେ।

### ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦ

## ଟାଟା ପାୱାର କାର୍ଯ୍ୟାଳୟ ଘେରିଲେ ଉପଭୋକ୍ତା



ନିଶ୍ଚିନ୍ତକୋଇଲି,୨୫।୫(ସମିସ): ନିଶ୍ଚିନ୍ତକୋଇଲି ବିଦ୍ୟୁତ ଉପଖଣ୍ଡ ଅନ୍ତର୍ଗତ ଅସୁରେଶ୍ୱର ସେକ୍ସନରେ ଦୀର୍ଘ ଦିନ ହେଲା ଚାଲିଥିବା ଘନ ଘନ ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ଗତକାଲି ରାତିରେ ସ୍ଥାନୀୟ ଉତ୍ତ୍ୟକ୍ତ ଜନସାଧାରଣ ଟାଟା ପାୱାର କାର୍ଯ୍ୟାଳୟ ଘେରିଥିଲେ। ତେବେ କାର୍ଯ୍ୟାଳୟରେ କୌଣସି ଅଧିକାରୀ କିମ୍ବା କର୍ମଚାରୀ ଉପସ୍ଥିତ ନ ଥିବାରୁ ଲୋକେ ନିରାଶ ହୋଇ ଫେରିଛନ୍ତି। ସୂଚନାଯୋଗ୍ୟ, ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ସହ ଅସହ୍ୟ ଗୁଳୁଗୁଳି ଜାରି ରହିଥିବା ବେଳେ ଏହି ନିରବଚ୍ଛିନ୍ନ ବିଦ୍ୟୁତ କାଟ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ବିଶେଷ କରି ଶିଶୁ, ବୃଦ୍ଧ ଓ ରୋଗୀମାନେ ଏଥିଯୋଗୁଁ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି। ଏହା ସହ ଅଞ୍ଚଳରେ ବ୍ୟାପକ "ଲୋ-ଭୋଲଟେଜ୍' ସମସ୍ୟା କାରଣରୁ ଫ୍ୟାନ୍ ଓ ଏସି ଆଦି ବୈଦ୍ୟୁତିକ ସରଞ୍ଜାମ ଚାଲିପାରୁନାହିଁ। ବିଦ୍ୟୁତ ବିଭାଗ ନିୟମିତ ବିଲ୍ ଆଦାୟ କରୁଥିଲେ ମଧ୍ୟ ସେବା ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ବିଭାଗ ପକ୍ଷରୁ ତୁରନ୍ତ ଏହାର ସ୍ଥାୟୀ ସମାଧାନ କରା ନ ଗଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି।

## ବେଆଇନ ଗୋଚାଲାଣ ବେଳେ ଚଢ଼ଉ

- ୩ ପିକ୍‌ଅପ୍ ଭ୍ୟାନ୍ ସହ ୧୨୦ରୁ ଊର୍ଦ୍ଧ୍ୱ ଗୋରୁ ଜବତ



ନିଶ୍ଚିନ୍ତକୋଇଲି,୨୫।୫(ସମିସ): ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ସୁକରପଡ଼ା ଅଞ୍ଚଳରେ ଚାଲିଥିବା ବେଆଇନ ଗୋଚାଲାଣ ଉପରେ ପୁଲିସ ଏକ ବଡ଼ଧରଣର ଚଢ଼ଉ କରିଛି। ସୋମବାର ଦିନ ଏହି ଅଞ୍ଚଳରୁ ବାହାରକୁ ଗୋରୁ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ସମୟରେ ନିଶ୍ଚିନ୍ତକୋଇଲି ପୁଲିସ ସଦଳବଳେ ପହଞ୍ଚି ୩ଟି ପିକ୍‌ଅପ୍ ଭ୍ୟାନ ସମେତ ୧୨୦ରୁ ଊର୍ଦ୍ଧ୍ୱ ଗୋରୁଗାଈଙ୍କୁ ଜବତ କରିଛି। ଆସନ୍ତା ୨୮ ତାରିଖରେ ବକ୍ରି ଇଦ ପର୍ବ ଥିବାରୁ ଗୋମାଫିଆମାନେ ସୁକରପଡ଼ା ଆରଆଇ ଅଫିସ ସମ୍ମୁଖରେ ବହୁ ସଂଖ୍ୟାରେ ଗୋରୁ ରଖି ଗାଡ଼ିରେ ବୋଝେଇ କରୁଥିବା ବେଳେ ପୁଲିସ ହାବୁଡ଼ରେ ପଡ଼ିଥିଲେ। ତେବେ ଏହି ସଫଳତା ସତ୍ତ୍ୱେ ସ୍ଥାନୀୟ ଅଞ୍ଚଳରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ବର୍ଷ ଧରି ସୁକରପଡ଼ା ଅଞ୍ଚଳ ବେଆଇନ ଗୋଚାଲାଣର ମୁଖ୍ୟ କେନ୍ଦ୍ର ପାଲଟିଥିଲେ ମଧ୍ୟ ପୁଲିସ ଓ ପ୍ରଶାସନର କୋହଳ ମନୋଭାବ ଯୋଗୁଁ ଗୋମାଫିଆମାନେ ସକ୍ରିୟ ରହିଥିବା ସାଧାରଣରେ ଆଲୋଚନା ହେଉଛି। ପୁଲିସ କେବଳ ଭ୍ୟାନରେ ଥିବା ଗୋରୁଙ୍କୁ ଜବତ କରିଥିବା ବେଳେ ଏହି ଅଞ୍ଚଳର ଦେପୋଖରୀ ହୁଡ଼ାରେ ଏବେ ମଧ୍ୟ ରହିଥିବା ହଜାର ହଜାର ଗୋରୁଗାଈଙ୍କୁ କାହିଁକି ଜବତ କରାଯାଉନାହିଁ, ସେ ନେଇ ସ୍ଥାନୀୟ ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗରେ ସ୍ମୃତିସଭା



ଟାଙ୍ଗୀ,୨୫।୫(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଫା ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ବିଚିତ୍ରାନନ୍ଦ ବେହେରାଙ୍କ ପରଲୋକରେ ସଫା ନେହେରୁ ନୋଡାଲ ବିଦ୍ୟାଳୟ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଧିରେନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ଗଙ୍ଗାଧର ବେହେରା, ସ୍ଥାନୀୟ ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ ଓ ଅବସରପ୍ରାପ୍ତ ଶିକ୍ଷକ ଜୀବନ କୁମାର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥି ଓ ପୁରାତନ ଛାତ୍ରଛାତ୍ରୀମାନେ ସ୍ୱର୍ଗତ ବିଚିତ୍ରାନନ୍ଦ ସାର୍‌ଙ୍କ ଆଦର୍ଶ ଜୀବନୀ ଉପରେ ଆଲୋକପାତ କରିବା ସହ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା ସଭା ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସୌଦାମିନୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଙ୍ଗୀ ପୁଲିସର 'ଫିଟ୍ ଇଣ୍ଡିଆ' ସାଇକଲ ଶୋଭାଯାତ୍ରା




ଟାଙ୍ଗୀ,୨୫।୫(ସମିସ): ୨୦୩୦ କମନ୍‌ୱେଲଥ୍ ଗେମ୍ସକୁ ସଫଳ କରିବା ଏବଂ "ଫିଟ୍ ଇଣ୍ଡିଆ' କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଲକ୍ଷ୍ୟରେ ଟାଙ୍ଗୀ ଥାନା ପକ୍ଷରୁ ରବିବାର ପୂର୍ବାହ୍ନରେ ଏକ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ଉପଖଣ୍ଡ ପୁଲିସ ଅଧିକାରୀ ଉମାକାନ୍ତ ନାୟକ ଏବଂ ଥାନା ଭାରପ୍ରାପ୍ତ ଆରକ୍ଷୀ ନିରୀକ୍ଷକ ବିକାଶ ସେଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସଆଇ ପ୍ରଶାନ୍ତ ବେହେରା ଓ ସମସ୍ତ ଥାନା କର୍ମଚାରୀ ସାମିଲ ହୋଇଥିଲେ। ପୁଲିସ କର୍ମଚାରୀଙ୍କ ସହିତ ସ୍ଥାନୀୟ ଅଞ୍ଚଳର ବହୁ ଛାତ୍ରଛାତ୍ରୀ ଏବଂ ସାମାଜିକ କର୍ମୀ ଏହି ସଚେତନତା ରାଲିରେ ଅତି ଉତ୍ସାହର ସହ ଭାଗ ନେଇଥିଲେ। ଏହି ଶୋଭାଯାତ୍ରାଟି ଟାଙ୍ଗୀ ଥାନା ପରିସରରୁ ବାହାରି ୧୬ ନମ୍ବର ଜାତୀୟ ରାଜପଥ ଦେଇ ସମଗ୍ର ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିବା ସହ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ବାଣ୍ଟିଥିଲା।

## କେନାଲକୁ ଓଲଟିଲା ଟ୍ରାକ୍ଟର; ଚାଳକଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୨୫।୫(ସମିସ): ନେମାଳ ଥାନା ଅନ୍ତର୍ଗତ ଜନାର୍ଦ୍ଦନପୁର ପଞ୍ଚାୟତ ଶନିଶ୍ଚର ଗଡ଼ା ଚିତ୍ରୋପ୍ତଳା ନଦୀଘାଟରୁ ବିଳମ୍ବିତ ରାତିରେ ବେଆଇନ ବାଲି ଉଠାଣ ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ବାଲି ବୋଝେଇ କରି ଫେରୁଥିବା ଏକ ଟ୍ରାକ୍ଟର ନଦୀବନ୍ଧ ରାସ୍ତା କଡ଼ରେ ଥିବା କେନାଲ ମଧ୍ୟକୁ ଓଲଟି ପଡ଼ିବାରୁ ଟ୍ରାକ୍ଟର ଚାଳକଙ୍କର ମୃତ୍ୟୁ ଘଟିଛି। ମୃତ ଚାଳକ ଜଣକ ଜନାର୍ଦ୍ଦନପୁର ପଞ୍ଚାୟତ କେଉଟୁଲି (ଗୋପିନାଥପୁର) ଗ୍ରାମର ବିପିନ ଭୋଇଙ୍କ ପୁଅ ଲକ୍ଷ୍ମୀଧର ଭୋଇ (୨୮)। ଗତ ମାତ୍ର ୩ ମାସ ତଳେ ତାଙ୍କର ବିବାହ ହୋଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନେମାଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛି। ଏହି ବେଆଇନ ବାଲି ଚାଲାଣକୁ ତୁରନ୍ତ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

### ପୋଡ଼ିଗଲା ବସୁଧା ପ୍ରକଳ୍ପର ମୋଟର

## ୪ ଦିନ ହେଲା ସମସ୍ୟାରେ ଗୋକର୍ଣ୍ଣଖାଲ ଗ୍ରାମ

ତିଗିରିଆ,୨୫।୫(ସମିସ):



ତିଗିରିଆ ବ୍ଲକ ଭୋଗଡ଼ା ପଞ୍ଚାୟତ ଅନ୍ତର୍ଗତ ଗୋକର୍ଣ୍ଣଖାଲ ଗ୍ରାମରେ ଜଳ ସଙ୍କଟ ଉଗ୍ର ରୂପ ଧାରଣ କରିଛି। ବସୁଧା ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପାନୀୟ ଜଳ ପ୍ରକଳ୍ପର ମୋଟରଟି ପୋଡ଼ିଯିବା ଫଳରେ ଗତ ୪ ଦିନ ହେଲା ଗ୍ରାମର ୧୨୫ରୁ ଊର୍ଦ୍ଧ୍ୱ ପରିବାରର ପ୍ରାୟ ୧ ହଜାରରୁ ଅଧିକ ଜନସାଧାରଣ ଟୋପାଏ ପିଇବା ପାଣି ପାଇଁ ଡହଳବିକଳ ହେଉଛନ୍ତି। ସୂଚନାଯୋଗ୍ୟ, ଗ୍ରାମର ୩ଟି ୱାର୍ଡର ବାସିନ୍ଦାଙ୍କ ପାଇଁ ପ୍ରାୟ ୭ ବର୍ଷ ତଳେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ମାତ୍ର ସାରା ଗ୍ରାମ ପାଇଁ କେବଳ ଗୋଟିଏ ବୋରୱେଲ୍ ଥିବାରୁ ଏହା ପୂର୍ବରୁ ମଧ୍ୟ ଆବଶ୍ୟକ ଜଳ ଯୋଗାଇବାରେ ଅସମର୍ଥ ହେଉଥିଲା। ଗୋକର୍ଣ୍ଣଖାଲ ଗ୍ରାମଟି ପାହାଡ଼ିଆ ଅଞ୍ଚଳରେ ଅବସ୍ଥିତ ହୋଇଥିବାରୁ ଗ୍ରୀଷ୍ମ ଋତୁରେ ଏଠାରେ ଭୂତଳ ଜଳସ୍ତର ଅତ୍ୟନ୍ତ ନିମ୍ନଗାମୀ ହୋଇଯାଇଥାଏ। ଏଭଳି ସ୍ଥିତିରେ ଗତ ୪ ଦିନ ତଳେ ହୋଇଥିବା କାଳବୈଶାଖୀ ଜନିତ ଘଡ଼ଘଡ଼ି ଯୋଗୁଁ ପ୍ରକଳ୍ପର ପାଣି ମୋଟରଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ପମ୍ପ ଚାଳକ ହେମନ୍ତ କୁମାର ପ୍ରଧାନ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜଳଯୋଗାଣ ବିଭାଗର ଯନ୍ତ୍ରୀଙ୍କୁ ଜଣାଇବା ପରେ ବିଭାଗୀୟ କର୍ମଚାରୀ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ନୂତନ ମୋଟର ଲଗାଯାଇ ନାହିଁ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ବିଭାଗର ଏଭଳି ସମ୍ବେଦନହୀନତାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି। ପୋଡ଼ିଯାଇଥିବା ପମ୍ପର ତୁରନ୍ତ ମରାମତି ସହ ସ୍ଥାୟୀ ପ୍ରତିକାର ସ୍ୱରୂପ ଗ୍ରାମରେ ଆଉ ଏକ ନୂତନ ବୋରୱେଲ୍ ସ୍ଥାପନ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦୃଢ଼ ଦାବି କରିଛନ୍ତି।

## ୩ ଦିନ ହେଲା କୁଶିଙ୍ଗା ପାନୀୟ ଜଳ ପ୍ରକଳ୍ପ ବନ୍ଦ

**ପ୍ରଚଣ୍ଡ ଖରାରେ ୩ ଶହ ପରିବାର ହନ୍ତସନ୍ତ**

କନ୍ଦରପୁର,୨୫।୫(ସମିସ): କଟକ ସଦର ବ୍ଲକ ପରମହଂସ ଗ୍ରାମ ପଞ୍ଚାୟତ ୬ ନମ୍ବର ୱାର୍ଡ କୁଶିଙ୍ଗା ଗ୍ରାମର ସରକାରୀ ପାନୀୟ ଜଳ ପ୍ରକଳ୍ପଟି ଗତ ୩ ଦିନ ଧରି ବନ୍ଦ ରହିଛି। ଏହି ପ୍ରଚଣ୍ଡ ରୌଦ୍ରତାପ ସମୟରେ ଜଳ ଯୋଗାଣ ବ୍ୟାହତ ହେବା ଫଳରେ ସ୍ଥାନୀୟ ପ୍ରାୟ ୩୦୦ ପରିବାର ପାଣି ମୁନ୍ଦେ ପାଇଁ ଡହଳବିକଳ ହେଉଛନ୍ତି। ଅଞ୍ଚଳର ଅଧିକାଂଶ ସରକାରୀ ନଳକୂପ ଅଚଳ ହୋଇପଡ଼ିଥିବାରୁ ଜଳ ସଙ୍କଟ ଆହୁରି ଉଗ୍ର ରୂପ ଧାରଣ କରିଛି ଏବଂ ଲୋକେ ବାଧ୍ୟ ହୋଇ ଅନ୍ୟମାନଙ୍କ ବ୍ୟକ୍ତିଗତ ଗଭୀର ନଳକୂପ ଉପରେ ନିର୍ଭର କରୁଛନ୍ତି। ଜନସାଧାରଣଙ୍କ ଅଭିଯୋଗ ଅନୁଯାୟୀ, ଏହି ପ୍ରକଳ୍ପରୁ ପମ୍ପ ଚଳାଇବା ସମୟରେ କୌଣସି ନିୟମିତତା ରହୁନାହିଁ। କାହାର ବ୍ୟକ୍ତିଗତ ଘର ପ୍ରତିଷ୍ଠା, ମେଳା କିମ୍ବା ଛାତ ପଡ଼ିବା କାମ ଥିଲେ ଦିନସାରା ଅନବରତ ପାଣି ଦିଆଯାଉଥିବା ବେଳେ ସାଧାରଣ ଲୋକଙ୍କ ପାଇଁ ଜଳ ଯୋଗାଣ ବନ୍ଦ ରହୁଛି। ଏହି ବେନିୟମ ଜଳ ପରିଚାଳନା ପ୍ରତି ଦୃଷ୍ଟି ଦେଇ ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ସ୍ଥାନୀୟ ବାସିନ୍ଦା ପରମହଂସ ପଞ୍ଚାୟତ ସରପଞ୍ଚ ତ୍ରିଲୋଚନ ପାତ୍ରଙ୍କୁ ଅବଗତ କରାଇଛନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୭୦ ● ପାଉଣ୍ଡ ୧୨୮.୫୧
- ୟୁରୋ ୧୧୦.୯୭ ● ୟେନ୍ ୦.୬୦

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୬,୧୦୦ (ଭୁବନେଶ୍ୱର)
- ରୁପା : ୨,୯୫,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୪୮୮.୦୦
- ନିଫ୍ଟି ୨୪,୦୩୧.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ଝଟ୍‌କା ପରେ ଝଟ୍‌କା

# ଲିଟର ପିଛା ୩୩ ଟଙ୍କା ଯାଏ ବଢ଼ିବ ତେଲ ଦର !




ନୂଆଦିଲ୍ଲୀ,୨୫।୫(ଏଜେନ୍ସି)

ଭାରତୀୟ ପରିବାରଗୁଡିକ ଉପରେ ମୁଦ୍ରାସ୍ଫୀତିର ବୋଝ ବଢ଼ିଚାଲିଛି । ପନିପରିବା, ଖାଇବା ତେଲ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦରରେ ବୃଦ୍ଧି ରୋଷେଇ ଘର ବଜେଟକୁ ପୂର୍ବରୁ ଚାପ ପକାଇଛି । ଏହି ସମୟରେ, ବଜାର ବିଶେଷଜ୍ଞମାନେ ଆଗାମୀ ଦିନରେ ପେଟ୍ରୋଲ ଏବଂ ଡିଜେଲ ଦରରେ ଆହୁରି ବୃଦ୍ଧି ହେବା

### ତେଲ କମ୍ପାନୀଙ୍କୁ ଅନୁଗ୍ରହ, ଖାଉଟିଙ୍କ ଅବସ୍ଥା 'ବାରଗଣ୍ଡା ଦି କଡ଼ା'

ନେଇ ଆକଳନ କରିଛନ୍ତି । ସୋମବାର ତେଲ ଦରରେ ପୁଣି ବୃଦ୍ଧି କରାଯାଇଥିଲା, ଯାହା ଗତ ୧୦ ଦିନ ମଧ୍ୟରେ ଚତୁର୍ଥ ବୃଦ୍ଧି । ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କ୍ରମାଗତ ଭାବେ ବୃଦ୍ଧି ସତ୍ତ୍ୱେ, ଦେଶର ତିନୋଟି ରାଷ୍ଟ୍ରାୟତ୍ତ ତୈଳ ବିପଣନକାରୀ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେସନ, ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ ବିପୁଳ ଆର୍ଥିକ କ୍ଷତି ସହୁଥିବା କହିଛନ୍ତି । ଅପରପକ୍ଷେ କେନ୍ଦ୍ର ସରକାର ତେଲ କମ୍ପାନୀଙ୍କୁ ଅନୁଗ୍ରହ ଦେଖାଇ ପେଟ୍ରୋଲ ଏବଂ ଡିଜେଲ ଦରରେ ଏଭଳି ବୃଦ୍ଧି କରୁଛନ୍ତି । ଏଥିରେ ଖାଉଟିଙ୍କ ଅବସ୍ଥା 'ବାରଗଣ୍ଡା ଦି କଡ଼ା' ସଦୃଶ ।

ଗତ ୧୦ ଦିନ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଲିଟର ପିଛା ମୋଟ ୭ ଟଙ୍କାରୁ ଅଧିକ ବୃଦ୍ଧି କରାଯାଇଛି । ଏହି ବୃଦ୍ଧି ୪ଟି ପର୍ଯ୍ୟାୟରେ ହୋଇଛି । ପ୍ରଥମେ ପର୍ଯ୍ୟାୟରେ ୩ ଟଙ୍କା, ତାପରେ ୯୦ ପଇସା, ପରେ ୮୭ ପଇସା ଏବଂ ଏବେ ଲିଟର ପିଛା ୨.୬୧ ପଇସା ବୃଦ୍ଧି କରାଯାଇଛି । ତଥାପି, ଆର୍ଥିକ ବଜାର ଆକଳନ ଅନୁଯାୟୀ, ଏହି ବୃଦ୍ଧି ତୈଳ କମ୍ପାନୀଗୁଡ଼ିକର କ୍ଷତି ପୂରଣ ପାଇଁ ଯଥେଷ୍ଟ ନୁହେଁ । ଅଶୋଧିତ ତୈଳ କ୍ରୟ ଏବଂ ବିଶୋଧନ ଖର୍ଚ୍ଚ ଏବଂ ଖୁଚୁରା ବିକ୍ରୟ ମୂଲ୍ୟ ମଧ୍ୟରେ ବ୍ୟବଧାନ ପୂରଣ କରିବା ଏବଂ ପୂର୍ବ କ୍ଷତିର ସମ୍ପୂର୍ଣ୍ଣ କ୍ଷତିପୂରଣ ଦେବା ପାଇଁ ତେଲ ଦର ଲିଟର ପିଛା ୨୮ ରୁ ୩୩ ଟଙ୍କା ବୃଦ୍ଧି କରିବା ଆବଶ୍ୟକ । ଏହାର ଅର୍ଥ ହେଉଛି ଯେ ସାମ୍ପ୍ରତିକ ବୃଦ୍ଧି ପରେ ମଧ୍ୟ ଗତ କିଛି ମାସ ଧରି ହୋଇଥିବା କ୍ଷତିର କ୍ଷତିପୂରଣ ପାଇଁ ତୈଳ କମ୍ପାନୀଗୁଡ଼ିକୁ ଅତି କମରେ ୨୦ ଟଙ୍କା ମୂଲ୍ୟ ବୃଦ୍ଧି କରିବାକୁ ପଡିବ । ଆର୍ଥିକ ଏବଂ ରାଜନୈତିକ ଦୃଷ୍ଟିକୋଣରୁ ଏତେ ବଡ଼ ବୃଦ୍ଧି ଅସମ୍ଭବ ମନେହୁଏ, ବିଶ୍ଳେଷକମାନେ ବିଶ୍ୱାସ କରନ୍ତି ଯେ ଭବିଷ୍ୟତରେ ପର୍ଯ୍ୟାୟକ୍ରମେ ମୂଲ୍ୟ ବୃଦ୍ଧି ଅନିବାର୍ଯ୍ୟ । କାରଣ ସାମ୍ପ୍ରତିକ ମୂଲ୍ୟ ସଂଶୋଧନ ପୂର୍ବରୁ ତୈଳ କମ୍ପାନୀଗୁଡ଼ିକ ପୂର୍ବରୁ ବଡ଼ ଚାପରେ ଥିଲେ ।

୨୮ ଫେବୃଆରୀରେ ଆରମ୍ଭ ହୋଇଥିବା ଇରାନ ସଙ୍କଟ ପରେ ବିଶ୍ୱ ସ୍ତରରେ ଅଶୋଧିତ ତୈଳ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଥିଲା । ଏହି ସଙ୍କଟ ସମୟରେ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଥିଲା, ଯାହା ଫଳରେ ଅଶୋଧିତ ତୈଳ ଆମଦାନୀ ଏବଂ ବିଶୋଧନ ଇନ୍ଧନ ଯଥେଷ୍ଟ ମହଙ୍ଗା ହୋଇଯାଇଥିଲା । ଇରାନ ଏବଂ ଆମେରିକା ମଧ୍ୟରେ ଏକ ସମ୍ଭାବ୍ୟ କୂଟନୈତିକ ଚୁକ୍ତିର ଆଶା ମଧ୍ୟରେ ବିଶ୍ୱ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ୫% ହ୍ରାସ ପାଇଛି । ଯଦି ଅଶୋଧିତ ତୈଳ ମୂଲ୍ୟ ନିମ୍ନ ସ୍ତରରେ ରହେ, ତେବେ ଭାରତୀୟ ଇନ୍ଧନ ମୂଲ୍ୟ ଉପରେ ଚାପ ହ୍ରାସ ପାଇପାରେ । ତଥାପି,ବଜାର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି ଯେ ଯଦି ଏକ କୂଟନୈତିକ ସମାଧାନ ହୁଏ, ତେବେ ଯୋଗାଣ ଶୃଙ୍ଖଳ ଏବଂ ପରିବହନ ମାର୍ଗଗୁଡ଼ିକୁ ସ୍ୱାଭାବିକ ହେବାକୁ ସମୟ ଲାଗିବ । ବୀମା ପ୍ରିମିୟମ, ମାଲ ପରିବହନ ଖର୍ଚ୍ଚ ଏବଂ ଭୂରାଜନୈତିକ ବିପଦ ଯୋଗୁଁ ନିକଟ ଭବିଷ୍ୟତରେ ବଜାରରେ ଅଶୋଧିତ ତୈଳ ମୂଲ୍ୟ ଅଧିକ ରହିବାର ସମ୍ଭାବନା ଅଛି ।

### ୧୦ ଦିନରେ କେତେ ବଢ଼ିଛି

| ତାରିଖ | ପେଟ୍ରୋଲ | ଡିଜେଲ୍ |
|---|---|---|
| ମେ' ୧୫ | ୩. ୦୦ ଟଙ୍କା | ୩.୦୦ ଟଙ୍କା |
| ମେ' ୧୯ | ୦. ୯୦ ପ. | ୦. ୯୦ ପ. |
| ମେ' ୨୩ | ୦. ୮୭ପ. | ୦. ୯୧ ପ. |
| ମେ' ୨୫ | ୨.୬୧ ଟଙ୍କା | ୨.୭୧ ଟଙ୍କା |

### ପେଟ୍ରୋଲ, ଡିଜେଲରୁ ଉତ୍ପାଦ ଶୁଳ୍କ କମିଲେ

# ୧ ଲକ୍ଷ କୋଟିର ରାଜସ୍ୱ କ୍ଷତି: ନିର୍ମଳା

- ଅର୍ଥମନ୍ତ୍ରୀଙ୍କ ଥ୍ରୀ 'ଏଫ୍' ମନ୍ତ୍ର
- ଫୁଏଲ୍, ଫର୍ଟିଲାଇଜର, ଫୋରେକ୍ସ ଉପରେ ଗୁରୁତ୍ୱ
- ପରିବହନ ଖର୍ଚ୍ଚ ଉପରେ ଚାପ



ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ସମ୍ପ୍ରତି କ୍ରମାଗତ ଭାବେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ହୋଇଥିବା ବୃଦ୍ଧିକୁ ନେଇ ସାରା ଦେଶରେ ଚର୍ଚ୍ଚା । ଠିକ୍ ଏହି ସମୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସୋମବାର ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ, ଯଦି ପେଟ୍ରୋଲ ଏବଂ ଡିଜେଲ ଉପରୁ ଉତ୍ପାଦ ଶୁଳ୍କ ହ୍ରାସ କରାଯାଏ, ତେବେ ଦେଶର ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ରାଜସ୍ୱ କ୍ଷତି ହେବ । ଅର୍ଥମନ୍ତ୍ରୀଙ୍କର ଏହି ମନ୍ତବ୍ୟ ଏପରି ଏକ ସମୟରେ ଆସିଛି, ଯେତେବେଳେ ଦେଶରେ ଇନ୍ଧନ ଦର ଲଗାତାର ୪ ଥର ଥରେ ବୃଦ୍ଧି ପାଇଛି । ବିଗତ ୧୦ ଦିନ ମଧ୍ୟରେ ଚତୁର୍ଥ ଥର ପାଇଁ ପେଟ୍ରୋଲ-ଡିଜେଲ ମୂଲ୍ୟ ବୃଦ୍ଧି ହୋଇଛି । ତେଲ ଦରରେ ଏହି ବୃଦ୍ଧି ସାଧାରଣ ପରିବାରର ବଜେଟ୍ ଏବଂ ପରିବହନ ଖର୍ଚ୍ଚ ଉପରେ ଚାପ ବଢ଼ାଇଦେଇଛି । ସିଡ୍‌ବିର ୩୭ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୀତାରମଣ ଏହି ମତ ରଖିଛନ୍ତି ।

ଏହି ଅବସରରେ ଅର୍ଥମନ୍ତ୍ରୀ ଥ୍ରୀ 'ଏଫ୍' ଉପରେ ଗୁରୁତ୍ୱ ଦେଇଛନ୍ତି । ମଧ୍ୟପ୍ରାଚ୍ୟ ସଙ୍କଟକୁ ପ୍ରାୟ ତିନି ମାସ ପୂରିବାକୁ ଯାଉଥିବାବେଳେ ଅର୍ଥମନ୍ତ୍ରୀ ଥ୍ରୀ 'ଏଫ୍' ଫ୍ୟୁଏଲ୍ ( ଇନ୍ଧନ),ଫର୍ଟିଲାଇଜର୍ (ସାର),ଫୋରେକ୍ସ (ବୈଦେଶିକ ମୁଦ୍ରା ଭଣ୍ଡାର) ଏବଂ ବିଶ୍ୱସ୍ତରୀୟ ଅନିଶ୍ଚିତତା ଏବଂ ଚାପ ସତ୍ତ୍ୱେ ଭାରତୀୟ ଅର୍ଥନୀତି ସୁଦୃଢ଼ ସ୍ଥିତିରେ ରହିଛି । ଅନ୍ତର୍ଜାତୀୟ ସ୍ତରରେ ସାର ମୂଲ୍ୟ ଆଶାତୀତ ଭାବରେ ବୃଦ୍ଧି ପାଇଛି ଏବଂ ସୁନାର ଉଚ୍ଚ ମୂଲ୍ୟ ବଜାରରେ ଆହ୍ୱାନ ସୃଷ୍ଟି କରୁଛି, କିନ୍ତୁ ଭାରତ ଏହାର ସଫଳ ମୁକାବିଲା କରୁଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

---

■ ଏଲ୍‌ପିଜି ନିୟନ୍ତ୍ରଣ ଆଦେଶରେ ସଂଶୋଧନ

# ପିଏନ୍‌ଜି ନେଲେ କଟିବନି ପୁରୁଣା ଏଲ୍‌ପିଜି ସଂଯୋଗ




### ମିଳିବ ଟ୍ରାନ୍ସଫର ଭାଉଚର

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): କେନ୍ଦ୍ର ସରକାର ସୋମବାର ଏଲ୍‌ପିଜି ନିୟନ୍ତ୍ରଣ ଆଦେଶରେ ଏକ ନୂତନ ସଂଶୋଧନ କାର୍ଯ୍ୟକାରୀ କରିଛନ୍ତି । ଏହା ଘରୋଇ ଗ୍ୟାସ ସିଲିଣ୍ଡର ଗ୍ରାହକଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିବ । ବର୍ତ୍ତମାନ, ଯେଉଁମାନଙ୍କ ଘରେ ପାଇପ୍ ଗ୍ୟାସ (ପିଏନ୍‌ଜି) ସଂଯୋଗ ରହିଛି ସେମାନେ ପୁରୁଣା ଏଲ୍‌ପିଜି ସିଲିଣ୍ଡର ସଂଯୋଗ ଆଉ କଟିବ ନାହିଁ । ସରକାର ପେଟ୍ରୋଲିୟମ ଗ୍ୟାସ (ଯୋଗାଣ ଏବଂ ବଣ୍ଟନ ନିୟନ୍ତ୍ରଣ) ସଂଶୋଧନ ଆଦେଶ, ୨୦୨୬ ପ୍ରଚଳନ କରିଛନ୍ତି । ଏହି ନୂତନ ସଂଶୋଧନର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ସେମାନଙ୍କ ଘରକୁ ପାଇପ୍ ଯେଗେ ଗ୍ୟାସ୍ ଯୋଗାଇବା । ଏବେ, ଏହି ଗ୍ରାହକମାନଙ୍କୁ ସେମାନଙ୍କର ପୁରୁଣା ଏଲ୍‌ପିଜି ସିଲିଣ୍ଡର ସଂଯୋଗ ହସ୍ତାନ୍ତର କରିବାକୁ ପଡିବ କିମ୍ବା ହରାଇବାକୁ ପଡିବ । ଏହା ବିଷୟରେ ଚିନ୍ତା କରିବାକୁ ପଡିବ ନାହିଁ । ଗ୍ରାହକମାନେ ପିଏନ୍‌ଜି ପାଇବାର ୩୦ ଦିନ ମଧ୍ୟରେ ସେମାନଙ୍କର ଏଲ୍‌ପିଜି ସଂଯୋଗ ବାତିଲ କରିପାରିବେ, କିମ୍ବା ସେମାନେ ଏକ ଟ୍ରାନ୍ସଫର ଭାଉଚର ନେଇପାରିବେ ।

ମଧ୍ୟବିତ୍ତ ବର୍ଗକୁ ଧ୍ୟାନରେ ରଖି ସରକାର ଏହି ନୂଆ ବ୍ୟବସ୍ଥା ଆପଣାଇଛନ୍ତି । ଏହି ବ୍ୟବସ୍ଥା ଅନ୍ୟ ସହରକୁ ସ୍ଥାନାନ୍ତରିତ ହେଉଥିବା କର୍ମଚାରୀଙ୍କ ପାଇଁ ବିଶେଷ ଭାବରେ ଲାଭଦାୟକ । ପ୍ରମାଣିତ ହେବ ।

### ଟ୍ରାନ୍ସଫର ଭାଉଚର କ'ଣ ?

ପ୍ରାୟତଃ ଦେଖାଯାଏ ଯେ ଯେତେବେଳେ ଲୋକମାନେ ଏକ ମହାନଗର ଅଞ୍ଚଳରେ ପିଏନ୍‌ଜି ସଂଯୋଗ ପାଆନ୍ତି, ସେମାନେ ପୁରୁଣା ଏଲ୍‌ପିଜି ସିଲିଣ୍ଡରକୁ ସମର୍ପଣ କରନ୍ତି । କିନ୍ତୁ, ଯେତେବେଳେ ସେମାନେ ଏକ ଛୋଟ ସହର, ସହର କିମ୍ବା ଅଞ୍ଚଳରେ ସ୍ଥାନାନ୍ତର କରନ୍ତି ଯେଉଁଠାରେ ପିଏନ୍‌ଜି ପାଇପଲାଇନ୍ ଉପଲବ୍ଧ ନାହିଁ, ସେମାନଙ୍କୁ ନୂତନ ଏଲ୍‌ପିଜି ସଂଯୋଗ ପାଇବା ପାଇଁ ଲମ୍ବା କାଗଜପତ୍ର ଏବଂ ଗୁରୁତ୍ୱପୂର୍ଣ୍ଣ ଖର୍ଚ୍ଚ ଦେଇ ଗତି କରିବାକୁ ପଡିଥାଏ । ସ୍ଥାନାନ୍ତର କରିବାକୁ ପଡିଥାଏ । ସରକାରଙ୍କ ନୂତନ ଟ୍ରାନ୍ସଫର ଭାଉଚର ନିୟମ ଏହି ସମସ୍ୟାକୁ ସବୁଦିନ ପାଇଁ ଦୂର କରିବ । ଏହି ଭାଉଚର ଦେଖାଇ, ଗ୍ରାହକମାନେ ପିଏନ୍‌ଜି ଉପଲବ୍ଧ ନ ଥିବା ଅଞ୍ଚଳରେ ତୁରନ୍ତ ସେମାନଙ୍କର ଏଲ୍‌ପିଜି ସଂଯୋଗ ପୁନଃସକ୍ରିୟ କରିପାରିବେ ।

---

■ ଖରାରେ ବିଦ୍ୟୁତ ସଙ୍କଟର ମୁକାବିଲା

# ପିଡିଟିସିରୁ ୨୪ ଘଣ୍ଟିଆ ବିଦ୍ୟୁତ୍ ପରିଚାଳନା ଓ ମନିଟରିଂ



ଭୁବନେଶ୍ୱର, ୨୫।୫(ସମିସ): ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଅନେକ ଜିଲ୍ଲାରେ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ପହଞ୍ଚିଛି । ଏହି ସମୟରେ ବିଦ୍ୟୁତ ଚାହିଦା ରାଜ୍ୟରେ ଏପର୍ଯ୍ୟନ୍ତର ସର୍ବୋଚ୍ଚ ରେକର୍ଡ ୬,୭୭୫ ମେଗାୱାଟ୍ କୁ ବୃଦ୍ଧି ପାଇଛି । ଏହି ସଙ୍କଟଜନକ ସମୟରେ ଅବିରତ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବା ପାଇଁ, ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ଗୁଡ଼ିକ ଏକ ସମ୍ପୂର୍ଣ୍ଣ ସୁଦୃଢ଼ ଏବଂ ୨୪ ଘଣ୍ଟିଆ ଜରୁରୀକାଳୀନ ମୁକାବିଲା ବ୍ୟବସ୍ଥାକୁ ସକ୍ରିୟ କରିଛନ୍ତି । ଏହି ସମଗ୍ର ବ୍ୟବସ୍ଥାର କେନ୍ଦ୍ରବିନ୍ଦୁରେ ରହିଛି ପାୱାର ଡିଷ୍ଟ୍ରିବ୍ୟୁସନ ଟେକ୍ନୋଲୋଜି ସେଣ୍ଟର (ପିଡିଟିସି), ଯାହା ଟିପିସିଓଡିଏଲ୍ ପାଇଁ ପ୍ରାଥମିକ କମାଣ୍ଡ ଏବଂ କଣ୍ଟ୍ରୋଲ ହବ୍ ଭାବରେ କାର୍ଯ୍ୟ କରେ ଏବଂ ଓଡ଼ିଶାର ଅନ୍ୟ ତିନୋଟି ଡିସକମ୍: ଟିପିଏସଓଡିଏଲ୍, ଟିପିଡବ୍ଲ୍ୟୁଓଡିଏଲ୍ ଏବଂ ଟିପିଏନଓଡିଏଲ୍ ପାଇଁ ବ୍ୟାକଅପ୍ କଣ୍ଟ୍ରୋଲ ସେଣ୍ଟର ଭାବରେ ମଧ୍ୟ କାର୍ଯ୍ୟ କରିଥାଏ । ସରଳ ଭାଷାରେ କହିଲେ, ପିଡିଟିସି ବିଦ୍ୟୁତ ବିତରଣ ବ୍ୟବସ୍ଥାର ଜୀବନ୍ତ ସ୍ନାୟୁ କେନ୍ଦ୍ର' ଭାବରେ କାର୍ଯ୍ୟ କରେ, ଯାହା କ୍ରମାଗତ ଭାବରେ ବିଦ୍ୟୁତ ନେଟୱର୍କର ସ୍ଥିତିକୁ ପର୍ଯ୍ୟବେକ୍ଷଣ କରିଥାଏ ଏବଂ ଯେକୌଣସି ବିଭ୍ରାଟକୁ ରିଅଲ୍ ଟାଇମ୍ ରେ ଚିହ୍ନଟ, ବିଶ୍ଳେଷଣ ଏବଂ ସମାଧାନ କରିବା ନିଶ୍ଚିତ କରିଥାଏ ।

---

# ଅଚ୍ୟୁତ ସାମନ୍ତଙ୍କୁ କ୍ରାଇଓଭା ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ୍

ଭୁବନେଶ୍ୱର,୨୫।୫(ସମିସ): ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ରୋମାନିଆର ଅନ୍ୟତମ ପୁରାତନ ସରକାରୀ ବିଶ୍ୱବିଦ୍ୟାଳୟ କ୍ରାଇଓଭା ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି । କ୍ରାଇଓଭା ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ଲିଓନାର୍ଡୋ ଜିଓମେନେସ୍କୁ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ସୋମବାର ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହା ତାଙ୍କର ୭୩ତମ ସମ୍ମାନସୂଚକ ଡକ୍ଟରେଟ୍ । ସୂଚନା ଅନୁସାରେ, ୧୯୪୭ରେ ପ୍ରତିଷ୍ଠିତ କ୍ରାଇଓଭା ବିଶ୍ୱବିଦ୍ୟାଳୟ ହେଉଛି ରୋମାନିଆର ଅନ୍ୟତମ ସର୍ବପୁରାତନ ସରକାରୀ ବିଶ୍ୱବିଦ୍ୟାଳୟ । ଏଥିପାଇଁ କ୍ରାଇଓଭା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ଏହି



ସମ୍ମାନ କିଟ୍ ଓ କିସ୍ କର୍ମଚାରୀଙ୍କ ପରିଶ୍ରମର ଫଳ ବୋଲି ଅଭିହିତ କରି ଶ୍ରୀ ସାମନ୍ତ କିଟ୍ ଓ କିସ୍‌ର ସମସ୍ତ କର୍ମଚାରୀଙ୍କୁ ଏହି ସମ୍ମାନ ଉତ୍ସର୍ଗ କରିଛନ୍ତି ।

# କିଟ୍ ଓ ଉତ୍କଳ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଆଲୋଚନା



ଭୁବନେଶ୍ୱର,୨୫।୫(ସମିସ): କିଟ୍ ବିଶ୍ୱବିଦ୍ୟାଳୟ ଏବଂ 'ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍' (ୟୁସିସିଆଇ) ମିଳିତ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟରେ ଗୋଲଟେବୁଲ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । 'ଶିକ୍ଷା ଓ ଶିଳ୍ପ କ୍ଷେତ୍ର ମଧ୍ୟରେ ସହଯୋଗର ସୁଦୃଢ଼ୀକରଣ' ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶିଳ୍ପ ପ୍ରତିଷ୍ଠାନ ଏବଂ ଶିକ୍ଷାଦାନ ଶୈଳୀ ମଧ୍ୟରେ ଥିବା ଦୂରତ୍ୱକୁ ହ୍ରାସ କରାଇବା ଦିଗରେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଇଛି । ଏହା ଶିଳ୍ପ-ଶିକ୍ଷା ମଧ୍ୟରେ ଏକ ସମନ୍ୱୟ ରକ୍ଷା କରିବା ସହ ଆଗାମୀ ଦିନରେ ଉଭୟ କ୍ଷେତ୍ର ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ । କାର୍ଯ୍ୟକ୍ରମରେ ୟୁସିସିଆଇ ସଭାପତି ପ୍ରବୋଧ ମହାନ୍ତି, କିଟ୍ ଉପସଭାପତି ଡ. ଅଜୟ ପ୍ରଧାନ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ସାୱାଟେକ୍ ଓଡିଶା ପ୍ରକଳ୍ପ ମୁଖ୍ୟ ଡ. ଦେବାଶିଷ ଦେବ, ଇଂ ସୁଶାନ୍ତ ରାଉତରାୟ, କିଟ୍ ମ୍ୟାନେଜମେଣ୍ଟ ସ୍କୁଲ୍ ନିର୍ଦ୍ଦେଶକ ପ୍ରଫେସର କୁମାର ମହାନ୍ତି, କିଟ୍ ଟିବିଆଇ ମୁଖ୍ୟ ପ୍ରଫେସର ନମ୍ରତା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

---

# ବାକି ଦେଶଙ୍କୁ ନାଁ, ଟ୍ରମ୍ପ ପ୍ରଶାସନ ପାଇଁ ହଁ

ନୂଆଦିଲ୍ଲୀ,୨୫।୫: ଚିନି ରପ୍ତାନି ଉପରେ କଟକଣା ଜାରି ରହିଛି । ଏହା ମଧ୍ୟ ଉଲ୍ଲେଖନୀୟ ଯେ କୋଟା-ଆଧାରିତ ଟାରିଫ୍ ରିଆତି ଯୋଜନା ଅଧୀନରେ ଆମେରିକାକୁ ୮,୬୦୬ ଟନ୍ ଚିନି ରପ୍ତାନିକୁ ମଞ୍ଜୁରୀ ଦିଆଯାଇଛି । ଏହି ଖବର ଏପରି ସମୟରେ ଆସିଛି ଯେତେବେଳେ ଆମେରିକାର ବିଦେଶ ସଚିବ ମାର୍କୋ ରୁବିଓ ଭାରତ ଗସ୍ତରେ ଆସିଛନ୍ତି । ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛି । ଅପରପକ୍ଷେ ଦେଶରେ ଆସନ୍ତା ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚିନି ରପ୍ତାନି ନିଷିଦ୍ଧ କରାଯାଇଛି । ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ ଚଳିତ ମାସ ୧୩ ତାରିଖରେ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛି । ଏଥିରେ କୁହାଯାଇଛି ଯେ ଚିନି ରପ୍ତାନି ଉପରେ ନିଷେଧ ତୁରନ୍ତ କାର୍ଯ୍ୟକାରୀ ହେବ । ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଦେଶରେ ଚିନି ଉପଲବ୍ଧତା ବୃଦ୍ଧି କରିବା ଏବଂ ମୂଲ୍ୟ ନିୟନ୍ତ୍ରଣ କରିବା । ହେଲେ ଅନ୍ୟ ଦେଶଗୁଡିକୁ ଚିନ୍ ରପ୍ତାନି ନିଷିଦ୍ଧ କରାଯାଇଥିବାବେଳେ କେବଳ ଆମେରିକାକୁ ରପ୍ତାନୀ ଅନୁମତି ଦିଆଯାଇଛି ।

### ଆମେରିକାକୁ ହେବ ୮,୬୦୬ ଟନ୍ ଚିନି ରପ୍ତାନି

ମେ ୧୩ରେ ଜାରି ହୋଇଥିବା ଏକ ବିଜ୍ଞପ୍ତିରେ, ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ କହିଛି, ଚିନି (କଞ୍ଚା ଚିନି, ଧଳା ଚିନି ଏବଂ ପରିଷ୍କୃତ ଚିନି) ପାଇଁ ରପ୍ତାନି ନୀତି ତୁରନ୍ତ ପ୍ରଭାବରେ ପରିବର୍ତ୍ତନ କରାଯାଇଛି । ଏହାକୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ, ଯାହା ପୂର୍ବରୁ ହେବ, 'ପ୍ରତିବନ୍ଧିତ' ବର୍ଗରୁ 'ନିଷିଦ୍ଧ' ବର୍ଗକୁ ସ୍ଥାନାନ୍ତରିତ କରାଯାଇଛି । ତଥାପି, ଏହି ନିର୍ଦ୍ଦେଶ ସିଏକ୍ସଏଲ୍ ଏବଂ ଟାରିଫ୍ ହାର କୋଟା ବ୍ୟବସ୍ଥା ଅନୁଯାୟୀ ୟୁରୋପୀୟ ସଂଘ (ଇୟୁ) ଏବଂ ଯୁକ୍ତରାଷ୍ଟ୍ରକୁ ରପ୍ତାନି ହେଉଥିବା ଚିନି ପାଇଁ ପ୍ରଯୁଜ୍ୟ ନୁହେଁ । ଏହି ବ୍ୟବସ୍ଥା ଅନୁଯାୟୀ, ରପ୍ତାନିକାରୀମାନଙ୍କୁ ଏହି ଗନ୍ତବ୍ୟସ୍ଥଳଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ପରିମାଣର ଚିନି ପଠାଇବାକୁ ଅନୁମତି ଦିଆଯାଇଛି । ଏହି ସାମଗ୍ରୀଗୁଡ଼ିକ ଉପରେ ସମା ଶୁଳ୍କ ବହୁତ କମ୍ କିମ୍ବା ନାହିଁ ।

---

### ୩ ମାସ ଧରି ହର୍ମୁଜ୍ ବନ୍ଦ

# ଅଶୋଧିତ ତୈଳ ୧୦୦ ଡଲାର ତଳେ

ନୂଆଦିଲ୍ଲୀ, ୨୫।୫(ଏଜେନ୍ସି)

ଅଶୋଧିତ ତୈଳ ମୂଲ୍ୟରେ ଚାପ । ଆମେରିକା-ଇରାନ ସମ୍ଭାବ୍ୟ ଶାନ୍ତି ଚୁକ୍ତିକୁ ନେଇ ଆଶାବାଦୀ ବିଶ୍ୱ ଶକ୍ତି ବଜାର ଉପରେ ପ୍ରଭାବ ପକାଇଛି । ବିଶ୍ୱର ତୈଳ ପରିବହନ ମାର୍ଗ ହର୍ମୁଜ ପୁନଃ ଖୋଲିବା ଦିଗରେ ଅଗ୍ରଗତି ନେଇ ରିପୋର୍ଟ ପରେ ନିବେଶକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ବ୍ୟବସାୟୀମାନଙ୍କୁ ଏହି କ୍ଷେତ୍ରରେ ଯୋଗାଣ ବାଧାପ୍ରାପ୍ତ ହେବାର ବିପଦକୁ ପୁନଃମୂଲ୍ୟାୟନ ଦୂର କରିଛି ।ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୧୦୦ ଡଲାର ତଳେ ରହିଛି । ପଶ୍ଚିମ ଟେକ୍ସାସ ଇଣ୍ଟରମିଡିଏଟ୍ (ଡବ୍ଲ୍ୟୁଟିଆଇ) ଅଶୋଧିତ ତୈଳ ମୂଲ୍ୟରେ ମଧ୍ୟ ବଡ଼ କ୍ଷତି ରେକର୍ଡ କରାଯାଇଛି । ଆରମ୍ଭରୁ ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୯୯.୩୯ ଡଲାରରେ କାରବାର କରୁଥିଲା । ଅଧିବେଶନ ସମୟରେ, ବ୍ରେଣ୍ଟ ୯୪.୮୨ ଡଲାର ସହ ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା । ପ୍ରାୟ ତିନି ସପ୍ତାହ ମଧ୍ୟରେ ଏହା ସବୁଠାରୁ ଦୁର୍ବଳ ସ୍ତର । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସପ୍ତାହାନ୍ତରେ କହିଥିଲେ ଯେ ଇରାନ ସହିତ ଏକ ଶାନ୍ତି ଚୁକ୍ତି ସମ୍ପର୍କରେ ଏକ ବୁଝାମଣାପତ୍ର ଆଲୋଚନା କରାଯାଇଛି । ପ୍ରସ୍ତାବିତ ଚୁକ୍ତିନାମା ହରମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ଲକ୍ଷ୍ୟରେ କେନ୍ଦ୍ରିତ ।ରିପୋର୍ଟଗୁଡ଼ିକ ଏହା ମଧ୍ୟ ସୂଚାଇଛି ଯେ ପାକିସ୍ତାନୀ ମଧ୍ୟସ୍ଥତା ଉଭୟ ପକ୍ଷ ମଧ୍ୟରେ ଆଲୋଚନାକୁ ସୁଗମ କରିବାରେ ସାମିଲ ଥିଲେ । ତଥାପି, ଇରାନର ସରକାରୀ ଗଣମାଧ୍ୟମ ଦାବି କରିଛି ଯେ ଏକ ଚୂଡ଼ାନ୍ତ ଚୁକ୍ତି । ପରେ, ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ଚୁକ୍ତିନାମାକୁ ଚୂଡ଼ାନ୍ତ କରିବାର କୌଣସି ତୁରନ୍ତ ଆବଶ୍ୟକତା ନାହିଁ । ଆନୁଷ୍ଠାନିକ ଚୁକ୍ତିନାମା ନହେବା ପର୍ଯ୍ୟନ୍ତ ଇରାନ ବିରୁଦ୍ଧରେ ନୌସେନା ଅବରୋଧ ରହିବ । ହର୍ମୁଜ୍ ପ୍ରଣାଳୀ ବିଶ୍ୱର ସବୁଠାରୁ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ ମଧ୍ୟରୁ ଗୋଟିଏ । ବିଶ୍ୱ ଅଶୋଧିତ ରପ୍ତାନିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବହନ କରେ ।ଯଦିଓ ଜଳପଥ ପୁନଃ ଖୋଲିବା ପାଇଁ ଆଶା ବଜାର ମନୋଭାବକୁ ଉନ୍ନତ କରିଛି । ତଥାପି ହରମୁଜ୍ ପ୍ରଣାଳୀ ଦେଇ ତେଲ ପ୍ରବାହ ପୂର୍ବ-ଦ୍ୱନ୍ଦ୍ୱ ସ୍ତରଠାରୁ ନିମ୍ନରେ ରହିଛି । ଏହି ଜାରି ଯୋଗାଣ ପ୍ରତିବନ୍ଧକ ଭୌଗୋଳିକ ରାଜନୈତିକ ଭାବନାରେ ଉନ୍ନତି ସତ୍ତ୍ୱେ ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ହ୍ରାସକୁ ରୋକିବାରେ ସାହାଯ୍ୟ କରିଛି ।



## ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି ପ୍ରସଙ୍ଗ

# ଯୁଦ୍ଧ ଆଳ ଦେଖାଇ ରାଜ୍ୟବାସୀଙ୍କୁ ଶୋଷୁଛନ୍ତି ସରକାର: ବିଜେଡି

ଭୁବନେଶ୍ୱର,୨୫।୫(ସମିସ): ୨୦୨୪ ସାଧାରଣ ନିର୍ବାଚନରେ ବିଭିନ୍ନ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାରର ଦୋମୁହାଁ ନୀତି ପଦାରେ ପଡ଼ିଛି । ଅତ୍ୟାବଶ୍ୟକ ସାମଗ୍ରୀ ସହ ପେଟ୍ରୋଲ ଓ ଡିଜେଲ ପରି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ଯୋଗୁଁ ଖାଉଟି ଦହଗଞ୍ଜ ହେଉଛନ୍ତି । ମଧ୍ୟପ୍ରାଚ୍ୟ ଯୁଦ୍ଧର ଆଳ ଦେଖାଇ ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି କରି ସାଧାରଣ ଜନତାଙ୍କୁ ଶୋଷଣ କରୁଥିବାରୁ ବିଜୁ ଜନତା ଦଳ ସରକାରଙ୍କୁ କଡ଼ା ନିନ୍ଦା କରିଛି। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ଉପସଭାପତି ପ୍ରତାପ ଜେନା, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ସରକାରଙ୍କ ଶୋଷଣ ନୀତି ବିରୋଧରେ ବର୍ଷିଥିଲେ।



■ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଯୋଗୁଁ ହାଣ୍ଡିଶାଳ ଉପରେ ଚଡ଼କ
■ ପେଟ୍ରୋଲ ଓ ଡିଜେଲକୁ ଭ୍ୟାଟ୍ ମୁକ୍ତ କରି ଜିଏସଟି ଅନ୍ତର୍ଭୁକ୍ତ କରାଯାଉ

ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ଯେତେବେଳେ ଅଶୋଧିତ ତୈଳ ବ୍ୟାରେଲ ପିଛା ୬୦ ଡଲାର ଥିଲା, ସେତେବେଳେ ଲୋକଙ୍କ ଠାରୁ ତୈଳ କମ୍ପାନୀ ମାନେ ଲାଭ କମାଇଥିଲେ । ଆଜି ଯୁଦ୍ଧର ଆଳ ଦେଖାଇ ଗତ ୧୫ ଦିନ ଭିତରେ ଭାରତ ସରକାର ଲଗାତାର ଭାବେ ୪ ଥର ତୈଳ ଦର ବୃଦ୍ଧି କରି ସାଧାରଣ ଖାଉଟିଙ୍କ ଉପରେ ଦରଦାମ୍ର ବୋଝ ଲଦି ଦେଇଛନ୍ତି। ସଞ୍ଜୟ କୁମାର ଦାସବର୍ମା କହିଥିଲେ ଯେ ଲଗାତାର ଭାବେ ତୈଳ ଦର ବୃଦ୍ଧି ଓ ସଙ୍କଟ ଯୋଗୁଁ ପରିବହନ ସେବା ବାଧାପ୍ରାପ୍ତ ହୋଇଛି । ଯାହାଫଳରେ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଗୁଡ଼ିକର ୮୦ ପ୍ରତିଶତ ମାଲିକାନା ଘରୋଇକରଣ ହୋଇଥିବାରୁ, ଆଜି ସେହିମାନଙ୍କ ସ୍ୱାର୍ଥ ପାଇଁ ସରକାର ସାଧାରଣ ଜନତାଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଉଛନ୍ତି। ପ୍ରତାପ ଜେନା ଏନେଇ କ୍ଷୋଭକ୍ତି ପ୍ରକାଶ କରି କହିଥିଲେ ଯେ ଦରବୃଦ୍ଧି ଯୋଗୁଁ ସାଧାରଣ ଖାଉଟିଙ୍କ ହାଣ୍ଡିଶାଳ ଉପରେ ଚଡ଼କ ପଡ଼ିଛି। ଭାରତୀୟ ଜନତା ପାର୍ଟି ବିରୋଧୀ ଦଳରେ ଥିବାବେଳେ ପେଟ୍ରୋଲ ଓ ଡିଜେଲକୁ ଭ୍ୟାଟ୍ ମୁକ୍ତ କରି ଜିଏସଟି ଅନ୍ତର୍ଭୁକ୍ତ କରିବା ପାଇଁ ରାଜରାସ୍ତାକୁ ଓହ୍ଲାଉଥିଲା । ଆଜି ସେମାନେ ସରକାର ଥିବାବେଳେ ତାହାକୁ ଲାଗୁ ନ କରି ତୈଳ ଦର ବାରମ୍ବାର ବୃଦ୍ଧି କରି ସାଧାରଣ ଜନତାଙ୍କ ସହିତ ବେଇମାନୀ କରୁଛନ୍ତି। ଚିନ୍ମୟ ସାହୁ କହିଥିଲେ ଯେ ଭାରତର ବନ୍ଧୁ ରାଷ୍ଟ୍ର ରୁଷିଆ ଓ ଇରାନ ଅଶୋଧିତ ତୈଳ କମ୍ ମୂଲ୍ୟରେ ଯୋଗାଇବା ପାଇଁ ପ୍ରସ୍ତୁତ ଥିବାବେଳେ, ଭାରତ ସରକାର କ'ଣ ପାଇଁ ସେମାନଙ୍କ ଠାରୁ ଅଶୋଧିତ ତୈଳ କିଣୁନାହିଁ? କେଉଁ ଅଦୃଶ୍ୟ ଶକ୍ତି ଚାପରେ ଭାରତ ସରକାର ଭେନେଜୁଆଲ ଓ ଆମେରିକା ଠାରୁ ଚଢ଼ା ଦରରେ ଅଶୋଧିତ ତୈଳ କିଣୁଛନ୍ତି, ତାହା ଦେଶବାସୀଙ୍କୁ ଜଣାନ୍ତୁ ବୋଲି ସେ ଦାବି କରିଛନ୍ତି।

## ଉଚ୍ଚସ୍ତରୀୟ କମିଟି ସଦସ୍ୟଙ୍କୁ ଭେଟିଲେ ମହାନଦୀ ବଞ୍ଚାଓ ଆନ୍ଦୋଳନର କର୍ମକର୍ତ୍ତା

# ମହାନଦୀରେ ଜଳ ଉପଲବ୍ଧ ତଥ୍ୟର ସମୀକ୍ଷା ଦାବି

ଭୁବନେଶ୍ୱର, ୨୫।୫(ସମିସ): ମହାନଦୀ ଜଳ ବିବାଦ ସମାଧାନ ରାଜ୍ୟ ସରକାରଙ୍କ ଉଚ୍ଚ ସ୍ତରୀୟ କମିଟି ସହିତ ମହାନଦୀ ବଞ୍ଚାଓ ଆନ୍ଦୋଳନର କର୍ମକର୍ତ୍ତାମାନେ ଆଜି ଆଲୋଚନା କରିଛନ୍ତି। ଉଚ୍ଚ ସ୍ତରୀୟ କମିଟିର ଅଧ୍ୟକ୍ଷ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ତାଙ୍କ ବାସଭବନରେ ଭେଟି ବିଭିନ୍ନ ଦାବିରେ ସ୍ମାରକପତ୍ର ଦେଇଛନ୍ତି। ଗତ ୨ ତାରିଖରେ ଟ୍ରିବୁନାଲ ନିକଟରେ ମହାନଦୀରେ ଉପଲବ୍ଧ ଜଳରାଶି ସମ୍ପର୍କିତ ଯେଉଁ ତଥ୍ୟ ପ୍ରଦାନ କରାଯାଇଛି ତାକୁ ସମୀକ୍ଷା କରିବାକୁ ଦାବି କରିଛନ୍ତି। ଟ୍ରିବୁନାଲ ନିକଟରେ ଦାଖଲ ହୋଇଥିବା ଡାଟା ବା ତଥ୍ୟର ଅନୁଧ୍ୟାନ ବିନା ସେହି ତଥ୍ୟକୁ ଗ୍ରହଣ ନକରିବା ପାଇଁ ନିବେଦନ କରିଛନ୍ତି। ପରବର୍ତ୍ତୀ ସମୟରେ କମିଟିର ଅନ୍ୟ ସଦସ୍ୟ ଯଥା ମନ୍ତ୍ରୀ ସୁରେଶ ପୂଜାରୀ, ପୃଥ୍ୱୀରାଜ ହରିଚନ୍ଦନ ଓ ସମ୍ପଦଚନ୍ଦ୍ର ସ୍ୱାଇଁ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ନିରଞ୍ଜନ ପୂଜାରୀ ଓ ଜୟନାରାୟଣ ମିଶ୍ରଙ୍କ ବାସଭବନକୁ ଯାଇ ଦାବିପତ୍ର ଦେଇଛନ୍ତି। ସେହିପରି ବିଧାୟିକା ସୋଫିଆ ଫିର୍ଦୌଷଙ୍କୁ ମଧ୍ୟ ଇମେଲ ଯୋଗେ ଦାବିପତ୍ର ପଠାଯାଇଛି।

ଟ୍ରିବୁନାଲ ନିକଟରେ ଦାଖଲ ହୋଇଥିବା ଡାଟାକୁ ମହାନଦୀ ବଞ୍ଚାଓ ଆନ୍ଦୋଳନ ପକ୍ଷରୁ ଚାଲେଞ୍ଜ କରାଯାଇଛି। ଏହି ତଥ୍ୟ ଓଡିଶା ପାଇଁ ଆତ୍ମଘାତି ସାବ୍ୟସ୍ତ ହେବବୋଲି ଚେତାଇ ଦିଆଯାଇଛି। ମହାନଦୀରେ ବାର୍ଷିକ ହାରାହାରି ଜଳର ତଥ୍ୟ ଆଢୁଆଳରେ ଅଣମୌସୁମୀ ସମୟରେ ଓଡ଼ିଶାର ଦୁର୍ଦ୍ଦଶା ଓ ଜଳ ସଙ୍କଟର ସାଙ୍ଘାତିକ ହେବ। ଯାହାର ବାସ୍ତବ ସ୍ଥିତି ଲୁଚି ଯାଇଛି। ହୀରାକୁଦକୁ ଯଥେଷ୍ଟ ପାଣି ଅଣମୌସୁମୀ ସମୟରେ ଆସୁନାହିଁ ବୋଲି ମୁଖ୍ୟମନ୍ତ୍ରୀ ବିଧାନସଭାରେ ସ୍ୱୀକାର କରିଛନ୍ତି। ଏପରି ସ୍ଥଳେ ମେ ୨ ତାରିଖର ତଥ୍ୟରେ ଓଡିଶା ପାଖରେ ମହାନଦୀରେ ପ୍ରଚୁର ପାଣି ରହିଛି ଏବଂ ଛତିଶଗଡ଼ ସହିତ ବିବାଦର କୌଣସି କାରଣ ନାହିଁ ବୋଲି ଉଲ୍ଲେଖ କରାଯାଇଛି। ଏହା ବାସ୍ତବରେ ଛତିଶଗଡ଼ ପାଖରେ ଓଡ଼ିଶାର ଆତ୍ମସମର୍ପଣ ବୋଲି ମହାନଦୀ ବଞ୍ଚାଓ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆବାହକ ଶ୍ରୀ ଦାସଙ୍କ ସମେତ ମନୋଜ ଜେନା, ବାସୁଦେବ ଭଟ୍ଟ, ଗିରିଜା ଶଙ୍କର ଦାସ, ପ୍ରସନ୍ନ ବିଷୋଇ, ଅରୁଣ ଜେନା ପ୍ରମୁଖ ସାମିଲ ଥିଲେ।

# ଜିତୁ ମୁଣ୍ଡାଙ୍କୁ ଭେଟିଲେ 'ଆପ୍' ରାଜ୍ୟସଭା ସାଂସଦ ସଞ୍ଜୟ ସିଂ

## ସାଂସଦ ପାଣ୍ଠି ବ୍ୟୟରେ ଦୂରହେବ ଗ୍ରାମର ପାନୀୟ ଜଳ ସମସ୍ୟା

ତୁରୁମୁଙ୍ଗା, ୨୫।୫ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଡିଆନାଳି ଗ୍ରାମର ଜିତୁ ମୁଣ୍ଡାଙ୍କୁ ସୋମବାର ଆମ୍ ଆଦମୀ ପାର୍ଟି (ଆପ୍)ର ରାଜ୍ୟସଭା ସାଂସଦ ସଞ୍ଜୟ ସିଂ ଭେଟିଛନ୍ତି। ଜିତୁଙ୍କ ପରିବାରକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଡିଆନାଳି ଚତୁରିସାହିର ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ନିଜ ସାଂସଦ ପାଣ୍ଠିରୁ ସହଯୋଗ କରିବାର ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି।



ବ୍ୟାଙ୍କରୁ ଟଙ୍କା ଉଠାଇବା ପାଇଁ ମାଟି ଖୋଳି ଭଉଣୀ କଙ୍କାଳ ବାହାର କରିବା ସହ ତାକୁ ବ୍ୟାଙ୍କକୁ ନେଇ ଯିବା ଘଟଣା ପରେ ଚର୍ଚ୍ଚାକୁ ଆସିଥିବା ଜିତୁ ମୁଣ୍ଡାଙ୍କୁ ପୂର୍ବରୁ ସାଂସଦ ନିଜ ଦରମାରୁ ୫୦ ହଜାର ଟଙ୍କା ମଧ୍ୟ ପ୍ରଦାନ କରିଥିଲେ। ଆମ ଆଦମୀ ପାର୍ଟିର ଏକ ପ୍ରତିନିଧିଦଳ ଜିତୁଙ୍କୁ ଭେଟି ତାଙ୍କ ପରିବାରର ଅବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଡିଆନାଳି ଅଞ୍ଚଳରେ ଦୀର୍ଘ ଦିନ ଧରି ପାନୀୟ ଜଳ ସମସ୍ୟା ରହିଥିବା ବେଳେ ଏହାର ସମାଧାନ ପାଇଁ ନିଜ ସାଂସଦ ପାଣ୍ଠିରୁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆପ୍‌ର ଏହି ପ୍ରତିନିଧିଦଳରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର, ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂ, ସରୋଜ ନାଏକ, ବ୍ଲକ ସଭାପତି ଖଗେଶ୍ୱର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ସାଂସଦ ଶ୍ରୀ ସିଂ କେନ୍ଦୁଝର ଓଏସ୍ଏମ୍ଇର ପୂର୍ବତନ ଛାତ୍ର।

# ବିଜେଡିରୁ ଦେବାଶିଷ ସାମନ୍ତରାୟଙ୍କ ଇସ୍ତଫା

## ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଭେଟି ସାଂସଦ ପଦରୁ ବି ଦେଲେ ଇସ୍ତଫା

ଭୁବନେଶ୍ୱର,୨୫।୫(ସମିସ): ସୋମବାର ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଦେବାଶିଷ ସାମନ୍ତରାୟ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ଏହାସହିତ ରାଜ୍ୟସଭାରୁ ମଧ୍ୟ ସେ ଇସ୍ତଫା ପ୍ରଦାନ କରିଛନ୍ତି। ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନଙ୍କୁ ଆଜି ସେ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ଇସ୍ତଫାପତ୍ର ଦେଇଛନ୍ତି। ତାଙ୍କର ଇସ୍ତଫାପତ୍ରକୁ ରାଜ୍ୟସଭା ଅଧ୍ୟକ୍ଷ ତତ୍‌କ୍ଷଣାତ୍ ଗ୍ରହଣ କରି ନେଇଛନ୍ତି। ରାଜ୍ୟସଭା ସଚିବାଳୟ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ଆଜି ଏହା ପ୍ରକାଶ ପାଇଛି। ସାମନ୍ତରାୟଙ୍କ ଇସ୍ତଫା ସହିତ ଗୃହ ଓ ନଗର ବ୍ୟାପାର ସଂକ୍ରାନ୍ତ ଷ୍ଟାଣ୍ଡିଂ କମିଟି ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସଂକ୍ରାନ୍ତ କମିଟିର ସଭ୍ୟ ପଦ ଖାଲି ପଡ଼ିଲା ବୋଲି ଏହି ବିଜ୍ଞପ୍ତିରେ କୁହାଯାଉଛି। ଏହି ଦୁଇଟି କମିଟିରେ ସାମନ୍ତରାୟ ସଭ୍ୟ ଥିଲେ।

ଏହାପୂର୍ବରୁ ବିଜେଡି ସୁପ୍ରିମୋ ନବୀନଙ୍କୁ ଲେଖିଥିବା ଚିଠିରେ ଶ୍ରୀ ସାମନ୍ତରାୟ ତାଙ୍କୁ ରାଜ୍ୟସଭାରେ ପ୍ରତିନିଧିତ୍ୱ ପାଇଁ ସୁଯୋଗ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଅବିଭକ୍ତ କଟକ ଜିଲ୍ଲାର ଜନସାଧାରଣଙ୍କ ସେବା କରିବା ଏବଂ ଜାତୀୟ ସ୍ତରରେ ଓଡ଼ିଶାର ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ସଂସଦରେ ଉପସ୍ଥାପନ କରିବା ପାଇଁ ସୁଯୋଗ ଦେଇଥିବାରୁ ସେ ସାରା ଜୀବନ ଋଣୀ ରହିବେ ବୋଲି ପତ୍ରରେ ଉଲ୍ଲେଖ କରିଛନ୍ତି।

## ଦେବାଶିଷ ସାମନ୍ତରାୟଙ୍କ ଇସ୍ତଫା ପ୍ରସଙ୍ଗ

# ଦଳରୁ ସମସ୍ତ ସୁବିଧା ନେଇ ନିଜ ସ୍ୱାର୍ଥ ପାଇଁ ଇସ୍ତଫା: ବିଜେଡି

ଭୁବନେଶ୍ୱର,୨୫।୫(ସମିସ): ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ବିଜୁ ଜନତା ଦଳରୁ ସମସ୍ତ ସୁବିଧା ସୁଯୋଗ ହାସଲ କରିଲା ପରେ ଆଜି ଦଳରୁ ଇସ୍ତଫା ଦେଇ ନିଜ ସ୍ୱାର୍ଥପରତାର ପରିଚୟ ଦେଇଛନ୍ତି। ଦଳ ଅପେକ୍ଷା ବ୍ୟବସାୟିକ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଦେବାଶିଷ ବିଜେପି ମୁହାଁ ହେଉଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି।

■ ବିଜେଡି ପାଞ୍ଚ ଥର ଟିକେଟ ଦେବା ସହ ରାଜ୍ୟସଭା ସାଂସଦ କରିଥିଲା
■ ସଂଗଠନରେ ବିଭିନ୍ନ ପଦପଦବୀ ଦେବା ସହ ଓଟିଡିସି ଅଧ୍ୟକ୍ଷ କରିଥିଲେ ନବୀନ ବାବୁ
■ ଦଳ ଅପେକ୍ଷା ବ୍ୟବସାୟିକ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ବିଜେପି ମୁହାଁ ହେଉଛନ୍ତି ଦେବାଶିଷ

ସୋମବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଯେଉଁ ଦଳ ଶ୍ରୀ ସାମନ୍ତରାୟଙ୍କୁ ଦଳ ଓ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିଥିଲା । ସାମାନ୍ୟ ବ୍ୟକ୍ତିଗତ ଓ ବ୍ୟବସାୟିକ ସ୍ୱାର୍ଥ ହାସଲ ପାଇଁ ସେ ଦଳରୁ ଇସ୍ତଫା ଦେଇ ବିଜେପି ମୁହାଁ ହୋଇଛନ୍ତି। ଦଳର ସଭାପତି ନବୀନ ପଟ୍ଟନାୟକ ଦେବାଶିଷଙ୍କୁ ଦଳୀୟ ସଂଗଠନରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀର ଦାୟିତ୍ୱ ସହ ରାଜ୍ୟସଭା ସାଂସଦ ଭାବେ ପଠାଇଥିଲେ। ପାଞ୍ଚ ପାଞ୍ଚ ଥର ଟିକେଟ ଦେଇ ୩ ଥର ବିଧାୟକ ହୋଇଥିଲେ ଏବଂ ଓଟିଡିସିର ଅଧ୍ୟକ୍ଷ ମଧ୍ୟ ହୋଇଥିଲେ। କଟକ ଜିଲ୍ଲାର ସଭାପତି କରିଥିଲେ। ଦଳରୁ ସେ ଆଉ କ'ଣ ଅଧିକ ଆଶା କରୁଥିଲେ, ତାହା ପ୍ରକାଶ କଲେ ଭଲ ହୋଇଥାନ୍ତା। କ୍ଷମତାରେ ଥିଲା ବେଳେ ସମସ୍ତ ଫାଇଦା ହାସଲ କରି ବିରୋଧୀ ଦଳ ଥିଲା ବେଳେ ଦଳର ହାତ ଛାଡି ଶ୍ରୀ ସାମନ୍ତରାୟ କାହିଁକି ବିଜେପି ମୁହାଁ ହୋଉଛନ୍ତି, ତାହା କଟକବାସୀ ବିଚାର କରିବେ । ବ୍ୟବସାୟିକ ଓ ବ୍ୟକ୍ତିଗତ ସଂକୀର୍ଣ୍ଣ ସ୍ୱାର୍ଥ ହାସଲ ପାଇଁ ଶ୍ରୀ ସାମନ୍ତରାୟ ଦଳରୁ ଇସ୍ତଫା ଦେବା ଦ୍ୱାରା ଦଳର ସଂଗଠନ ଉପରେ କୌଣସି ପ୍ରଭାବ ପକାଇବ ନାହିଁ । ବିଜୁ ଜନତା ଦଳର ଲକ୍ଷ ଲକ୍ଷ କର୍ମୀ ତୃଣମୂଳ ସ୍ତରରେ ନବୀନ ବାବୁଙ୍କ ନେତୃତ୍ୱରେ କାମ କରୁଛନ୍ତି। ଦଳ ଏତେ ସବୁ ଦେବା ସତ୍ତ୍ୱେ ଗତ ଦୁଇ ବର୍ଷ ଧରି ଶ୍ରୀ ସାମନ୍ତରାୟ ଦଳୀୟ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ କିପରି ଗୁରୁତ୍ୱ ଦେଉଥିଲେ ତାହା ସମସ୍ତେ ଜାଣିଛନ୍ତି ବୋଲି ଡ. ମହାନ୍ତି କହିଛନ୍ତି।

# ପ୍ରକାଶ ପାଇଲା ମାଧ୍ୟମିକ ଶିକ୍ଷକ ବଦଳି ବିଜ୍ଞପ୍ତି

ଭୁବନେଶ୍ୱର, ୨୫।୫(ସମିସ): ମାଧ୍ୟମିକ ଶିକ୍ଷକଙ୍କ ବଦଳି ପାଇଁ ଆବେଦନ କରିବାକୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ସରକାରୀ ଶିକ୍ଷକ ଓ ପ୍ରଧାନ ଶିକ୍ଷକମାନେ ବଦଳି ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଆଶାୟୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ସପ୍ତାହେ ମଧ୍ୟରେ ଅର୍ଥାତ୍ ଜୁନ୍ ୨ ତାରିଖ ମଧ୍ୟରେ ଆବେଦନ କରିପାରିବେ। ସମସ୍ତ ଆବେଦନକୁ ୬ ତାରିଖ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ମାନେ ଯାଞ୍ଚ କରିବେ। ଅସୁସ୍ଥତା କାରଣରୁ ବଦଳି ପାଇଁ ଆବେଦନ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ରାଜ୍ୟ ମେଡିକାଲ୍ ବୋର୍ଡ ନିକଟରେ ୧୦ ରୁ ୧୨ ତାରିଖ ମଧ୍ୟରେ ହାଜର ହେବେ। ମେଡିକାଲ୍ ରିପୋର୍ଟକୁ ୧୩ ତାରିଖ ଠାରୁ ୨୪ ତାରିଖ ମଧ୍ୟରେ ପୋର୍ଟାଲ୍‌ରେ ଅପଲୋଡ୍ କରିବେ ଏବଂ ବଦଳି ହେବାକୁ ଚାହୁଁଥିବା ସ୍ଥାନକୁ ମଧ୍ୟ ଚୟନ କରି ଦାଖଲ କରିବେ। ଏହି ସମୟ ଅବଧି ମଧ୍ୟରେ ପଡୁଥିବା ୪ଟି ଛୁଟି ଦିବସରେ ମଧ୍ୟ ମେଡିକାଲ୍ ରିପୋର୍ଟ ଅପଲୋଡ୍ ଓ ଚଏସ୍ ଲକିଂ କରିପାରିବେ। ଆବଶ୍ୟକତା ଅନୁଯାୟୀ ରାଜ୍ୟ ସ୍ତରୀୟ ବଦଳି କମିଟିର ବୈଠକ ବସି ବଦଳି ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଏହାପରେ ୨୭ ରୁ ୩୦ ତାରିଖ ମଧ୍ୟରେ ସମସ୍ତ ବଦଳି ଅର୍ଡର ପ୍ରକାଶ ପାଇବ। ମାତ୍ର ମାସେ ମଧ୍ୟରେ ବଦଳି ପ୍ରକ୍ରିୟା ସାରିବାକୁ ନିର୍ଦ୍ଦେଶାଳୟ ଅଣ୍ଟା ଭିଡ଼ିଥିବାବେଳେ ଜୁଲାଇ ୭ ତାରିଖ ସୁଦ୍ଧା ସମସ୍ତେ ନିଜର ନୂତନ ଶିକ୍ଷାନୁଷ୍ଠାନରେ ଯୋଗଦେବେ ବୋଲି କୁହାଯାଇଛି।

■ ନାଳ ସମସ୍ୟାକୁ ନେଇ ମାରପିଟ୍ ଘଟଣାରେ ଜଣଙ୍କ ମୃତ୍ୟୁ ଘଟଣା

# ୪ ଆସାମୀଙ୍କୁ ୬ବର୍ଷ ଜେଲ୍‌ଦଣ୍ଡ

ରାୟଗଡ଼ା, ୨୫।୫ (ସମିସ): ନାଳପାଣି ନିଷ୍କାସନକୁ ନେଇ ୨୦୨୨ ମସିହାରେ ସଂଘଟିତ ଅଜୟ ଖୋସଲା ହତ୍ୟା ମାମଲାର ଆଜି ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲା ଏବଂ ଦୌରାଜଜ୍ ଅଲ୍ପନା ସ୍ୱାଇଁ ମାମଲାର ବିଚାର କରି ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୬ବର୍ଷ ଲେଖାଏଁ ଜେଲ୍ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଆସାମୀମାନେ ହେଲେ, ଅଲେଖମଣି ନାଏକ, କ୍ଷେତ୍ରମଣି ନାଏକ, ଅମ୍ବିକା ଖୁରା ଓ ଗୋରେଖ ଖୁରା।

ରାୟଗଡ଼ା ଥାନା ଅନ୍ତର୍ଗତ କୁମ୍ଭିକୋଟା ଗ୍ରାମର ଗୋରେଖ ଖୁରା ଓ ପତ୍ନୀ ଅମ୍ବିକା ଖୁରା ଏବଂ ଅଜୟ ଖୋସଲା ଓ ତାଙ୍କ ପତ୍ନୀ ବେଦବତୀ ଖୋସଲା ଦୁଇ ପରିବାର ମଧ୍ୟରେ ନାଳପାଣି ନିଷ୍କାସନକୁ ନେଇ ବିବାଦ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅମ୍ବିକା ନିକଟସ୍ଥ ରେଙ୍ଗା ଗାଁରେ ରହୁଥିବା ନିଜ ବାପା ମା' କ୍ଷେତ୍ରମଣି ଓ ଆଲେଖମଣି ନାଏକଙ୍କୁ ଡକାଇଥିଲେ। ପରେ ୪ଜଣ ମିଶି ଅଜୟଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଅଜୟଙ୍କୁ ତୁରନ୍ତ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ଅଜୟଙ୍କ ସ୍ତ୍ରୀ ବେଦବତୀ ଖୋସଲା ରାୟଗଡ଼ା ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ରଜତ ରଂଜନ ଖଟୁଆ ମାମଲା ପରିଚାଳନା କରୁଥିଲେ।

24001/175/2627

ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଅଧିସୂଚନା

No. RDM-LAB-GM-0047-2025- 49163 / R&DM, Dated 30.12.2025

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାରେ ଗଞ୍ଜାମ ଜିଲ୍ଲାରେ ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- ମୌଜା- ବାହାଡାଗୁଡା, ଥାନା- ପାଟପୁର, ତହସିଲ- ସାନଖେମୁଣ୍ଡି, ଜିଲ୍ଲା- ଗଞ୍ଜାମ ରେ ନିମ୍ନ ତଫସିଲ ମତେ ମତେ ପ୍ରାୟ ଏ. ୨.୩୬୩ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି । କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

**୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-** ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

**୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ଅଧିକ୍ଷଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ ,ଦିଗପହଣ୍ଡି ଗଞ୍ଜାମ ଗଞ୍ଜାମ ।

**୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ ପ୍ରକଳ୍ପ କାର୍ଯ୍ୟକାରୀ କରିବା। (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) ।

**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା 20965 dated 11.06.2025 ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ନିମନ୍ତେ ୮(୨) ଧାରା ରେ ଅନୁମୋଦନ ହୋଇଅଛି।

**୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପ ଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ ।

**୬- ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ବାହାଡାଗୁଡା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୭.୩୨୩ | ଏ. ୨.୩୬୩ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ବାହାଡଗୁଡା ଗ୍ରାମର ଜମିର ବିବରଣୀ

ତହସିଲ -ସାନଖେମୁଣ୍ଡି | ଜିଲ୍ଲା - ଗଞ୍ଜାମ

| ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୪ | ୫୩୧ | ବିଲ ଜଳସେଚିତ ଦୋଫସଲି | ୦.୦୬୫ | ୦.୦୫୦ | ଆନନ୍ଦ ନାୟକ ପି:ଡବଡିଆ ନାୟକ ଜା: କୁଡୁମ ବା: ନିଜଗାଁ | |
| ୯ | ୪୯୦ | ପଦର | ୦.୧୨୦ | ୦.୦୨୫ | ଭଲା ଜାନି ପି: ଉଛବ ଜାନି, ରଘୁ ଜାନି, ରଙ୍କ ଜାନି ପି: ବେଣିଆ ଜାନି ଜା: କୁଡୁମ ବା: ନିଜଗାଁ | |
| ୧୧ | ୫୪୮ | ବିଲ ଜଳସେଚିତ ଦୋଫସଲି | ୦.୧୦୦ | ୦.୦୧୦ | ଭଲି ପ୍ରଧାନ ସ୍ୱା:ଗୋବିନ୍ଦ ପ୍ରଧାନ ଜା: କୁଡୁମ ବା: ନିଜଗାଁ | |
| ୧୬ | ୫୪୮/୭୧୪ | ବିଲ ଜଳସେଚିତ ଦୋଫସଲି | ୦.୧୫୦ | ୦.୦୧୫ | କୌଶଲ୍ୟା ନାୟକ ସ୍ୱା: ଦଣ୍ଡିଆ ନାୟକ ଜା: କୁଡୁମ ବା: ଫାସିଗୁଡ଼ା, ବାସୁ ପ୍ରଧାନ, ବୃନ୍ଦାବନ ପ୍ରଧାନ, ନରହରୀ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ଦୟା ପ୍ରଧାନ, ହେମ ପ୍ରଧାନ ପି: ବୈଷ୍ଣବ ପ୍ରଧାନ ଜା: କୁଡୁମ ବା: ତୁଣ୍ଡୁରା, ଭଲି ପ୍ରଧାନ ସ୍ୱା: ଗୋବିନ୍ଦ ପ୍ରଧାନ ଜା: କୁଡୁମ ବା: ନିଜଗାଁ | |
| ୧୭ | ୪୯୯ | ବିଲ ଜଳସେଚିତ ଦୋଫସଲି | ୦.୨୯୦ | ୦.୦୮୦ | ଖଲି ପ୍ରଧାନ ପି:କନ୍ତାରୁ ପ୍ରଧାନ ଜା: କୁଡୁମ ବା: ନିଜଗାଁ | |
| ୨୩ | ୫୭୨ | ପଦର | ୦.୦୬୦ | ୦.୦୨୦ | ଗୋବିନ୍ଦ ପ୍ରଧାନ ପି: ଅର୍ଜୁନ ପ୍ରଧାନ, ସାଇବାଣୀ ପ୍ରଧାନ ସ୍ୱା: ଅର୍ଜୁନ ପ୍ରଧାନ ଜା: କୁଡୁମ ବା: ନିଜଗାଁ | |
| | ୫୭୦ | ପଦର | ୦.୦୭୦ | ୦.୦୦୫ | | |
| ୨୪ | ୪୯୧ | ପଦର | ୦.୪୯୦ | ୦.୧୧୦ | ଗୋବିନ୍ଦ ଜାନି, ତ୍ରିନାଥ ଜାନି ପି: କପିଳ ଜାନି ଜା: କୁଡୁମ ବା: ନିଜଗାଁ | |
| ୨୫ | ୫୫୫ | ବିଲ ଜଳସେଚିତ ଦୋଫସଲି | ୦.୧୦୦ | ୦.୦୧୦ | ଗୋପାଳ ପଧାନ, ରାମହରି ପଧାନ, ଅଭି ପଧାନ ପି: ବାଉରି ପଧାନ, ଶରଦି ପଧାନ ସ୍ୱା: ବାଉରି ପଧାନ ଜା: କୁଡୁମ ବା: ନିଜଗାଁ | |
| | ୫୩୩ | | ୦.୧୨୩ | ୦.୧୨୩ | | |
| ୨୬ | ୪୯୬ | ବିଲ ଜଳସେଚିତ ଦୋଫସଲି | ୦.୧୦୦ | ୦.୦୩୦ | ଚୈତନ୍ୟ ପ୍ରଧାନ ପି:ଯଦୁ ପ୍ରଧାନ ଜା: କୁଡୁମ ବା: ନିଜଗାଁ | |
| | ୫୫୮ | | ୦.୦୮୦ | ୦.୦୧୦ | | |
| ୩୨ | ୫୪୩ | ପଦର | ୦.୦୫୦ | ୦.୦୧୦ | ଡବଡିଆ ନାୟକ ପି:ଦୁଃଖୀ ନାୟକ ଜା: କୁଡୁମ ବା: ନିଜଗାଁ | |
| | ୫୪୪ | | ୦.୦୫୦ | ୦.୦୧୦ | | |
| | ୫୪୫ | | ୦.୦୫୦ | ୦.୦୧୦ | | |
| | ୫୪୬ | | ୦.୦୮୫ | ୦.୦୮୫ | | |
| | ୫୬୩ | | ୦.୧୨୦ | ୦.୦୯୦ | | |
| | ୫୬୪ | | ୦.୧୩୦ | ୦.୧୦୦ | | |
| ୪୪ | ୫୩୨ | ବିଲ ଜଳସେଚିତ ଦୋଫସଲି | ୦.୦୯୦ | ୦.୦୮୦ | ଧନୁ ପ୍ରଧାନ ପି:ପର୍ଶୁ ପ୍ରଧାନ ଜା: କୁଡୁମ ବା: ନିଜଗାଁ | |
| ୫୬ | ୫୬୨ | ପଦର | ୦.୧୭୦ | ୦.୦୨୦ | ଭାସ୍କର ମଳିକ ପି:ଲାଲୁ ମଳିକ ଜା: କୁଡୁମ ବା: ଫାସିଗୁଡ଼ା | |
| ୫୭ | ୫୮୭ | ବିଲ ଜଳସେଚିତ ଦୋଫସଲି | ୦.୩୫୦ | ୦.୧୫୦ | ଭାସ୍କର ପଧାନ ପି:ପର୍ଶୁ ପଧାନ ଜା: କୁଡୁମ ବା: ନିଜଗାଁ | |
| ୬୫ | ୪୯୭ | ବିଲ ଜଳସେଚିତ ଦୋଫସଲି | ୦.୦୬୦ | ୦.୦୨୦ | ରଘୁ ପ୍ରଧାନ ପି:ଯଦୁ ପ୍ରଧାନ ଜା: କୁଡୁମ ବା: ନିଜଗାଁ | |
| | ୪୯୮ | | ୦.୩୧୦ | ୦.୧୦୦ | | |
| ୭୨ | ୫୬୦ | ବିଲ ଜଳସେଚିତ ଦୋଫସଲି | ୦.୨୭୦ | ୦.୧୩୫ | ଶାରୀ ଗୌଡ଼ ପି:ଭୀକାରୀ ଗୌଡ଼ ଜା: ଗୌଡ଼ ବା: ନିଜଗାଁ | |
| ୭୪ | ୫୬୫ | ପଦର | ୦.୦୫୫ | ୦.୦୧୦ | ଶୁକୁଟା ପ୍ରଧାନ, ସଜନି ପ୍ରଧାନ ପି: ଭଗିଆ ପ୍ରଧାନ, ଚନ୍ଦ୍ର ପ୍ରଧାନ ସ୍ୱା: କଂଗ୍ରେସ ପ୍ରଧାନ, ଧୋବା ପ୍ରଧାନ, ଦେବ ପ୍ରଧାନ, ତେଜି ପ୍ରଧାନ, ଶୈଳ ପ୍ରଧାନ ପି: ଦୁଃଖୀ ପ୍ରଧାନ, ତରା ପ୍ରଧାନ ସ୍ୱା: ଦୁଃଖୀ ପ୍ରଧାନ ଜା: କୁଡୁମ ବା: ନିଜଗାଁ | |
| | ୫୭୧ | | ୦.୦୫୦ | ୦.୦୨୦ | | |
| ୭୫ | ୫୦୦ | ବିଲ ଜଳସେଚିତ ଦୋଫସଲି | ୦.୩୩୦ | ୦.୧୦୦ | ହରି ପ୍ରଧାନ ପି:କ୍ଷେତ୍ର ପ୍ରଧାନ ଜା: କୁଡୁମ ବା: ନିଜଗାଁ | |
| ୭୬/୨ | ୫୫୭ | ବିଲ ଜଳସେଚିତ ଦୋଫସଲି | ୦.୦୪୦ | ୦.୦୧୦ | ବିପ୍ର ପଧାନ ପି:ଗୁଣ୍ଡିଚା ପଧାନ ଜା: କୁଡୁମ ବା: ବାହାଡ଼ାଗୁଡ଼ା | |
| ୭୬/୪ | ୫୮୯ | ବିଲ ଜଳସେଚିତ ଦୋଫସଲି | ୧.୬୫୦ | ୦.୩୯୦ | ସହଦେବ ପ୍ରଧାନ ପି:ସୋଲା ପ୍ରଧାନ ଜା: କୁଡୁମ ବା: ଫାସିଗୁଡା | |
| ୭୬/୧୦ | ୫୩୧/୭୨୬ | ବିଲ ଜଳସେଚିତ ଦୋଫସଲି | ୦.୦୬୫ | ୦.୦୫୦ | କୁନା ନାୟକ ପି:ପଞ୍ଚାନନ ନାୟକ ଜା: କୁର୍ମି ବା: ନିଜଗାଁ | |
| ୭୬/୧୨ | ୫୩୪ | ପଦର | ୦.୧୯୫ | ୦.୦୧୫ | ଉମାକାନ୍ତ ପ୍ରଧାନ ପି:ଚୈତନ୍ୟ ପ୍ରଧାନ ଜା: କୁଡୁମ ବା: ଫାସିଗୁଡ଼ା | |
| | ୫୩୬ | | ୦.୨୭୦ | ୦.୦୧୦ | | |
| | ୫୩୯ | | ୦.୨୫୦ | ୦.୦୮୦ | | |
| | ୫୪୭ | | ୦.୧୧୦ | ୦.୧୦୦ | | |
| ୭୬/୧୬ | ୫୩୫ | ପଦର | ୦.୧୬୫ | ୦.୦୧୦ | ରଜନୀକାନ୍ତ ବିଶ୍ୱାଳ ପି: ଧନୁ ବିଶ୍ୱାଳ ଜା: କୁଡୁମ ବା: ଫାସିଗୁଡ଼ା | |
| | ୫୪୦ | | ୦.୨୫୦ | ୦.୧୦୦ | | |
| | ୪୯୫ | ବିଲ ଜଳସେଚିତ ଏକ ଫସଲି | ୦.୧୪୦ | ୦.୦୬୫ | | |
| ୭୬/୨୧ | ୫୭୩ | ବିଲ ଜଳସେଚିତ ଦୋଫସଲି | ୦.୧୬୦ | ୦.୦୯୫ | ଡାକ ପ୍ରଧାନ ପି:ଦୁର୍ଯ୍ୟୋଧନ ପ୍ରଧାନ ଜା: କୁଡୁମ ବା: ବାହାଡ଼ାଗୁଡ଼ା | |
| ୭୬/୨୩ | ୫୫୯ | ବିଲ ଜଳସେଚିତ ଦୋଫସଲି | ୦.୧୧୦ | ୦.୦୧୦ | ସଜନି ବେହେରା ସ୍ୱା:କାଶୀ ବେହେରା ଜା: କୁମ୍ଭାର ବା: ଫାସିଗୁଡା | |

ମୋଟ ୨.୩୬୩ ଏକର

ରାଜ୍ୟପାଳଙ୍କ ଆଦେଶକ୍ରମେ
(ମଧୁସ୍ମିତା ସାହୁ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0045

## ୬୬ ଜଣ ଗ୍ରହଣ କଲେ ପଦ୍ମ ପୁରସ୍କାର

ନୂଆଦିଲ୍ଲୀ, ୨୫।୫(ଏଜେନ୍ସି): ରାଷ୍ଟ୍ରପତି ଭବନର ରିପବ୍ଲିକ ପାଭିଲିୟନଠାରେ ସୋମବାର ୨୦୨୬ ପାଇଁ ପ୍ରଥମ ପର୍ଯ୍ୟାୟ ପଦ୍ମ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦେଶର ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରିଛନ୍ତି। ଗତ ଜାନୁଆରୀ ୨୫ରେ ସରକାରଙ୍କ ପକ୍ଷରୁ ମୋଟ ୧୩୧ ଜଣଙ୍କ ନାମ ଘୋଷଣା କରାଯାଇଥିବା ବେଳେ, ଆଜି ପ୍ରଥମ ପର୍ଯ୍ୟାୟରେ ୬୬ ଜଣଙ୍କୁ ପୁରସ୍କୃତ କରାଯାଇଛି। ଏହି ସମାରୋହରେ ରାଷ୍ଟ୍ରପତି ୨ଟି ପଦ୍ମ ବିଭୂଷଣ, ୬ଟି ପଦ୍ମ ଭୂଷଣ ଏବଂ ୫୮ ଟି ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଛନ୍ତି। ବାକି ପୁରସ୍କାର ବିଜେତାମାନଙ୍କୁ ଆଗାମୀ ଦ୍ୱିତୀୟ ପର୍ଯ୍ୟାୟରେ ସମ୍ମାନିତ କରାଯିବ। ବଲିଉଡର କିମ୍ବଦନ୍ତୀ ଅଭିନେତା ଧର୍ମେନ୍ଦ୍ର ଏବଂ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କୁ ମରଣୋତ୍ତର ଭାବେ ପଦ୍ମ ବିଭୂଷଣ ସମ୍ମାନରେ ଭୂଷିତ କରାଯାଇଛି। ଧର୍ମେନ୍ଦ୍ରଙ୍କ ପକ୍ଷରୁ ତାଙ୍କର ପତ୍ନୀ ତଥା ପ୍ରଖ୍ୟାତ ଅଭିନେତ୍ରୀ ହେମାମାଳିନୀ ସମ୍ମାନ ଗ୍ରହଣ କରିଛନ୍ତି। ଏହା ବ୍ୟତୀତ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି କେଟି ଥୋମାସ ଏବଂ କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଭିଏସ ଅଚ୍ୟୁତାନନ୍ଦନଙ୍କୁ ମଧ୍ୟ ପଦ୍ମ ବିଭୂଷଣ ପ୍ରଦାନ କରାଯାଇଛି। ସେହିପରି ବିଶିଷ୍ଟ ଗାୟିକା ଅଲକା ୟାଗ୍ନିକ ଏବଂ ଭଗତ ସିଂ କୋଶିୟାରୀଙ୍କ ସମେତ ୧୩ ଜଣଙ୍କୁ ପଦ୍ମ ଭୂଷଣ ବର୍ଗରେ ସମ୍ମାନିତ କରାଯାଇଛି।

## ଏଆଇଏଡିଏମ୍‌କେକୁ ଝଟ୍‌କା ଦେଲେ ୩ ବିଧାୟକ

ତାମିଲନାଡୁ, ୨୫।୫(ଏଜେନ୍ସି): ନିର୍ବାଚନ ପରେ ତାମିଲନାଡୁ ରାଜନୀତିରେ ଝଡ଼ ଥମିବାର ନାଁ ନେଉନାହିଁ। ସୋମବାର ଏଡାପାଡି ପାଲାନିସ୍ୱାମୀ (ଇପିଏସ୍)ଙ୍କ ନେତୃତ୍ୱାଧୀନ ଏଆଇଏଡିଏମ୍‌କେ ଦଳକୁ ଏକ ଶକ୍ତ ଝଟକା ଲାଗିଛି। ଦଳର ୩ ବିଧାୟକ ନିଜ ପଦରୁ ଇସ୍ତଫା ଦେଇ ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱାଧୀନ ତାମିଲଗା ଭେଟ୍ରି କାଜାଗାମ (ଟିଭିକେ) ଦଳରେ ଆନୁଷ୍ଠାନିକ ଭାବେ ସାମିଲ ହୋଇଛନ୍ତି। ସେମାନଙ୍କର ଇସ୍ତଫା ପତ୍ର ତାମିଲନାଡୁ ବିଧାନସଭା ବାଚସ୍ପତି ଜେସିଡି ପ୍ରଭାକରଙ୍କୁ ପ୍ରଦାନ କରିଛନ୍ତି। ଇସ୍ତଫା ପରେ ଏହି ବିଧାୟକମାନେ ଟିଭିକେ ମନ୍ତ୍ରୀ ଆଧାବ ଅର୍ଜୁନଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିଥିଲେ। ଏମାନେ ପୂର୍ବରୁ ସେହି ୨୫ ଜଣିଆ ବିଦ୍ରୋହୀ ଗୋଷ୍ଠୀର ସଦସ୍ୟ ଥିଲେ, ଯେଉଁମାନେ ମେ ୧୩ରେ ହୋଇଥିବା ଫ୍ଲୋର ଟେଷ୍ଟ ସମୟରେ ବିଜୟ ସରକାରଙ୍କ ସମର୍ଥନରେ ଭୋଟ୍ ଦେଇଥିଲେ। ଅନ୍ୟପକ୍ଷରେ, ୫ ଜଣ ବିଧାୟକ ପୁଣିଥରେ ପାଲାନିସ୍ୱାମୀଙ୍କ ଶିବିରକୁ ଫେରିଆସିବା ଫଳରେ ତାଙ୍କ ସମର୍ଥନରେ ଥିବା ବିଧାୟକଙ୍କ ସଂଖ୍ୟା ୨୭ କୁ ବୃଦ୍ଧି ପାଇଛି। ବର୍ତ୍ତମାନ ବିଦ୍ରୋହୀ ଗୋଷ୍ଠୀରେ ସଦସ୍ୟ ସଂଖ୍ୟା ୨୫ ରୁ ଖସି ଆସି ୧୭ରେ ପହଞ୍ଚିଛି।

## ତାମିଲନାଡୁ ଚାଷୀଙ୍କୁ ଋଣଛାଡ଼

ଚେନ୍ନାଇ, ୨୫।୫(ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟ ରାଜ୍ୟର କୃଷକମାନଙ୍କ ପାଇଁ ସୋମବାର ସମବାୟ ବ୍ୟାଙ୍କରୁ ଋଣ ନେଇଥିବା ଲକ୍ଷ ଲକ୍ଷ ଚାଷୀଙ୍କ ପାଇଁ ବୃହତ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଯେଉଁ କ୍ଷୁଦ୍ର ଓ ନାମମାତ୍ର ଚାଷୀ ସମବାୟ ବ୍ୟାଙ୍କରୁ ୫୦, ୦୦୦ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ନେଇଛନ୍ତି, ସେମାନଙ୍କର ସମସ୍ତ ବକେୟା ରାଶିକୁ ସମ୍ପୂର୍ଣ୍ଣ ରୂପେ ଛାଡ଼ କରାଯିବ। କେବଳ କ୍ଷୁଦ୍ର ଚାଷୀ ନୁହନ୍ତି, ବରଂ ବଡ଼ ଚାଷୀମାନଙ୍କ ପାଇଁ ମଧ୍ୟ ଆଶ୍ୱସ୍ତି ପ୍ରଦାନ କରାଯାଇଛି। ରିପୋର୍ଟ ଅନୁଯାୟୀ, ବଡ଼ ଚାଷୀଙ୍କୁ ସେମାନଙ୍କ ଫସଲ ଋଣ ପରିଶୋଧ କ୍ଷେତ୍ରରେ ୫୦୦୦ ଟଙ୍କାର ଏକକାଳୀନ ଆର୍ଥିକ ସହାୟତା ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଦ୍ୱାରା ସମଗ୍ର ରାଜ୍ୟରେ ପ୍ରାୟ ୧୪.୨୨ ଲକ୍ଷ ଚାଷୀ ଉପକୃତ ହେବେ। ଏହି ସମ୍ପୂର୍ଣ୍ଣ ରିଲିଫ୍ ପ୍ୟାକେଜ୍ ପାଇଁ ତାମିଲନାଡୁ ସରକାରଙ୍କୁ ମୋଟ ୨, ୦୪୪ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

## ସୁନା ଖଣିରେ ଭୂସ୍ଖଳନ; ୨୮ ମୃତ

ଲୁଆଣ୍ଡା (ଆଙ୍ଗୋଲା), ୨୫।୫(ଏଜେନ୍ସି): ଆଙ୍ଗୋଲାରେ ଏକ ବେଆଇନ ସୁନା ଖଣିରେ ଭୟଙ୍କର ଭୂସ୍ଖଳନ ଘଟି ୨୮ ଜଣ ଶ୍ରମିକଙ୍କର ପ୍ରାଣହାନି ଘଟିଛି। ଏହି ମର୍ମନ୍ତୁଦ ଦୁର୍ଘଟଣାଟି ଏକ ଅନଧିକୃତ ଭାବେ ଚାଲୁଥିବା ଖଣି ପରିସରରେ ଘଟିଥିବା ସୂଚନା ମିଳିଛି। ଐତିହାସିକ ଭାବେ ଆଙ୍ଗୋଲାରେ ବେଆଇନ ଖଣି କାର୍ଯ୍ୟ ମୁଖ୍ୟତଃ ହୀରା ଶିଳ୍ପ ସହିତ ଜଡିତ ରହିଥିଲା। କିନ୍ତୁ ସୁନା ଖଣିରେ ଘଟିଥିବା ଏହି ବଡ଼ ଧରଣର ବିପର୍ଯ୍ୟୟ ଏବେ ସମସ୍ତଙ୍କୁ ଚକିତ କରିଛି। ସଦ୍ୟତମ ସୂଚନା ଅନୁଯାୟୀ, ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକୁ ଉଦ୍ଧାର କରିଛନ୍ତି। ମୃତ୍ୟୁ ସଂଖ୍ୟା ୨୮ ରେ ପହଞ୍ଚିଥିବା ଜଣାପଡ଼ିଛି।

## ବସ୍‌କୁ ପିଟିଲା ବସ୍; ୧୭ ମୃତ

ପେଶାୱାର, ୨୫।୫(ଏଜେନ୍ସି): ପାକିସ୍ତାନର ଉତ୍ତର-ପଶ୍ଚିମାଞ୍ଚଳରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୧୭ ଜଣ ପ୍ରାଣ ହରାଇଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ମର୍ଦ୍ଦାନ ଜିଲ୍ଲାର ସ୍ୱାତ ଏକ୍ସପ୍ରେସୱେରେ ଏହି ଦୁର୍ଘଟଣା ହୋଇଛି। ରାସ୍ତାକଡ଼ରେ ଠିଆ ହୋଇଥିବା ବସଟିର ଜେନେରେଟରରେ ତ୍ରୁଟି ଦେଖାଦେବାରୁ ତାହାକୁ ଅଟକାଇବାକୁ ପଡ଼ିଥିଲା, ସେହି ସମୟରେ ପଛରୁ ଆସୁଥିବା ଦ୍ରୁତଗାମୀ ବସଟି ତାକୁ ପିଟି ଦେଇଥିଲା। ଯାତ୍ରୀବାହୀ ବସଟି ପର୍ଯ୍ୟଟନ ସ୍ଥଳୀ ସ୍ୱାତ ଉପତ୍ୟକାକୁ ଯାଉଥିବା ସମୟରେ ଏହି ଅଭାବନୀୟ ଘଟଣା ଘଟିଥିଲା। ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ପକ୍ଷରୁ ରିଲିଫ କାର୍ଯ୍ୟ ଜାରି ରହିଥିବା ବେଳେ ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

## ପ୍ରେମିକ ସହ ମିଶି ସ୍ୱାମୀକୁ ହତ୍ୟା

ଗଙ୍ଗାପୁର, ୨୫।୫(ଏଜେନ୍ସି): ତେଲେଙ୍ଗାନାର ଗଙ୍ଗାପୁର ଅଞ୍ଚଳରେ ଜଣେ ୪୨ ବର୍ଷୀୟ ବ୍ୟକ୍ତି ମୁଥ୍ୟମ୍‌ଙ୍କୁ ତାଙ୍କ ସ୍ତ୍ରୀ ଓ ତାଙ୍କ ପ୍ରେମିକ ମିଶି ଅତି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ହତ୍ୟାକାଣ୍ଡ ପରେ ପ୍ରମାଣ ନଷ୍ଟ କରିବା ପାଇଁ ଅଭିଯୁକ୍ତମାନେ ଏକ କୃଷି କ୍ଷେତରେ ମୃତଦେହକୁ ପୋତି ଦେଇଥିଲେ। ପୁଲିସ ଅନୁଯାୟୀ, ମୁଥ୍ୟମ୍ ଓ କଳ୍ପନାଙ୍କ ବିବାହକୁ ୧୨ ବର୍ଷ ହୋଇଥିବା ବେଳେ ସେମାନଙ୍କର ଦୁଇଟି ସନ୍ତାନ ଅଛନ୍ତି। ତେବେ ଗତ ତିନି ମାସ ତଳେ କଳ୍ପନାଙ୍କର ପଡୋଶୀ ଏଲଗୋଇ ଗ୍ରାମର ବାସିନ୍ଦା ଗାଇନି ପାଣ୍ଡାରୀଙ୍କ ସହ ଅବୈଧ ସମ୍ପର୍କ ଗଢିଉଠିଥିଲା। ଏହି ସମ୍ପର୍କ ବିଷୟରେ ମୁଥ୍ୟମ୍ ଜାଣିବା ପରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ହେଉଥିଲା।



ସୋମବାର ରାଷ୍ଟ୍ରପତିଙ୍କଠାରୁ ଧର୍ମେନ୍ଦ୍ରଙ୍କ ପାଇଁ ପଦ୍ମବିଭୂଷଣ ଗ୍ରହଣ କରୁଛନ୍ତି ଅଭିନେତ୍ରୀ ପତ୍ନୀ ହେମାମାଳିନୀ



ତାଜମହଲ ସମ୍ମୁଖରେ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଏବଂ ତାଙ୍କ ପତ୍ନୀ

# ଟ୍ରମ୍ପଙ୍କୁ ମୂର୍ଖ କହିଦେଲେ କି ମାର୍କୋ ରୁବିଓ?

■ ଭାରତୀୟଙ୍କ ବିରୋଧରେ ବର୍ଣ୍ଣବୈଷମ୍ୟମୂଳକ ମନ୍ତବ୍ୟକୁ 'ମୂର୍ଖାମି' କହିଲେ ରୁବିଓ
■ ଟ୍ରମ୍ପ ଭାରତକୁ ଭଲ ପାଆନ୍ତି ବୋଲି ସ୍ପଷ୍ଟୀକରଣ ଦେଲେ
■ ରୁବିଓଙ୍କ ପୋଷ୍ଟକୁ ହଟାଇଲା ଆମେରିକାର ବିଦେଶ ବିଭାଗ
■ ଭାରତକୁ ନର୍କକୁଣ୍ଡ କହିଥିଲେ ଟ୍ରମ୍ପ



ନୂଆଦିଲ୍ଲୀ, ୨୫।୫(ଏଜେନ୍ସି): ଭାରତ ଗସ୍ତରେ ଆସିଥିବା ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଏବେ ବଡ଼ ଧରଣର ବିବାଦରେ ଫସିଯାଇଛନ୍ତି। ଭାରତ ବିରୋଧରେ ବର୍ଣ୍ଣବୈଷମ୍ୟମୂଳକ ଟିପ୍ପଣୀକୁ ତୀବ୍ର ନିନ୍ଦା କରିବା ସହ ଏହାକୁ 'ମୂର୍ଖ' ଲୋକଙ୍କ କାର୍ଯ୍ୟ ବୋଲି କହିଛନ୍ତି ରୁବିଓ। ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ମଧ୍ୟ ଅନେକ ସମୟରେ ଭାରତ ବିରୋଧରେ ମନ୍ତବ୍ୟ ଦେଇଥିବାରୁ ଏହା ତାଙ୍କ ପ୍ରତି ଉଦ୍ଦିଷ୍ଟ ଥିବା ଆଲୋଚନା ଜୋର ଧରିବା ପରେ ରୁବିଓ ସଫେଇ ଦେଇ କହିଛନ୍ତି ଯେ ଟ୍ରମ୍ପ ଭାରତକୁ ବହୁତ ଭଲ ପାଆନ୍ତି। ତେବେ ତାଙ୍କର ଏହି ମନ୍ତବ୍ୟକୁ ନେଇ ବଡ଼ ଧରଣର ବିବାଦ ସୃଷ୍ଟି ହେବାରୁ ଏହାକୁ ଆମେରିକାର ବୈଦେଶିକ ବିଭାଗ ସାମାଜିକ ଗଣମାଧ୍ୟମରୁ ହଟାଇ ଦେଇଛି। ଭାରତ ବିରୋଧୀ ମନ୍ତବ୍ୟ ମୂର୍ଖ ଲୋକଙ୍କ କାମ ବୋଲି ସେ ଦେଇଥିବା ମନ୍ତବ୍ୟକୁ ଏଥିରୁ ହଟାଇ ଦିଆଯାଇଛି।

ସୂଚନାଯୋଗ୍ୟ ଯେ ଗତକାଲି ଏଠାରେ ଭାରତର ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ କରିଥିଲେ ରୁବିଓ। ଭାରତୀୟ ଏବଂ ଭାରତୀୟ-ଆମେରିକୀୟଙ୍କ ବିରୋଧରେ ହେଉଥିବା ବର୍ଣ୍ଣବୈଷମ୍ୟମୂଳକ ଟିପ୍ପଣୀ ସଂପର୍କରେ ଜଣେ ସାମ୍ବାଦିକ ପ୍ରଶ୍ନ କରିବାରୁ ରୁବିଓ ଏଭଳି ମନ୍ତବ୍ୟ 'ମୂର୍ଖ' ଲୋକଙ୍କ କାର୍ଯ୍ୟ ଏବଂ ଏହା ଆମେରିକାର ପ୍ରକୃତ ସାମାଜିକ ଚିନ୍ତାଧାରାକୁ ପ୍ରତିଫଳିତ କରେ ନାହିଁ ବୋଲି କହିଥିଲେ। ସେ କହିଲେ ଯେ, 'ମୁଁ ନିଶ୍ଚିତ ଯେ ଅନଲାଇନରେ ଏବଂ ଅନ୍ୟାନ୍ୟ ସ୍ଥାନରେ କିଛି ଲୋକ ଏଭଳି ମନ୍ତବ୍ୟ ଦେଉଛନ୍ତି, କାରଣ ଦୁନିଆର ପ୍ରତ୍ୟେକ ଦେଶରେ 'ମୂର୍ଖ' ଲୋକ ଅଛନ୍ତି। ରୁବିଓ କହିଥିଲେ ଯେ ଆମେରିକା ଏକ ସ୍ୱାଗତଯୋଗ୍ୟ ଦେଶ। ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକମାନେ ଆମେରିକୀୟ ସମାଜରେ ମିଶି ଦେଶକୁ ସମୃଦ୍ଧ କରିଛନ୍ତି ଏବଂ ଦେଶର ବିକାଶରେ ବଡ଼ ଯୋଗଦାନ ଦେଇଛନ୍ତି। ତେବେ ସୋସିଆଲ ମିଡିଆରେ ଏହି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପ୍ରସାରିତ ହେବା ପରେ ବ୍ୟାପକ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାର କିଛି ଘଣ୍ଟା ମଧ୍ୟରେ ଆମେରିକା ବିଦେଶ ବିଭାଗ ସେହି ନିର୍ଦ୍ଦିଷ୍ଟ ପୋଷ୍ଟକୁ ଡିଲିଟ୍ କରିଦେଇଥିଲା।

ଏହାକୁ ନେଇ ବିବାଦ ସୃଷ୍ଟି ହେବାରୁ ଆଜି ଆଗ୍ରା ଯିବା ବାଟରେ ସାମ୍ବାଦିକମାନେ ତାଙ୍କୁ ଡୋନାଲ୍ଡ ଟ୍ରମ୍ପ ଭାରତ ଓ ଚୀନକୁ ପୂର୍ବରୁ 'ନର୍କ କୁଣ୍ଡ' ବୋଲି ଅଭିହିତ କରିଥିବା ବିଷୟରେ ପଚାରିଥିଲେ। ଏଥିରେ ସେ ନିଜର ପ୍ରତିକ୍ରିୟା ବଦଳାଇ କହିଥିଲେ ଯେ, ରାଷ୍ଟ୍ରପତି ଟ୍ରମ୍ପ ଭାରତକୁ ବହୁତ ଭଲ ପାଆନ୍ତି ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ତାଙ୍କର ସମ୍ପର୍କ ଅତ୍ୟନ୍ତ ନିବିଡ଼।

ସୂଚନାଯୋଗ୍ୟ ଯେ ଗତ ଏପ୍ରିଲରେ ଟ୍ରମ୍ପ ଏକ ପୋଷ୍ଟ ସେୟାର କରିଥିଲେ ଯେଉଁଥିରେ ଭାରତ ଓ ଚୀନରୁ ଆସୁଥିବା ଲୋକମାନେ ଆମେରିକାର ନାଗରିକତ୍ୱ ସୁବିଧାର ଦୁରୁପଯୋଗ କରୁଥିବା ଏବଂ ଏହି ଦେଶଗୁଡ଼ିକୁ 'ନର୍କ କୁଣ୍ଡ' ଭାବେ ବର୍ଣ୍ଣନା କରାଯାଇଥିଲା। ଏହାକୁ ନେଇ ଭାରତର ବୈଦେଶିକ ମନ୍ତ୍ରଣାଳୟ ଏହି ମନ୍ତବ୍ୟକୁ 'ଅଶୋଭନୀୟ ଏବଂ ନିମ୍ନ ରୁଚିର' ବୋଲି କହି ପ୍ରତିବାଦ ଜଣାଇଥିଲା।

## ଗୁଲ୍‌ମାର୍ଗ କେବୁଲ କାର୍‌ରେ ଫଶି ରହିଲେ ଶତାଧିକ ପର୍ଯ୍ୟଟକ



ଗୁଲମାର୍ଗ, ୨୫।୫(ଏଜେନ୍ସି): ଜମ୍ମୁ-କାଶ୍ମୀରର ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଗୁଲମାର୍ଗରେ ସୋମବାର ଏକ ବଡ଼ ଧରଣର ଯାନ୍ତ୍ରିକ ତ୍ରୁଟି ଘଟିଛି। ଗୁଲମାର୍ଗ ଗଣ୍ଡୋଲା କେବୁଲ କାର୍ ସେବାରେ ଯାନ୍ତ୍ରିକ ସମସ୍ୟା ଦେଖାଦେବା ପରେ ୩ ଶହରୁ ଊର୍ଦ୍ଧ୍ୱ ପର୍ଯ୍ୟଟକେ ଆକାଶ ମାର୍ଗରେ ଝୁଲା ଅବସ୍ଥାରେ ଅଟକି ରହିଥିଲେ। ଫଳରେ ପର୍ଯ୍ୟଟକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଅନେକ କ୍ୟାବିନ ପର୍ଯ୍ୟଟକଙ୍କ ସହ ୫୦୦ ଫୁଟ ଉଚ୍ଚତାରେ ଝୁଲି ରହିଥିଲା। ଘଟଣା ସମ୍ପର୍କରେ ଖବର ପାଇ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ) ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ)ର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ । ଏହାପରେ ସମସ୍ତ ପର୍ଯ୍ୟଟକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ଘଟଣାପରେ ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏକ୍ସରେ ସୂଚନା ଦେଇଛନ୍ତି ଯେ, ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି ଏବଂ ସମସ୍ତ କ୍ୟାବିନ ସୁରକ୍ଷିତ ରହିଛି।

ସେହିପରି ଉପରାଜ୍ୟପାଳ ମନୋଜ ସିହ୍ନା ମଧ୍ୟ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିବା ସହ ପୋଲିସ ମହାନିର୍ଦ୍ଦେଶକ (ଡିଜିପି), ସେନା, ଏବଂ ଜିଲ୍ଲା ପ୍ରଶାସନର ଏକ ମିଳିତ ଟିମ୍‌କୁ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି ଯେ ଅତ୍ୟଧିକ ଭାର ଯୋଗୁଁ ଏହି ଯାନ୍ତ୍ରିକ ତ୍ରୁଟି ଘଟିଥାଇପାରେ। ତେବେ ପ୍ରକୃତ କାରଣ ଜାଣିବା ପାଇଁ ପ୍ରଶାସନ ପକ୍ଷରୁ ଏକ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

# ଜାରି ରହିବ ଭୀଷଣ ଗ୍ରୀଷ୍ମ ପ୍ରବାହ

ନୂଆଦିଲ୍ଲୀ, ୨୫।୫(ଏଜେନ୍ସି): ଦେଶର ବିଭିନ୍ନ ଭାଗରେ ଗ୍ରୀଷ୍ମ ପ୍ରବାହର ପ୍ରକୋପ ଜାରି ରହିଥିବା ବେଳେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ସତର୍କ ସୂଚନା ଜାରି କରାଯାଇଛି। ପାଣିପାଗ ବିଭାଗ ଅନୁସାରେ, ମଧ୍ୟ ଏବଂ ଉତ୍ତର-ପଶ୍ଚିମ ଭାରତରେ ଆଗାମୀ ୪ ରୁ ୫ ଦିନ ପର୍ଯ୍ୟନ୍ତ ଭୀଷଣରୁ ଅତି ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ରହିବାର ସମ୍ଭାବନା ରହିଛି। ସେହିପରି ପୂର୍ବ ଭାରତ ଏବଂ ଏହାର ସଂଲଗ୍ନ ଦକ୍ଷିଣ ଭାରତୀୟ ଅଞ୍ଚଳରେ ଆଗାମୀ ୩ ରୁ ୪ ଦିନ ପର୍ଯ୍ୟନ୍ତ ଏଭଳି ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ଲାଗି ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଉତ୍ତର ଭାରତର ଅନେକ ସହରରେ ଦିନର ତାପମାତ୍ରା ୪୪ ରୁ ୪୬ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଥିବାବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହାକୁ ରାଜସ୍ଥାନରେ ସବୁଠାରୁ ଉତ୍ତପ୍ତ ୯ ଦିନ ବା 'ନଉତପା' ବୋଲି କୁହାଯାଉଛି। ଆଜି ମହାରାଷ୍ଟ୍ରର ବିଦର୍ଭ ଅଞ୍ଚଳର ବ୍ରହ୍ମପୁରୀ ଠାରେ ସର୍ବାଧିକ ୪୭.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ମଧ୍ୟପ୍ରଦେଶର ଖଜୁରାହୋ ଠାରେ ୪୬.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

ପାଣିପାଗ ବିଭାଗ ଅନୁଯାୟୀ, ମେ ୨୭ ପର୍ଯ୍ୟନ୍ତ ପ୍ରଚଣ୍ଡ ତାପମାତ୍ରା ଜାରି ରହିବ। ତେବେ ମେ ୨୮ କିମ୍ବା ୨୯ ତାରିଖ ବେଳକୁ ଏକ ପଶ୍ଚିମା ପ୍ରଭାବ ଯୋଗୁଁ କିଛି ସ୍ଥାନରେ ବର୍ଷା ଏବଂ ପବନ ହେବାର ସମ୍ଭାବନା ରହିଛି। ଫଳରେ ତାପମାତ୍ରା ୬ ରୁ ୮ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ହେବା ସମ୍ଭାବନା ରହିଛି। ବର୍ତ୍ତମାନ ପାଇଁ ଆଇଏମ୍‌ଡି ଦିଲ୍ଲୀ ସମେତ ଅନେକ ଅଞ୍ଚଳରେ ୟେଲୋ ଆଲର୍ଟ ଜାରି କରିଛି। ମଇ ୨୧ ରୁ ଜୁନ୍ ୩ ତାରିଖ ପର୍ଯ୍ୟନ୍ତ ଜାରି କରାଯାଇଥିବା ଏହି ବର୍ଦ୍ଧିତ ପୂର୍ବାନୁମାନ ଅନୁଯାୟୀ, ଦେଶର ଏହି ଅଞ୍ଚଳଗୁଡ଼ିକରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ। ଅନ୍ୟପଟେ, ଦେଶର କେତେକ ସ୍ଥାନରେ ପ୍ରବଳ ବର୍ଷା ନେଇ ମଧ୍ୟ ସୂଚନା ମିଳିଛି। ଉତ୍ତର-ପୂର୍ବ ଭାରତରେ ଆଗାମୀ ୬ ରୁ ୭ ଦିନ ପର୍ଯ୍ୟନ୍ତ ଏବଂ କେରଳ ଓ ତାମିଲନାଡୁରେ ଆଗାମୀ ୨ ରୁ ୩ ଦିନ ମଧ୍ୟରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସାଧାରଣ ଜନତାଙ୍କୁ ଗ୍ରୀଷ୍ମ ପ୍ରବାହ ସମୟରେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ପ୍ରବଳ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ଲୋକମାନେ ଆବଶ୍ୟକୀୟ ସାବଧାନତା ଅବଲମ୍ବନ କରିବାକୁ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

## ବିଜେପି ବିଧାୟକଙ୍କୁ ଜିତାଇଲେ ମୁସଲିମ ଭୋଟର

କୋଲକାତା ୨୫।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମୁସଲିମ ଭୋଟର ସର୍ବଦା ଚର୍ଚ୍ଚାରେ ରହିଆସିଛନ୍ତି। ଏଥର ସେମାନଙ୍କର ବିପୁଳ ସମର୍ଥନ ଯୋଗୁଁ ଜଣେ ବିଧାୟକ ନିର୍ବାଚିତ ହୋଇଛନ୍ତି। ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। କୋଲକାତାର ରାଜରହାଟ ନ୍ୟୁ ଟାଉନ ଆସନରେ ମୁସଲିମ ବହୁଳ ୧୬୪ ନମ୍ବର ବୁଥ୍‌ରେ ଏହା ଦେଖିବାକୁ ମିଳିଛି। ଏହି ବୁଥରେ ୬୫୬ ଜଣ ଭୋଟର ଥିଲା ବେଳେ ମୁସଲିମ ଭୋଟରଙ୍କ ସଂଖ୍ୟା ହେଉଛି ୫୫୮। ଏଠାରେ ବିଜେପି ପ୍ରାର୍ଥୀଙ୍କୁ ମିଳିଛି ୬୩୭ ଭୋଟ୍। ଏହି ଭୋଟ ଯୋଗୁଁ ବିଜେପି ପ୍ରାର୍ଥୀ ପୀୟୂଷ ଟିଏମସି ପ୍ରାର୍ଥୀଙ୍କୁ ୩୧୬ ଭୋଟ ବ୍ୟବଧାନରେ ହରାଇ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ କମିସନଙ୍କ ତଥ୍ୟ ଏହା କହୁଥିବା ବେଳେ ଟିଏମସି କିନ୍ତୁ ଅଭିଯୋଗ କରିଛି ଯେ ଏହି ବୁଥରେ ଜାଲିଆତି କରାଯାଇଛି। ୪ ତାରିଖରେ ଭୋଟଗଣତିରେ ବିଜେପି ପ୍ରାର୍ଥୀ ପଛୁଆ ଥିବା ବେଳେ କେବଳ ଏହି ବୁଥରେ ତା ପରଦିନ ପୃଥକ ଗଣତି କରାଯାଇଥିଲା। ଇଭିଏମରେ ଜାଲିଆତି କରି ବିଜେପିକୁ ବିଜୟୀ କରାଯାଇଥିଲା। ସମସ୍ତ ବୁଥର ଗଣତି ୪ ତାରିଖରେ ଶେଷ ହୋଇଥିବା ବେଳେ ଏହି ବୁଥରେ ଗଣତି କାହିଁକି ୫ ତାରିଖରେ କରାଯାଇଥିଲା ବୋଲି ଟିଏମସି ପ୍ରଶ୍ନ କରିଛି। ଏସଂପର୍କରେ ନିର୍ବାଚନ କମିସନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ କମିସନ ନିରବ ରହିଥିବା ଟିଏମସି ନେତା କହିଛନ୍ତି। ସେ କହିଛନ୍ତି ଯେ ମୁସଲମାନ ପଡ଼ାରେ ଦୁଇଟି ବୁଥ୍ ୧୬୪ ଏବଂ ୧୬୫ ରହିଛି। ୧୬୫ ନମ୍ବର ବୁଥରେ ୬୩୮ ଭୋଟ୍ ମଧ୍ୟରୁ ବିଜେପିକୁ ମାତ୍ର ୩୨ଟି ଭୋଟ୍ ମିଳିଥିବା ବେଳେ ସେହି ଗାଁରେ ଥିବା ୧୬୪ ନମ୍ବର ବୁଥରେ ୬୫୬ରୁ ବିଜେପିକୁ ୬୩୭ ଭୋଟ୍ ମିଳିଲା କେମିତି?

## ଦଳବଦଳକାରୀଙ୍କୁ ନେଇ ଦ୍ୱନ୍ଦ୍ୱରେ ବିଜେପି

କୋଲକାତା,୨୫।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିପୁଳ ବିଜୟ ହାସଲ କରିବା ପରେ ଭାରତୀୟ ଜନତା ପାର୍ଟି (ବିଜେପି) ଏକ ନୂଆ ସମସ୍ୟାର ସମ୍ମୁଖୀନ ହୋଇଛି। ପରାଜିତ ତୃଣମୂଳ କଂଗ୍ରେସ (ଟିଏମସି)ର ଦଳବଦଳକାରୀ ନେତାମାନଙ୍କୁ ଦଳରେ ସାମିଲ କରାଯିବ କି ନାହିଁ, ସେନେଇ ଦଳ ଏବେ ଦ୍ୱନ୍ଦ୍ୱରେ ପଡ଼ିଛି। ଯଦି ସେମାନଙ୍କୁ ଦଳକୁ ଅଣାଯାଏ, ତେବେ ବର୍ଷ ବର୍ଷ ଧରି ମମତା ବାନାର୍ଜୀଙ୍କ ସରକାର ବିରୋଧରେ ଲଢେଇ କରିଥିବା ତୃଣମୂଳସ୍ତରର ବିଜେପି କର୍ମୀମାନେ ଅସନ୍ତୁଷ୍ଟ ହେବେ। ଅନ୍ୟପଟେ ସେମାନଙ୍କୁ ନେଲେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳର ସ୍ଥିତି ଆହୁରି ମଜଭୁତ ହୋଇପାରିବ। ବିଜେପିର ରାଜ୍ୟ ସଭାପତି ସମୀକ ଭଟ୍ଟାଚାର୍ଯ୍ୟ ଏହି ପ୍ରସ୍ତାବକୁ ସ୍ପଷ୍ଟ ଭାବେ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ, ବିଜେପି କୌଣସି 'ଧର୍ମଶାଳା' ନୁହେଁ। ଯେଉଁମାନେ ବିଜେପି କର୍ମୀଙ୍କୁ ହତ୍ୟା କରିଛନ୍ତି, ସେମାନଙ୍କୁ ଦଳରେ ସ୍ଥାନ ମିଳିବ ନାହିଁ। ନିର୍ବାଚନରେ ଶୋଚନୀୟ ପରାଜୟ ପରେ ତୃଣମୂଳ କଂଗ୍ରେସ ଦୁଇ ଭାଗ ହେବା ଆଡ଼କୁ ଗତି କରୁଛି। ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି ଯେ, ଟିଏମସିର ୧୦ ଜଣ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ୮ ଜଣ ବିଜେପିରେ ଯୋଗ ଦେଇପାରନ୍ତି। ଏହା ପୂର୍ବରୁ ଆମ ଆଦମୀ ପାର୍ଟି (ଆପ୍) ର ୭ ଜଣ ରାଜ୍ୟସଭା ସାଂସଦ ମଧ୍ୟ ବିଜେପିରେ ସାମିଲ ହୋଇଥିଲେ। ଅନେକ ଟିଏମସି ବିଧାୟକ ଦଳୀୟ ବୈଠକରୁ ଦୂରେଇ ରହୁଛନ୍ତି, କାରଣ ସେମାନଙ୍କ ମନରେ ବିଜେପି ସରକାରଙ୍କ ଆଇନଗତ କାର୍ଯ୍ୟାନୁଷ୍ଠାନର ଭୟ ରହିଛି।

# ନିଟ୍ ପେପର୍ ଲିକ୍ ମାମଲାରେ ଏନ୍‌ଟିଏକୁ ସୁପ୍ରିମକୋର୍ଟଙ୍କ କଡ଼ା ଭର୍ତ୍ସନା



## ଅତୀତର ଭୁଲ୍‌ରୁ କିଛି ଶିଖିନାହିଁ ଏଜେନ୍ସି

ନୂଆଦିଲ୍ଲୀ, ୨୫।୫(ଏଜେନ୍ସି): ନିଟ୍-ୟୁଜି ପରୀକ୍ଷାରେ ହୋଇଥିବା ପେପର୍ ଲିକ୍ ସଙ୍କଟକୁ ନେଇ ସୁପ୍ରିମକୋର୍ଟ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ) ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଷ୍ଟିସ ପିଏସ୍ ନରସିଂହ ଏବଂ ଜଷ୍ଟିସ ଆଲୋକ ଅରାଧେଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି କହିଛନ୍ତି ଯେ, ଏହା ଅତ୍ୟନ୍ତ ଦୁଃଖଦାୟକ ଯେ ଏନ୍‌ଟିଏ ପୂର୍ବରୁ ହୋଇଥିବା ପେପର୍ ଲିକ୍ ଘଟଣାରୁ କୌଣସି ଶିକ୍ଷା ଲାଭ କରିନାହିଁ। କୋର୍ଟଙ୍କ ନିର୍ଦ୍ଦେଶ ଓ ଜବାବ ତଲବ ସର୍ବୋଚ୍ଚ ନ୍ୟାୟାଳୟ ଏନ୍‌ଟିଏକୁ ଆସନ୍ତା ଗୁରୁବାର ସୁଦ୍ଧା ଏକ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪ରେ ଗଠିତ ମନିଟରିଂ କମିଟିର ସୁପାରିଶ ଆଧାରରେ ଏଜେନ୍ସି କି ପଦକ୍ଷେପ ନେଇଛି, ସେ ସମ୍ପର୍କରେ ସ୍ପଷ୍ଟୀକରଣ ମଗାଯାଇଛି। ଏଥିସହିତ କୋର୍ଟ କେନ୍ଦ୍ର ସରକାର ଏବଂ ସିବିଆଇକୁ ମଧ୍ୟ ଜବାବ ଦାଖଲ କରିବାକୁ ନୋଟିସ୍ ଜାରି କରିଛନ୍ତି। ଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ମେଡିକାଲ୍ ଆସୋସିଏସନ୍ (ଏଫ୍‌ଏଆଇଏମ୍‌ଏ) ଏବଂ ୟୁନାଇଟେଡ୍ ଡକ୍ଟର୍ସ ଫ୍ରଣ୍ଟ (ୟୁଡିଏଫ୍) ପକ୍ଷରୁ ଦାୟର ଆବେଦନରେ ଏନ୍‌ଟିଏର ବର୍ତ୍ତମାନର ଗଠନକୁ ଭଙ୍ଗ କରି ଏକ ନୂତନ ସ୍ୱୟଂଶାସିତ ଓ ଶକ୍ତିଶାଳୀ ବ୍ୟବସ୍ଥା ଗଠନ କରିବାକୁ ଦାବି କରାଯାଇଛି। ବାରମ୍ବାର ପେପର୍ ଲିକ୍ ହେବା ଦ୍ୱାରା ପ୍ରାୟ ୨୨.୭ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଉଥିବା ଆବେଦନରେ ଦର୍ଶାଯାଇଛି। ଏକ ହାଇ-ପାୱାର ମନିଟରିଂ କମିଟି ଗଠନ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି, ଯେଉଁଥିରେ ସୁପ୍ରିମକୋର୍ଟଙ୍କ ଅବସରପ୍ରାପ୍ତ ବିଚାରପତି ଏବଂ ସାଇବର ବିଶେଷଜ୍ଞ ରହିବେ।

ସିବିଆଇ ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୧୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ନିକଟରେ ମହାରାଷ୍ଟ୍ରର ପୁଣେରୁ ପଦାର୍ଥ ବିଜ୍ଞାନ ଅଧ୍ୟାପିକା ମନୀଷା ସଞ୍ଜୟ ହାୱାଲଦାରଙ୍କୁ ଗିରଫ କରାଯାଇ ଦିଲ୍ଲୀ କୋର୍ଟରେ ହାଜର କରାଯାଇଛି ଏବଂ ତାଙ୍କୁ ୬ ଦିନିଆ ପୋଲିସ ହେପାଜତକୁ ପଠାଯାଇଛି। ଅନ୍ୟପଟେ ଅନ୍ୟତମ ଅଭିଯୁକ୍ତ ଶୁଭମ ଖୈରନାରଙ୍କୁ ଜୁନ୍ ୬ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହେପାଜତକୁ ପଠାଯାଇଛି। ପେପର୍ ଲିକ୍ ହୋଇଥିବା ଜଣାପଡ଼ିବା ପରେ ମେ' ୨୧ରେ ପୁନଃ ପରୀକ୍ଷା ପାଇଁ ନିଷ୍ପତ୍ତି ହୋଇଛି। ଏହି ଘଟଣାକୁ ନେଇ ସାରା ଦେଶରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ କର୍ଣ୍ଣାଟକରେ ଜଣେ ମେଧାବୀ ଛାତ୍ରୀ ଆତ୍ମହତ୍ୟା କରିବା ଘଟଣା ସାମ୍ନାକୁ ଆସିଛି।

ସକାଳ
THE SAKALA
www.sakalaepaper.com

# ଫାଇନାଲ୍ ଲକ୍ଷ୍ୟରେ ବେଙ୍ଗାଲୁରୁ-ଗୁଜରାଟ

ଧର୍ମଶାଳା, ୨୫।୫ (ଏଜେନ୍ସି)




ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ୨୦୨୨ ଚାମ୍ପିଅନ୍ ଗୁଜରାଟ ଟାଇଟାନ୍ସ ମଧ୍ୟରେ ଚଳିତବର୍ଷ ଆଇପିଏଲ୍‌ର ପ୍ରଥମ କ୍ୱାଲିଫାୟର ମୁକାବିଲା ଆସନ୍ତାକାଲି ବା ମଙ୍ଗଳବାର ଖେଳାଯିବ। ଟୁର୍ଣ୍ଣାମେଣ୍ଟର ନିୟମ ଅନୁଯାୟୀ ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ସିଧାସଳଖ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ପରାଜିତ ଦଳ ପାଖରେ ଫାଇନାଲ ଯିବା ପାଇଁ ଆଉ ଏକ ସୁଯୋଗ ରହିବ। ପ୍ରଥମ ୨ଟି ସ୍ଥାନରେ ରହିବା ଯୋଗୁଁ ଆର୍‌ସିବି ଓ ଗୁଜରାଟକୁ ଏହି ଫାଇଦା ମିଳିଛି। ପଏଣ୍ଟ ଟେବୁଲ ଉଭୟ ଦଳ ୧୮ ପଏଣ୍ଟ ଲେଖାଏଁ ପାଇଥିଲେ ହେଁ ଫରକ ହେଉଛି ନେଟ୍ ରନ୍‌ରେଟ। ଉଭୟ ଦଳ ଥରେ ଲେଖାଏଁ ଚାମ୍ପିଅନ୍ ହୋଇଛନ୍ତି। ୨୦୨୨ରେ ଆଇପିଏଲ୍ ପଦାର୍ପଣ କରିଥିବା ଗୁଜରାଟ ୫ଟି ସଂସ୍କରଣରେ ୪ ଥର ପ୍ଲେ ଅଫ୍ ଖେଳି ଥରେ ଲେଖାଏଁ ଚାମ୍ପିଅନ୍ ଓ ରନର୍ସଅପ୍ ହୋଇଛି। ଗୁଜରାଟର ବିଜୟ ପ୍ରତିଶତ ୬୧% । ଆର୍‌ସିବି ଓ ଗୁଜରାଟ ଟୁର୍ଣ୍ଣାମେଣ୍ଟର ଦୁଇ ଶ୍ରେଷ୍ଠ ଦଳ। ଆଇପିଏଲ୍‌ରେ ଉଭୟ ଦଳଙ୍କ ମଧ୍ୟରେ ୮ଟି ମୁକାବିଲା ହୋଇଥିବା ବେଳେ ଦୁହେଁ ୪-୪ ସ୍ଥିତିରେ ଅଛନ୍ତି। ଅନ୍ୟପକ୍ଷରେ ଏକ ଶକ୍ତିଶାଳୀ ଦଳ ହେବା ସତ୍ତ୍ୱେ ଆର୍‌ସିବି ଗତବର୍ଷ ୧୮ଶ ସଂସ୍କରଣରେ ପ୍ରଥମ ଟ୍ରଫି ଜିତିବାରେ ସଫଳ ହୋଇଥିଲା। ଏହା ପୂର୍ବରୁ ଆର୍‌ସିବି ୩ ଥର ରନର୍ସଅପ୍ ହୋଇଥିଲା। ଚଳିତ ସଂସ୍କରଣରେ ନିଶ୍ଚିତ ଭାବେ ଆର୍‌ସିବି ଓ ଗୁଜରାଟ ଦୁଇ ଶ୍ରେଷ୍ଠ ଦଳ। ଏମାନଙ୍କ ଶକ୍ତି ହେଲା ନିୟମିତ ଭଲ ପ୍ରଦର୍ଶନ କରିବା। ତେବେ ଉଭୟ ଦଳଙ୍କ ମଧ୍ୟରେ ଚଳିତ ସଂସ୍କରଣରେ ୨ ଥର ମୁକାବିଲା ହୋଇଛି। ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ପାରିଛନ୍ତି।

ବ୍ୟକ୍ତିଗତ ପ୍ରଦର୍ଶନକୁ ଦେଖିଲେ ଗୁଜରାଟର ସାଇ ସୁଦର୍ଶନ ବିସ୍ଫୋରକ ଶତକ ହାସଲ କରିଥିଲେ ହେଁ ବିରାଟ କୋହଲି ଓ ଦେବଦତ୍ତ ପାଡିକଲଙ୍କ ଅର୍ଦ୍ଧଶତକ ବଳରେ ୭ଟି ବଲ୍ ବାକିଥାଇ ଆର୍‌ସିବି ଜିତିଥିଲା। ଉଭୟ ଦଳଙ୍କ ମଧ୍ୟରେ ୨ୟ ମୁକାବିଲାରେ ବୋଲରଙ୍କ ସଫଳତା ଏବଂ ଶୁବମନ ଗିଲ୍ ଓ ଜୋସ୍ ବଟ୍‌ଲରଙ୍କ ଇନିଂସ ବଳରେ ଗୁଜରାଟ ସହଜରେ ଜିତିଥିଲା। ଗୁଜରାଟର ୪ ବ୍ୟାଟ୍‌ସମ୍ୟାନ ଏହାକୁ ଟେବୁଲର ପ୍ରଥମ ୨ଟି ସ୍ଥାନ ମଧ୍ୟରେ ରଖିଛନ୍ତି। ସାଇ ସୁଦର୍ଶନ ଗୋଟିଏ ଶତକ ଓ ୭ଟି ଅର୍ଦ୍ଧଶତକ ସହ ୬୩୮ ଏବଂ ଅଧିନାୟକ ଶୁବମନ ଗିଲ୍ ୬ଟି ଅର୍ଦ୍ଧଶତକ ସହ ୬୧୬ ରନ୍ କରିଛନ୍ତି। ମ୍ୟାଚ୍ ବିଜେତା ଜୋସ୍ ବଟ୍‌ଲର ୪ଟି ଅର୍ଦ୍ଧଶତକ ସହ ୪୬୯ ଓ ୱାଶିଂଟନ ସୁନ୍ଦର ୨ଟି ଅର୍ଦ୍ଧଶତକ ସହ ୩୦୩ ରନ୍ କରିଛନ୍ତି। ଅନ୍ୟ କେହି ତିନି ଅଙ୍କ ସ୍କୋର୍ ମଧ୍ୟ କରି ପାରିନାହାନ୍ତି। ଫଳରେ ମ୍ୟାଚ୍ ଜିତିବା ପାଇଁ ଗୁଜରାଟ ଏହି ଚାରି ବ୍ୟାଟ୍‌ସମ୍ୟାନଙ୍କ ଉପରେ ନିର୍ଭର କରିବ। ଗୁଜରାଟର ବୋଲିଂ ବେଶ୍ ଶକ୍ତିଶାଳୀ। ଦୁଇ ଫାଷ୍ଟ ବୋଲର କାଗିସୋ ରାବାଡା ଓ ମହମ୍ମଦ ସିରାଜ୍ ଯଥାକ୍ରମେ ୨୪ଟି ଓ ୧୭ଟି ୱିକେଟ୍ ନେଇଛନ୍ତି। ରସିଦ୍ ଖାନ୍ ୧୯ଟି, ପ୍ରସିଦ୍ଧ କ୍ରିଷ୍ଣା ୧୪ଟି ଓ ଜେସନ୍ ହୋଲ୍‌ଡର ୧୩ଟି ୱିକେଟ୍ ନେଇଛନ୍ତି। ବାମହାତି ସ୍ପିନର ସାଇ କିଶୋର ମଧ୍ୟ ଖେଳିପାରନ୍ତି। ବେଙ୍ଗାଲୁରୁ ଦଳଗତ ଭାବେ ବ୍ୟାଟିଂରେ ଭଲ ପ୍ରଦର୍ଶନ କରିଛି। ବିରାଟ କୋହଲି ଗୋଟିଏ ଶତକ ଓ ୪ଟି ଅର୍ଦ୍ଧଶତକ ସହ ସର୍ବାଧିକ ୫୫୭ ରନ୍ କରିଛନ୍ତି। ଦେବଦତ୍ତ ପାଡିକଲ ୩ଟି ଅର୍ଦ୍ଧଶତକ ସହ ୪୩୩, ଅଧିନାୟକ ରଜତ ପାଟିଦାର ୪ଟି ଅର୍ଦ୍ଧଶତକ ସହ ୩୯୩, ଟିମ୍ ଡେଭିଡ୍ ୧୯୮ ଷ୍ଟ୍ରାଇକ୍‌ରେଟ୍‌ରେ ୨୭୭ ଓ ଫିଲ୍ ସଲ୍ଟ ୬ଟି ମ୍ୟାଚ୍‌ରୁ ୨୦୨ ରନ୍ କରିଛନ୍ତି। ଆର୍‌ସିବିର ନୂଆ ବଲ୍ ବୋଲିଂ ବେଶ୍ ଶକ୍ତିଶାଳୀ ଅଛି। ଭୁବନେଶ୍ୱର କୁମାର ୨୪ଟି ଓ ଜୋସ୍ ହାଜ୍‌ଲେଉଡ୍ ୧୨ଟି ୱିକେଟ୍ ନେଇଛନ୍ତି। ରସିଖ୍ ସଲାମ୍ ୧୪ ଓ କ୍ରୁନାଲ ପାଣ୍ଡ୍ୟା ୧୧ଟି ୱିକେଟ୍ ନେଇଛନ୍ତି। ଆର୍‌ସିବିର ଓପନର ଜାକବ ବେଥେଲ ଆହତ ହୋଇ ବାଦ୍ ପଡ଼ିଛନ୍ତି। କୋହଲିଙ୍କ ସହ ସଲ୍ଟ ଇନିଂସ ଓପନ୍ କରିପାରନ୍ତି। ଉଭୟ ଦଳ ବେଶ ଶକ୍ତିଶାଳୀ ହୋଇଥିବାରୁ ଏହି ମ୍ୟାଚ୍‌ଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ରୋମାଞ୍ଚକର ହେବ ବୋଲି ଆଶା କରାଯାଇପାରେ।




**ଆଜିର ଆଇପିଏଲ୍ ମ୍ୟାଚ୍**
ବେଙ୍ଗାଲୁରୁ ବନାମ ଗୁଜରାଟ
ଭେନ୍ୟୁ - ଧର୍ମଶାଳା
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

# ଅନେକ ରେକର୍ଡ ଭାଙ୍ଗିଲା ଆଇପିଏଲ୍ ୨୦୨୬

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ୧୯ତମ ସଂସ୍କରଣ ସବୁଠାରୁ ବିସ୍ଫୋରକ ସଂସ୍କରଣ ଭାବେ ବିବେଚିତ ହୋଇଛି। ଏହି ସଂସ୍କରଣରେ ଆହୁରି ୪ଟି ମ୍ୟାଚ୍ ଖେଳାଯିବାକୁ ବାକିଥିଲାବେଳେ ଏକାଧିକ ରେକର୍ଡ ସୃଷ୍ଟି ହୋଇ ସାରିଛି। ପ୍ଲେ ଅଫ୍ ଶେଷରେ ଏହି ରେକର୍ଡ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଚଳିତ ସଂସ୍କରଣରେ ଓଭର ପ୍ରତି ୯.୮୫ ହାରରେ ରନ୍ ସଂଗ୍ରହ, ସର୍ବାଧିକ ଛକା, ଗୋଟିଏ ଇନିଂସରେ ସର୍ବାଧିକ ୨୦୦ ରନ୍ ସ୍କୋର ଏବଂ ସର୍ବାଧିକଥର ୨୦୦ କିମ୍ବା ଏହାଠାରୁ ଅଧିକ ରନ୍ ଚେଜ୍‌ର ରେକର୍ଡ ହୋଇଛି।

### ■ ସର୍ବାଧିକ ଥର ୨୦୦ରୁ ଅଧିକ ରନ୍

ଚଳିତ ସଂସ୍କରଣରେ ଓଭରପ୍ରତି ପାଖାପାଖି ୧୦ ରନ୍ ଲେଖାଏଁ ସଂଗୃହୀତ ହୋଇଥିଲାବେଳେ ଗୋଟିଏ ଇନିଂସରେ ୨୦୦ ରନ୍ ସଂଗ୍ରହ ନିୟମିତ ଦେଖିବାକୁ ମିଳିଥିଲା। ୨୦୨୬ ଆଇପିଏଲ୍ ଲିଗ୍‌ରେ ୭୦ଟି ମ୍ୟାଚ୍ ଖେଳାଯାଇଥିଲାବେଳେ ୬୧ଥର ଗୋଟିଏ ଇନିଂସରେ ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ ମିଳିଥିଲା। ୨୦୨୫ରେ ଏହା ରେକର୍ଡ ୫୨ଥର ଦେଖିବାକୁ ମିଳିଥିଲା।

ଏହି ୨୦୦ ପ୍ଲସ୍ ସ୍କୋର ମଧ୍ୟରୁ ସନ୍‌ରାଇଜର୍ସ ହାଇଦରାବାଦ୍ ଓ ପଞ୍ଜାବ କିଙ୍ଗ୍‌ସ ସର୍ବାଧିକ ୯ଥର ଲେଖାଏଁ ସ୍କୋର କରିଛନ୍ତି। ଗୋଟିଏ ଟୁର୍ଣ୍ଣାମେଣ୍ଟରେ ଏହା ରେକର୍ଡ। ସେହିପରି ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ମଧ୍ୟ ସର୍ବାଧିକ ୯ଥର ପ୍ରତିଦ୍ୱନ୍ଦ୍ୱୀ ଦଳ ୨୦୦ ପ୍ଲସ୍ ସ୍କୋର କରିଛନ୍ତି। ଏହା ମଧ୍ୟ ଏକ ରେକର୍ଡ।

### ■ ରେକର୍ଡ ରନ୍ ଚେଜ୍

ଏହି ସଂସ୍କରଣରେ ୨୦୦ ରନ୍ ଯେପରି ନିୟମିତ ବ୍ୟବଧାନରେ ସ୍କୋର ହୋଇଛି, ଠିକ୍ ସେହିପରି ଏହି ସ୍କୋର ମଧ୍ୟ ଚେଜ୍ ହୋଇଛି। ଏଥର ପ୍ରଥମେ ବ୍ୟାଟିଂ କରିଥିବା ଦଳ ୩୫ଥର ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ କରିଥିଲା। ଏହା ମଧ୍ୟରୁ ୧୯ଥର ରନ୍ ଚେଜ୍ କରିଥିବା ଦଳ ବିଜୟୀ ହୋଇଥିଲାବେଳେ ୧୬ଥର ପରାଜିତ ହୋଇଛି। ସେହିପରି ଚଳିତ ସିଜନରେ ୨୨୦ କିମ୍ବା ତା'ଠାରୁ ରନ୍‌ର ଟାର୍ଗେଟ୍‌କୁ ୯ଥର ଦ୍ୱିତୀୟରେ ବ୍ୟାଟିଂ କରିଥିବା ଦଳ ସଫଳତାର ସହ ଚେଜ୍ କରିଛି। ଗତ ୧୮ଟି ସଂସ୍କରଣରେ ଏହା ମାତ୍ର ୫ଥର ଦେଖିବାକୁ ମିଳିଥିଲା। ୨୦ଓଭର ପୂରଣ ହୋଇଥିବା ପ୍ରଥମ ଇନିଂସରେ ଏଥର ହାରହାରି ୧୯୨.୦୪ ରନ୍ ସ୍କୋର ହୋଇଛି। ସେହିପରି ରନ୍ ଚେଜ୍‌ରେ ବିଜୟୀ ହୋଇଥିବା ଦଳ ହାରାହାରି ୨୧୭.୫୭ ରନ୍ ସଂଗ୍ରହ କରିଛନ୍ତି। ସମସ୍ତ ଆଇପିଏଲ୍‌ରେ ଏହା ସର୍ବାଧିକ ଓ ରେକର୍ଡ।

### ■ ସର୍ବାଧିକ ଶତକ ଓ ଛକା



ଏହି ଟୁର୍ଣ୍ଣାମେଣ୍ଟରେ ଏଥର ସର୍ବାଧିକ ୧୪ଟି ଶତକ ଦେଖିବାକୁ ମିଳିଛି। କିନ୍ତୁ ଏହା ମଧ୍ୟରୁ ୬ଥର ଶତକ ହାସଲ କରିଥିବା ଦଳ ପରାଜିତ ହୋଇଛି। ଏହା ମଧ୍ୟ ଗୋଟିଏ ସିଜନରେ ଏକ ରେକର୍ଡ। ପ୍ଲେ ଅଫ୍ ପୂର୍ବରୁ ଏଥର ୧୩୪୯ଟି ଛକା ମରାଯାଇଛି। ଗୋଟିଏ ସିଜନରେ ଏହା ସର୍ବାଧିକ ମରାଯାଇଥିବା ଛକାରେ ରେକର୍ଡ ହୋଇଛି। ୨୦୨୫ରେ ଏହି ସଂଖ୍ୟା ୧୨୯୪ ଥିଲା। ଏଥର ୧୧.୬୬ ବଲ୍‌ରେ ଗୋଟିଏ ଛକା ଦେଖିବାକୁ ମିଳିଥିଲା। ପଞ୍ଜାବ କିଙ୍ଗସ ସର୍ବାଧିକ ୧୬୩ଟି ଓ ସନ୍‌ରାଇଜର୍ସ ହାଇଦରାବାଦ୍ ୧୬୨ଟି ଛକା ମାରିଛି। କିନ୍ତୁ ଗୋଟିଏ ସିଜନରେ ସର୍ବାଧିକ ୧୭୮ଟି ଛକା ମାରିବାର ରେକର୍ଡ ୨୦୨୪ରେ ପଞ୍ଜାବ ସୃଷ୍ଟି କରିଥିଲା।

### ■ ଛକାରେ ସୂର୍ଯ୍ୟବଂଶୀଙ୍କ ରେକର୍ଡ

ବ୍ୟକ୍ତିଗତ ଭାବେ ଛକା ମାରିବାରେ ରାଜସ୍ଥାନ ରୟାଲ୍ସର ୧୫ ବର୍ଷୀୟ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ରେକର୍ଡ କରିଛନ୍ତି। ସେ ୧୪ଟି ମ୍ୟାଚ୍‌ରୁ ୫୩ଟି ଛକା ମାରି ଭାରତୀୟ ରେକର୍ଡ ଭାଙ୍ଗିଦେଇଛନ୍ତି। ଗୋଟିଏ ସିଜନରେ ସର୍ବାଧିକ ୫୭ଟି ଛକା କ୍ରିସ୍ ଗେଲ ମାରିଥିଲେ। ଚଳିତ ସଂସ୍କରଣରେ ହାଇଦରାବାଦ୍‌ର ଅଭିଷେକ ଶର୍ମା ୪୩ଟି, ମୁମ୍ବଇ ଇଣ୍ଡିଆନ୍ସର ରିୟାନ ରିକେଲଟନ ୩୮ଟି, ଏଲଏସ୍‌ଜିର ମିଚେଲ ମାର୍ଶ ୩୬ଟି, ବେଙ୍ଗାଲୁରୁର ରଜତ ପାଟିଦାର ଓ ପଞ୍ଜାବର ପ୍ରିୟାଂଶ ଆର୍ଯ୍ୟ ୩୨ଟି ଲେଖାଏଁ ଛକା ମାରିଛନ୍ତି। ଗୋଟିଏ ମ୍ୟାଚ୍‌ରେ ସୂର୍ଯ୍ୟବଂଶୀ ସର୍ବାଧିକ ୧୨ଟି ଛକା ମାରିଛନ୍ତି। ସେହିପରି ୧୦ଟି ଲେଖାଏଁ ଛକା ମାରିବାରେ କେକେଆର୍‌ର ଫିନ୍ ଆଲେନ୍ ୨ଥର, ହାଇଦରାବାଦ୍‌ର ଅଭିଷେକ ଶର୍ମା ଓ ସୂର୍ଯ୍ୟବଂଶୀ ଥରେ ଲେଖାଏଁ ଏହି ସଫଳତା ପାଇଥିଲେ।

## କଳାହାଣ୍ଡିରେ ପ୍ରଥମ ଅନ୍ତର୍ଜାତୀୟ ଚେସ

ଭବାନୀପାଟଣା,୨୫।୫(ସମିସ): ମାରୱାଡି ଯୁବା ଜାଗୃତି ସଂଘ ଓ ମାରୱାଡି ଯୁବା ମଞ୍ଚ ପକ୍ଷରୁ କଳାହାଣ୍ଡିରେ ପ୍ରଥମ ଅନ୍ତର୍ଜାତୀୟ ଚେସ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଏହି ଟୁର୍ଣ୍ଣାମେଣ୍ଟ ଭବାନୀପାଟଣାସ୍ଥିତ ବିକାଶ ରେସିଡେନ୍‌ସିଆଲ ସ୍କୁଲ ପରିସରରେ ଜୁନ୍ ୩ରୁ ୭ ତାରିଖ ଯାଏ ୯ ରାଉଣ୍ଡ ବିଶିଷ୍ଟ 'ପ୍ରଥମ କେସିଏ ଅନ୍ତର୍ଜାତୀୟ ଫିଡେ ରେଟିଂ ଚେସ୍' ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିରେ ଚାମ୍ପିଅନ ଖେଳାଳିଙ୍କୁ ୨୫,୦୦୦ ଟଙ୍କା ଓ ଟ୍ରଫି ସହ ମୋଟ ୨ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ ବୋଲି ବିଷ୍ଣୁପ୍ରସାଦ ଅଗରୱାଲ, ରଶ୍ମି ଅଗରୱାଲ ଓ ମନୀଷ ଶର୍ମା ମିଳିତଭାବେ ଜଣାଇଛନ୍ତି।

# ଏଥର ଆଇପିଏଲ୍ ପ୍ଲେ ଅଫ୍‌ରେ କେବଳ ଚାମ୍ପିଅନ ଟିମ୍

ନୂଆଦିଲ୍ଲୀ,୨୫।୫(ଏଜେନ୍ସି)

**୨୦୨୬ ଆଇପିଏଲ୍ ପ୍ଲେ ଅଫ୍ ଟିମ୍‌ର ରେକର୍ଡ**

| ଟିମ୍ | ଟୁର୍ଣ୍ଣାମେଣ୍ଟ | ପ୍ଲେ ଅଫ୍ | ରନର୍ସଅପ୍ | ଚାମ୍ପିଅନ ବର୍ଷ |
|---|---|---|---|---|
| ଆର୍‌ସିବି | ୧୯ | ୧୧ | ତିନି ଥର | ୨୦୨୫ |
| ଗୁଜରାଟ | ୦୫ | ୦୪ | ଏକ ଥର | ୨୦୨୨ |
| ହାଇଦରାବାଦ୍ | ୧୪ | ୦୮ | ଦୁଇଥର | ୨୦୧୬ |
| ରାଜସ୍ଥାନ | ୧୭ | ୦୭ | ଏକ ଥର | ୨୦୦୮ |

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଉ ଏକ ବା ୧୯ତମ ସଂସ୍କରଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥର ଟୁର୍ଣ୍ଣାମେଣ୍ଟର ପ୍ଲେ ଅଫ୍‌ରେ ପ୍ରବେଶ କରିଥିବା ୪ଟି ଯାକ ଟିମ୍ ପୂର୍ବରୁ ଅତିକମ୍‌ରେ ଥରେ ଲେଖାଏଁ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଏହା ମଧ୍ୟରୁ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନରେ ଥିବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୨୦୨୫ ଓ ଦ୍ୱିତୀୟ ସ୍ଥାନରେ ଥିବା ଗୁଜରାଟ ଟାଇଟାନ୍ସ ୨୦୨୨ରେ ଟାଇଟଲ ଜିତିଥିଲା। ଏହି ଦୁଇ ଦଳ ମଧ୍ୟରେ ଆସନ୍ତାକାଲି ଧର୍ମଶାଳାରେ ପ୍ରଥମ କ୍ୱାଲିଫାୟର ମୁକାବିଲା ହେବ। ସେହିପରି ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ଥିବା ସନ୍‌ରାଇଜର୍ସ ହାଇଦରାବାଦ୍ ମଧ୍ୟ ୨୦୧୬ରେ ଏବଂ ଚତୁର୍ଥ ଦଳ ଭାବେ ପ୍ଲେ ଅଫ୍‌ରେ ପ୍ରବେଶ କରିଥିବା ରାଜସ୍ଥାନ ରୟାଲ୍ସ ପ୍ରଥମ ସଂସ୍କରଣ ବା ୨୦୦୮ରେ ଚାମ୍ପିଅନ ହୋଇଥିଲା। ଏଥର ଯେଉଁ ଦଳ ଟାଇଟଲ ଜିତିବ ସେହି ଦଳ ନିଶ୍ଚିତ ଭାବେ ଆଇପିଏଲ୍‌ରେ ଦ୍ୱିତୀୟଥର ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିବ।

ପ୍ଲେ ଅଫ୍‌ରେ ୪ଟି ଦଳ ଯୋଗ୍ୟତା ଅର୍ଜନ କରୁଥିବାବେଳେ ଟାଇଟଲ ଜିତିଥିବା ସମସ୍ତ ଦଳ ଦ୍ୱିତୀୟଥର ପ୍ଲେ ଅଫ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବରୁ ୨୦୨୮ରେ ଏହା ଦେଖିବାକୁ ମିଳିଥିଲା। ଏହି ବର୍ଷ ୫ଥରର ଚାମ୍ପିଅନ ଚେନ୍ନାଇ ସୁପର କିଙ୍ଗ୍‌ସ, ୨୦୧୬ର ଚାମ୍ପିଅନ ସନ୍‌ରାଇଜର୍ସ ହାଇଦରାବାଦ୍, ଦୁଇଥରର ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ ଓ ପ୍ରଥମଥରର ଚାମ୍ପିଅନ ରାଜସ୍ଥାନ ରୟାଲ୍ସ। ଫଳରେ ଦ୍ୱିତୀୟଥର ଲାଗି ଆଇପିଏଲ୍ ପ୍ଲେ ଅଫ୍‌ରେ ଟାଇଟଲ ଜିତିଥିବା ସମସ୍ତ ଦଳ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

## 'ପଦ୍ମଶ୍ରୀ' ଗ୍ରହଣ କଲେ ହରମନ୍‌ପ୍ରୀତ

ନୂଆଦିଲ୍ଲୀ, ୨୫।୫ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟିକା ହରମନପ୍ରୀତ୍ କୌର ଦେଶର ଚତୁର୍ଥ ସର୍ବୋଚ୍ଚ ନାଗରିକ ସମ୍ମାନ 'ପଦ୍ମଶ୍ରୀ' ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ହରମନପ୍ରୀତ୍‌ଙ୍କୁ 'ପଦ୍ମଶ୍ରୀ' ପୁରସ୍କାର ପ୍ରଦାନ କରିଥିଲେ। ଉତ୍କୃଷ୍ଟ ପ୍ରଦର୍ଶନ ଓ ସଫଳ ନେତୃତ୍ୱ ପାଇଁ ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା। ହରମନପ୍ରୀତ୍‌ଙ୍କ ନେତୃତ୍ୱରେ ଗତବର୍ଷ ଭାରତୀୟ ମହିଳା କ୍ରିକେଟ୍ ଦଳ ପ୍ରଥମଥର ଲାଗି ଆଇସିସି ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇ ଇତିହାସ ରଚିଥିଲା। ଚଳିତ ବର୍ଷ ହରମନପ୍ରୀତ୍‌ଙ୍କ ସମେତ ୯ଜଣ କ୍ରୀଡ଼ାବିତ୍‌ଙ୍କ 'ପଦ୍ମଶ୍ରୀ' ପାଇଁ ମନୋନୀତ କରାଯାଇଥିଲା। ପାରାଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ହାଇଜମ୍ପର ପ୍ରବୀଣ କୁମାର ମଧ୍ୟ ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟତମ ଭାରତୀୟ ତାରକା କ୍ରିକେଟର୍ ରୋହିତ୍ ଶର୍ମା ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ସେ ପରବର୍ତ୍ତୀ ପର୍ଯ୍ୟାୟରେ ପୁରସ୍କାର ଗ୍ରହଣ କରିବେ ବୋଲି କୁହାଯାଉଛି।



## ଫ୍ରେଞ୍ଚ ଓପନ୍ | ବିପର୍ଯ୍ୟୟ ଘଟାଇଲେ ବାସବରେଡ୍ଡୀ

ପ୍ୟାରିସ, ୨୫।୫ (ଏଜେନ୍ସି)



ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନ୍‌ର ଦ୍ୱିତୀୟ ଦିବସ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିବସରେ ପୁରୁଷ ବିଭାଗରେ ସର୍ବିଆ ତାରକା ନୋଭାକ ଜୋକୋଭିଚ୍ ସହଜ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ରାଉଣ୍ଡର ଏକ ମ୍ୟାଚରେ ଜୋକୋଭିଚ୍ ୫-୭, ୭-୫, ୬-୧, ୬-୪ ସେଟରେ ଘରୋଇ ଖେଳାଳି ଗିଓଭାନି ପେରିକାର୍ଡଙ୍କୁ ପରାସ୍ତ କରିଥିଲେ। ପ୍ରଥମ ସେଟ୍‌ଟି ହାରିଯାଇଥିଲେ ମଧ୍ୟ ଜୋକୋଭିଚ୍ ପରବର୍ତ୍ତୀ ୩ଟି ସେଟ୍ ଜିତି ମ୍ୟାଚ୍ ହାତେଇନେଇଥିଲେ। ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ୍ ଜିତିବା ଲକ୍ଷ୍ୟରେ ଥିବା ୩୯ ବର୍ଷୀୟ ଜୋକୋଭିଚ ପରବର୍ତ୍ତୀ ରାଉଣ୍ଡରେ ଅନ୍ୟତମ ଫ୍ରେଞ୍ଚ ଖେଳାଳି ଭାଲେଣ୍ଟିନ ରୋୟରଙ୍କୁ ଭେଟିବେ। ପୁରୁଷ ବିଭାଗର ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ୮ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର, ୧୯ତମ ସିଡ୍ ଆମେରିକାର ଫ୍ରାନସିସ୍ ଟିଆଫୋଇ, ୨୭ତମ ସିଡ୍ ସ୍ପେନର ରାଫେଲ ଜୋଡାର ପ୍ରମୁଖ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ତେବେ ଦ୍ୱାଦଶ ସିଡ୍ ଚେକ୍ ଗଣରାଜ୍ୟର ଜିରି ଲେହେକା ଓ ୭ମ ସିଡ୍ ଆମେରିକାର ଟେଲର ଫ୍ରିଜ ପ୍ରଥମ ରାଉଣ୍ଡରେ ହାରି ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଭାରତୀୟ ବଂଶୋଦ୍ଭବ ଖେଳାଳି ୨୧ ବର୍ଷୀୟ ନିଶେଷ ବାସଭରେଡ୍ଡୀ ୭-୬ (୫), ୭-୬ (୫), ୬-୭ (୯), ୬-୧ ସେଟରେ ଫ୍ରିଜଙ୍କୁ ହରାଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ଏହି ମ୍ୟାଚ୍ ଜିତିବାକୁ ବାସଭରେଡ୍ଡୀଙ୍କୁ ୨ ଘଣ୍ଟା ୪୫ ମିନିଟ ସମୟ ଲାଗିଥିଲା।

### ସ୍ୱିଆଟେକ, ଏଲିନା ଆଗେଇଲେ

ଅପରପକ୍ଷରେ ମହିଳା ବିଭାଗରେ ଦ୍ୱିତୀୟ ସିଡ୍ ଏଲିନା ରିବାକିନା, ୩ୟ ସିଡ୍ ଇଗା ସ୍ୱିଆଟେକ, ୧୩ତମ ସିଡ୍ ଇଟାଲୀର ଯସ୍ମିନ ପାଓଲିନ ପ୍ରମୁଖ ପ୍ରଥମ ରାଉଣ୍ଡରେ ସହଜ ବିଜୟ ହାସଲ କରିଛନ୍ତି। ପୋଲାଣ୍ଡ ଲଳନା ସ୍ୱିଆଟେକ ୬-୧, ୬-୨ ସିଧାସଳଖ ସେଟରେ ଅଷ୍ଟ୍ରେଲିଆର ଏମରସନ ଜୋନ୍ସଙ୍କୁ ସହଜରେ ହରାଇଛନ୍ତି। କାଜାଖସ୍ତାନର ରିବାକିନା ୬-୨, ୬-୨ ସିଧାସଳଖ ସେଟରେ ସ୍ଲୋଭେନିଆର ଭେରୋନିକା ଏର୍ଜାଭେକଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

### ■ କିଟ୍ ଚେସ ମହୋତ୍ସବ
## ଦେ-ଇଡୋ-ଘୋଷ ଅଗ୍ରଣୀ

ଭୁବନେଶ୍ୱର,୨୫।୫(ସମିସ): ଏଠାରେ ଚାଲିଥିବା କିଟ ଚେସ ମହୋତ୍ସବ କାଟାଗୋରୀ-ଏ' ଚତୁର୍ଥ ରାଉଣ୍ଡ ଖେଳ ଶେଷସୁଦ୍ଧା ଭାରତୀୟ ଆଇଏମ୍ ସାହିଲ ଦେ', ଇସ୍ରାଏଲ ଜିଏମ୍ ଜି ଇଡୋ ଓ ୧୫ବର୍ଷରୁ କମ୍ ଖେଳାଳି ହିନ୍ଦୋଳ ଘୋଷ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ଏଥିରେ ଭାଗନେଇଥିବା ଅନ୍ୟ ଜିଏମ୍ ଓ ଟାଇଟଲଧାରୀଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ୧୭ଜଣ ଖେଳାଳି ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

### ● ରାଜ୍ୟଗୋଷ୍ଠୀ ଚେସ୍
## ସାତ୍ତ୍ୱିକଙ୍କୁ ହ୍ୟାଟ୍ରିକ୍ ପଦକ

ଭୁବନେଶ୍ୱର,୨୫।୫(ସମିସ): ଓଡ଼ିଶା ଚେସ୍‌ର ବିସ୍ମୟ ବାଳକ ତଥା ସର୍ବକନିଷ୍ଠ କ୍ୟାଣ୍ଡିଡେଟ୍ସ ମାଷ୍ଟର ସାତ୍ତ୍ୱିକ ସ୍ୱାଇଁ ଶ୍ରୀଲଙ୍କାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଚେସ୍ ଚାମ୍ପିଅନସିପ୍‌ରେ ହ୍ୟାଟ୍ରିକ୍ ପଦକ ଜିତି ରାଜ୍ୟ ତଥା ଦେଶର ଗୌରବ ବଢ଼ାଇଛନ୍ତି। ଆଜି ଶେଷ ହୋଇଥିବା ଏହି ପ୍ରତିଯୋଗିତାର ୧୦ବର୍ଷରୁ କମ୍ ଓପନ ବିଭାଗରେ ସାତ୍ତ୍ୱିକ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ସେ ଓ ଚାମ୍ପିଅନ ଅମୁଧନ ସମନ ୮.୫ ପଏଣ୍ଟ ଜିତିଥିଲାବେଳେ ବୁକୋଲଜ୍‌ରେ ପଛୁଆ ପଡ଼ିଯାଇଥିଲେ। ଏହା ଛଡ଼ା ରାପିଡ୍ ଓ ବ୍ଲିଜ୍ ବିଭାଗରେ ମଧ୍ୟ ସାତ୍ତ୍ୱିକ ନିଜର ପାରଦର୍ଶିତା ପ୍ରମାଣିତ କରିଥିଲେ। ଉଭୟ କାଟାଗୋରୀରେ ସେ କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଥିଲେ। ହ୍ୟାଟ୍ରିକ ପଦକ ଜିତିବା ପରେ କଟକ କିଙ୍ଗ୍‌ସ ଚେସ୍ ସେଣ୍ଟରରେ ଖୁସିର ଲହରୀ ଖେଳିଯାଇଛି ବୋଲି କଳିଙ୍ଗ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ତଥା ବରିଷ୍ଠ କୋଚ ବିଶ୍ୱଜିତ ରାୟ ପ୍ରକାଶ କରିଛନ୍ତି।



## କୁଳମଣି ଓ ସୌରଜିତ ଓସିଏ'ର ମୁଖ୍ୟ ଚୟନକର୍ତ୍ତା

ଭୁବନେଶ୍ୱର, ୨୫।୫ (ସମିସ): ବିସିସିଆଇର ଆଗାମୀ ୨୦୨୬-୨୭ ଘରୋଇ ସିଜନ ପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ପକ୍ଷରୁ ପ୍ରଶିକ୍ଷକ ଓ ସପୋର୍ଟ ଷ୍ଟାଫ୍ ନିଯୁକ୍ତ କରାଯାଇଛି। ଦୁଇ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର୍ ଦେବାଶିଷ ମହାନ୍ତି ଓ ସଞ୍ଜୟ ରାଉଳଙ୍କୁ ଓସିଏ'ର ପରାମର୍ଶଦାତା ନିଯୁକ୍ତ ହୋଇଛନ୍ତି। ରାଜ୍ୟ କ୍ରିକେଟ ପ୍ରତି ଉଭୟଙ୍କ ଅବଦାନକୁ ବିଚାରକୁ ନେଇ କ୍ରିକେଟ୍ ପରାମର୍ଶଦାତା କମିଟି (ସିଏସି)ର ସୁପାରିଶ ଆଧାରରେ ଦେବାଶିଷ ଓ ସଞ୍ଜୟଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ରାଜ୍ୟରେ କ୍ରିକେଟ୍ ଇକୋସିଷ୍ଟମକୁ ବିକାଶ ଓ ସୁଦୃଢ଼ କରିବାରେ ଉଭୟଙ୍କ ଅଭିଜ୍ଞତା ସାହାଯ୍ୟ କରିବ ବୋଲି କୁହାଯାଇଛି। ଏଥିପୂର୍ବରୁ ଓସିଏ ପୂର୍ବତନ ଅଭିଜ୍ଞ କ୍ରିକେଟର୍ ପ୍ରଭଞ୍ଜନ ମଲ୍ଲିକଙ୍କୁ ଆଗାମୀ ସିଜନ ଲାଗି ଓଡ଼ିଶା ପୁରୁଷ ଦଳର ମୁଖ୍ୟ କୋଚ୍ ନିଯୁକ୍ତ କରିଥିଲା। ଅପରପକ୍ଷରେ ସିନିଅର ଓ ଜୁନିଅର ପୁରୁଷ ଏବଂ ମହିଳା ଦଳର ଚୟନ କମିଟି ମଧ୍ୟ ନିଯୁକ୍ତ କରାଯାଇଛି। କୁଳମଣି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଗଠିତ ସିନିଅର ଚୟନ କମିଟିରେ ଅବକାଶ ଖଟୁଆ, ନଟରାଜ ବେହେରା ଓ ଶୁଭ୍ରଜିତ୍ ସାହୁ ସ୍ଥାନ ପାଇଛନ୍ତି। ସେହିଭଳି ସୌରଜିତ ମହାପାତ୍ରଙ୍କୁ ଜୁନିଅର ପୁରୁଷ ଚୟନ କମିଟିର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଏହି କମିଟିରେ ବିଷ୍ଣୁଦେବ ମହାନ୍ତି, ନିରଞ୍ଜନ ବେହେରା ଓ ଜଗନ୍ନାଥ ଦାସ ସଦସ୍ୟ ରହିଛନ୍ତି। ରଶ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗଠିତ ମହିଳା ଚୟନ କମିଟିରେ ସସ୍ମିତା ପଟ୍ଟନାୟକ, ଶୁଭ୍ରାଂଶୁବାଳା ଭୂୟାଁ, ଗଙ୍ଗୋତ୍ରୀ ବେହେରା ଓ ଶୁଭଲକ୍ଷ୍ମୀ ରାଉତ ସଦସ୍ୟ ରହିଛନ୍ତି। ଅଞ୍ଜନ କୁମାର ଖୁଣ୍ଟିଆ ଓ ପଙ୍କଜ ପଟ୍ଟନାୟକ ଓସିଏ କ୍ୟୁରେଟର୍ ନିଯୁକ୍ତ ହୋଇଛନ୍ତି।





## ସବ୍‌ଜୁନିଅର ବେସ୍‌ବଲ | ଓଡ଼ିଶା ବାଳକ ଦଳର ସହଜ ବିଜୟ

ଭୁବନେଶ୍ୱର, ୨୫।୫ (ସମିସ): କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ୩୧ତମ ଜାତୀୟ ସବ୍-ଜୁନିଅର ବେସବଲ୍ ଚାମ୍ପିଅନସିପ୍‌ର ଦ୍ୱିତୀୟ ଦିବସ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଓଡ଼ିଶା ବାଳକ ଦଳ ୧୨-୦ ରନରେ ସହଜରେ ଉତ୍ତରାଖଣ୍ଡକୁ ପରାସ୍ତ କରିଛି। ସେହିଭଳି ବାଳକ ବିଭାଗର ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଗୁଜରାଟ, ତେଲଙ୍ଗାନା, ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, ରାଜସ୍ଥାନ, ଦିଲ୍ଲୀ, ମଣିପୁର ଓ ପଞ୍ଜାବ ମଧ୍ୟ ବିଜୟୀ ହୋଇଛନ୍ତି। ଅପରପକ୍ଷରେ ବାଳିକା ବିଭାଗରେ ରାଜସ୍ଥାନ ଓ ଛତିଶଗଡ଼ ମଧ୍ୟରେ ଅନୁଷ୍ଠିତ ମୁକାବିଲା ୧-୧ରେ ଡ୍ର ରହିଥିଲା। ସେହିଭଳି ପଶ୍ଚିମବଙ୍ଗ ୧୨-୮ରେ କର୍ଣ୍ଣାଟକକୁ, ହରିୟାଣା ୧୩-୧୧ରେ ଉତ୍ତରାଖଣ୍ଡକୁ ପରାସ୍ତ କରିଛି। ମହାରାଷ୍ଟ୍ର କିନ୍ତୁ ଡବଲ ବିଜୟ ଲାଭ କରିଛି। ପ୍ରଥମ ମ୍ୟାଚରେ ମହାରାଷ୍ଟ୍ର ୨-୦ରେ ଦିଲ୍ଲୀକୁ ଓ ପରେ ୧୦-୦ରେ ମଣିପୁରକୁ ପରାସ୍ତ କରିଥିଲା। ବେସ୍‌ବଲ୍ ଆସୋସିଏସନ ଅଫ୍ ଓଡ଼ିଶା ଓ ଆମେଚର ବେସବଲ୍ ଫେଡେରେସନ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଚାମ୍ପିଅନସିପ୍ ମେ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS



# ସମ୍ପୂର୍ଣ୍ଣା



## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।

## ଆଜିର ଇତିହାସ

- ୧୮୨୨- ନରୱେର ଏକ ଚର୍ଚ୍ଚରେ ନିଆଁ ଲାଗିଯିବାରୁ ୧୨୨ ଲୋକଙ୍କ ମୃତ୍ୟୁ।
- ୧୯୨୬- ଲେବାନନ୍ ସମ୍ବିଧାନ ଆପଣାଇଲା।
- ୧୯୫୭- ମୁମ୍ବାଇରେ ଜନତା ବୀମା ପଲିସିର ଆରମ୍ଭ।
- ୧୯୬୯- ଆପୋଲୋ-୧୦ର ମହାକାଶଚାରୀ ପୃଥିବୀପୃଷ୍ଠକୁ ଫେରିଲେ।
- ୧୯୮୩- ଜାପାନରେ ୭.୭ ତୀବ୍ରତାର ଭୂମିକମ୍ପ ହେବାରୁ ୧୦୪ ଲୋକ ମୃତ।

## ଯୌତୁକ ନେବା ପାପ



ଯୌତୁକ ନିର୍ଯାତନା ଏକ ଗୁରୁତର ସାମାଜିକ ଅପରାଧ ଓ ଆଇନଗତ ଭାବେ ଦଣ୍ଡନୀୟ ଅଟେ। ଏହାସତ୍ତ୍ୱେ ଅନେକ ସମୟରେ ଯୌତୁକ ପାଇଁ ନବବଧୂମାନଙ୍କୁ ହତ୍ୟା କରାଯାଉଥିବା ଦେଖିବାକୁ ମିଳେ। ଏହିକ୍ରମରେ ମହାରାଷ୍ଟ୍ର, ଔରଙ୍ଗାବାଦ୍, ମଦନପୁରର ବ୍ଲକ୍‌ର ଭୋକ୍ତା ସମାଜରେ ଯୌତୁକ ନେବା ଏବଂ ଦେବାକୁ ପାପ ବିବେଚନା କରାଯାଏ। ଏହି ଅଞ୍ଚଳର ବାଦମ, ପିଛୁଲିଆ, ଅମ୍ବାବାର, କନୌଦି, ସହଜପୁର, ଲଙ୍କୁରାହି, ବାବୁବାନ୍ଧ, ରାମାବାନ୍ଧ, ପିତାମ୍ବରା ଏବଂ ମନବାଦୋହର ସମେତ ଅନେକ ଗାଁରେ ଯୌତୁକ ପ୍ରଥାକୁ ଘୋର ବିରୋଧ କରାଯାଏ। ଏହି ପରମ୍ପରା ଆଜକୁ ପ୍ରାୟ ୨୦୦ ବର୍ଷ ହେବ ପାଳନ ହୋଇଆସୁଛି। ଏହି ନିୟମକୁ ଉଲଙ୍ଘନ କରି ଯେଉଁମାନେ ଯୌତୁକ ନିଅନ୍ତି, ସେମାନଙ୍କୁ ସାମାଜିକ ଦଣ୍ଡ ଦେବା ପାଇଁ ମଧ୍ୟ ବ୍ୟବସ୍ଥା ଅଛି। ଯୌତୁକ ନେଉଥିବା ଲୋକଙ୍କ ଘରେ ଏଠାକାର ଝିଅଙ୍କୁ ବିବାହ ଦିଆଯାଏ ନାହିଁ। ପାହାଡ଼ ନିକଟରେ ରହୁଥିବା ଏହି ଗାଁଗୁଡ଼ିକର ଲୋକେ ମୁଖ୍ୟତଃ ପତ୍ରରୁ ପ୍ଲେଟ୍ ଏବଂ ଦନା ତିଆରି କରି ଜୀବିକା ନିର୍ବାହ କରନ୍ତି। ଆର୍ଥିକ ଦୃଷ୍ଟିରୁ ଏହି ସମ୍ପ୍ରଦାୟ ପଛରେ ରହିଥିବାବେଳେ ଏମାନଙ୍କ ଚିନ୍ତାଧାରା ବହୁତ ପ୍ରଗତିଶୀଳ। ଏନେଇ ଏହି ସମାଜର କିଛି ପୁରୁଖା ଲୋକଙ୍କ କହିବାନୁସାରେ, ବିବାହ କେବଳ ଦୁଇଟି ପରିବାରର ଏବଂ ଦୁଇଟି ହୃଦୟକୁ ଯୋଡୁଥିବା ପବିତ୍ର ବନ୍ଧନ। ଏହି ଚିନ୍ତାଧାରାକୁ ପ୍ରାଧାନ୍ୟ ଦେଇ ଏହି ସମାଜର ପୂର୍ବପୁରୁଷ ପାଖାପାଖି ୨୦୦ ବର୍ଷ ପୂର୍ବରୁ ଯୌତୁକ ନିଆଯିବ ନାହିଁ କି ଦିଆଯିବ ନାହିଁ ବୋଲି ନିର୍ଣ୍ଣୟ ନେଇଥିଲେ। ତେଣୁ ପୂର୍ବପିଢ଼ିଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଭୋକ୍ତା ସମାଜରେ ଝିଅ ଏବଂ ପୁଅଙ୍କ ପରିବାରର ସହମତିରେ ବିବାହ ଧାର୍ଯ୍ୟ ହୁଏ। ପୁଅ ପକ୍ଷ ବି ଝିଅ ପକ୍ଷଙ୍କୁ ଆର୍ଥିକ ସାହାଯ୍ୟ କରନ୍ତି। ବିବାହରେ ସମସ୍ତ ପାରମ୍ପରିକ ରୀତିନୀତି ପାଳନ କରାଯାଏ। ଅଯଥା ଖର୍ଚ୍ଚ କରାଯାଏ ନାହିଁ। ତେବେ ଏହି ସମ୍ପ୍ରଦାୟରେ ଯୌତୁକ ପ୍ରଥାକୁ ବିରୋଧ କରିବା ପରି ଏବେ ବାଲ୍ୟ ବିବାହକୁ ବି କଡ଼ା ବିରୋଧ କରାଯାଉଛି। ଅନ୍ୟପଟେ ଯଦି କୌଣସି ବ୍ୟକ୍ତି ଯୌତୁକ ନେବା ପାଇଁ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ପଞ୍ଚାୟତ ବସିବା ପରେ ତାଙ୍କୁ ଦଣ୍ଡ ଦିଆଯାଏ। ଦୋଷୀକୁ ସମାଜରୁ ବହିଷ୍କୃତ ମଧ୍ୟ କରାଯାଏ। ଅବଶ୍ୟ ପରେ ତାଙ୍କୁ ନିଜକୁ ସୁଧାରିବା ମଉକା ମଧ୍ୟ ଦିଆଯାଏ। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏହି ସମାଜ ପାଇଁ ଝିଅ ବୋଝ ନୁହଁନ୍ତି। ଝିଅକୁ ଯୌତୁକ ଦେବା ପାଇଁ ଟଙ୍କା ସଞ୍ଚୟ କରିବା ବଦଳରେ ଏଠାରେ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଏ। ଏଠାକାର ଲୋକେ ନିଜ ସକ୍ଷମତା ଅନୁସାରେ ଝିଅଜ୍ୱାଇଁଙ୍କୁ ବିବାହରେ ଉପହାର ଦେଇଥାନ୍ତି। ଏହି କାରଣରୁ ଏଠାରେ କୌଣସି ଝିଅ ଅବିବାହିତ ରୁହନ୍ତି ନାହିଁ।

## ଦୁଷ୍ଟ ପିଲାଙ୍କୁ ସଜାଡ଼ିବାର ନିଆରା ଉପାୟ



ଚୀନର ସୁଝୋଉ ସହର ସ୍ଥିତ ୟୁଆନଝୋଙ୍ଗ ସ୍ପେଶାଲ ଏଜୁକେସନ୍ ସ୍କୁଲର ଏକ ନିଆରା ପଦକ୍ଷେପ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଏଠାକାର 'ପ୍ୟାରେଣ୍ଟିଂ ଟେଷ୍ଟ' ଏବେ ପୂରା ବିଶ୍ୱରେ ସଭିଙ୍କ ଦୃଷ୍ଟିଆକର୍ଷଣ କରିପାରିଛି। ପାଠପଢ଼ାଠାରୁ ଦୂରେଇ ରହୁଥିବା ତଥା ଦୁଷ୍ଟ ପିଲାଙ୍କୁ ବାଟକୁ ଆଣିବା ପାଇଁ ଏଠାରେ ଏମିତି ଏକ ପରୀକ୍ଷା କରାଯାଇଛି ଯାହାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଏଠାକୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କୁ ପୂରା ସପ୍ତାହ ପର୍ଯ୍ୟନ୍ତ ଗୋଟିଏ ବେବି ଡଲ୍ ରଖିବାର କାମ ଦିଆଯାଉଛି। ବାପାମାଆମାନେ ପିଲାଙ୍କୁ ବଡ଼ କରିବା ପାଇଁ କେତେ ପରିଶ୍ରମ କରୁଛନ୍ତି ଏହାଦ୍ୱାରା ପିଲାମାନେ ତାହା ହୃଦୟଙ୍ଗମ କରିପାରିବେ। ଏହି ସ୍କୁଲ ସେହି ପିଲାଙ୍କ ଲାଗି ଉଦ୍ଦିଷ୍ଟ, ଯେଉଁମାନଙ୍କୁ ଘରେ ସମ୍ଭାଳିବା କଷ୍ଟକର ହୋଇଥାଏ। ଘର ଲୋକଙ୍କ କଥା ମାନୁ ନ ଥିବା, ଛୋଟ ଛୋଟ କଥାରେ ତୁରନ୍ତ ରାଗି ଯାଉଥିବା, ପାଠପଢ଼ାରେ ମନୋନିବେଶ କରୁ ନ ଥିବା ଏବଂ ଅନଲାଇନ ଗେମ୍ ନିଶାରେ ବୁଡ଼ି ରହୁଥିବା ପିଲାଙ୍କୁ ଏହି ସ୍ଥାନରେ ଛଡ଼ାଯାଏ। ତେଣୁ ପିଲାଙ୍କର ଏଭଳି ଅଭ୍ୟାସକୁ ସୁଧାରିବା ଲାଗି ଏହି ସ୍କୁଲ ଏମିତି କିଛି ଉପାୟ ଗ୍ରହଣ କରିଛି। ପ୍ରତ୍ୟେକ ଛାତ୍ରଙ୍କୁ ୨.୫ କିଲୋ ଓଜନର ବେବି ଡଲ୍ ଦିଆଯାଏ ଏବଂ ପୂରା ସପ୍ତାହ ତାହାକୁ ନିଜ ପିଲା ଭଳି ସମ୍ଭାଳିବା ପାଇଁ କୁହାଯାଏ। ନିୟମ ଅନୁସାରେ, ପିଲାଙ୍କୁ କ୍ଲାସରୁମ୍, କ୍ୟାଣ୍ଟିନ, ପଡ଼ିଆରେ ମଧ୍ୟ କଣ୍ଢେଇକୁ ନିଜ ସହ ରଖିବାକୁ ପଡ଼ିଥାଏ। ଏପରିକି କିଛି ଛାତ୍ରଙ୍କୁ କଣ୍ଢେଇକୁ ପିଠିରେ ବାନ୍ଧି ଚାଲିବାକୁ ଏବଂ ବ୍ୟାୟାମ କରିବାକୁ ମଧ୍ୟ କୁହାଯାଏ। ଏହାଦ୍ୱାରା ସେମାନେ ବୁଝି ପାରିବେ ପିଲାଙ୍କୁ ପାଳିବା କେତେ କଷ୍ଟ। ଏହି ପରୀକ୍ଷା ପରେ କିଛି ପିଲା କହିଛନ୍ତି, କଣ୍ଢେଇକୁ ଉଠାଇ କିଛି ବାଟ ଚାଲିବା କଷ୍ଟକର ଲାଗୁଛି। ପାଦରେ ଯନ୍ତ୍ରଣା ହେବା ସହ ବାପା ମାଆ ସେମାନଙ୍କ ଲାଗି କେତେ ପରିଶ୍ରମ କରୁଛନ୍ତି, ସେକଥା ବୁଝିପାରୁଛନ୍ତି। ଏନେଇ ସ୍କୁଲର ପ୍ରିନ୍ସିପାଲଙ୍କ କହିବା କଥା, ଏହି କାର୍ଯ୍ୟକଳାପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପିଲାଙ୍କୁ ଦାୟିତ୍ୱବୋଧ ଏବଂ ବାପାମାଆଙ୍କ ପ୍ରତି ସମ୍ମାନ ଭାବନା ସୃଷ୍ଟି କରିବା। ପିଲାଙ୍କୁ ବୁଝାଇବା ଅପେକ୍ଷା ପ୍ରତ୍ୟକ୍ଷ ଅନୁଭବ କରାଇ ପାରିଲେ ସେମାନେ ପିତାମାତାଙ୍କର କଷ୍ଟକୁ ଅନୁଭବ କରିପାରିବେ।' କିଛି ଲୋକ ଏହାକୁ ପ୍ରଶଂସା କରୁଥିବା ବେଳେ ଆଉ କିଛି ଜଣ ଏହାର ସମାଲୋଚନା କରିଛନ୍ତି।



## 'ଗୋଲମାଲ ୫'

## ୨୨ ଦିନର ସୁଟିଂ ପାଇଁ ୪୦ କୋଟି

ରୋହିତ୍ ସେଟ୍ଟୀଙ୍କ ଫିଲ୍ମ 'ଗୋଲମାଲ' ଫ୍ରାଞ୍ଚାଇଜ୍‌ର ପଞ୍ଚମ ଫିଲ୍ମର ସୁଟିଂ ଏବେ ଉଟିରେ ଚାଲିଛି। ଏଥିରେ ସବୁ ପୁରୁଣା କଳାକାର ନଜର ଆସିବେ। ଅକ୍ଷୟ କୁମାର ମଧ୍ୟ ଏହି ଫିଲ୍ମରେ ଦେଖାଯିବେ। ରୋହିତ୍ ତାଙ୍କ ୫୨ ତମ ଜନ୍ମଦିନ ପାଳନ ଅବସରରେ 'ଗୋଲମାଲ ୫' ବିଷୟରେ ଘୋଷଣା କରିଥିଲେ। ସେ ଏକ ଭିଡିଓ ସେୟାର୍ କରି ଫିଲ୍ମ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ସରମନ୍ ଯୋଶୀ ଓ ଅକ୍ଷୟଙ୍କର ଏଣ୍ଟ୍ରି ଦେଖାଯାଇଥିଲା। ଫିଲ୍ମରେ ଅକ୍ଷୟଙ୍କ ଏଣ୍ଟ୍ରି ଦର୍ଶକଙ୍କ ପାଇଁ ଏକ ସରପ୍ରାଇଜ୍ ପ୍ୟାକେଜ୍ ହେବ ବୋଲି ରୋହିତ୍ କହିଥିଲେ। ରୋହିତ୍ ସେୟାର୍ କରିଥିବା ଭିଡିଓରେ ଅକ୍ଷୟ ଗଞ୍ଜା ଲୁକ୍‌ରେ ନଜର ଆସିଥିଲେ। ସବୁଠୁ ବଡ଼ କଥା ହେଉଛି ଫିଲ୍ମର ନାୟକ ଅଜୟ ଦେବଗନ୍‌ଙ୍କ ଅପେକ୍ଷା ଅକ୍ଷୟଙ୍କୁ ଏହି ଫିଲ୍ମ ପାଇଁ ଅଧିକ ପାରିଶ୍ରମିକ ମିଳିଛି। ଅକ୍ଷୟ ଏହି ଫିଲ୍ମ ପାଇଁ ୧୮-୨୨ ଦିନ ସୁଟିଂ କରିବେ। ଏଥିପାଇଁ ସେ ୩୫- ୪୦ କୋଟି ନେଇଥିବା ଚର୍ଚ୍ଚା ହେଉଛି। 'ଗୋଲମାଲ ୫'ରେ ଅକ୍ଷୟ ଓ ଅଜୟଙ୍କ ବାଦ୍ ତୁଷାର କାପୁର, ଅରଶଦ ୱର୍ସି, ଶରମନ ଯୋଶୀ, କୁନାଲ ଖେମୁ ପ୍ରମୁଖ ନଜର ଆସିବେ। ଏଥିରେ କରିନା କପୁର ଖାନ୍ ଓ ଦୀପିକା ପାଦୁ୍ୟକୋନ୍ ମଧ୍ୟ ନଜର ଆସିପାରନ୍ତି। 'ଗୋଲମାଲ' ଫିଲ୍ମ ୨୦୦୬ରେ ଆସିଥିଲା। ଏହି ଫ୍ରାଞ୍ଚାଇଜ୍‌ର ଦ୍ୱିତୀୟ ଫିଲ୍ମ 'ଗୋଲମାଲ ରିଟର୍ଣ୍ଣସ୍' ୨୦୦୮ ରେ ଆସିଥିଲା। ସେହିଭଳି 'ଗୋଲମାଲ୍ ୩' ୨୦୧୦ରେ ଓ 'ଗୋଲମାଲ ଏଗେନ୍' ୨୦୧୭ ରେ ଆସିଥିଲା।



## କାଙ୍କଡ଼ ଚାଷ

**କାଙ୍କଡ଼ ଏକ ଲାଭଜନକ ଫସଲ। ଉଷ୍ମ ଓ ଆର୍ଦ୍ର ଜଳବାୟୁରେ ଏହି ଚାଷ ଭଲ ହୋଇଥାଏ। ଏହି ଚାଷ ପାଇଁ ନିଗିଡ଼ା, ଉର୍ବର, ବାଲିଦୋରସା ମାଟି ସର୍ବୋତ୍ତମ। ମେ' ମାସ ଶେଷଭାଗରୁ ଜୁନ୍ ମାସ ପର୍ଯ୍ୟନ୍ତ କାଙ୍କଡ଼ ଲଗାଯାଏ। ସଠିକ୍ ଜଳ ସେଚନ ଓ ସାର ପ୍ରୟୋଗ ଦ୍ୱାରା ଭଲ ଅମଳ ମିଳିଥାଏ।**

ମଞ୍ଜି ଓ ଚେରଖଣ୍ଡ ଦ୍ୱାରା କାଙ୍କଡ଼ ବଂଶବିସ୍ତାର କରେ। ଆମ ରାଜ୍ୟରେ କାଙ୍କଡ଼ ଚେରରୁ ବଂଶବିସ୍ତାର କରାଯାଇଥାଏ। ଚାଷ ପୂର୍ବରୁ ଜମିକୁ ୨ରୁ ୩ ଓଡ଼ ଚାଷ କରି ଅନାବନା ଗଛ ପରିଷ୍କାର କରାଯାଏ। ଧାଡ଼ିକୁ ଧାଡ଼ି ୨ ମିଟର ଏବଂ ମନ୍ଦାକୁ ମନ୍ଦା ୧ ମିଟର ବ୍ୟବଧାନରେ ୪୫ ସେମି ଲମ୍ବ, ପ୍ରସ୍ଥ ଓ ଗଭୀର ଗାତ ଖୋଳାଯାଏ। ୫୦ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍, ୭୫ ଗ୍ରାମ ନିମ୍ବ ପିଡ଼ିଆ ଏବଂ ୩ ଗ୍ରାମ୍ ଫୁରାଡନ୍ ଗୁଣ୍ଡ ଦେଇ ଗାତ ପୂରଣ କରି ଜଳ ସେଚନ କରାଯାଏ। ଗାତ ପ୍ରତି ଗୋଟିଏ ଚେର କିମ୍ବା ଦୁଇଟି ଚେର ହୋଇଥିବା କଟା ଡାଳ ଲଗାଯାଇ ପାଣି ଦିଆଯାଏ। ରୋଗମୁକ୍ତ ଡାଳ ପୋତିଲେ ୧୫ରୁ ୧୭ ଦିନରେ ଚେର ଆସିଥାଏ। ଲଗାଇବାର ୩୦ ଏବଂ ୬୦ ଦିନରେ କୋଡ଼ାଖୋସା କରି ଅନାବନା ଗଛ ଉପାଡ଼ି ଦେଇ ସାର ପ୍ରୟୋଗ କରିବା ଉଚିତ। ପାଣିପାଗ ଦେଖି ୫ରୁ ୭ ଦିନରେ ଜଳ ସେଚନ କରାଯାଏ। ଗଛକୁ ରଞ୍ଜା ପୋତି ମଡ଼ାଇବା ଉଚିତ। ଲଗାଇବାର ୫୫ରୁ ୬୦ ଦିନରେ ଫଳ ଆସିଥାଏ। ମୂଳରୁ ୮ରୁ ୧୦ ଗୋଟି ଗଣ୍ଠି ପରେ ଫୁଲ ଧରିଥାଏ। ମଞ୍ଜିଟାଣ ହେବା ପୂର୍ବରୁ ଅମଳ କରିବା ଉଚିତ।



## ଅତ୍ୟାଧୁନିକ ପ୍ରଣାଳୀରେ ଫୁଲ ଚାଷ



**ବର୍ତ୍ତମାନ ଫୁଲଚାଷ ଏକ ଲାଭଜନକ ବ୍ୟବସାୟ ହୋଇପାରିଛି। ପଲିହାଉସ୍‌ରେ ଫୁଲ ଚାଷ କରିଲେ ଲାଭ ଦ୍ୱିଗୁଣିତ ହୁଏ। ଏହାକୁ ଗୁରୁତ୍ୱ ଦେଇ ଉତ୍ତରପ୍ରଦେଶ, ହାପୁଡ଼ ଜିଲ୍ଲାର ତିଗରୀ ଗାଁର ସାରଦାନନ୍ଦ ପ୍ରଧାନ ପଲିହାଉସ୍‌ରେ ଫୁଲ ଚାଷ କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି।**

ସାରଦାନନ୍ଦ ୫୦୦ ବର୍ଗ ମିଟରର ପଲିହାଉସ୍‌ରେ ପ୍ରଥମେ ଚାଷ ଆରମ୍ଭ କରିଥିଲେ। ଚାଷରୁ ଲାଭ ମିଳିବାରୁ ଏବେ ସେ ୧୪ ଏକର ଜମିରେ ଗୋଲାପ, ଜର୍‌ବେରା, ଲିଲିୟମ୍ ଆଦି ଫୁଲ ଚାଷ କରୁଛନ୍ତି। ଭଲ ଗୁଣବତ୍ତା ଫୁଲ ଫୁଟିବାରେ ଆଧୁନିକ ଜ୍ଞାନ କୌଶଳର ମୁଖ୍ୟ ଭୂମିକା ରହିଛି। ତେଣୁ ସେ ଫୁଲର କଢ଼କୁ କ୍ୟାପ୍‌ରେ ଘୋଡ଼ାଇ ରଖନ୍ତି। ଏହା ଦ୍ୱାରା ଫୁଲ ସୁରକ୍ଷିତ ଏବଂ ଭଲ ଭାବେ ବଢ଼ିଥାଏ। ଚାଷ ପାଇଁ ସେ ସୂକ୍ଷ୍ମ ଜଳ ସେଚନ, ପାଣିପାଗ ପୂର୍ବାନୁମାନ ପ୍ରଯୁକ୍ତିବିଦ୍ୟା ଏବଂ ସ୍ମାର୍ଟ କୃଷି ପଦ୍ଧତି ଗ୍ରହଣ କରିଛନ୍ତି। ରଙ୍ଗବେରଙ୍ଗର ଫୁଲ ବିକ୍ରି କରି ସେ ଭଲ ଲାଭ ପାଉଛନ୍ତି। ତାଙ୍କଠାରୁ ପ୍ରେରଣା ପାଇ ସ୍ଥାନୀୟ ଯୁବକ ଚାଷରେ ମନୋନିବେଶ କରୁଛନ୍ତି। ଏହାର ଉଦାହରଣ ହେଉଛନ୍ତି ସନା ଖାନ୍। ପେସାରେ ସନା ଜଣେ ଇଞ୍ଜିନିୟର। ସେ ଏକ କମ୍ପାନୀ ଗଢ଼ି ମାସକୁ ୪୦୦ ଟନ୍ ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି। ସ୍କୁଲ ପିଲାଙ୍କୁ ସ୍ଥାୟୀ କୃଷି ଏବଂ ଜୈବିକ କୃଷି ବିଷୟରେ ତାଲିମ ଦେଉଛନ୍ତି।

## ଚାଷ ଜମିରେ ମଲ୍‌ଚିଂର ଭୂମିକା



ଚାଷକାର୍ଯ୍ୟରେ ମଲ୍‌ଚିଂର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମଲ୍‌ଚିଂ ହେଉଛି ଏକ ବୈଜ୍ଞାନିକ ପଦ୍ଧତି। ଯେଉଁଥିରେ ଗଛ ମୂଳ ମାଟିକୁ ମଲ୍‌ଚିଂ ପେପର୍ କିମ୍ବା ଜୈବିକ ମଲ୍‌ଚିଂ ଯଥା- ଗହମ ଅବଶେଷାଂଶ, ପାଳ, କୁଟା, ବାଉଁଶପତ୍ର, କାଠଗୁଣ୍ଡ ଏବଂ ଘାସ ଦ୍ୱାରା ଢ଼ାଙ୍କି ରଖାଯାଏ। ଏହା ଦ୍ୱାରା ମାଟିର ଆର୍ଦ୍ରତା ବଜାୟ ରହିବା ସହ ଉତ୍ପାଦକ କ୍ଷମତା ବୃଦ୍ଧି ପାଏ। ଅନାବନା ଘାସ ଓ ତାପମାତ୍ରା ନିୟନ୍ତ୍ରଣ ହୋଇପାରେ। ସୂର୍ଯ୍ୟକିରଣ ସିଧାସଳଖ ମୃତ୍ତିକା ଉପରେ ପଡୁନଥିବାରୁ ମାଟିର ଆର୍ଦ୍ରତା ଦୀର୍ଘ ସମୟ ପର୍ଯ୍ୟନ୍ତ ରୁହେ। ଚାଷରେ ସିଞ୍ଚନ କରିବାକୁ କମ୍ ପାଣିର ଆବଶ୍ୟକ ହୁଏ। କୃଷି କାର୍ଯ୍ୟରେ ରୋଗପୋକ ନିୟନ୍ତ୍ରଣ କରିବାରେ ମଲ୍‌ଚିଂ ସାହାଯ୍ୟ କରିଥାଏ। ଏହି ପ୍ରଣାଳୀ ଚାଷରେ ଖର୍ଚ୍ଚ କମ୍ ହୁଏ।

ଡ୍ରିପ୍ ଇରିଗେସନ୍ ଏବଂ ମଲ୍‌ଚିଂ ପେପର ଉପଯୋଗ କରାଗଲେ ଅଧିକ ଲାଭ ମିଳିଥାଏ। ବିଭିନ୍ନ ପ୍ରକାର ଏବଂ ରଙ୍ଗର ମଲ୍‌ଚିଂ ପେପର ଥିବାବେଳେ ଚାଷୀ କଳା କିମ୍ବା ସିଲ୍‌ଭର ରଙ୍ଗର ମଲ୍‌ଚିଂ ପେପର ବ୍ୟବହାରକୁ ଗୁରୁତ୍ୱ ଦିଅନ୍ତି। ଏହି ସିଟ୍‌କୁ ହିଡ଼ ଉପରେ ବିଛାଯାଇ ଗଛ ଲଗାଯାଏ। ପନିପରିବା ଓ ଷ୍ଟ୍ରବେରୀ ଚାଷରେ ଏହା ଲାଭଦାୟକ। ଅଧିକ ତାପମାତ୍ରା ହେଉଥିବା ଅଞ୍ଚଳରେ ସିଲ୍‌ଭର ଏବଂ କମ୍ ତାପମାତ୍ରା ହେଉଥିବା ଅଞ୍ଚଳରେ କଳା ରଙ୍ଗର ମଲ୍‌ଚିଂ ପେପର ବ୍ୟବହାର କରାଯାଏ। ଜମିରେ ୨୫ରୁ ୩୦ ମାଇକ୍ରନ୍ ମଲ୍‌ଚିଂ ପେପର ବ୍ୟବହାର କରାଯାଇଥାଏ।

## ବେବିକର୍ଣ୍ଣର ଉନ୍ନତ କିସମ



ମେ' ଓ ଜୁନ୍ ମାସ ବେବିକର୍ଣ୍ଣ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ। ଏହି ଚାଷ ପାଇଁ ସଙ୍କର ଜାତୀୟ ବିହନ ଲଗାଇବା ଆବଶ୍ୟକ। ଏଥିପାଇଁ ବଜାରରେ ଭିଏଲ୍-୪୨ ବିହନ କେଜି ପିଛା ୧୦୦୦ଟଙ୍କା, ଏର୍ଲୀ କମ୍ପୋଜିଟ୍ କେଜିକୁ ହଜାର ଟଙ୍କା, ଜି୫୪୧୪ କିଲୋପିଛା ହଜାର ଟଙ୍କା ମୂଲ୍ୟ ରହିଛି। ସେହିପରି ଏମ୍‌ଇଏଚ୍-୧୧୪, ଏମ୍‌ଇଏଚ୍-୧୩୩ ଆଦି ବିହନ ଉପଲବ୍ଧ ରହିଛି। ଏକ ଏକର ଜମି ପାଇଁ ୯ରୁ ୧୦ କିଗ୍ରା ବିହନ ଦରକାର। ଧାଡ଼ିକୁ ଧାଡ଼ି ୪୫ ସେମି ଓ ଗଛକୁ ଗଛ ୨୦ ସେମି ଦୂରତା ରଖି ୫ସେମି ଗଭୀରରେ ଲଗାଇବା ଆବଶ୍ୟକ।

## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ବୃଷ୍ଟିପୁଷ୍ଟ ଡିପ ଜମିରେ ଅଧିକ ଅର୍ଥକରୀ ଅଣଧାନ ଫସଲ ଯଥା- ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ମିଶ୍ରିତ ଫସଲ ଭାବେ ଚାଷ କରନ୍ତୁ।
- କଖାରୁଜାତୀୟ ପନିପରିବାରେ ଉଚ୍ଛୁର ପତ୍ରପୋଡ଼ା ରୋଗର ନିରାକରଣ ପାଇଁ କାର୍ବେଣ୍ଡାଜିମ୍ ୧୨%+ ମାଙ୍କୋଜେବ ୬୩%ର ମିଳିତ ଫିମ୍ପିନାଶକ @ ୨ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ପନିପରିବା ଓ ଡାଲିଜାତୀୟ ଫସଲରେ ଜୀବନ ରକ୍ଷାକାରୀ ଜଳସେଚନ ଦିଅନ୍ତୁ।
- କାଳବୈଶାଖି ବର୍ଷା ଓ ପବନରୁ ରକ୍ଷା ପାଇବା ପାଇଁ ଅମଳ ପନିପରିବାକୁ ତୋଳି ଦିଅନ୍ତୁ। କଖାରୁ ଜାତୀୟ ପରିବା, ମକା, କଦଳୀ ଓ ଅମୃତଭଣ୍ଡା ଗଛରେ ଢେରା ଦିଅନ୍ତୁ।
- ମାଛ ପୋଖରୀରେ ପାଣିର ଗଭୀରତା ବଢ଼ାନ୍ତୁ ଓ ଅତ୍ୟଧିକ ଗରମରେ ଖାଦ୍ୟ ପରିମାଣ କିଛି କମ୍ କରି ଦିଅନ୍ତୁ।

## ଛେଳିଙ୍କ ପେଟଫମ୍ପାର ଉପଚାର

**ଅସ୍ୱାସ୍ଥ୍ୟକର ପରିବେଶ ଏବଂ ନିମ୍ନମାନର ଖାଦ୍ୟ ଗ୍ରହଣ ଦ୍ୱାରା ଛେଳିମାନଙ୍କର ପେଟଫମ୍ପା ହୋଇଥାଏ। ପେଟଫମ୍ପା ଏକ ସାଧାରଣ ରୋଗ।**

ମାତ୍ରାଧିକ ଚାରା, ଓଦା ତାଳପତ୍ର କିମ୍ବା କମ୍ ପାଣି ପିଇବାକୁ ଦେବା ଯୋଗୁଁ ଛେଳିଙ୍କ ପାକସ୍ଥଳୀରେ ବାୟୁ ଜମି ରୁହେ। ଛେଳିଙ୍କଠାରେ ଗ୍ୟାସ୍, ବଦହଜମି ଆଦି ଦେଖାଯାଏ। ଅନେକ ସମୟରେ ଛେଳି ଶରୀରର ତାପମାତ୍ରା ୧୦୨ ଡିଗ୍ରୀ ଫାରେନହାଇଟ୍‌ରୁ ଅଧିକ ହେଲେ ମଧ୍ୟ ପେଟ ଫାମ୍ପିଥାଏ। ଏହାଦ୍ୱାରା ଛେଳି ପେଟ ଫୁଲିବା ସହ ଯନ୍ତ୍ରଣା ଅନୁଭବ କରି ଛାଟିପିଟି ହୁଅନ୍ତି। ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ ଆଦି ଲକ୍ଷଣ ଦେଖାଯାଏ। ଏହି ଲକ୍ଷଣ ଦେଖି ପ୍ରାଣୀ ଚିକିତ୍ସକଙ୍କୁ ଯୋଗାଯୋଗ କରାଯାଏ। ଏହି ସମୟରେ ଛେଳିକୁ ଗଡ଼ାଣିଆ ଜାଗାରେ ରଖିବା ଜରୁରି। ଯେପରି ତାଙ୍କର ଆଗ ଗୋଡ଼ ଦ୍ୱୟ ଉଚ୍ଚାରେ ଏବଂ ପଛଗୋଡ ଦ୍ୱୟ ନିମ୍ନରେ ରହି ପାରିବ। ରାଶିତେଲ ୩୦ରୁ ୫୦ ମିଲି ପିଆଇବା ଆବଶ୍ୟକ। ରାଶିତେଲ ନ ମିଳିଲେ ରିଫାଇନ୍ଡ ତେଲ ମଧ୍ୟ ବ୍ୟବହାର କରାଯାଇ ପାରେ।

